

୬ ମାସ ଭିତରେ ପଶ୍ଚିମବଙ୍ଗରେ ୟୁସିସି

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 194 ଭାଗ ୩୪ | ସଂଖ୍ୟା ୧୯୪

Monday 5 October 2026 | Page 8 Rs. 5.00

ଭୁବନେଶ୍ୱର ସୋମବାର, ୫ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସୁବେଦାରଙ୍କ ମୃତଦେହ ଆଣୁଥିବା ବେଳେ ଦୁର୍ଘଟଣା: ୪ ମୃତ

## ପୁରୁଷଶୂନ୍ୟ ହେଲା ପରିବାର

ନୂଆଦିଲ୍ଲୀ,୪।୧୦: ଏକ ଦୁଃଖଦାୟକ ଘଟଣାକ୍ରମରେ ସୁବେଦାର-ମେଜର ସତ୍ୟବାନ ସିଂଙ୍କ ମୃତଦେହ ନେଇ ଆସୁଥିବା ଭାରତୀୟ ସେନାର ଏକ ଆମ୍ବୁଲାନ୍ସ ରବିବାର ପୂର୍ବାଞ୍ଚଳ ଏକ୍ସପ୍ରେସ୍ ୱେରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ଓ ସୁବେଦାରଙ୍କ ପରିବାରର ତିନି ଜଣଙ୍କର ପ୍ରାଣହାନୀ ଘଟିଛି। ଫଳରେ ଗୋଟିଏ ପରିବାର ପୂରା ପୁରୁଷଶୂନ୍ୟ ହୋଇଯାଇଛି। ଚଣ୍ଡିଗଡ଼ରୁ ସୁବେଦାରଙ୍କ ମୃତଦେହ ନେଇ ତାଙ୍କର ପୈତୃକ ଗ୍ରାମ ଉତ୍ତରପ୍ରଦେଶର ଦେଓରିଆ ଜିଲ୍ଲାକୁ ଆସୁଥିବା ବେଳେ ଅଯୋଧ୍ୟା-ସୁଲତାନପୁର ସୀମା ସନ୍ନିକଟ ହାଲିଆପୁର ଅଞ୍ଚଳରେ ଆଜି ସକାଳ ପ୍ରାୟ ୮ଟା ବେଳେ ଦୁର୍ଘଟଣା ଘଟିଥିଲା। ଏକ୍ସପ୍ରେସ ୱେ'ରେ ଯାଉଥିବା ବେଳେ ଆମ୍ବୁଲାନ୍ସଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଧକ୍କା ଏଭଳି ପ୍ରଚଣ୍ଡ ଥିଲା ଯେ ଆମ୍ବୁଲାନ୍ସର ଆଗପଟ ସମ୍ପୂର୍ଣ୍ଣ



ଚୂରମାର୍ ହୋଇଯାଇଥିଲା। ଏହାର କ୍ୟାବିନ ଭାଙ୍ଗିଯାଇଥିଲା। ଡ୍ରାଇଭର ଦେହରେ ଷ୍ଟିଅରିଂ ଗଳିଯାଇଥିଲା।

ଆମ୍ବୁଲାନ୍ସ ଦୁର୍ଘଟଣାରେ ସୁବେଦାର-ମେଜରଙ୍କ ପୁଅ ଗୌରବ ସିଂ, ଭାଇ ରାଜନ ଚୌଧୁରୀ, ଭଣଜା ରାମ ସମୁଝ ସିଂ ଓ ଡ୍ରାଇଭର ଯଶପାଲଙ୍କ ମୃତ୍ୟୁ ଘଟିଛି। ପୁଅ ଗୌରବ ଓ ଡ୍ରାଇଭର ଯଶପାଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଭାଇ ଓ ଭଣଜା ଅଯୋଧ୍ୟା ଜିଲ୍ଲାର ପିଶଲା-କୁମାରଗଞ୍ଜରେ ଥିବା ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ପୁଲିସର ସୂଚନାନୁଯାୟୀ, ଏକ୍ସପ୍ରେସ ୱେ'ରେ ଯାଉଥିବା ବେଳେ ଆମ୍ବୁଲାନ୍ସଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ ସହ ଧକ୍କା ହେବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିବା ସହ ପୀଡ଼ିତ ପରିବାକୁ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟରୁ ନିଶା ମୂଳପୋଛ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

## ତିନି ବର୍ଷ ପର୍ଯ୍ୟନ୍ତ ଖୋଲିବନି ନୂଆ ମଦ ଦୋକାନ



- ୨୦୨୯ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ଓଡ଼ିଶା ପ୍ରତିବଦ୍ଧ
- ନିଶାକୁ ନା, ଜୀବନକୁ ହଁ - ଜୀବନ ଜୀଇଁବାର ପ୍ରକୃତ ଶିକ୍ଷା ନେବାକୁ ଅପିଲ

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ରେଳ ଅଡିଟୋରିଅମଠାରେ କମିଶନରେଟ୍ ପୁଲିସ ଆଜି ଆୟୋଜନ କରିଥିବା ଜନସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ- ୨.୦' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୁଲିସର 'ନିଶାମୁକ୍ତ ଭାରତ' ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ।

ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି। ମାନବ ଜୀବନକୁ ଈଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ ବୋଲି ବର୍ଣ୍ଣନା ➪ପୃଷ୍ଠା-୬

### ଏସ୍‌ଆଇଆର୍ ପ୍ରସଙ୍ଗରେ ଜ୍ଞାନେଶ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ଆଜି ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ





ତିନିଜଣିଆ ଖଣ୍ଡପୀଠରେ ମାମଲା

ନୂଆଦିଲ୍ଲୀ,୪।୧୦: ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାରଙ୍କୁ ନିଲମ୍ବନ କରିବା ସହ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତଙ୍କ ବିନା ସହମତିରେ ସେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା (ଏସଆଇଆର) ସମ୍ପର୍କରେ ନେଇଥିବା ନିଷ୍ପତ୍ତି, ନିର୍ଦ୍ଦେଶାବଳୀ ଓ ସଫ୍ଟୱେର ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରି ଦାଖଲ କରାଯାଇଥିବା ଏକାଧିକ ଆବେଦନ ଉପରେ ସୁପ୍ରିମ୍‌କୋର୍ଟ ଆସନ୍ତାକାଲି ଶୁଣାଣି କରିବେ ବୋଲି କାର୍ଯ୍ୟସୂଚୀ ସ୍ଥିର କରିଛନ୍ତି।

ଆଡଭୋକେଟ୍ ଶୈଳେନ୍ଦ୍ର ମଣି ତ୍ରିପାଠୀ ଓ ରାକେଶ କୁମାର ସିଂହ ଦାଖଲ କରିଥିବା ଆବେଦନ ଉପରେ ଶୁଣାଣି କରିବାକୁ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଭୋଟର୍ ତାଲିକା ସଂଶୋଧନ ଲାଗି ଦେଶବ୍ୟାପୀ ଜାରି ରହିଥିବା ଏସଆଇଆର ପ୍ରକ୍ରିୟା ପରିଚାଳନା କ୍ଷେତ୍ରରେ ମୁଖ୍ୟ ନିର୍ବାଚନ କମିଶନଙ୍କ ମନମୁଖୀ କାର୍ଯ୍ୟକୁ ନେଇ ସମ୍ପ୍ରତି ସମଗ୍ର ଦେଶରେ ଉତ୍ତେଜନାମୂଳକ ସ୍ଥିତି ଜାରି ରହିଛି। ଏଭଳି ପରିପ୍ରେକ୍ଷୀରେ ଆବେଦନଗୁଡ଼ିକର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ପ୍ରମୁଖ ଇଂରାଜୀ ଖବରକାଗଜ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ରିପୋର୍ଟକୁ ଭିତ୍ତି କରି ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ ୨୦୨୫ରେ ପ୍ରଥମେ ଏସଆଇଆର ଆରମ୍ଭ ହେବା ପରେ ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ୍ ମଧ୍ୟରୁ ଦୁଇ ଜଣ ନିର୍ବାଚନ କମିଶନର୍ ସୁଖବୀର ସିଂହ ➪ପୃଷ୍ଠା-୬

### ଫ୍ଲାଇଦୁବାଇ କକପିଟ୍ ଆକ୍ରମଣ ଘଟଣା

## ଓମାନୀ-ପାଇଲଟ୍‌ର ରହିଛି ଆତଙ୍କୀ ଲିଙ୍କ୍

ନୂଆଦିଲ୍ଲୀ, ୪।୧୦: ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଇଦୁବାଇ ବିମାନରେ ହୋଇଥିବା କକପିଟ୍ ଆକ୍ରମଣ ଘଟଣାରେ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ସହ-ପାଇଲଟ୍ ଜଣଙ୍କ ଏକ ଆତଙ୍କବାଦୀ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହା ପଛରେ ତାଙ୍କର ଆତଙ୍କବାଦୀ ଲିଙ୍କ ରହିଥିବା ସଂଯୁକ୍ତ ଆରବ ଏମିରେଟ୍ସର ଆଟର୍ଣ୍ଣି ଜେନେରାଲ୍ ଔପଚାରିକ ଭାବେ ସ୍ୱୀକାର କରିଛନ୍ତି।ତଦନ୍ତରୁ ଜଣାପଡ଼ିଛି ଯେ ଆକ୍ରମଣକାରୀ ହମାମ୍ ଅଲ୍-ହମ୍ମାମୀ ପୂର୍ବରୁ ଓମାନ ଏୟାରରେ କାମ କରୁଥିବାବେଳେ ତାଙ୍କର ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ଉଡ଼ାଣ ଦାୟିତ୍ୱରୁ ହଟାଇ ପ୍ରଶାସନିକ ପଦବୀକୁ ପଠାଇଦିଆଯାଇଥିଲା। ତେବେ ସେ ଏକାକୀ ଏହି ଅନ୍ତର୍ଘାତୀ କାମ କରୁଥିଲେ କିମ୍ବା ଏହା ପଛରେ କୌଣସି ବଡ଼ ଆତଙ୍କବାଦୀ ନେଟୱର୍କ ସମ୍ପୃକ୍ତ ରହିଛି, ସେନେଇ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ଦୁବାଇରୁ ତେଲ୍ ➪ପୃଷ୍ଠା-୬

## ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଆକ୍ରମଣ

- ଜନସମ୍ପର୍କ ପଦଯାତ୍ରାରେ ରାଜନୈତିକ ଗୁଣ୍ଡାଙ୍କ ଆକ୍ରମଣ ଅଭିଯୋଗ
- ନୀରବଦ୍ରଷ୍ଟା ସାଜିଥିଲା ପୁଲିସ



ଯାଜପୁର,୪।୧୦(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ଗ୍ରାମପଞ୍ଚାୟତରେ ବିଜେଡି ଜନସମ୍ପର୍କ ପଦଯାତ୍ରା ବେଳେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ତାଙ୍କ ସମର୍ଥକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆଜି ଅପରାହ୍ନ ପ୍ରାୟ ୩ଟାରେ ୪୦ରୁ ୫୦ ଜଣ ସଶସ୍ତ୍ର ଯୁବକ ଏହି ଆକ୍ରମଣ କରିଥିବା ଜଣାପଡ଼ିଛି। ସୂଚନାନୁସାରେ, ଗତ ୨ ତାରିଖରୁ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ତେଣୁ ଶ୍ରୀ ବଳବନ୍ତରାୟ ମଧ୍ୟ ଧର୍ମଶାଳା ଅଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମ କରୁଥିଲେ।

ଆଜି ପତ୍ତୁରି ଗାଁରେ ଜନସମ୍ପର୍କ ସମାବେଶ ଚାଲିଥିବା ବେଳେ ହଠାତ୍ କିଛି ଲୋକ ସେଠାରେ ପହଞ୍ଚି ଗାଡ଼ି ଉପରକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରଣବଙ୍କ ଗାଡ଼ି ଉପରକୁ ପାନଛେପ ଓ ଟେକାପଥର ଫିଙ୍ଗାଯାଇଥିଲା। ଘଟଣା ସମୟରେ ପୁଲିସ ଉପସ୍ଥିତ ଥିବା ସତ୍ତ୍ୱେ ଆକ୍ରମଣ ହୋଇଥିବା ପ୍ରଣବଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଆକ୍ରମଣକାରୀ ଖଣ୍ଡା, କୁରାଢ଼ି ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧରି ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ➪ପୃଷ୍ଠା-୬

### ରାଜ୍ୟରେ କ'ଣ ଗୁଣ୍ଡାରାଜ ଚାଲିଛି ?



ଖୋଲା ଦିବାଲୋକରେ ଜନପ୍ରତିନିଧିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି, ପୁଲିସ୍ ଚୁପ୍, ସରକାର ଚୁପ୍, କ'ଣ ଓଡ଼ିଶାରେ ଗୁଣ୍ଡାରାଜ୍ ଚାଲିଛି ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ବିଜେଡି ନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ଠାରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ପୁଲିସ ଉପସ୍ଥିତିରେ ଜନପ୍ରତିନିଧିଙ୍କୁ ଜୀବନରେ ମାରିଦେବା ପରି ଆକ୍ରମଣ ହେଉଛି। ଅପରାଧୀଙ୍କୁ ଏ ସାହସ କିଏ ଦେଉଛି, ଓଡ଼ିଶାରେ ଶାସନ ଆଇନର ଚାଲିଛି ନା ଗୁଣ୍ଡାଙ୍କର ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସରକାରରେ ଜନପ୍ରତିନିଧି ଅସୁରକ୍ଷିତ ଓ ସାଧାରଣ ଲୋକଙ୍କ ସୁରକ୍ଷା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏପରି ଘଟଣା ଧର୍ମଶାଳାରେ, ସାରା ଓଡ଼ିଶାରେ ବାରମ୍ବାର ଘଟୁଛି। ହେଲେ ସରକାର ➪ପୃଷ୍ଠା-୬

## ମହାରାଷ୍ଟ୍ରର ହିଙ୍ଗୋଲିରେ ଭୂମିକମ୍ପ, ଲୋକେ ଭୟଭୀତ



ମୁମ୍ବାଇ, ୪।୧୦: ମହାରାଷ୍ଟ୍ରର ହିଙ୍ଗୋଳି ଜିଲ୍ଲାରେ ରବିବାର ଅପରାହ୍ଣରେ ୨.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଏହାକୁ ମିଶାଇ ଗତ ୨୪ ଘଣ୍ଟା ମଧ୍ୟରେ ତିନି ଥର ଭୂମିକମ୍ପ ଅନୁଭୂତ ହେବାପରେ ସ୍ଥାନୀୟ ଲୋକ ଭୟଭୀତ ହୋଇଯାଇଥିଲେ। ଉପଖଣ୍ଡ ଅଧିକାରୀ ବିକାଶ ମାନେ କହିଛନ୍ତି ଯେ, ଶେଷଥର ପାଇଁ ଭୂମିକମ୍ପ ରବିବାର ପ୍ରାୟ ଦେଢ଼ଟା ବେଳେ ରେକର୍ଡ କରାଯାଇଥିଲା। ଏହାର କେନ୍ଦ୍ରସ୍ଥଳ ଔନ୍ଧା ନାଗନାଥ ତହସିଲର ସିଦ୍ଧେଶ୍ୱର ଓ ଦୁଧାଲା ଗାଁ ମଧ୍ୟରେ ଥିଲା। ଅଧିକାରୀ ସୂଚନା ଦେଇଛନ୍ତି ଯେ, ଏହି ଅଞ୍ଚଳରୁ କୌଣସି ଜୀବନହାନି କିମ୍ବା ସମ୍ପତ୍ତିର କ୍ଷତି ହୋଇଥିବାର ରିପୋର୍ଟ ନାହିଁ। ପ୍ରଶାସନ ସ୍ଥିତି ଉପରେ ନଜର ରଖିଥିବାବେଳେ ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।

## ଓଡ଼ିଶାରେ କମୁଛି ଚିତାବାଘ ସଂଖ୍ୟା

- ସ୍ପଷ୍ଟ କଲା ଡବ୍ଲ୍ୟୁଆଇଆଇ ସର୍ଭେ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ ଦିନକୁ ଦିନ ଚିତାବାଘଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଉଛି। ନିକଟରେ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ (ଡବ୍ଲ୍ୟୁଆଇଆଇ) ପକ୍ଷରୁ ହୋଇଥିବା ଏକ ସର୍ଭେରେ ଏହା ସ୍ପଷ୍ଟ କରାଯାଇଛି। ଦିନକୁ ଦିନ ଜଙ୍ଗଲ ପରିମାଣ ହ୍ରାସ ପାଇବା ସହ ଶିକାରୀଙ୍କ ପ୍ରାଦୁର୍ଭାବ ଓ ବନ୍ୟଜନ୍ତୁ-ମଣିଷ ଲଢ଼େଇକୁ ଏହାର ମୁଖ୍ୟ କାରଣ ଭାବେ ଦର୍ଶାଯାଇଛି। ଓଡ଼ିଶା ବନ ବିଭାଗ ସହଯୋଗରେ ହୋଇଥିବା ସର୍ଭେରେ ଚିତାବାଘଙ୍କ ସଂଖ୍ୟା ହ୍ରାସ ପାଇବା ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏ ଦିଗରେ ବ୍ୟବସ୍ଥାଗତ ତଦାରଖର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷକରି ଶିମିଳିପାଳ-ସାତକୋଶିଆର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଫରେଷ୍ଟ୍ କମ୍ପ୍ଲେକ୍ସ ତିଆରି କରିବା ସହ ସଂରକ୍ଷଣ ଯୋଜନାକୁ କାର୍ଯ୍ୟକାରୀ କରାଯିବା ନେଇ ମତ ପ୍ରକାଶ ପାଇଛି। ପୂର୍ବରୁ କୁଳଡ଼ିହା ଅଭୟାରଣ୍ୟ, ହଦଗଡ଼ ଅଭୟାରଣ୍ୟ, ରେବଣା ସଂରକ୍ଷିତ ଜଙ୍ଗଲ, ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ମହାନଦୀ ବନଖଣ୍ଡରେ କ୍ୟାମେରା ମାଧ୍ୟମରେ ବନ୍ୟଜନ୍ତୁଙ୍କ ଉପରେ ନଜର ରଖାଯିବାର ବ୍ୟବସ୍ଥା ହୋଇଛି। ଏଥି ମଧ୍ୟରୁ ସାତକୋଶିଆ ଓ ମହାନଦୀ ବନଖଣ୍ଡରେ ଚିତାବାଘଙ୍କ ଘନତା ପ୍ରତି ଶହେ କିମିରେ ଯଥାକ୍ରମେ ୧୭.୯ ଓ ୧୧.୯ ରହିଛି। ➪ପୃଷ୍ଠା-୬

## ଲଢ଼େଇ ପୂର୍ବରୁ କାଦୁଅ ଫିଙ୍ଗା ରାଜନୀତି

- ପଞ୍ଚାୟତ ଓ ପୌର ଦଖଲର ମନ୍ତ୍ର ଦେଲେ ବିଜେପି ପ୍ରଭାରୀ
- ବିଜେଡି ଓ କଂଗ୍ରେସ ସରକାରୀ ବିଫଳତାକୁ ନେଇ ବର୍ଷିଲେ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ଏବେଠୁ ସରଗରମ ହେଲାନି ରାଜ୍ୟ ରାଜନୀତି। ତିନି ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିବା ସହ ନିର୍ବାଚନ ଜିତିବା ନେଇ ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି। ବିଜେପି ନିଜର ରାଜ୍ୟ ପ୍ରଭାରୀଙ୍କୁ ନେଇ ଦୁଇ ଦିନ ହେବ ବୈଠକ ଡକାଇ ମାନସ ମନ୍ଥନ କରିଛି। ତିନି ଦଳ ଭିତରେ କାଦୁଅ ଫିଙ୍ଗା ଆରମ୍ଭ ହୋଇ ଯାଇଛି।

ପଞ୍ଚାୟତ ନିର୍ବାଚନକୁ ନେଇ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଗଣମାଧ୍ୟମରେ କହିଛନ୍ତି ଯେ ଦଳୀୟ ବୈଠକରେ ବିଜେପି ସହଜ ସ୍ଥିତିରେ ନ ଥିବା କହିଛନ୍ତି ତାଙ୍କର ପ୍ରଭାରୀ। ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ସବୁବେଳେ ପ୍ରସ୍ତୁତ ରହିଛି। କାରଣ ବିଜେଡି ସବୁବେଳେ ଗ୍ରାଉଣ୍ଡରେ ରହେ ଏବଂ କାମ କରି ଆସିଛି। ଲୋକଙ୍କ ସେବାରେ ଦଳ ସର୍ବଦା ରହିଛି। ପଞ୍ଚାୟତ ନିର୍ବାଚନ ଆସିଲେ ସବୁ ସ୍ପଷ୍ଟ ହେବ। ଏମିତିକି ପ୍ରଭାରୀ ବୈଠକରେ ଦଳ ସହଜ ସ୍ଥିତିରେ ନ ଥିବା କହିଥିବା କହିଛନ୍ତି ବିଜେଡି ବିଧାୟକ। ଫଳରେ ବିଜେପି ନିଜେ ଆତଙ୍କିତ ଅଛି। ଜେନ-ଜି' କାହା ସପକ୍ଷରେ ଅଛନ୍ତି ବିଜେପିକୁ ବୁଝେଇବାକୁ ପଡ଼ିବନି। ଜେନ-ଜି'ଙ୍କୁ ମନେଇବା ଚେଷ୍ଟା କାମ ଦେବନି ବୋଲି ସେ କହିଛନ୍ତି।

ସେପଟେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ଏପଟେ କଂଗ୍ରେସର ଗ୍ରହଣୀୟତା ବଢ଼ିଛି। ଦଳର ସବୁ କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ଆସୁଛନ୍ତି। ସବୁ ପ୍ରସଙ୍ଗରେ ଲୋକଙ୍କ ସ୍ୱର ବର୍ତ୍ତମାନ କଂଗ୍ରେସ ପାଲଟିଛି। ଆସନ୍ତା ପଞ୍ଚୟତ ନିର୍ବାଚନରେ ➪ପୃଷ୍ଠା-୬



### କାନ ଡେରିଆ

ପାର୍ବଣ ପୂର୍ବରୁ ଗଞ୍ଜାମ ମାଟିରେ
ଗଡ଼ିଲା ଯୁବକ ମୁଣ୍ଡ
ମଦ ପିଇଦେଇ ବେକ କାଟିଦେଲା
ଧରାପଡ଼ି ହେଲା ଦଣ୍ଡ
ଅପରାଧୀ ଏବେ ଷଣ୍ଢ...
ଜେଲ ହାଜତକୁ ଡର ଭୟ ନାହିଁ
ଆଇନ ଲାଗୁଛି ପଣ୍ଡ ।

■ ଦେବାଶିଷ

## ନିର୍ବାଚନରେ ନିର୍ଣ୍ଣାୟକ ହେବେ ଜେନ୍-ଜୀ

- ଛାତ୍ର ସଂସଦରୁ ପଞ୍ଚାୟତ ନିର୍ବାଚନ
- ଯୁବଗୋଷ୍ଠୀଙ୍କ ଉପରେ ସବୁ ଦଳର ନଜର





ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ପରେ ପରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବି ପ୍ରସ୍ତୁତି ଚଳାଇଛନ୍ତି। ଏହାର କିଛି ଦିନ ପରେ ସରକାର ସାଧାରଣ ନିର୍ବାଚନକୁ ଯିବେ। ତେବେ ଏଥର ଏହି ସମସ୍ତ ନିର୍ବାଚନରେ ଜେନ୍-ଜୀ'(ଯୁବଗୋଷ୍ଠୀ)ମାନେ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହେବେ। ସାରା ଦେଶରେ ଏବେ ଜେନ୍-ଜୀ'ଙ୍କ ଦବଦବା ବଢ଼ି ଚାଲିଥିବାରୁ ଓଡ଼ିଶାରେ ମଧ୍ୟ ସେମାନେ ସକ୍ରିୟ ହେବାରେ ଲାଗିଛନ୍ତି।

ଛାତ୍ର ସଂସଦ ନିର୍ବାଚନ ହେଉଛି ଯୁବ ଗୋଷ୍ଠୀଙ୍କର। ଯୁକ୍ତ ଦୁଇ, ଯୁକ୍ତ ତିନି ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ପିଲାମାନେ ବି ଏହାର ପୁରୋଧା ସାଜିଥାନ୍ତି। ଏହିମାନଙ୍କୁ ହିଁ ଏବେ ଜେନ୍-ଜୀ' କୁହାଯାଉଛି। ସାରା ଦେଶରେ କଥା କଥାରେ ଏମାନେ ରାଜରାସ୍ତାକୁ ଓହ୍ଲାଇବାରେ ଲାଗିଛନ୍ତି। ନିଜର ସ୍ପଷ୍ଟ ମତ ରଖୁଛନ୍ତି। ସରକାରଙ୍କୁ ପ୍ରଶ୍ନ କରୁଛନ୍ତି। ଓଡ଼ିଶାରେ ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାରୁ ରାଜ୍ୟର ଜେନ୍-ଜୀ'ମାନେ କେଉଁ ପ୍ରକାର ଭୂମିକାରେ ଅବତୀର୍ଣ୍ଣ ହେବେ ଓ ସେମାନଙ୍କର ପ୍ରସଙ୍ଗ କ'ଣ ରହିବ, ତାହାକୁ ନେଇ ଏବେ ବିଭିନ୍ନ ରାଜନୈତିକ ଦଳ ଆକଳନ କରିବାରେ ଲାଗିଛନ୍ତି। କାରଣ ଯେଉଁମାନେ ଛାତ୍ର ସଂସଦ ନିର୍ବାଚନ ଲଢ଼ିବେ କିମ୍ବା ଭୋଟ ଦେବେ ସେମାନଙ୍କର ଏ ସଂକ୍ରାନ୍ତରେ କୌଣସି ରାଜନୈତିକ ଅଭିଜ୍ଞତା ନାହିଁ।

ଛାତ୍ର ସଂସଦ ନିର୍ବାଚନର ଫଳାଫଳ ସୁଦୂର ପ୍ରସାରୀ ହେବାକୁ ଥିବାରୁ ରାଜନୈତିକ ଦଳଗୁଡ଼ିକ ଏବେ ଜେନ୍-ଜୀ'ଙ୍କୁ ଗୁରୁତ୍ୱ ଦେବାରେ ଲାଗିଛନ୍ତି। କାରଣ ଯେଉଁମାନେ ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିବେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଗାମୀ ସାଧାରଣ ନିର୍ବାଚନରେ ନୂଆ ଭୋଟର ଭାବେ ଉଭା ହେବେ। ଏବେଠାରୁ ସେମାନଙ୍କ ମୁଣ୍ଡରେ ଯେଉଁ ରାଜନୀତି ପଶିବ ତାହା ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହେବ। ସେହିଭଳି ଆଉ କିଛି ଯୁବଗୋଷ୍ଠୀ, ବିଶେଷକରି ଯୁକ୍ତ ତିନି ଶେଷ ବର୍ଷ କିମ୍ବା ଏହାର ଉପର ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ମଧ୍ୟ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହେବେ।

ଜାତୀୟ ସ୍ତରରେ ଏବେ ମୁଖ୍ୟ ନିର୍ବାଚନ କମିଶନଙ୍କୁ ନେଇ ଜେନ୍-ଜୀ' ଅତ୍ୟନ୍ତ ସକ୍ରିୟ ରହିଛନ୍ତି। ମୁମ୍ବାଇଠାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସେମାନେ ଏବେ ରାଜରାସ୍ତାରେ ଲଢ଼େଇ କରୁଛନ୍ତି। ଏମାନଙ୍କର ଆନ୍ଦୋଳନର ପ୍ରଭାବ ଓଡ଼ିଶା ସମେତ ସାରା ଦେଶର ଜେନ୍-ଜୀ'ଙ୍କ ଉପରେ ପଡ଼ିବାରେ ଲାଗିଛି। ଏହି ଯୁବ ବର୍ଗ ଏବେ ରାଜନୀତିର ସମସ୍ତ ଦିଗକୁ ତର୍ଜମା କରିବା ସହ ନିଜର ମତ ରଖୁଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାରୁ ଜେନ୍-ଜୀ'ମାନେ କି ପଦକ୍ଷେପ ଗ୍ରହଣ କରିବେ ତାହାକୁ ସମସ୍ତେ ଚାହିଁ ବସିଛନ୍ତି। ସେମାନେ ବିଭିନ୍ନ ଦଳର ରାଜନୈତିକ ନେତା ହାତବାରିସୀ ହୋଇ ମଇଦାନକୁ ଓହ୍ଲାଇବେ ନା ବିବେକର ଆହ୍ୱାନରେ ନୂଆ ରାଜନୀତି କରିବେ ତାହା ଉପରେ ସମସ୍ତଙ୍କ ନଜର ଥିବା ବେଳେ ଏମାନେ କେବଳ ଛାତ୍ର ସଂସଦ ନିର୍ବାଚନ ନୁହେଁ, ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ବହୁଳ ଭାବେ ପ୍ରଭାବିତ କରିବେ ବୋଲି କୁହାଯାଉଛି।



## ଜୟଶ୍ରୀ ପଟ୍ଟନାୟକ



# ଅପର ପକ୍ଷ



ମର୍ତ୍ତ୍ୟମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ। ଜନ୍ମ ହେଲେ ଏ ଧରା ଧାମରେ ମୃତ୍ୟୁ ସୁନିଶ୍ଚିତ। ହେଲେ ଯେଉଁ ପିତାମାତାଠାରୁ ଆମେ ଜନ୍ମ ହେଇଛେ ବା ଦୁନିଆ ଦାଣ୍ଡରେ ସନ୍ତାନ ବୋଲି ପରିଚୟ ପାଇଛେ ତା ପଛରେ ଥାଏ ସେମାନଙ୍କର ତ୍ୟାଗ, ସ୍ନେହ, ଶ୍ରଦ୍ଧା, ସନ୍ତାନ ବତ୍ସଳ ମନ। ବଂଚିଥିବା ବେଳେ ସେମାନଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିବା ରୋଗରେ ପଡିଲେ ସେବା କରିବା ଏବଂ ମୃତ୍ୟୁ ପରେ ତାଙ୍କର ଶ୍ରାଦ୍ଧ ଓ ପିଣ୍ଡ ଦାନ କରିବା ଦ୍ୱାରା ସେମାନଙ୍କ ଆତ୍ମା ଶାନ୍ତି ପାଇଥାଏ ବୋଲି କୁହାଯାଏ। କାରଣ ମଣିଷର ମୃତ୍ୟୁ ଗୋଟିଏ ଜୀବନର ଅନ୍ତ ଘଟାଇଥାଏ ଆମେ ତାଙ୍କର ଦାୟାଦ ବା ବଂଶର ଉତ୍ତରାଧିକାରୀ। ସେମାନଙ୍କ ତ୍ୟାଗ ବଳିଦାନ ଆମ ମାନଙ୍କୁ ସମାଜରେ ଦେଇଛି ପରିଚୟ। ତା ଛଡା ଶ୍ରାଦ୍ଧ ବା ପିଣ୍ଡ ଦାନ ଦ୍ୱାରା ସେମାନଙ୍କର ଅତୃପ୍ତ ଆତ୍ମା ମୋକ୍ଷ ପାଇଲେ ଘରର ସୁଖ ସମୃଦ୍ଧି ବୃଦ୍ଧି ରେ ସେମାନଙ୍କର ଆଶୀର୍ବାଦ ଥାଏ ବୋଲି ବିଶ୍ୱାସ ରହିଛି। ପିତୃ ମାତୃ ପ୍ରତି ଶ୍ରଦ୍ଧାରେ ଶ୍ରାଦ୍ଧ ବା ପିଣ୍ଡ ଦାନ କରା ଯାଉଥିବାରୁ କର୍ମ କାଣ୍ଡରେ ପିଣ୍ଡ ଦାନକୁ ଶ୍ରାଦ୍ଧ ଦାନ କୁହା ଯାଏ। ଶ୍ରାଦ୍ଧ ପିତୃ ପୁରୁଷ ଯଥା ବାପା, ମା, ଶାଶୁ ଶ୍ୱଶୁର, ବଡ଼ବାପା ଦାଦା ନିଜ ବଂଶଜ ପୂର୍ବ ପୁରୁଷଙ୍କୁ ଯାହାର ପରଲୋକ ହୋଇଥାଏ ତାଙ୍କୁ ଦିଆଯାଏ। ଆଶ୍ୱିନ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ମହାଳୟା ଅମାବାସ୍ୟା ଏହି ପକ୍ଷ ବା ପନ୍ଦର ଦିନ ସମୟ ହେଉଛି ପିତୃପକ୍ଷ ବା ଅପରପକ୍ଷ। ସୂର୍ଯ୍ୟ କନ୍ୟା ରାଶିରେ ଥିବା ସମୟରେ ଯେଉଁ ଅମାବାସ୍ୟା ପଡେ ତାହା ମହାଳୟା ଅମାବାସ୍ୟା ନାମରେ ନାମିତ। ଶ୍ରାଦ୍ଧ ଦିନ ସକାଳୁ ସ୍ନାନ ସାରି ଘରର ଜ୍ୟେଷ୍ଠ ସନ୍ତାନ ଭକ୍ତି ସହକାରେ ଦେବ ଗଣ ଋଷି ଗଣ ଙ୍କୁ ପୂଜାର୍ଚ୍ଚନା କରି ପିତୃମାତୃ ଗଣଙ୍କୁ ହାତରେ କୁଶ ପିନ୍ଧି ଦୁଇ ଆଞ୍ଜୁଳାରେ ତିଳ ତଣ୍ଡୁଳ ମିଶ୍ରିତ ଜଳ ଫୁଲ ତର୍ପଣ ଓ ପିଣ୍ଡ ଦାନ କରିଥାନ୍ତି ସେଥିପାଇଁ ପିଣ୍ଡ ଦାନର ଶ୍ରେଷ୍ଠ ସ୍ଥାନ ହେଉଛି ଗୟା। କୁହାଯାଏ ସେହି ସ୍ଥାନରେ ପିଣ୍ଡଦାନ କଲେ ଆତ୍ମା ବିଷ୍ଣୁଲୋକ କୁ ଯାଏ। ଓଡ଼ିଶାର ପିଣ୍ଡ ଦାନ ସ୍ଥାନ ଯାଜପୁରର ନାଭିଗୟା, ଭୁବନେଶ୍ୱର ର ବିନ୍ଦୁସାଗର, ପୁରୀର ବାଇଶି ପାହାଚ। ଯେଉଁମାନେ ଏସବୁ ସ୍ଥାନରେ ଦେଇ ପାରନ୍ତିନି ଶ୍ରାଦ୍ଧ ସେମାନେ ଘରେ ବ୍ରାହ୍ମଣ ଡାକି ଦେଇପାରିବେ। ଜୀବନ କାଳ ମଧ୍ୟରେ ଆମେ କେତେ ଋଣ ଭାର ବହନ କରିଥାଉ ତନ୍ମଧ୍ୟରୁ ଦେବ ଋଣ ଋଷି ଋଣ, ପିତୃ ମାତୃ ଋଣ, ଗୁରୁ ଋଣ ଅନ୍ୟାନ୍ୟ ଆର୍ଥିକ ଋଣ ଭାର ବହନ କରିଥାଉ। ଦେବତା ଜନ୍ମ ଦେଇଥିବାରୁ ଦେବ ଋଣ, ବଂଶର ଗୋତ୍ର ଅନୁସାରେ ବିଭିନ୍ନ ଋଷି ନାମରେ ହୋଇଥାଏ ଋଷି ଋଣ, ପିତା ମାତା ଲାଳନ ପାଳନ କରିଥାନ୍ତି ସନ୍ତାନ ପଛରେ ତାଙ୍କର ତ୍ୟାଗ ବଳିଦାନ ହେତୁ ପିତୃ ମାତୃ ଋଣ, ଗୁରୁଠାରୁ ଶିକ୍ଷା ଗ୍ରହଣ ଜନିତ ଋଣ ଏବଂ ଆର୍ଥିକ ବୋଝର ଋଣ ସବୁକୁ ପରିଶୋଧ କରିବା ମହତ କାର୍ଯ୍ୟ। ପିତୃପକ୍ଷ ବା ଅପର ପକ୍ଷ ପ୍ରତିବର୍ଷ ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଆଶ୍ୱିନ ଅମାବାସ୍ୟା ର ୧୫ ଦିନ ଅବଧି ସମୟ କୁ ଧରାଯାଏ। କଥିତ ଅଛି ମହାଦାନୀ କର୍ଣ୍ଣଙ୍କ ମହା ପ୍ରୟାଣ ପରେ ତାଙ୍କୁ ଖାଦ୍ୟ ଗ୍ରହଣ ପାଇଁ ହୀରା ନୀଳା ରୌପ୍ୟ ଦିଆଗଲା କିନ୍ତୁ ଅନ୍ନ ଦିଆ ଯାଇ ନ ଥିଲା କାରଣ ସେ ମହାଦାନୀ ସତ କିନ୍ତୁ କେବେ ଜୀବନରେ ଅନ୍ନ ଭୋଜନ କାହାକୁ ଦେଇ ନ ଥିଲେ ତେଣୁ ଦେବରାଜ ଇନ୍ଦ୍ରଙ୍କ ପରାମର୍ଶ ରେ ତାଙ୍କୁ 15 ଦିନ ପାଇଁ ମର୍ତ୍ତ୍ୟକୁ ପଠାଗଲା ଏହି ସମୟକୁ ପିତୃପକ୍ଷ ବା ଅପର ପକ୍ଷ କୁହାଗଲା. କର୍ଣ୍ଣ ମର୍ତ୍ତ୍ୟକୁ ଆସି ଆତ୍ମୀୟ ଓ ଅନ୍ୟ ମାନଙ୍କୁ ଶ୍ରାଦ୍ଧ ଓ ତିଳ ତର୍ପଣ କରି ସନ୍ତୁଷ୍ଟ କଲେ। ବର୍ଷର ବିଭିନ୍ନ ସମୟରେ ଆମେ ଶ୍ରାଦ୍ଧ ଦେଉ ତହିଁରୁ ମହାଳୟା ଶ୍ରାଦ୍ଧ ଅନ୍ୟତମ। ଏହି ପିଣ୍ଡ ଦାନ ପିଣ୍ଡ ଦାତାଙ୍କ ଗୃହରେ ସର୍ବ୍ବ ଦେବ ଋଷି ଓ ପିତୃପୁରୁଷ ଙ୍କୁ ଆବାହନ କରାଯାଏ। ଆହୁରି ମଧ୍ୟ କୁହାଯାଏ ଯମ ପିତୃ ଲୋକ ଙ୍କୁ ଏହି ସମୟରେ ମର୍ତ୍ତ୍ୟ କୁ ପଠାନ୍ତି ଆନନ୍ଦରେ ନିଜ ଆଳୟ ତଥା ଗୃହକୁ ବୁଲିବାକୁ ତେଣୁ ଏହି ସମୟ କୁ ପିତୃପକ୍ଷ ବା ଅପର ପକ୍ଷ କୁହାଯାଏ। ପିଣ୍ଡଦାନ କରୁଥିବା ବ୍ୟକ୍ତି ଏ ପନ୍ଦର ଦିନ ନଖ, ଚୁଟି କାଟିବେନି, ସାତ୍ତ୍ୱିକ ଭୋଜନ କରିବେ ମୈଥୁନ ଠାରୁ ଦୂରେଇ ରହିବେ, ବାସୀ ଖାଦ୍ୟ, ପର ପାଗରେ ଖାଇବେ ନାହିଁ, ଏକାଧିକ ବାର ଭୋଜନ ନିଷେଧ। ପିତୃପକ୍ଷ ରେ କାଉକୁ ଭୋଜନ ଦିଆଯାଏ ଯାହା କାକବଳି ନାମରେ ନାମିତ କାଉକୁ ଭୋଜନ ଦେଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ପୂର୍ବ ପୁରୁଷଙ୍କ ରୂପେ ଆତ୍ମା ରୂପେ କାଉ ଭୋଜନ କଲାପରେ ଘରର ସଦସ୍ୟ ମାନେ ଖାଇଥାନ୍ତି। ଶ୍ରାଦ୍ଧ ନ କଲେ ପିତୃ ଦୋଷ ଲାଗି ଘରର ଅନିଷ୍ଟ ହୋଇଥାଏ ବୋଲି ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇ ସନ୍ତୁଷ୍ଟ କରାଯାଏ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ମଣିଷ ଶରୀର ୨୭ ତତ୍ତ୍ୱରେ ଗଠିତ ମୃତ୍ୟୁ ପରେ ମୂଳ ପଞ୍ଚ ଭୂତ ଓ ପଞ୍ଚ କର୍ମେନ୍ଦ୍ରୀୟ ନଷ୍ଟ ହୋଇଯାଏ ଆହୁରି ୧୭ଟି ତତ୍ତ୍ୱ ସୁକ୍ଷ୍ମ ଭାବରେ ମଣିଷର ମୃତ୍ୟୁପରେ ବର୍ଷକ ପର୍ଯ୍ୟନ୍ତ ମୋକ୍ଷ ପାଇ ନ ଥାଏ ତେଣୁ ସେହି ଅମୋକ୍ଷ ତତ୍ତ୍ୱକୁ ଶ୍ରାଦ୍ଧ କର୍ମ ଦ୍ୱାରା ଭୋଜନ ଦାନ ଦ୍ୱାରା ଶାନ୍ତି କରା ଯାଇଥାଏ।

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା



## ରବିବାରର ମୁହଁ

### ଡ଼. ଚନ୍ଦ୍ରକଳା ନାୟକ

ରବିବାର ସକାଳଟା
ବେଶ ସଫା ଆଉ ହାଲକା
ସକାଳର ନରମ ଖରାଟା
ବାରି, ଦାଣ୍ଡ, ଅଗଣା ସାରା ଦୌଡେ
ହେଲେ ମୋ ମୁହଁ କୋଉଠି ଦିଶେନା।
ପରଦା ଆଢୁଆଳରେ କଣେଇ
ଧୀରେ ଘରକୁ ପବନ ପଶିଲେ
ତା ସାଙ୍ଗରେ ଆଣିଦିଏ
ସନ୍ତୁଳାର ବାସ୍ନା, ଶାଗର ସୁଗନ୍ଧ
ତା ଭିତରେ ଦୋହଲିଯାଏ
ମୋ ମୁହଁର ଅସ୍ପଷ୍ଟ ଆକାର।
ଦ୍ୱିପହରଆସର ସରିଗଲେ
ଅଇଁଠା ଥାଳି ଭିତରେ
ଦିଶେ ମୋ ମଉଳା ମୁହଁଟା।
ତାରିଖର ପୃଷ୍ଠା ବି ଓଲଟେ
ଦିନ, ମାସ, ବାର ତା ସହ
ମେଘ ପରି ଘେରି ବସନ୍ତି
ମୋତେ ନିର୍ଦ୍ଦୟ ଭାବରେ।
ସନ୍ଧ୍ୟା ହେଲେ ହାତଗୋଡ ସଫା କରି
ଦେଖେ ଭାଗବତ ଗ୍ରନ୍ଥ
ସେ ହିଁ ତ ମୋର ଜୀବନବେଦ
ଟେବୁଲରେ ଥାଏ ଗରମ କପେ ଚା
ମୁଁ ବୁଝେ ତାର ଉପସ୍ଥିତି
କିଛିକ୍ଷଣ ପୂର୍ବରୁ ସଂଯମ ମୁହଁରେ।
ରାତ୍ରିର ନିଶବ୍ଦ ପ୍ରହରେ ବସିପଡେ
କାଗଜ, କାଳିର ଆଢୁଆଳରେ
ବହିର ଗଣ୍ଡିକୁ ଆଉଁସି ନେବାକୁ
ତାରି ଭିତରେ ଦେଖେ ମୋ ଉଜ୍ଜ୍ୱଳ ମୁହଁକୁ।
ଦିନ ଯାକର ଦରଜ ଓ ଝାଳ
କିଏ ପୋଛିନେବ ତାକୁ
କେଜାଣି ଏ ନିରୋଳା ରାତ୍ରିରେ
ବେଶି ହସ ହସ ଦିଶେ ମୋ ମୁହଁ
ଧୀରେ କିନା ନଇଁ ଆସେ
ମୋ ଚଞ୍ଚଳ ମନ ଓ ମୁହଁଟା
ରବିବାରର ଦିନ ତମାମ ଖୋଜୁଥିବା
ମୋର ସେଇ ପରିପୂର୍ଣ୍ଣ ମୁହଁଟା।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ
ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭

## ସବିନୟ ଗୁଣ ନର ଆଭୂଷଣ



### ଡ଼ଃ ଅନୁପମା ବିଶ୍ୱାଳ

ଫୁଲ ଫଳ ଭରା ବୃକ୍ଷଟି ସୁନ୍ଦର
ହୃଦୟକୁ ମୋହିନିଏ
ସେରୂପେ ଅଟଇ ସବିନୟ ଗୁଣ
ନର ଦେହେ ଶୋଭାପାଏ।
ସତ୍ୟ,ଦୟା,କ୍ଷମା ହୃଦେ ରହିଥିଲେ
ଅଟେ ସେ କୁବେର ସମ
ପରମ ଶ୍ରେୟର ସ୍ଥିତି ଲାଭକରି
ହୁଏ ସିଏ ଅନୁପମ।
ବିନୟ ବଚନ କରାଏ ନିମଗ୍ନ
ଦିବ୍ୟ ଆନନ୍ଦ ସାଗରେ
ଚରମ ଲକ୍ଷ୍ୟର ପ୍ରାପତି କରାଇ
ମନରେ ଉତ୍ସାହ ଭରେ।
ନମ୍ରତା ଗୁଣରେ ସର୍ବୋତ୍ତମ ପୁଷ୍ପ
ହୁଅଇ ଯେ ସମର୍ପିତ
ଦିବ୍ୟାଚାର ଧାରେ କାର୍ଯ୍ୟ କରିବାକୁ
ହୁଅଇ ମନ ପ୍ରସ୍ତୁତ।
ମହାତରୁ ସମ ସେବା ଆଚରିଲେ
ହୋଇଥ୍ୱ ଫଳ ସମ୍ଭୃତ
ପବିତ୍ର ହୃଦୟେ ଝଲସି ଉଠି ସେ
ହେଉଥାଏ ଉଦ୍ଭାସିତ।
ଆଚରଣ ତହୁଁ ହୁଏ ସୁଶୋଭନ
ଶାନ୍ତି ଯେ ବିରାଜମାନ
ସ୍ୱଚ୍ଛ ଦରପଣେ ପ୍ରତିବିମ୍ବ ଦିଶେ
ଦେଖି ପ୍ରୀତ ଭଗବାନ।
ମହାନ ବିଚାର ବିନୟୀ ମନରେ
କର୍ମେ ହୁଏ ପରିଣତ
ସଦଗୁଣ ରୂପ ମାପଦଣ୍ଡେ ସିଏ
ହୁଏ ଯୋଗ୍ୟ ବିବେଚିତ।

ସମ୍ବଲପୁର



## ସ୍ମୃତି ତୁମେ...

### ଡଃ ତାନଶ୍ରୀ ପାଣିଗ୍ରାହୀ

ସ୍ମୃତି ତୁମେ ମୋର ଅତି ଆପଣାର
ମିଠା ମିଠା ଜହ୍ନରାତି
ସ୍ମୃତି ତୁମେ କେବେ ମୋ ଗାଆଁ ସୂରୁଯ
କଅଁଳ ଖରାର ତାତି
ସ୍ମୃତି ତୁମେ ମୋର ଅଭୁଲା ଅଲିଭା
ସରାଗର ସଞ୍ଜବତୀ...

ସ୍ମୃତି ତୁମେ କେବେ ଫଗୁଣ ସଞ୍ଚର
ମଳୟର ଫୁଲବାସ
ସ୍ମୃତି ତୁମେ କେବେ ଶ୍ରାବଣ ବର୍ଷାର
ମିଳନର ଅଶ୍ୱସୋସ...
ସ୍ମୃତି ତୁମେ କେବେ ପ୍ରୀତିର ଗୁଞ୍ଜନ
ଗାଅ ଜୀବନର ଗୀତି...

ସ୍ମୃତି ତୁମେ ଆସ ମୋ ପ୍ରିୟ ସାଥିରେ
ନେଇ ଅନେକ ସପନ
ମୋ ମନ ଆକାଶେ ହସି ବାକୁ ସାଥେ
ଭରିଥିଲ ତାରା ଜହ୍ନ
ଏବେ ବି ଖୋଜୁଛି ନୀରବେ ସେ ସ୍ମୃତି
ମନ ଅଗଣାରେ ନିତି...

ସ୍ମୃତି କେବେ ଆଣେ ଅନେକ ଆବେଗ
ଭିଜା ଭିଜା ଶିହରଣ
ମନ ଓ ହୃଦୟେ ପ୍ରେମ ଅନୁରାଗେ
କେତେ ମାନ ଅଭିମାନ
ସ୍ମୃତି କେବେ ଜାଳେ ପ୍ରତୀକ୍ଷାର ଦୀପ
ଲୁହ ଭିଜା ସାରା ରାତି...

ସ୍ମୃତି କେବେ କହେ ଜୀବନ ନଈର
ଅଧାଲେଖା କାହାଣୀ
ମିଳନ ବିରହ ସୁଖ ଦୁଃଖ ମିଶା
ପ୍ରେମ ପ୍ରତାରଣା ଧ୍ୱନି
ସ୍ମୃତି ପୁଣି କେବେ ଅତୀତ ଗରଭେ
ସାଉଁଟେ ଅନେକ ମୋତି ॥

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫



## ଜହ୍ନ ମାଗୁଛି ଶୀତଳ ଜ୍ୟୋତ୍ସ୍ନା

### ଡଃ ନାରାୟଣ ଚନ୍ଦ୍ର ସେନାପତି

ସେଦିନ ରାଜା ହରିଶ୍ଚନ୍ଦ୍ର ବି ଜଗିଥିଲେ ଶ୍ମଶାନ
ସାଜି ଚଣ୍ଡାଳ
ଘୋଡାଘାସ କାଟିବାକୁ ବି ପଛେଇ ନ ଥିଲେ ରାଜା ନଳ
ପାଣ୍ଡବେ ସାଜିଥିଲେ ବିରାଟ ରାଜାଙ୍କ କ୍ରୀତଦାସ
ଆଉ ଭଗବାନ ଧରିଥିଲେ ଗଧପାଦ
ଯିଏ ସୃଷ୍ଟିକୁ ମୁହୂର୍ତ୍ତରେ କରିପାରନ୍ତି ଟଳମଳ।

ଯିଏ ଶୀତଳତାର ଶୀତଳ ଭଣ୍ଡାର
ଆଉ ଜ୍ୟୋତ୍ସ୍ନା ପରି କାନ୍ତିର ପାରାବାର
ସେ କିନ୍ତୁ ଆଜି ଉଦାସୀ ଯାଇଛି
ଚାଖି ପରଖି ତା ଉଷ୍ମ କୁଟୀର
ସମାଜରେ ପରା ଚାଲିଛି
ଉତ୍ଥାନ ପତନର ମହାସମର
ବିଚରା ଜହ୍ନଟା କ'ଣ କରିବ ଯେ
ତା ମୌଳିକତା ଚାଲି ଯିବାରୁ
କରୁଛି ପ୍ରଚେଷ୍ଟା .....
କେମିତି ପାଇବ ତା ଶୀତଳତା
ତା ଜ୍ୟୋତ୍ସ୍ନା
ପୁନର୍ବାର ।
ସମାଜରେ ଅନେକ ଚନ୍ଦ୍ରମା
ହରାଇଛନ୍ତି ତାଙ୍କ ଜ୍ୟୋତ୍ସ୍ନା



ଇର୍ଷାଳୁ ରବି ତେଜଙ୍କ କୋପ ଦୃଷ୍ଟିରେ
କେତେ ବି ମୁଣ୍ଡେଇଛନ୍ତି କଳଙ୍କ
ବିନା ଦୋଷରେ
ହେଲେ ସୁନାର ମୂଲ୍ୟ ପରା ସବୁଠି ସମାନ
ଧୂପ ଜଳିଲେ ତା ବାସ୍ନା ରହିଯାଏ ହୃଦରେ
ଜହ୍ନଟା ଧୈର୍ଯ୍ୟ ଧରି ମାଗୁଛି ଶୀତଳ ଜ୍ୟୋତ୍ସ୍ନା
ସାଗର,ସମୀର ଆଉ ସବୁଜ ପଲ୍ଲବକୁ
କହି କହି କେତେ ଆବେଗରେ
ଫେରାଇ ଦିଅରେ ମୋ ଜ୍ୟୋତ୍ସ୍ନା ପ୍ରେମର ଝୁଲିରେ।

ଆଜିକାଲି ଆଉ କିଛି ଚନ୍ଦ୍ରମା ଶୁଖାନ୍ତି ମୁହଁ
କାଳେ ଦେବାକୁ ପଡ଼ିବ ଜ୍ୟୋତ୍ସ୍ନାରୁ ଟିକିଏ
ଜାଣି ଶିଆଣିଆ ହୋଇ ମାଗନ୍ତି ଅନ୍ୟକୁ
କରି ଛଳ କପଟ
ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ।

ମନ କହୁଛି ପୁଣି ଫେରିବେ ଗୋପର ଚନ୍ଦ୍ରମା
ଯଶୋମତୀ କୋଳକୁ
ରାଧାର ବିଶ୍ୱାସ ଉଆସକୁ
ଯେମିତି ଶ୍ରୀରାମ ଫେରିଥିଲେ ଅଯୋଧ୍ୟାକୁ
ମାଗିବେ କୈକେୟୀଙ୍କୁ ଆଶିଷ ରଖି ବଡପଣ
ସଭିଏଁ କହିବେ ଦେଖୁନ ଜହ୍ନ ମାଗୁଛି ଶୀତଳ ଜ୍ୟୋତ୍ସ୍ନା
କାହ୍ନା ଲହୁଣୀ ମାଗିଲା ପରି
ବିଶ୍ୱ ବ୍ରହ୍ମାଣ୍ଡ ଚାଲି ଆସିବ ତା ପାଖକୁ
ସରାଗରେ କୋଳେଇ ନେବାକୁ।

ଜମ୍ବିରା, କେନ୍ଦୁଝର





## କହି ଜାଣିଲେ କଥା ସୁନ୍ଦର

### ସନ୍ତୋଷ କୁମାର ସାହୁ

କହି ଜାଣିଲେ ତ କଥାଟି ସୁନ୍ଦର
ବାନ୍ଧି ଜାଣିଥିଲେ ମଥା
ସୁନ୍ଦର କଥାରେ ଦୂର କରି ହୁଏ
ମନର ସକଳ ବ୍ୟଥା...
ଚତୁର ସ୍ୱଭାବି କହି ମିଠା କଥା
ଜନମନ ଦିଏ ତୋଷି
ଛଳନା କଥାକୁ ବିଶ୍ୱାସ କରିଣ
ହୁଅନ୍ତି ଅନେକ ଖୁସି...
କହିବା ଶଇଳି ସୁନ୍ଦର ହୋଇଲେ
ମୂରୁଖ ବି ଲାଗେ ଜ୍ଞାନୀ
କ୍ରୋଧୀ ମଣିଷ ବି ନିରୁପାୟ ହୋଇ
ଶାନ୍ତ ହୋଇଯାଏ ତୁନି...
କହିବା ଜାଣିଲେ ଖଳ ସ୍ୱଭାବକୁ
ନିୟନ୍ତ୍ରଣ କରି ହୁଏ
ଜଟିଳ କଥାକୁ ଯେ କରେ ସହଜ
ଚତୁର ବ୍ୟକ୍ତିଟି ସିଏ...
ହସିବା ଲୋକଙ୍କୁ କନ୍ଦାଇ ବି ପାରେ
କାନ୍ଦିବା ଲୋକଟି ହସେ
ଶତ୍ରୁ ମଧ୍ୟ ଭୁଲି ତିକ୍ତତା ଭାବନା
ମିତ୍ର ହେବା ପାଇଁ ଆସେ...
କହିବା ଜାଣିଲେ ପରିହାସ କଥା
ଲାଗେ ସତେ ଭାରି ହିତ
ଅମାନିଆ ବ୍ୟକ୍ତି ମାନିଯାଏ ସବୁ
ମିଶାଇ ହାତକୁ ହାତ...

ଗାନ୍ଧୀନଗର,କୋରାପୁଟ
ମୋବାଇଲ୍: ୯୪୩୭୪୩୩୬୫୭



ସମୟର ଛାୟାଚିତ୍ର



# ଗାନ୍ଧୀ ଏପରି ଏକ ଭାରତ ଚାହିଁ ନଥିଲେ



## ଡକ୍ଟର ଲକ୍ଷ୍ମଣ ସାହୁ

ଭାରତ ଆମ ସାମ୍ନାରେ ଅଛି। ହେଲେ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଏକ ଅସମାପ୍ତ ପ୍ରଶ୍ନ ହୋଇ ରହିଛି। ଭାରତର ସ୍ୱାଧୀନତା ପାଇଁ ଗାନ୍ଧୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ, ତାହା କ'ଣ ପ୍ରକୃତରେ ସେ କଳ୍ପନା କରିଥିବା ଭାରତ ? ଆମର ପୂର୍ବପୁରୁଷମାନେ ଚାଲିଗଲେଣି, ତ୍ରିରଙ୍ଗା ଉଚ୍ଚରେ ଉଡୁଛି, ଗଣତନ୍ତ୍ର ଅକ୍ଷୁର୍ଣ୍ଣ ଅଛି। ଦେଶରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଓ ଅର୍ଥନୀତିରେ ବହୁତ ଆଗକୁ ବଢ଼ିଛି। ବିଶ୍ୱରେ ଭାରତର ସ୍ୱର ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି। ତଥାପି ଆମେ ସମୟର ଛାୟା ଚିତ୍ରରେ ଗାନ୍ଧୀଙ୍କ ଆଦର୍ଶ ବିପକ୍ଷରେ ବର୍ତ୍ତମାନର ଭାରତକୁ ପରୀକ୍ଷା କରିବା, ତେବେ କେବଳ ଦ୍ୱନ୍ଦ୍ୱ ଦେଖାଯାଏ। ଏହି ଦ୍ୱନ୍ଦ୍ୱ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ସହିତ ନୁହେଁ। ବରଂ ଆମେ ଯେଉଁ ବିକାଶ ଦିଗରେ ଗତି କରୁଛେ ଓ ଭାରତର ଯେଉଁ ମୂଲ୍ୟବୋଧକୁ ଗାନ୍ଧୀ ଆତ୍ମା ବୋଲି ବିବେଚନା କରୁଥିଲେ, ତାହା କେତେ ଯଥାର୍ଥ। ଗାନ୍ଧୀଙ୍କ ପାଇଁ ସ୍ୱାଧୀନତା କେବଳ ବ୍ରିଟିଶ ଶାସନରୁ ମୁକ୍ତି ନୁହେଁ। ସେ ସାଧାରଣ ମଣିଷକୁ ଭୟ, କ୍ଷୁଧା, ଶୋଷଣ ଓ ଅପମାନରୁ ମୁକ୍ତ କରିବାକୁ ଚାହୁଁଥିଲେ। ତାଙ୍କର ସ୍ୱରାଜ କେବଳ କ୍ଷମତା ହସ୍ତାନ୍ତର ପର୍ଯ୍ୟନ୍ତ ସୀମିତ ନଥିଲା , ବରଂ ତାଙ୍କ ପାଇଁ ସ୍ୱରାଜର ଅର୍ଥ ଥିଲା ବ୍ୟକ୍ତିମାନେ ନିଜ ଜୀବନ ବିଷୟରେ ନିଜେ ନିଷ୍ପତ୍ତି ନେଇପାରିବେ। ଗାଁରେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ସାଧାରଣ ଗରିବ ଲୋକଙ୍କୁ ସମ୍ମାନିତ କରିବେ, ରାଜନୀତି ସେବାର ମାଧ୍ୟମ ହେବ। ଏପରିକି ସମାଜରେ କାହାକୁ ଥରେ ସେମାନଙ୍କର ଜାତି, ଧର୍ମ କିମ୍ବା ଆର୍ଥିକ ସ୍ଥିତି ନେଇ ହୀନ ବୋଲି ବିବେଚନା କରିବେ ନାହିଁ।

ଆଜି ଉପଭୋକ୍ତାବାଦ ଆମ ଜୀବନର ଏକ ଅଂଶ ହୋଇଗଲାଣି। ଆବଶ୍ୟକତା ଓ ଇଚ୍ଛା ମଧ୍ୟରେ ଥିବା ରେଖା କ୍ରମଶଃ ଅସ୍ପଷ୍ଟ ହେଉଛି। ବିଜ୍ଞାପନଗୁଡ଼ିକ ଆମକୁ କୁହନ୍ତି ଯେ ଆମେ ଖୁସି ହେବା ପାଇଁ କ'ଣ କିଣିବା ଉଚିତ୍। ମୋବାଇଲ୍ ଫୋନ୍ ପରିବର୍ତ୍ତନ କରିବା, ପୋଷାକ ପରିବର୍ତ୍ତନ କରିବା, ଗାଡ଼ି ପରିବର୍ତ୍ତନ କରିବା ଓ ଜୀବନଶୈଳୀ ପରିବର୍ତ୍ତନ କରିବା ଆଧୁନିକତାର ପ୍ରମୁଖ ପରିଚୟ ପାଲଟିଛି। ଗାନ୍ଧୀଙ୍କ ଜିଦ୍ ବିପରୀତ ଥିଲା। ସେ ଆବଶ୍ୟକତାକୁ ସୀମିତ କରିବା, ଶ୍ରମକୁ ସମ୍ମାନ କରିବା ଓ ସମ୍ବଳର ପୂର୍ଣ୍ଣ ବ୍ୟବହାରକୁ ସମର୍ଥନ କରିଥିଲେ। ଆଜି, ପ୍ରଶ୍ନ ହେଉଛି ଆମେ ପୃଥିବୀର ସୀମିତ ସମ୍ବଳ ସହିତ ଅସୀମିତ ବ୍ୟବହାର ପାଇଁ ଦୌଡ଼ ଜାରି ରଖିପାରିବା କି ? ଗାନ୍ଧୀଙ୍କ ପାଇଁ ଭାରତର ମୌଳିକ ମୂଳଦୁଆ ଗ୍ରାମ ଥିଲା। ସେ ଗ୍ରାମ ସ୍ୱରାଜ୍ୟର କଳ୍ପନା କରିଥିଲେ। ଆଜି, ରାସ୍ତା ଓ ବିଦ୍ୟୁତ୍ ନିଶ୍ଚିତ ଭାବରେ ଗ୍ରାମାଞ୍ଚଳରେ ପହଞ୍ଚିଛି। କିନ୍ତୁ ବହୁ ସଂଖ୍ୟକ ଗ୍ରାମାଞ୍ଚଳ ଯୁବକ ନିଯୁକ୍ତି ଓ ଉତ୍ତମ ସୁଯୋଗ ଖୋଜିବା ପାଇଁ ସହରର ପ୍ରବାସ କରନ୍ତି। ଗ୍ରାମାଞ୍ଚଳର ଚାଷୀ ତାଙ୍କ ଉତ୍ପାଦ ପାଇଁ ବଜାର ଉପରେ ନିର୍ଭରଶୀଳ, ଗ୍ରାମାଞ୍ଚଳର କାରିଗର ଶସ୍ତା ମେସିନ୍ ନିର୍ମିତ ସାମଗ୍ରୀ ସହିତ ପ୍ରତିଯୋଗିତା କରୁଛି। ଏପରିକି ସ୍ଥାନୀୟ ନିଯୁକ୍ତି ସୁଯୋଗ ସୀମିତ ଅଟେ। ଗୋଟିଏ ପଟେ ଆମେ ଆତ୍ମନିର୍ଭରଶୀଳ ଭାରତ ବିଷୟରେ କଥା ହେଉଛେ। ଅନ୍ୟପଟେ ସ୍ଥାନୀୟ କ୍ଷୁଦ୍ର ଉତ୍ପାଦକ ଓ କାରିଗରଙ୍କ ଜୀବନ କଠୋର ବଜାର ପ୍ରତିଯୋଗିତାରେ ଚାପି ହୋଇଯାଉଥିବା ପରି ମନେ ହେଉଛି। ଗାନ୍ଧୀଙ୍କ ଚରଖା କେବଳ ସୂତା କାଟିବା ବିଷୟରେ ନଥିଲା , ଏହା ପଛରେ ସ୍ଥାନୀୟ ଉତ୍ପାଦନ, ଶ୍ରମର ମର୍ଯ୍ୟାଦା ଓ ଆର୍ଥିକ ସ୍ୱାବଲମ୍ବନର ଧାରଣା ଥିଲା। ଆଜି ଆତ୍ମନିର୍ଭରଶୀଳତା ଆଧୁନିକ ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟା କ୍ଷମତାରେ ପରିଣତ ହୋଇଛି। ଉଭୟ ମଧ୍ୟରେ କୌଣସି ବିରୋଧାଭାସର ଆବଶ୍ୟକତା ନାହିଁ। କିନ୍ତୁ ପ୍ରଶ୍ନ ହେଉଛି ଏକ ଆଧୁନିକ ଅର୍ଥନୀତିରେ ଗରିବ ଲୋକମାନେ ଏଥିରୁ କିପରି ଲାଭ ପାଇପାରିବେ ? ଉତ୍ପାଦକଙ୍କ ପାଇଁ ସ୍ଥାନ କେଉଁଠି ? ଗାନ୍ଧୀଙ୍କ ଭାରତ ଶ୍ରମକୁ ସମ୍ମାନ କରୁଥିବା ଏକ ଭାରତ ଥିଲା। ଆଜି ମଧ୍ୟ ଶ୍ରମିକ ବିନା ନିର୍ମାଣ ଅସମ୍ଭବ, କୃଷକ ବିନା ଖାଦ୍ୟ ଅସମ୍ଭବ, ଓ କାରିଗର ବିନା ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅସମ୍ଭବ। ତଥାପି ସାମାଜିକ ସ୍ଥିତି ପ୍ରାୟତଃ ଶ୍ରମ ଦ୍ୱାରା ନୁହେଁ , ବରଂ ଆର୍ଥିକ ସ୍ଥିତି ଦ୍ୱାରା ନିର୍ଣ୍ଣୟ କରାଯାଏ। ଯେଉଁ ବ୍ୟକ୍ତିଙ୍କ ପାଖରେ କୋଟି କୋଟି ଟଙ୍କାର ସମ୍ପତ୍ତି ଅଛି, ସମାଜ ତାଙ୍କୁ ସମ୍ମାନ କରେ। ହେଲେ ଦିନସାରା କଠିନ ପରିଶ୍ରମ କରୁଥିବା ଶ୍ରମିକ ହାତ କେବଳ ମଜୁରୀ ପାଏ। ଗାନ୍ଧୀ କହୁଥିଲେ କୌଣସି କାମ ଛୋଟ ନୁହେଁ। ଗାନ୍ଧୀଙ୍କ ପାଇଁ, ମତଭେଦ ଗଣତନ୍ତ୍ର ଓ ସାର୍ବଜନୀନ ଜୀବନର ଏକ ସ୍ୱାଭାବିକ ଅଂଶ ଥିଲା। ସେ ନିଜେ କର୍ତ୍ତୃପକ୍ଷ ଓ ସମାଜ ଉଭୟଙ୍କ ସହିତ ନିଜର ମତଭେଦ ପ୍ରକାଶ କରିଥିଲେ। ଆଜି ପ୍ରତ୍ୟେକ ବ୍ୟକ୍ତିଙ୍କୁ କହିବା ପାଇଁ ସୋସିଆଲ ମିଡିଆ ଏକ ମଞ୍ଚ ଦେଇଛି। ଏହା ଗଣତନ୍ତ୍ର ପାଇଁ ଏକ ପ୍ରମୁଖ ସଫଳତା। କିନ୍ତୁ ଏହି ମଞ୍ଚରେ ଗୁଜବ, ଅସମ୍ପୂର୍ଣ୍ଣ ସୂଚନା, ଘୃଣା ଓ ମିଛ ତଥ୍ୟ ଦ୍ରୁତ ଗତିରେ ବ୍ୟାପିଥାଏ। ଗାନ୍ଧୀଙ୍କ ପାଇଁ, ସତ୍ୟ କେବଳ କହିବାର ଜିନିଷ ନଥିଲା, ଏହା ଜୀବନର ବ୍ରତ ଓ ଲକ୍ଷ୍ୟ ଥିଲା।

ଆମକୁ ମଣିଷ ହେବାକୁ ପଡିବ। ଆମ ସମସ୍ତଙ୍କୁ ଏକାଠି ରହିବାର ମୂଲ୍ୟ ବୁଝିବାକୁ ପଡିବ। ଘରେ କ୍ରୋଧ, ରାସ୍ତାରେ କ୍ରୋଧ ଓ ପ୍ରତ୍ୟେକ ଛୋଟ କଥା ଉପରେ ହିଂସା! ଏହା ଚିନ୍ତାର ବିଷୟ। ଯେତେବେଳେ ଗାନ୍ଧୀଜୀ ଆମର ଚିନ୍ତାଧାରା ଓ ଆଚରଣରେ ପ୍ରତିଫଳିତ ହୁଅନ୍ତି, ସେତେବେଳେ ଆମେ ଅହିଂସାର ମୂଲ୍ୟବୋଧକୁ ସହଜରେ ଗ୍ରହଣ କରିପାରିବା। ଗାନ୍ଧୀଜୀ ଏକ ଉନ୍ନତ ସାମାଜିକ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ତାହା ଶାନ୍ତି ଓ ସତ୍ୟ ପ୍ରକୃତ ଲକ୍ଷ୍ୟ ହାସଲ କରିବାର ମାଧ୍ୟମ ଥିଲା। ସର୍ବଦା ଗାନ୍ଧୀଜୀଙ୍କ ଚିନ୍ତାଧାରା, ବାଣୀ ଓ କାର୍ଯ୍ୟ ସଂଯୁକ୍ତ ଓ ସମନ୍ୱୟରେ ଥିଲା। ତେଣୁ ସମୟ ନଷ୍ଟ ନକରି, ଆସନ୍ତୁ ଆମେ ମହାତ୍ମା ଗାନ୍ଧୀଙ୍କ ପ୍ରତି ଆମର କୃତଜ୍ଞତା ପ୍ରକାଶ କରିବା। ମାର୍ଟିନ୍ ଲୁଥର କିଙ୍ଗ ଆମକୁ ସତର୍କ କରାଇ ଦିଅନ୍ତି, 'ଯଦି ମାନବତା ପ୍ରଗତି ପାଇଁ, ତେବେ ଗାନ୍ଧୀଜୀ ଏଥିରେ ଯୋଗ ଦେଇପାରିବେ।' ସେ ବିଶ୍ୱରେ ଶାନ୍ତି ଓ ସଦ୍ଭାବର ମାନବିକ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ତାଙ୍କର ଚିନ୍ତାଧାରା ଓ ଭାବନା ସମାନ ଥିଲା। ତାଙ୍କୁ ଅଣଦେଖା କରିବା ଆମ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ବେଳେ ବେଳେ ଅହିଂସାର ମୂଲ୍ୟ ଆମକୁ ବହୁତ ଦାୟିତ୍ୱବାନ କରିଥାଏ। କାରଣ ଏହା ଆମକୁ ଅନ୍ୟମାନଙ୍କୁ ଆଘାତ ନ ଦେବା ଶିଖାଏ; ଏହା ଜୀବନ ବଞ୍ଚାଇବାର ଦାୟିତ୍ୱ ହୋଇଯାଏ, ଜୀବନ ନେବାର ନୁହେଁ। ଏପରିକି ଆମର ସ୍ୱଭାବ ମଧ୍ୟ କୋମଳ ଓ ଆକ୍ରମଣ ବିହୀନ ହୋଇଯାଏ। ଆମର ଗୁଣ ଦୃଢ଼ତା ଓ ସାହସର ମୂଲ୍ୟ ହୋଇଯାଏ। ଆମର ଭଲ ସ୍ୱଭାବ ଯୋଗୁଁ, ଆମେ ନିର୍ଭୀକ ଓ ଆତ୍ମବିଶ୍ୱାସୀ ଦେଖାଯାଉ। କଥାବାର୍ତ୍ତାରେ, ଶୁଣିବା ଓ ବୁଝିବା କଥା କହିବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଆମେ ଛୋଟ ଛୋଟ ଜିନିଷ ଗ୍ରହଣ କରିବା ଆରମ୍ଭ କରୁ ଯାହା ଆମକୁ ଆମର ଦାୟିତ୍ୱହୀନ ଆଚରଣରୁ ମୁକ୍ତ କରେ। ପରିବାରରେ, ଆମେ ଜିତିବାର ମନୋଭାବରୁ ଉପରକୁ ଉଠି ଏକାଠି କାମ କରିବାର ଭାବନା ଅନୁଭବ କରିବା ଆରମ୍ଭ କରୁ। ଜାପାନ ହେଉଛି ଅହିଂସାର ସର୍ବଶ୍ରେଷ୍ଠ ଉଦାହରଣ। ହିରୋସିମା ଓ ନାଗାସାକି ପରେ, ଜାପାନ ଆମେରିକାକୁ ପରାସ୍ତ କରିବାର ଅହଂକାର ପୋଷଣ କରିନଥିଲା କି ବୋମା ନିର୍ମାଣ କରିନଥିଲା। ବରଂ ସେ ଏହାର ପିଲାମାନଙ୍କୁ ଠିକ୍ ଓ ଭୁଲ ମଧ୍ୟରେ ପାର୍ଥକ୍ୟ ଶିଖାଇଥିଲା। ମାନବିକ ମୂଲ୍ୟବୋଧ ସହିତ ପୁରୁଷ ଓ ମହିଳାଙ୍କୁ ଯୋଡ଼ିଥିଲା।

୧୯୪୮ ମସିହାରେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ, ପଣ୍ଡିତ ରବି ଶଙ୍କରଙ୍କୁ ଏକ ଦୁଃଖଦ ସ୍ୱର ରଚନା କରିବାକୁ କୁହାଯାଇଥିଲା। ସେହି ଭାବପ୍ରବଣ ସମୟରେ, ଏପରି ଏକ ସ୍ୱର ସୃଷ୍ଟି କରିବା ଏକ ଚ୍ୟାଲେଞ୍ଜ ଥିଲା। ଯାହା ଯନ୍ତ୍ରଣା, ଦୁଃଖ ଓ ହୃଦୟ ବିଦାରକ କାନ୍ଦଣାକୁ ଘେରି ରହିବ। ଏହି ସ୍ୱର ବିଷୟରେ ଚିନ୍ତା କରୁଥିବା ସମୟରେ, ଦିନେ ପଣ୍ଡିତ ରବି ଶଙ୍କରଙ୍କ ମନ "ଗାନ୍ଧୀ" ନାମ ଉପରେ ଆକର୍ଷିତ ହେଲା। ସେହି ଶବ୍ଦରେ ହିଁ ସଙ୍ଗୀତ ସ୍ୱର "ଗା," "ଧା," ଓ "ନୀ" (ତୃତୀୟ, ଷଷ୍ଠ ଓ ସପ୍ତମ ସ୍ୱର) ଥିଲା। ତା'ପରେ ତାଙ୍କର ଚିନ୍ତାଧାରା ଏକ ନୂତନ ଦିଗ ନେଇଥିଲା। ଏମିତି ଏକ ନୂତନ ରାଗ, "ମୋହନକୌନ୍ସ" ଜନ୍ମ ନେଇଥିଲା। ଏସବୁ କୌଣସି ଛୋଟ ସହରରେ ନୁହେଁ, ବରଂ ଜାତୀୟ ରାଜଧାନୀ ଦିଲ୍ଲୀରେ ଘଟିଥିଲା, ଯାହା ସମସ୍ତଙ୍କୁ କିପରି ଗ୍ରହଣ କରିବାକୁ ହେବ। ତଥାପି, ସେ ତାଙ୍କ ଚିନ୍ତାଧାରା, ଭାବନା, ରୂପ ଓ ଦର୍ଶନରେ ଭିଡ଼ରୁ ଅଲଗା ହୋଇ ଠିଆ ହୋଇଥିଲେ। ଏକ କ୍ରୋଧିତ ସମାଜ ପାର୍ଥକ୍ୟକୁ ଅଧିକ ଦେଖେ ଓ ସଙ୍ଗୀତ ଅପେକ୍ଷା ତା'ର ଉଚ୍ଚ ସ୍ୱର ଓ ହିଂସା ଉପରେ ଅଧିକ ନିର୍ଭର କରେ। ଗତ ଅକ୍ଟୋବର ୨ ଆମେ ଗାନ୍ଧୀଜୀଙ୍କ ଜନ୍ମବାର୍ଷିକୀ ପାଳନ କରିଛେ। ହେଲେ ସମୟର ଛାୟା ଚିତ୍ରରେ ଏବେ ବି ଲୋକମାନେ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଚିନ୍ତା କରନ୍ତି ନାହିଁ ଯେ ଗାନ୍ଧୀଜୀଙ୍କର ଅହିଂସା ଉପରେ ଦୃଢ଼ ବିଶ୍ୱାସ ଥିଲା ଓ ସେ ବିଶ୍ୱକୁ ଅହିଂସାର ପଥ ଦେଖାଇଥିଲେ..!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

# 'ବିକଶିତ ଭାରତ' ଦ୍ରୁତ ଗତିରେ ଆଗେଇ ଚାଲିଛି ଦେଶ: ପୁରନ୍ଦେଶ୍ୱରୀ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ନାଟକ ବା ପଥପ୍ରାନ୍ତ ନାଟକ ଜରିଆରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'ନମୋ ସେବା ଗାଥା'ର ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିବା ସହ ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟକୁ ଆଧାର କରି ବିକଶିତ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଓ ସାଂସଦ ଡି.ପୁରନ୍ଦେଶ୍ୱରୀ କହିଛନ୍ତି। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ ଓ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସମ୍ପାଦକ ଡ. ସ୍ୱଦେଶ ସିଂହ ରାଜ୍ୟରେ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। 'ସେବା ହିଁ ପରମ ଧର୍ମ'ର ମହାନ ମନ୍ତ୍ରକୁ ପାଥେୟ କରି ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ଜନସେବା ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଗତ ୧୭ରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ 'ନମୋ ସେବା ଗାଥା - ପଥପ୍ରାନ୍ତ ନାଟକ' କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଓ ସହପ୍ରଭାରୀ ଡ. ସିଂହ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ଜାମୁକୋଲିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ପ୍ରକୋଷ୍ଠ ସମୂହ ସହ ସଂଯୋଜକ ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଉପସ୍ଥିତ ଥିଲେ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ ଓ ଡ. ସିଂହ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସମୂହ ସଂଯୋଜକ ଓ ସହସଂଯୋଜକଙ୍କ ବୈଠକ କରି ଆଲୋଚନା କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସହ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇ ଚର୍ଚ୍ଚା ଓ ଆଲୋଚନା କରିଥିଲେ। ଦଳର ସାଂଗଠନିକ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟସୂଚୀ, ବିଭିନ୍ନ ମୋର୍ଚ୍ଚାଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ତୃଣମୂଳ ସ୍ତରରେ ଦଳକୁ ଅଧିକ ସୁଦୃଢ଼ କରିବାର ବିଭିନ୍ନ ଦିଗ ସମ୍ପର୍କରେ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଜନସାଧାରଣଙ୍କ ନିକଟତର ହେବା ଓ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇ ଆଲୋଚନା କରିଥିଲେ।

# ସମୃଦ୍ଧ ଓଡ଼ିଶା ଗଠନରେ ଗଣମାଧ୍ୟମର ସହଯୋଗ ଆବଶ୍ୟକ

■ ବର୍ତ୍ତମାନ ସମୟରେ ସତ୍ୟତା, ନିରପେକ୍ଷତା ବଜାୟ ରଖିବା ଏକ ଆହ୍ୱାନ

■ ବିରୋଧୀଙ୍କ ସମାଲୋଚନାକୁ କୁତ୍ସାରଟନାର ରୂପ ଦିଆନଯାଉ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ରଖିଛୁ। ଆମ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ଯୋଗଦାନ ଦରକାର। ଏକ ଟିମ୍ ଭାବେ କାମ କରି ଆମେ ଏହି ଲକ୍ଷ୍ୟ ପୂରଣ କରିବୁ। ଏଥିରେ ଗଣମାଧ୍ୟମର ସହଯୋଗ ମଧ୍ୟ ଆବଶ୍ୟକ। ଏ ଦିଗରେ ଅଗ୍ରଣୀ ଓ ଦାୟିତ୍ୱବାନ ସମ୍ବାଦପତ୍ରମାନଙ୍କର ଯୋଗଦାନ ନିରନ୍ତର ଜାରି ରହିବ ବୋଲି ମୋର ଦୃଢ଼ ବିଶ୍ୱାସ। ଆଜି ଦୈନିକ ଓଡ଼ିଆ ଦୈନିକ ଖବରକାଗଜ 'ସମାଜ'ର ୧୦୭ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଗତ ପ୍ରାୟ ଦୁଇ ଦଶନ୍ଧିରେ ଖବର ପରିବେଷଣ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି। ଏହି ଶତାବ୍ଦୀର ପ୍ରାରମ୍ଭରେ ଚବିଶ ଘଣ୍ଟିଆ ଟେଲିଭିଜନ ଖବର ଏବଂ ଗତ ପ୍ରାୟ ଏକ ଦଶକର ଗଣମାଧ୍ୟମରେ ଖବର ପରିବେଷଣ ଏହି କ୍ଷେତ୍ରର ଦୃଶ୍ୟପଟ୍ଟକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେଇଛି। କିନ୍ତୁ ଛପା ଖବରକାଗଜର ଲୋକପ୍ରିୟତାକୁ ଏହା ପ୍ରତିହତ କରିପାରିନାହିଁ। ଏବେ ସୋସିଆଲ ମିଡିଆ ଓ ଇଣ୍ଟରନେଟ ଆସିବା ପରେ ସମ୍ବାଦ ପରିବେଷଣର ଶୈଳୀ ବଦଳିଛି। ଏହି ପରିବର୍ତ୍ତିତ ସମୟରେ ସତ୍ୟତା, ନିରପେକ୍ଷତା ଓ ନୈତିକତାକୁ ବଜାୟ ରଖିବା ସବୁଠାରୁ ବଡ ଆହ୍ୱାନ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣମାଧ୍ୟମରେ ଆଜିକାଲି ଖବର କମ, ମିଛ ଖବର, କୁତ୍ସାରଟନା ଅଧିକ ଚାଲୁଛି। ହେଲେ ଆଜି ବି ଲୋକେ 'ତଥ୍ୟଭିତ୍ତିକ' ଖବର ପାଇଁ ଛପା ଗଣମାଧ୍ୟମ ଉପରେ ଭରସା କରୁଛନ୍ତି। ଆଜି ଖବରକାଗଜମାନେ ମଧ୍ୟ ବ୍ୟବସାୟୀକରଣ ଦିଗକୁ ଅଧିକ ଧ୍ୟାନ ରଖୁଛନ୍ତି। ଏହା ଫଳରେ ଅନେକ ସମୟରେ ପ୍ରକୃତ ଖବର ପଛକୁ ଚାଲିଯାଇ ଚାଞ୍ଚଲ୍ୟକର ଖବର ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଅନେକ ସମୟରେ କେବଳ ମିଛ ଖବର ପରିବେଷଣ କରାଯାଉଛି, ଯାହା ଫଳରେ ପରେ ସମ୍ବାଦପତ୍ରମାନେ ଦୁଃଖ ପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ କୁହାଯାଏ ସମ୍ବାଦପତ୍ର ହେଉଛନ୍ତି ଗଣତନ୍ତ୍ରର ଛାୟା ବିରୋଧୀ ଦଳ, କାରଣ ସେମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା ସହ ଲୋକଙ୍କ ପ୍ରସଙ୍ଗକୁ ଉତ୍ଥାପନ କରିଥାନ୍ତି, ଯାହା କରିବା ଉଚିତ। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଯେ ଆଜିକାଲି ସମାଲୋଚନା କମ, କୁତ୍ସାରଟନା ଅଧିକ ହେଉଛି। ଏହି ସମାଲୋଚନା ଏଜେଣ୍ଡାର ରୂପ ନେଉଛି। ତେଣୁ ପୂର୍ବାପେକ୍ଷା ଗଣମାଧ୍ୟମର ବିଶ୍ୱସନୀୟତା ଯଥେଷ୍ଟ କମ୍ ହୋଇଯାଇଛି। ସମ୍ବାଦପତ୍ରକୁ ଯଥାର୍ଥରେ କୁହାଯାଏ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ମଜବୁତ ସେତୁ ଭାବେ ସମ୍ବାଦପତ୍ର କାର୍ଯ୍ୟ କରିଥାଏ। ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହ ତୃଣମୂଳ ସ୍ତରର ସମସ୍ୟା, ଜନସାଧାରଣଙ୍କ ଦାବି ଓ ଅଭିଯୋଗକୁ ସରକାରଙ୍କ ଦୃଷ୍ଟିକୁ ଆଣିବାରେ 'ସମାଜ' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

■ ନୟାପଲ୍ଲୀ ଦୁଷ୍କର୍ମ ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କ ୨ ସହଯୋଗୀ ଗିରଫ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଥିବା ନୟାପଲ୍ଲୀ ଦୁଷ୍କର୍ମ ମାମଲାରେ ପୁଲିସକୁ ମିଳିଛି ଆଉ ଏକ ବଡ଼ ସଫଳତା। ଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ଶ୍ରୀଧର ପଣ୍ଡାର ଦୁଇ ସହଯୋଗୀଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ହୋଇଥିବା ଦୁଇ ସହଯୋଗୀ ଚକେଇସିଆଣି ଅଞ୍ଚଳର ବୋଲି ଜଣାପଡ଼ିଛି। ଏପଟେ ଅଭିଯୁକ୍ତ ଶ୍ରୀଧର ପଣ୍ଡାର ଡାକ୍ତରୀ ମାଇନା ପରେ ତାକୁ ଜେଲ ପଠାଯାଇଛି। ଡାକ୍ତରୀ ମାଇନା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଅଭିଯୁକ୍ତକୁ ଧରି ପହଞ୍ଚିଥିଲା ନୟାପଲ୍ଲୀ ଥାନା ପୁଲିସ। କମିଶନରେଟ ପୁଲିସ ଅଭିଯୁକ୍ତ ଶ୍ରୀଧର ପଣ୍ଡା ଓରଫ ସନ୍ତୋଷକୁ ଗତକାଲି ଏନକାଉଣ୍ଟର କରିଥିଲା। ଡାହାଣ ଗୋଡ଼ରେ ଗୁଳି ଛୁଇଁ ବାହାରିଯାଇଥିଲା। ଆହତ ଅବସ୍ଥାରେ ଅଭିଯୁକ୍ତକୁ କାବୁ କରିଥିଲା ପୁଲିସ। ସୂଚନା ଅନୁଯାୟୀ, ଶ୍ରୀଧର ପଣ୍ଡାର ଘର ଗଞ୍ଜାମ ଅଞ୍ଚଳରେ। ସେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଛି। ତା' ନାଁରେ ତମାଣ୍ଡୋ ଓ ଖଣ୍ଡଗିରି ଥାନାରେ ମୋବାଇଲ ଚୋରି ମାମଲା ରହିଛି। ସେ ଜେଲ ଯାଇ ଜାମିନ୍‌ରେ ଆସିଥିଲା।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ**

ଧର୍ମଗଡ଼,୪।୧୦(ସଂଚାର ବ୍ୟୁରୋ): ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ। ତେବେ ତାଙ୍କ ବାପ ଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ଜଣେ ବିବାହିତା ମହିଳାଙ୍କ ମୃତଦେହ ଘର ଭିତରୁ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣଙ୍କ ହେଉଛନ୍ତି ଦୀପାଞ୍ଜଳି ନିମୁନିଆ। ଘର ଭିତରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଏହା ଆତ୍ମହତ୍ୟା ନୁହେଁ, ବରଂ ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବା ସକାଶେ ଟାଙ୍ଗି ଦିଆଯାଇଥିବା ବାପଘର ଲୋକେ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ନେଇ କଳମପୁର ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

■ ବ୍ରହ୍ମଗିରିରେ ଗୁଳିକାଣ୍ଡ

## ଯୁବକ ଗୁରୁତର, ହସ୍ପିଟାଲରେ ଭର୍ତ୍ତି




ପୁରୀ,୪।୧୦(ସଂଚାର ବ୍ୟୁରୋ): ପାର୍ବଣ ଋତୁରେ ବ୍ରହ୍ମଗିରିରେ ଗୁଳିକାଣ୍ଡକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। କାଳିକାବାଡ଼ି ଅଞ୍ଚଳରେ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଯୁବକ ଜଣଙ୍କ ହେଲେ ତୋଫାନ କୁମାର ପାହାଳ। ତାଙ୍କ ପେଟରେ ଗୁଳି ବାଜିଥିବା ବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପୁରୀ ହସ୍ପିଟାଲକୁ ନିଆଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଚାଲିଛି ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଏହି ଗୁଳିକାଣ୍ଡ ଘଟିଲା ଓ କିଏ ତୋଫାନଙ୍କୁ ଗୁଳି କଲା, ସେନେଇ ଏବେ ସୁଦ୍ଧା ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଗୁଳିମାଡ଼ ପଛରେ କୌଣସି ପୁରୁଣା ଶତ୍ରୁତା, ବ୍ୟକ୍ତିଗତ ବିବାଦ ନା ଅନ୍ୟ କୌଣସି କାରଣ ରହିଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଗୁଳିକାଣ୍ଡର ପ୍ରକୃତ କାରଣ ଖୋଜିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ପୁଲିସ ଖୋଳତାଡ଼ ଜାରି ରଖିଛି। ପାର୍ବଣ ସମୟରେ ବ୍ରହ୍ମଗିରିରେ ଘଟିଥିବା ଏହି ଗୁଳିକାଣ୍ଡକୁ ନେଇ ଅଞ୍ଚଳରେ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

## ଦୁଇ ଛାତ୍ରୀଙ୍କୁ ଅସଦାଚରଣ, ସ୍କୁଲ କିରାଣୀ ଗିରଫ

ଟେନ୍‌ସା,୪।୧୦(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍‌ର କେ. ବଲାଙ୍ଗ ଥାନା ଜାମୁଡ଼ି ପଞ୍ଚାୟତର ଏକ ହାଇସ୍କୁଲରେ ୨ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ କିରାଣୀଙ୍କୁ ଗିରଫ କରାଯାଇ ଗତକାଲି ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଜିତେନ୍ଦ୍ର କୁମାର ଉଦାଲ। ଏନେଇ ପୁଲିସ ଏକ ମାମଲା (ନଂ. ୨୨୪/୨୦୨୬) ଓ ପୋକ୍‌ସୋ ଆକ୍ଟରେ ଅନ୍ୟ ଏକ ମାମଲା (ନଂ. ୮/୧୨) ରୁଜୁ କରିଛି। ମିଳିଥିବା ସୂଚନାନୁଯାୟୀ, ବିଦ୍ୟାଳୟର ଗଣେଶ ପୂଜା ଭସାଣି ସରିବା ପରେ କିରାଣୀ ଶ୍ରୀ ଉଦାଲ ୨ ଛାତ୍ରୀଙ୍କୁ ଅଟକ ରଖି ତାଙ୍କ ସହ ଅସଦାଚରଣ କରିଥିଲେ। ଛାତ୍ରୀଦ୍ୱୟ ଲୋକଲଜ୍ଜାକୁ ଡରି କାହାରିକୁ କିଛି ନ କହି ଚୁପ୍‌ଚାପ ରହିଯାଇଥିଲେ। ହେଲେ ଜିତେନ୍ଦ୍ର ପୁଣି ସାହସ ପାଇ ଉକ୍ତ ୨ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ୨ ଜଣ ଘରକୁ ଯାଇ ସମସ୍ତ ଘଟଣା ପ୍ରକାଶ କରିବା ପରେ ଅଭିଭାବକମାନେ ଶୁକ୍ରବାର କେ. ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଗିରଫ କରିଛି।

# ପୁରୀ କୋଷ୍ଟାଲ୍ ମାରାଥନ୍ ୨୦୨୬ | କ୍ରୀଡ଼ା, ଐତିହ୍ୟ ଓ ପର୍ଯ୍ୟଟନର ସଙ୍ଗମ

**୧ କୋଟିର ପୁରସ୍କାର ରାଶି**




ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ କ୍ରୀଡ଼ା, ଐତିହ୍ୟ ଓ ପର୍ଯ୍ୟଟନର ବାର୍ତ୍ତା ନେଇ ଆସନ୍ତା ଡିସେମ୍ବର ୧୩ ତାରିଖରେ ପୁରୀଠାରେ ଆୟୋଜିତ ହେବ 'ଓଏମ୍‌ସି ପୁରୀ କୋଷ୍ଟାଲ୍ ମାରାଥନ୍ ୨୦୨୬'। ଏହି ମାରାଥନ୍ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱରରେ ଏକ ବିଶେଷ 'ପ୍ରୋମୋ ରନ୍' ଆୟୋଜିତ ହୋଇଛି, ଯେଉଁଥିରେ ବହୁସଂଖ୍ୟାରେ କ୍ରୀଡ଼ାପ୍ରେମୀ, ସ୍ଥାନୀୟ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ।

ଏହି ମାରାଥନ୍ ପାଇଁ ମୋଟ ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଭାରତର ଏହା ଏକମାତ୍ର ମାରାଥନ୍, ଯେଉଁଥିରେ ଧାବକମାନେ ଉଭୟ ସମୁଦ୍ରକୂଳ ବାଲି ଓ ରାସ୍ତାରେ ଦୌଡ଼ିବାର ଅନୁଭୂତି ପାଇବେ। ମୂଳ ଇଭେଣ୍ଟ ପାଇଁ ଅଦ୍ୟାବଧି ୨,୦୦୦ରୁ ଅଧିକ ପଞ୍ଜୀକରଣ ହୋଇସାରିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମକୁ କହିଛନ୍ତି ଯେ ଏହି ମାରାଥନ୍ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ଓଡ଼ିଶାର ଯୁବପିଢ଼ିଙ୍କୁ ଫିଟ୍‌ନେସ୍ ପ୍ରତି ଆକୃଷ୍ଟ କରିବା। ଦୌଡ଼ିବା ବ୍ୟତୀତ ଏହା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଓ ଜୀବିକାର ନୂଆ ସୁଯୋଗ ସୃଷ୍ଟି କରିବ। ଓଡ଼ିଶାକୁ ଆଡଭେଞ୍ଚର ଟୁରିଜମ୍, ୱାଟର ସ୍ପୋର୍ଟସ୍ ଓ ହଟ୍ ଏୟାର ବେଲୁନିଂ ଭଳି କାର୍ଯ୍ୟକ୍ରମର ପେଣ୍ଠସ୍ଥଳୀ ଭାବେ ଗଢ଼ିତୋଳାଯାଉଛି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ-ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ବିଶେଷ କର୍ଟେନ୍-ରେଜର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାରାଥନ୍‌ର ଅଫିସିଆଲ୍ ଜର୍ସି, ମେଡାଲ୍‌ର ଡିଜାଇନ୍ ଓ ପ୍ରୋମୋ ଭିଡିଓ ଉନ୍ମୋଚିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ସଦାସର୍ବଦା କ୍ରୀଡ଼ାର ଶକ୍ତିରେ ବିଶ୍ୱାସ କରିଆସିଛି। ଏହି ମାରାଥନ୍ ମାଧ୍ୟମରେ ଆମେ କ୍ରୀଡ଼ା ଏବଂ ସୁସ୍ଥ ଜୀବନଶୈଳୀକୁ ଆହୁରି ବ୍ୟାପକ କରିବାକୁ ଚାହୁଁଛୁ। କାର୍ଯ୍ୟକ୍ରମରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ କପିଲ୍ ଦେବ ଯୋଗଦେଇ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଭିତ୍ତିଭୂମି ଓ ହକି ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଖେଳାଳିଙ୍କ ପାଇଁ ଦୌଡ଼ିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଓଡ଼ିଶା ପର୍ଯ୍ୟଟନ ସହ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ।

## ଆଚାର୍ଯ୍ୟ ବିହାର ମହିଳା ସମିତି ଓ ମ୍ୟାକ୍ସ କଳିଙ୍ଗ ହସ୍ପିଟାଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଆଜି ଆଚାର୍ଯ୍ୟ ବିହାରର ଆଚାର୍ଯ୍ୟ ବିହାର ମହିଳା ସମିତି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମ୍ୟାକ୍ସ କଳିଙ୍ଗ ହସ୍ପିଟାଲର ବିଶେଷ ସହଯୋଗରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ପାଖାପାଖି ୧୫୦ ଲୋକ ଅଂଶଗ୍ରହଣ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମ୍ୟାକ୍ସ କଳିଙ୍ଗ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଔଷଧ, ସ୍ତ୍ରୀ ଓ ପ୍ରସୂତି ରୋଗ ଓ ଫୁସ୍‌ଫୁସ୍ ରୋଗ ବିଭାଗରେ ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମରେ ବିଜେପିର ନେତା ଜଗନ୍ନାଥ ପ୍ରଧାନ, ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ୱାର୍ଡ ୨୮ର କର୍ପୋରେଟର୍ ଝରଣାରାଣୀ ପତି, ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆଚାର୍ଯ୍ୟ ବିହାର ମହିଳା ସମିତିର ସଭାନେତ୍ରୀ ଓ ସମ୍ପାଦିକା ପୂଜାରିଣୀ ମହାନ୍ତି ଏବଂ ବବିତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଜୟ ଓଡ଼ିଶାର ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଏହି ଶିବିରଟି ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ମଧ୍ୟ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହିଳା ସମିତି ପକ୍ଷରୁ ଏହିଭଳି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଜାରି ରହିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

# ସପ୍ତମ ଓଡ଼ିଶା ଟ୍ରାଭେଲ୍ ବଜାରର ସଫଳ ଆରମ୍ଭ

■ ପର୍ଯ୍ୟଟନ ବିକାଶକୁ ନୂତନ ଉଚ୍ଚତାକୁ ନେବାରେ ମାଇଲଖୁଣ୍ଟ ହେବ: ଦିଲୀପ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ଖାଦ୍ୟ, ବୋଇତ ବନ୍ଦାଣର ସ୍ମୃତି ଏବଂ ମନୋରମ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବା ସହ ରାଜ୍ୟକୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲକ୍ଷ୍ୟରେ ଗତକାଲି ଶୁଭାରମ୍ଭ ହୋଇଥିବା '୭ମ ଓଡ଼ିଶା ଟ୍ରାଭେଲ୍ ବଜାର ୨୦୨୬' ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି।

ଏହି ଅନ୍ତର୍ଜାତୀୟ ସ୍ତରର ମଞ୍ଚ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଛି। ଦେଶ ଓ ବିଦେଶରୁ ଆସିଥିବା ନାମୀଦାମୀ ଟ୍ରାଭେଲ୍ ଅପରେଟର, ପୁଞ୍ଜିନିବେଶକ ଓ ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞମାନଙ୍କୁ ଏକାଠି କରିବାରେ ଏହି ଆୟୋଜନ ଅତ୍ୟନ୍ତ ସଫଳ ହୋଇଛି। ଓଡ଼ିଶାର ନଦୀ, ସମୁଦ୍ର, ଜଙ୍ଗଲ, ବନ୍ୟପ୍ରାଣୀ, ଆଧ୍ୟାତ୍ମିକ ପୀଠ ଓ ଜନଜାତି ସଂସ୍କୃତିକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ପ୍ରଶଂସନୀୟ। ଏହି ଟ୍ରାଭେଲ୍ ବଜାର ମାଧ୍ୟମରେ ହୋଟେଲ୍, ହୋମ୍-ଷ୍ଟେ, ଇକୋ-ଟୁରିଜମ୍ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଛି। ଏହାଦ୍ୱାରା ରାଜ୍ୟର ସ୍ଥାନୀୟ ଯୁବକଯୁବତୀମାନଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନୂତନ ନିଯୁକ୍ତି ଓ ସ୍ୱାବଲମ୍ବନର ପନ୍ଥା ଫିଟିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ବିଜେପି ସରକାରଙ୍କ ନୀତିଗତ ନିଷ୍ପତ୍ତି ଯୋଗୁଁ ଓଡ଼ିଶା ଆଜି ଦେଶର ଅନ୍ୟତମ ପ୍ରମୁଖ 'ଟୁରିଜମ୍ ହବ୍' ଭାବେ ଗଢ଼ିଉଠୁଛି। ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୫୫୦୦ ଏକର ପରିମିତ ଏକ ବିଶାଳ ଲ୍ୟାଣ୍ଡ ବ୍ୟାଙ୍କକୁ ରାଜ୍ୟ ସରକାର ମଞ୍ଜୁର ପ୍ରଦାନ କରିଛନ୍ତି। ସେହିଭଳି ରାଜ୍ୟରେ ଗୁଣାତ୍ମକ ମୌଳିକ ଭିତ୍ତିଭୂମିର ବିକାଶ ତଥା ହୋଟେଲ ନିର୍ମାଣ ନିମନ୍ତେ ୨୦୨୬ରୁ ୨୦୩୧ ମଧ୍ୟରେ ୧୫୦୦ କୋଟି ଟଙ୍କାର ବଜେଟ୍‌କୁ ମଧ୍ୟ ମଞ୍ଜୁର ପ୍ରଦାନ କରିଛନ୍ତି। ରାଜ୍ୟକୁ ଆସୁଥିବା ଅତିଥିଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଟୁରିଷ୍ଟ ପୁଲିସ ବ୍ୟବସ୍ଥା ଆରମ୍ଭ କରିବେ ରାଜ୍ୟ ସରକାର। ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ନୂତନ ଉଚ୍ଚତାକୁ ନେବା ଓ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**'ଦମନ'ରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ କଡ଼ା ପଦକ୍ଷେପ**

## ୧,୪୪୮ ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ, ୧,୭୦୭ ଅବକାରୀ ମାମଲା

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ସହ ବେଆଇନ ନିଶାଦ୍ରବ୍ୟ ଓ ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ଡିଜିପି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ, କମିଶନରେଟ ପୁଲିସ, ରେଳବାଇ ପୁଲିସ ଓ ଅନ୍ୟାନ୍ୟ ପୁଲିସ ୟୁନିଟ୍‌ଗୁଡ଼ିକର ମିଳିତ ସମନ୍ୱୟରେ ଗତ ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧,୪୪୮ଟି ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ବିଏନଏସଏସ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇଛି। ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି ଏନଡିପିଏସ ମାମଲା ରୁଜୁ କରାଯାଇ ୧୦୯ ଜଣଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଜବତ ହୋଇଛି। ଏଥିସହ ୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା ବେଳେ ୩୯୪.୬୪୫ ଗ୍ରାମ୍ ବ୍ରାଉନ୍‌ସୁଗର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ କରାଯାଇଛି।

ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ କରାଯାଇ ୧୪୦ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନରେ ୧୦,୨୯୮.୨୪ ଲିଟର ଚୋରା ଦେଶୀ ମଦ, ୨,୯୨୨.୪୦୯ ଲିଟର ବିଦେଶୀ ମଦ, ୧,୦୯୨.୫୪ ଲିଟର ଆସ୍କା-୪୦ ଜବତ କରାଯାଇଛି। ଏଥିସହ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି। ଏହା ଭିନ୍ନ ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ କରାଯାଇ ୬୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪,୩୬,୦୮୬ ଟଙ୍କା ଜବତ ହୋଇଛି। ସେହିପରି ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ୧୦,୫୨୦ ଟଙ୍କା ଜବତ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ବିରୋଧରେ ୬ଟି ମାମଲା ରୁଜୁ କରାଯାଇଛି। ଏଥିରେ ୫ଟି ବନ୍ଧୁକ, ଗୋଟିଏ ରିଭଲଭର, ୪ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍, ୨ଟି ଖାଲି କ୍ୟାଟ୍ରିଜ୍, ୨.୫ କେଜି ବାରୁଦ ଓ ୨ଟି ଖଣ୍ଡା ଜବତ ହୋଇଛି। ସଙ୍ଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି। ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ ନଜର ରଖିବା ସହ ବେଆଇନ ନିଶାଦ୍ରବ୍ୟ, ମଦ, ଅସ୍ତ୍ର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ଚାଲାଣ ରୋକିବା ପାଇଁ ରାଜ୍ୟରେ ୧,୮୩୦ଟି ବ୍ଲକିଂ ଓ ବର୍ଡର ସିଲିଂ ଅପରେସନ୍ କରାଯାଇଥିଲା।

**ମହାନତା ଦେଖାଇଲେ ଦୁଇ ହୋମ୍‌ଗାର୍ଡ**

## ଆହତ ବ୍ୟକ୍ତିଙ୍କୁ ମେଡିକାଲରେ ପହଞ୍ଚାଇଲେ



ମୋହନା,୪।୧୦(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ଅନ୍ତରବା ଛକ ନିକଟରେ ପିକଅପ୍ ଓ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୩ ଜଣ ଆହତ ହୋଇଥିଲେ। ଶନିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଖବର ପାଇବା ପରେ ଅଡ଼ବା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲା। ଏହି ସମୟରେ ଅଡ଼ବା ଥାନାରେ କାର୍ଯ୍ୟରତ ଥିବା ହୋମଗାର୍ଡ ସ୍ୱରାଗ୍ନିତା ମିଶାଲ ଓ ମନୋଜ କୁମାର ଶବର ଆହତଙ୍କୁ ତୁରନ୍ତ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦୁର୍ଘଟଣାର ଶିକାର ହୋଇ ଆହତଙ୍କ ଜୀବନ ରକ୍ଷା ଓ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରି ଏହି ଦୁଇ ହୋମ୍‌ଗାର୍ଡ ସେମାନଙ୍କର ସାହାସିକତା ଦେଖାଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଜରୁରୀ ସମୟରେ ପୁଲିସର ଏଭଳି ମାନବିକତା ସାଧାରଣ ଲୋକଙ୍କ ନିକଟରେ ଏକ ନୂତନ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି।

## ହିନ୍ଦ ମଜଦୁର ସଭା ରାଜ୍ୟ ସଭାପତିଙ୍କୁ ସ୍ୱାଗତ




କେନ୍ଦୁଝର,୪।୧୦(ସଂଚାର ବ୍ୟୁରୋ): ଆଜି ହିନ୍ଦ ମଜଦୁର ସଭା ଓଡ଼ିଶା ରାଜ୍ୟ ପରିଷଦର ନବନିର୍ବାଚିତ ରାଜ୍ୟ ସଭାପତି କମ୍ରେଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କର କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିଲେ। କେନ୍ଦୁଝର ରେଳ ଷ୍ଟେସନରେ ପହଞ୍ଚିବା ପରେ ହିନ୍ଦ ମଜଦୁର ସଭା ଓଡ଼ିଶା ରାଜ୍ୟ ସମ୍ପାଦକ ସତ୍ୟନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହି ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କେନ୍ଦୁଝରର ପୂର୍ବତନ ଲୋକସଭା ସଦସ୍ୟ ଗୋବିନ୍ଦ ମୁଣ୍ଡାଙ୍କ ପୁତ୍ର ଯୁବନେତା ଲିଙ୍ଗରାଜ ମୁଣ୍ଡା ଆନୁଷ୍ଠାନିକ ଭାବେ ହିନ୍ଦ ମଜଦୁର ସଭାରେ ଯୋଗଦାନ କରିଥିଲେ। ଯୋଗଦାନ ଅବସରରେ ଶ୍ରୀ ମୁଣ୍ଡା କହିଥିଲେ ଯେ ସେ ହିନ୍ଦ ମଜଦୁର ସଭା ସଂଗଠନକୁ କେନ୍ଦୁଝର ଜିଲ୍ଲା ତଥା ସମଗ୍ର ରାଜ୍ୟରେ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବେ।

ପରେ ରାଜ୍ୟ ସଭାପତି କମ୍ରେଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦୁଝର ଜିଲ୍ଲା ସର୍କିଟ ହାଉସରେ ଆୟୋଜିତ ଏକ କର୍ମୀ ବୈଠକରେ ଉପସ୍ଥିତ ନେତୃବୃନ୍ଦଙ୍କୁ ସମ୍ବୋଧିତ କରିଥିଲେ। ଉପସ୍ଥିତ ନେତୃବୃନ୍ଦ ଯଥା ଗିରିଧାରୀ ନାୟକ, ହୃଷୀକେଶ ଜେନା, ରମେଶ ବେହେରା, ନିରୁପମା ମହାନ୍ତ, ମଦନ ସେଠୀ, ଅଚ୍ୟୁତ ପ୍ରଧାନ, କୁଞ୍ଜ ବିହାରୀ ନାୟକ, ଧରଣୀ ନାୟକ ଓ ଯୁବ ନେତା ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକ, କୃଷକ ଓ କର୍ମଜୀବୀମାନଙ୍କ ଉପରେ ହେଉଥିବା ନୀତିଗତ ଚାପ ଓ ଆକ୍ରମଣ, ଏହା ବିରୋଧରେ ହିନ୍ଦ ମଜଦୁର ସଭାର ଭୂମିକା ଓ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲି। ବିଶେଷକରି ଖଣି ଶିଳ୍ପ ଉପରେ ନିର୍ଭରଶୀଳ କେନ୍ଦୁଝର ଜିଲ୍ଲାରେ ଏମ୍‌ଏମ୍‌ଡିଆର୍ ଆଇନର ସଂଶୋଧନର ପ୍ରଭାବ ଖଣି କ୍ଷେତ୍ରର ଶ୍ରମିକ, ରୋଜଗାର ଓ ଶ୍ରମିକ ଅଧିକାର ଉପରେ କିପରି ପଡ଼ିପାରେ, ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

**ପିଙ୍କ୍ ବୁଥ୍‌ରୁ ପିଙ୍କ୍ ଭଲ୍ୟୁଣ୍ଟର**

# ମହିଳା ସଶକ୍ତିକରଣ ଥିମ୍‌ରେ ଝାରପଡ଼ା ପୂଜା ପେଣ୍ଡାଲ




■ ଜଗଜ୍ଜନନୀ ମନ୍ଦିର ତୋରଣରେ ଦର୍ଶନ ଦେବେ ମା' ଜଗଦମ୍ବା

■ ଯୋଗଦେବେ ସୁପରଷ୍ଟାର ଗୋବିନ୍ଦା, ଇଣ୍ଡିଆନ୍ ଆଇଡଲ୍ ଜ୍ୟୋତିର୍ମୟୀ

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଶାରଦୀୟ ଦୁର୍ଗାପୂଜାରେ ଏଥର ଝାରପଡ଼ା ପୂଜା ମଣ୍ଡପ ଦେବ ମହିଳା ସଶକ୍ତିକରଣ ବାର୍ତ୍ତା। ଚଳିତ ବର୍ଷ କିଛି ନୂଆ ଓ ଆକର୍ଷଣୀୟ ପୂଜା ପାଇଁ ଯୋଜନା କରିଛି ପୂଜା ସମିତି। ମହିଳା ସଶକ୍ତିକରଣ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ପିଙ୍କ୍ ବୁଥ, ପିଙ୍କ୍ ଅଟୋ ଭଳି ଏହି ପେଣ୍ଡାଲରେ ଶାନ୍ତିଶୃଙ୍ଖଳା ଦାୟିତ୍ୱ ସମ୍ଭାଳିବେ ୧୦୦ ଜଣ ପିଙ୍କ ଭଲ୍ୟୁଣ୍ଟିୟର। ଝାରପଡ଼ା ମେଳଣ ପଡ଼ିଆରେ ଏସି ପେଣ୍ଡାଲରେ ପୂଜା ପାଇବେ ମା' ଦୁର୍ଗତିନାଶିନୀ। ସେହିପରି ସୁନେଲି ତାରକସି ମେଢ଼ ମଧ୍ୟ ଶ୍ରଦ୍ଧାଳୁଙ୍କ ମନ ମୋହିବ। ରୀତିନୀତିରେ ପୂଜା, ମହିଳା ସଶକ୍ତିକରଣ ବାର୍ତ୍ତା, ସାଜସଜ୍ଜା ଏବଂ ପ୍ରସାଦ ସହ ଏଥର ଦମଦାର ସାଂସ୍କୃତି କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ। ଦୀର୍ଘ ୧୫ ବର୍ଷ ଧରି ମା ଦୁର୍ଗାଙ୍କ ପୂଜା ଶାନ୍ତିଶୃଙ୍ଖଳା ଓ ବିଧି ମୁତାବକ ସମ୍ପନ୍ନ କରି ରାଜ୍ୟ ଓ ଦେଶରେ ଆମ ଅନୁଷ୍ଠାନ ଆଦୃତି ଲାଭ କରିଛି ଝାରପଡ଼ା ପୂଜା କମିଟି। ଝାରପଡ଼ା ଅଞ୍ଚଳର ଐତିହ୍ୟ, ପରମ୍ପରା, ଭକ୍ତି ଓ ସାଂସ୍କୃତିକ ଚେତନାକୁ ଆହୁରି ସମୃଦ୍ଧ କରିବା ଲକ୍ଷ୍ୟରେ ଝାରପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୧୬ତମ ଦୁର୍ଗାପୂଜା ମହୋତ୍ସବ ଆୟୋଜନକୁ ନେଇ ଗ୍ରାମ ମେଳଣ ପଡ଼ିଆସ୍ଥିତ ପୂଜା ମଣ୍ଡପରେ ପୂଜା କମିଟିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ପୂଜା ସମ୍ପର୍କିତ ସମସ୍ତ ବିବରଣୀ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମଧ୍ୟ କିଛି ନୂଆଁ ଓ ଅଧିକ ଆକର୍ଷଣୀୟ ପାଇଁ ଝାରପଡା ମେଳଣ ପଡିଆରେ ୧୦୦ ଫୁଟ୍ ଲମ୍ବ ଓ ୧୩୦ ଫୁଟ୍ ଓସାର ତୋରଣରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ମା'। ଏହି ତୋରଣକୁ ଝାରପଡ଼ା ଦୁର୍ଗାପୂଜା ସମିତିର ସଭାପତି ପ୍ରଭାତ ମାଝୀ, ସମ୍ପାଦକ ସୁରେଶ ଚନ୍ଦ୍ର ଜେନା ସମ୍ପାଦକ ପ୍ରକାଶ ସାମନ୍ତରାୟ, ଉପସଭାପତି ସୁନୀଲ ଜେନା ଉନ୍ମୋଚନ କରିଥିଲେ। ଏହି ତୋରଣଟି କାଳ୍ପନିକ ଭାବରେ ଜଗଜ୍ଜନନୀ ମନ୍ଦିର ନାମରେ ନାମିତ କରାଯାଇ ମା' ଦୁର୍ଗାଙ୍କୁ ଆବାହନ କରାଯିବ। ଏଥିସହ ମା'ଙ୍କ ଦର୍ଶନ ପାଇଁ ସମ୍ପୂର୍ଣ୍ଣ ପୂଜା ପେଣ୍ଡାଲ ଆଭ୍ୟନ୍ତରଣ ଶୀତତାପ ନିୟନ୍ତ୍ରିତ ହେବାର ବ୍ୟବସ୍ଥା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଷଷ୍ଠୀରେ ବେଲ୍ଲ ବରଣୀ କରାଯାଇ ସପ୍ତମୀ ଅଷ୍ଟମୀ ନବମୀ ଓ ବିଜୟା ଦଶମୀ ପର୍ଯ୍ୟନ୍ତ ବୈଦିକ ରୀତିନୀତି ଓ ପରମ୍ପରା ଅନୁସାରେ ମା'ଙ୍କ ପୂଜା ସମ୍ପନ୍ନ ହେବ। ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ, ସଙ୍ଗୀତ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ଥାନୀୟ କଳାକାରଙ୍କ ସହ ପ୍ରତିଷ୍ଠିତ କଳାକାରମାନଙ୍କୁ ମଧ୍ୟ ସୁଯୋଗ ଦିଆଯିବ। ୧୬ ତାରିଖରେ ଓଡ଼ିଶାର ଲୋକପ୍ରିୟ ଭଜନ ଗାୟକ ରବୀନ୍ଦ୍ର ମହାପାତ୍ର ଓ ମାନସୀ ପତ୍ର ଭଜନ ପରିବେଷଣ କରିବେ। ୧୭ ଷଷ୍ଠୀରେ ଅସୀମା ପଣ୍ଡା ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିବେ। ୧୮ରେ ବଲିଉଡ ଗାୟକ ବିନୋଦ ରାଠୋଡ ଓ ତାଙ୍କ ଗ୍ରୁପ୍ ସହ ୧୯ରେ ଓଡ଼ିଶା ସଙ୍ଗୀତ ଜଗତର ଗାୟକ ମଣ୍ଟୁ ଛୁରିଆ ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିବେ। ୨୦ରେ ଇଣ୍ଡିଆନ୍ ଆଇଡଲ ଜ୍ୟୋତିର୍ମୟୀ ନାଏକ, ୨୧ରେ ବଲିଉଡ ସୁପରଷ୍ଟାର୍ ଗୋବିନ୍ଦା ଓ ଗାୟକ ବିଷ୍ଣୁ ମୋହନ କବି ଯୋଗଦେବେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୫ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Monday 5 October 2026, Bhubaneswar

# ସତ୍ୟ ଓ ସରଳତାର ପ୍ରତୀକ

ଅକ୍ଟୋବର ୨ ତାରିଖ ଭାରତର ଇତିହାସରେ ଏକ ବିଶେଷ ଦିନ। ଏହି ଦିନ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିବସ ସହିତ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିବସ ମଧ ପାଳିତ ହୁଏ। ଯଦିଓ ତାଙ୍କ ମୃତ୍ୟୁ ଜାନୁଆରୀ ୧୧ ତାରିଖରେ ତାଶକେଣ୍ଟରେ ହୋଇଥିଲା, ତଥାପି ଏହି ଦିନ ତାଙ୍କ ଜୀବନ, ଆଦର୍ଶ ଓ ଅଜ୍ଞାତ ତଥ୍ୟଗୁଡ଼ିକୁ ସ୍ମରଣ କରିବାର ଏକ ଉପଯୁକ୍ତ ଅବସର। ଶାସ୍ତ୍ରୀ ଜୀ କେବଳ ଜଣେ ରାଜନେତା ନଥିଲେ; ସେ ଥିଲେ ସରଳତା, ନୈତିକତା ଓ ଦେଶପ୍ରେମର ଜୀବନ୍ତ ପ୍ରତୀକ। ତାଙ୍କ ବିଷୟରେ କିଛି କମ ଜଣାଶୁଣା ତଥ୍ୟ ଆଜି ଆମକୁ ପ୍ରେରଣା ଦିଏ।



ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ନାମ ଥିଲା ଲାଲବାହାଦୁର ଶ୍ରୀବାସ୍ତବ। ଜାତିପ୍ରଥାର ବିରୋଧରେ ସେ ବାଲ୍ୟାବସ୍ଥାରେ ହିଁ ନିଜ ଉପନାମ ଛାଡ଼ିଦେଇଥିଲେ। ୧୯୨୫ ମସିହାରେ କାଶୀ ବିଦ୍ୟାପୀଠରୁ ସ୍ନାତକ ହେବା ପରେ ତାଙ୍କୁ 'ଶାସ୍ତ୍ରୀ' ଉପାଧି ମିଳିଥିଲା, ଯାହାର ଅର୍ଥ ଶାସ୍ତ୍ରଜ୍ଞ ବା ବିଦ୍ୱାନ। ଏହି ଉପାଧି ହିଁ ତାଙ୍କ ନାମର ଅଂଶ ହୋଇଗଲା। ଶିଶୁ କାଳରେ ତାଙ୍କୁ ପରିବାର ଲୋକେ 'ନନ୍ହେ' ବୋଲି ଡାକୁଥିଲେ। ଗରିବୀ ଯୋଗୁଁ ସେ ବିଦ୍ୟାଳୟ ଯିବା ପାଇଁ ନୌକା ଭଡ଼ା ଦେଇ ପାରୁନଥିଲେ। ତେଣୁ ମୁଣ୍ଡରେ ବସ୍ତ୍ର ଓ ବ୍ୟାଗ ଧରି ଗଙ୍ଗା ନଦୀ ସନ୍ତରଣ କରି ପାର ହେଉଥିଲେ। ନଗ୍ନପାଦରେ ଅନେକ ମାଇଲ ଚାଲି ସେ ସ୍କୁଲ ଯାଉଥିଲେ। ଏହି ସଂଘର୍ଷ ତାଙ୍କ ଚରିତ୍ରକୁ ଗଢ଼ିଥିଲା।

ସ୍ୱାଧୀନତା ସଂଗ୍ରାମରେ ଶାସ୍ତ୍ରୀ ଜୀ ପ୍ରାୟ ନଅ ବର୍ଷ ଜେଲ କାଟିଥିଲେ। ମାତ୍ର ୧୭ ବର୍ଷ ବୟସରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ପ୍ରଥମେ ଜେଲ ଯାଇଥିଲେ। ଜେଲରେ ଥିବା ସମୟରେ ତାଙ୍କ ପତ୍ନୀ ଲଳିତା ଦେବୀ ଲୁଚେଇକି ଦୁଇଟି ଆମ୍ବ ଆଣିଥିଲେ। କିନ୍ତୁ ସେ ଏହାକୁ ଗ୍ରହଣ କରିନଥିଲେ। କାରଣ କଏଦୀମାନେ ବାହାରରୁ ଖାଦ୍ୟ ଖାଇବା ନିୟମ ବିରୁଦ୍ଧ। ଏହି ନୈତିକତା ତାଙ୍କ ଜୀବନର ପ୍ରତ୍ୟେକ ପଦକ୍ଷେପରେ ଦେଖାଯାଏ। ବିବାହରେ ସେ ଯୌତୁକ ଗ୍ରହଣ କରିନଥିଲେ। କେବଳ ଗୋଟିଏ ଚରଖା ଓ କିଛି ହାତବୁଣା ଖଦ୍ଦର କପଡ଼ା ନେଇଥିଲେ। ସ୍ୱାଧୀନତା ପରେ ଉତ୍ତର ପ୍ରଦେଶର ପୋଲିସ ଓ ଟ୍ରାନ୍ସପୋର୍ଟ ମନ୍ତ୍ରୀ ଭାବେ ସେ ପ୍ରଥମେ ମହିଳାମାନଙ୍କୁ ବସ କଣ୍ଡକ୍ଟର ନିଯୁକ୍ତି ଦେଇଥିଲେ। ଲାଠିଚାର୍ଜ ବଦଳରେ ପାଣିର ଧାରା ବ୍ୟବହାର କରି ଜନତାକୁ ବିଚ୍ଛିନ୍ନ କରିବାର ପ୍ରଥା ଆରମ୍ଭ କରିଥିଲେ। ରେଳ ମନ୍ତ୍ରୀ ଥିବା ସମୟରେ ଏକ ଭୟଙ୍କର ରେଳ ଦୁର୍ଘଟଣା ପରେ ସେ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇଥିଲେ। ଏହି କାର୍ଯ୍ୟ ତାଙ୍କୁ ଏକ ଆଦର୍ଶ ରାଜନେତା ଭାବେ ପ୍ରତିଷ୍ଠିତ କରିଥିଲା।

ପ୍ରଧାନମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳ ମାତ୍ର ୧୯ ମାସ ଥିଲା। କିନ୍ତୁ ଏହି ସମୟରେ ସେ ଭାରତକୁ ଅନେକ ସଙ୍କଟରୁ ରକ୍ଷା କରିଥିଲେ। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଖାଦ୍ୟାଭାବ ଦେଖାଦେଇଥିଲା। ସେ ଦେଶବାସୀଙ୍କୁ ସପ୍ତାହରେ ଗୋଟିଏ ଭୋଜନ ଛାଡ଼ିବାକୁ ଆହ୍ୱାନ ଦେଇଥିଲେ। ଲୋକେ ଏହାକୁ 'ଶାସ୍ତ୍ରୀ ବ୍ରତ' ବୋଲି କହିଲେ। ଏହି ସମୟରେ ହିଁ ତାଙ୍କ ମୁଖରୁ ବାହାରିଥିଲା ଅମର ସ୍ଲୋଗାନ -'ଜୟ ଜୱାନ, ଜୟ କିସାନ'। ସେ ଶ୍ୱେତ ବିପ୍ଳବକୁ ସମର୍ଥନ କରି ଆମୁଲ ଓ ଜାତୀୟ ଡେୟାରୀ ଡେଭଲପମେଣ୍ଟ ବୋର୍ଡ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସବୁଜ ବିପ୍ଳବର ମଧ ସେ ପ୍ରୋତ୍ସାହକ ଥିଲେ।

ତାଙ୍କ ସରଳତା ବିଷୟରେ ଅନେକ କାହାଣୀ ଅଛି। ପ୍ରଧାନମନ୍ତ୍ରୀ ଥିବା ସମୟରେ ପରିବାରର ଅନୁରୋଧରେ ଗୋଟିଏ ଫିଆଟ କାର କିଣିବାକୁ ଚାହିଁଥିଲେ। କିନ୍ତୁ ତାଙ୍କ ପାଖରେ ମାତ୍ର ୭ ହଜାର ଟଙ୍କା ଥିଲା। ୧୨ ହଜାର ଟଙ୍କାର କାର ପାଇଁ ସେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୫ ହଜାର ଟଙ୍କା ଋଣ ନେଇଥିଲେ। ତାଙ୍କ ମୃତ୍ୟୁ ପରେ ବିଧବା ଲଳିତା ଦେବୀ ନିଜ ପେନସନରୁ ଏହି ଋଣ ପରିଶୋଧ କରିଥିଲେ। ତାଙ୍କ ପୁତ୍ରଙ୍କୁ ଅନୁଚିତ ପଦୋନ୍ନତି ମିଳିବା ପରେ ସେ ତାହାକୁ ବାତିଲ କରିଦେଇଥିଲେ। ସରକାରୀ ଗାଡ଼ି ବ୍ୟକ୍ତିଗତ କାମରେ ବ୍ୟବହୃତ ହେଲେ ତା'ର ଖର୍ଚ୍ଚ ନିଜେ ଜମା କରୁଥିଲେ।

ଶାସ୍ତ୍ରୀ ଜୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ବିଦେଶରେ ମୃତ୍ୟୁବରଣ କରିଥିଲେ। ତାଶକେଣ୍ଟ ଘୋଷଣା ସ୍ୱାକ୍ଷର କରିବାର ପରଦିନ ତାଙ୍କ ହୃଦୟାଘାତରେ ମୃତ୍ୟୁ ହୋଇଥିଲା। ତାଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯାଇଥିଲା। ଆଜି ଯେତେବେଳେ ରାଜନୀତିରେ ଭ୍ରଷ୍ଟାଚାର ଓ ଆତ୍ମସ୍ୱାର୍ଥର କଥା ଉଠେ, ସେତେବେଳେ ଶାସ୍ତ୍ରୀଙ୍କ ଜୀବନ ଆମକୁ ମନେପକାଏ ଯେ ସତ୍ୟ, ସରଳତା ଓ ଦାୟିତ୍ୱବୋଧ ହିଁ ପ୍ରକୃତ ନେତୃତ୍ୱର ମୂଳମନ୍ତ୍ର। ତାଙ୍କ ସ୍ମୃତିରେ ଆମେ ଦେଶକୁ ସମର୍ପିତ ହେବା ଉଚିତ। ଜୟ ଜୱାନ, ଜୟ କିସାନ - ଏହି ସ୍ଲୋଗାନ ଆଜି ମଧ ଯୁଗୋପଯୋଗୀ।

# ମହତାବ ଯୁଗ ଶେଷ

ସୌର ଚନ୍ଦ୍ର ମହାପାତ୍ର



କଟକ ପୂଜାରେ ମହତାବର ବ୍ୟବହାର କାହିଁ କେଉଁ ଆବହମାନ କାଳରୁ ଜଡ଼ିତ ରହିଛି। ସମୟାନୁକ୍ରମେ ଏହା ପାଲଟିଯାଇଛି ପରମ୍ପରା। କଟକର ପ୍ରାୟ ସବୁ ପୂଜା କମିଟି ଭସାଣି ଉତ୍ସବ ତଥା ମେଲଣରେ ମହତାବର ବ୍ୟବହାର କରିଥାନ୍ତି। ଦୀର୍ଘ ଦଶନ୍ଧି ଧରି ଦୁର୍ଗା, କାଳୀ, ଗଣେଶ ମେଲଣରେ ମହତାବର ଝିଲିମିଲି ଆଲୁଅ ଦେଖିବାକୁ ମିଳିଥାଏ। ମହତାବର ଆଦ୍ୟ ପ୍ରଚଳନକୁ ନେଇ ସେମିତି କିଛି ଠୋସ୍ ଇତିହାସ ନାହିଁ। କିନ୍ତୁ ହଜାର ବର୍ଷର ଏହି କଟକ ସହରରେ ମହତାବକୁ ନେଇ ଶୁଣିବାକୁ ମିଳେ ନାନାଦି ଲୋକକଥା। କିଛି କୁହନ୍ତି, ଏହା ମୋଗଲ ପରମ୍ପରା। ବାବରଙ୍କ ସମୟରେ ଏହା ଓଡ଼ିଶାରେ ପ୍ରଚଳନ ହେଲା। ଏ ନେଇ କିଛି ବଳିଷ୍ଠ ପ୍ରମାଣ ନାହିଁ। ଯଦିଓ ବାପା, ଅଜା, ସମୟରୁ ଏହା ଶୁଣୁଥିବା ପ୍ରକାଶ କରିଛନ୍ତି ସାହି ପୁରୁଖା। ସେହିପରି ଆଉ କିଛି ଲୋକଙ୍କ କହିବାନୁଯାୟୀ, ପାର୍ବଣରୁ ହିଁ ମହତାବର ସୃଷ୍ଟି। ପୂର୍ବରୁ ଅଭ୍ରକ ମେଢ଼ରେ ମା'ଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହେଉଥିଲା। ତେଣୁ ଅଭ୍ରକ ମେଢ଼ରେ ନାଲି, ସବୁଜର ମହତାବ ମେଲଣ ଶୋଭା ଦ୍ୱିଗୁଣିତ କରୁଥିଲା। ତା'ଛଡ଼ା ମହତାବକୁ ଭାଇଚାରା ଓ ଏକତାର ବନ୍ଧନ ବୋଲି କୁହାଯାଏ।

ମେଲଣ ପଡ଼ିଆରେ ଦୁଇ କମିଟି ନିଜ ନିଜ ମେଢ଼ ସହ ସାମ୍ନା ସାମ୍ନି ହେଲେ ମହତାବ ପ୍ରଦର୍ଶନ କରାଯାଏ। ନିଜ ସହ ଆଣିଥିବା ମହତାବକୁ ଷ୍ଟାଣ୍ଡରେ ରଖି ଧାଡ଼ିବାନ୍ଧି ମୁରବି ମାନେ ଆକାଶମୁହାଁ କରି ରଖନ୍ତି। ଚାନ୍ଦିନୀଚୌକ, ଗୌରୀଶଙ୍କର ପାର୍କ, ବାଲୁବଜାର ଛକ, ମଙ୍ଗଳାବାଗ, ଚୌଧୁରୀ ବଜାର ଛକ ମାନଙ୍କରେ ମହତାବ ପ୍ରଦର୍ଶନ ଅତୀବ ଆକର୍ଷଣୀୟ ଓ ମନଲୋଭା। ଏ ନେଇ ବୁଢ଼ିଠାକୁରାଣୀ ପୂଜା କମିଟି ସମ୍ପାଦକ ରଜନୀ କୁମାର ଦାସ କୁହନ୍ତି, ଆଗରୁ ଦୁର୍ଗା ମେଢ଼ ଦିନରେ ବିସର୍ଜନ ହେଉଥିଲା। କିନ୍ତୁ କାଳୀ ମେଢ଼ ଆଦ୍ୟ କାଳରୁ ରାତିରେ ବିସର୍ଜନ ହୁଏ। କାଳୀ ମେଲଣ ଦେଖିବାକୁ ହଜାର ହଜାର ଲୋକ ଚାନ୍ଦିନୀଚୌକ, ଗୌରୀଶଙ୍କର ପାର୍କ ନିକଟରେ ଏକାଠି ହୁଅନ୍ତି। ସେତେବେଳେ ମହତାବ ପ୍ରଦର୍ଶନ ଥିଲା କାଳୀପୂଜା ଭସାଣିର ମୁଖ୍ୟ ଆକର୍ଷଣ। ତଥ୍ୟ ଅନୁଯାୟୀ ସର୍ବପ୍ରଥମେ ସ୍ୱର୍ଗତ ଗୁରୁଚରଣ ଦାସ ନିଜେ ହାତରେ ମହତାବ ତିଆରି କରୁଥିଲେ। ବୁଢ଼ି ଠାକୁରାଣୀ ମେଢ଼ରେ ତାହା ବ୍ୟବହାର ହୁଏ। ତା'ଛଡ଼ା ପାଖଆଖ ଅଞ୍ଚଳର ପୂଜା କମିଟି ମଧ୍ୟ ପୂର୍ବରୁ ବରାଦ ଦେଇ ମହତାବ ନିଅନ୍ତି। ସେହିପରି ମହତାବ ବ୍ୟବହାରରେ ମଙ୍ଗଳାବାଗ ପୂଜା କମିଟିର ମଧ୍ୟ ସ୍ୱତନ୍ତ୍ରତା ରହିଛି। ପୂର୍ବରୁ ମଙ୍ଗଳାବାଗରେ ରୂପେଲି ଜରି ମେଢ଼ ଶୋଭାପାଉଥିଲା। ସେଥିପାଇଁ ସେତେବେଳେ ନୀଳ ମହତାବ ବ୍ୟବହାର କରାଯାଉଥିଲା। କିନ୍ତୁ ୧୯୫୦ ମସିହାରେ କମିଟି ପକ୍ଷରୁ ସୁନେଲି ଜରିମେଢ଼ ନିର୍ମାଣ କରାଯାଇଥିଲା, ଯେଉଁଥିରେ ନାଲି ମହତାବ ପ୍ରଚଳନ ବେଶ ଆକର୍ଷଣୀୟ ହୋଇପାରୁଥିଲା। ସେହିପରି ଅନ୍ୟ ପୂଜା କମିଟିମାନେ ମଧ୍ୟ ମହତାବ ପରମ୍ପରାର ଅଂଶବିଶେଷ ହୋଇରହିଛନ୍ତି। କିନ୍ତୁ ଏବେ ପ୍ରଶାସନିକ କଟକଣା ଯୋଗୁଁ ଅନେକ ବର୍ଷ ଠାରୁ ମହତାବ ପ୍ରଚଳନ ବନ୍ଦ ହୋଇଛି। ତେଣୁ ଏହିଠାରୁ ମହତାବର ଯୁଗ ଶେଷ ହେଲା ବୋଲି କୁହାଯାଇପାରେ। ଏକ ପରମ୍ପରାରେ ଭଙ୍ଗା ପଡ଼ିଲା ବୋଲି ମଧ୍ୟ କୁହାଯାଇପାରେ।

ଆସନ୍ତୁ ଜାଣିବା କେମିତି ତିଆରି ହୁଏ ମହତାବ? ମହତାବକୁ ସାଧାରଣତଃ ରଞ୍ଜକ ବୋଲି ଲୋକ ଭାବନ୍ତି। କିନ୍ତୁ ଏହା କେବଳ ରଞ୍ଜକ ନୁହେଁ। ଏଥିପାଇଁ ଆବଶ୍ୟକ ପଡ଼େ ନାନାଦି ସାମଗ୍ରୀ। ଯାହାକୁ ମହତାବ ତିଆରି କରିବା ବାଲାଏ କୁହନ୍ତି ମସଲା। ସେଗୁଡ଼ିକ ହେଲା ସୁରା, ଲାଖ, ଗନ୍ଧକ, ଫସ୍‌ଫରସ, ଅର୍ଖ ଗଛର କୋଇଲା, ଇନ୍‌ଷ୍ଟେନସିଆ, ବରଙ୍ଗା, ସପା, ମେଷ୍ଟାଲ(ଝୁରୁଝୁରି) ଭଳି ଅନେକ ସାମଗ୍ରୀ। ପୁଣି ଏହାର ଭାଗମାପ ରହିଛି। ଅନୁପାତରୁ ଅଧିକ ମାତ୍ରା ହେଲେ ଅଗ୍ନି ଦୁର୍ଘଟଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ଏହାର ଉଦାହରଣ ମଧ୍ୟ ରହିଛି। ଏକଦା ସହରର ଏକ କମିଟି ପୂଜା ପାଇଁ ମଣ୍ଡପରେ ମହତାବ ତିଆରି କରୁଥିବା ବେଳେ ହଠାତ୍ ଅଗ୍ନି ଦୁର୍ଘଟଣା ଘଟିଥିଲା। ପରେ ଭାଗମାପରେ ଭୁଲ ଯୋଗୁଁ ଏମିତି ହୋଇଥିବା ଜାଣିବାକୁ ମିଳିଥିଲା। ସେହିପରି ପଟାସ୍ ଏଥିରେ ମୁଖ୍ୟ। ଏହା ସାଧାରଣତଃ ଖୋଲାମେଲାରେ ମିଳୁ ନଥିବାରୁ ମହତାବ ପ୍ରସ୍ତୁତକାରୀ ଏହାକୁ ବ୍ଲାକରେ କିଣି ବ୍ୟବହାର କରିଥାନ୍ତି। ହଜାର ବର୍ଷର ପାର୍ବଣ ସହର କଟକର ଏହି ଲୁପ୍ତ ହୋଇଯାଇଥିବା କଳାକୌଶଳଟି ପ୍ରଚଳନ ହେଲେ ହୁଏତ ଆଜିର ଯୁବ ସମାଜ ଏପରି ଏକ ଚିତ୍ତାକର୍ଷକ ଆଲୋକର ସଜ୍ଜାକୁ ଦେଖି ପାରନ୍ତେ।

ବରିଷ୍ଠ ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ
ମୋବାଇଲ୍: ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, କଟକ

# ଶବ୍ଦାନ୍ୱେଷୀ ସୁଖେନ୍ଦୁ

ମୀନକେତନ ମିଶ୍ର



"କାମ୍ୟକ ବନରେ ପଞ୍ଚପାଣ୍ଡବ ପାଣ୍ଡବଙ୍କର ପର୍ଣ୍ଣକୁଟିର। ଲତାବିତାନରେ ତରୁପଲ୍ଲବରେ ସମାକୀର୍ଣ୍ଣ। ମୃଦୁମନ୍ଦ ପବନରେ ମର୍ମରିତ ବନଭୂମି। ବୃକ୍ଷଶାଖା ଅନ୍ତରାଳରୁ ବିଚ୍ଛୁରିତ ଛାୟା-ଆତପର ବିଚିତ୍ର କମ୍ପମାନ ଆଲୋକରେଖା। ଅଦୂରରେ ସରସ୍ୱତୀ ନଦୀ ଅସ୍ଫୁଟ ମନ୍ଦ୍ରଧ୍ୱନି ପରି କୁଳୁକୁଳୁ ନାଦରେ ପ୍ରବାହିତ।

ଚନ୍ଦ୍ର ଯେପରି ନୀଳାଞ୍ଜନ ମେଘମେଦୁର ରାତ୍ରିକୁ ଆଲୋକିତ କରେ ସେହିପରି ନୀଳକୁନ୍ତଳା ଦ୍ରୌପଦୀ କୁଟିର ଅଙ୍ଗନ ଉଜ୍ଜ୍ୱଳ କରି ବସି ରହିଛନ୍ତି। ପଦ୍ମପଳାଶାକ୍ଷୀ, ପଦ୍ମଗନ୍ଧା, ଲକ୍ଷ୍ମୀସମା, ସର୍ବଗୁଣାନ୍ୱିତା, ପ୍ରିୟଂବଦା ଦ୍ରୌପଦୀ ସତୀତ୍ୱର ଶ୍ୱେତପଦ୍ମ ପ୍ରାୟ। କିନ୍ତୁ ବକ୍ଷ ଭିତରେ ପାଷାଣ ପରି ଭାରି ଏକ ମହାଦୁଃଖ ସେ ପଥର ଚାପା ଦେଇ ରଖିଛନ୍ତି। ବାହାରକୁ ତାର କିଛି ପ୍ରକାଶ ନାହିଁ ସମସ୍ତ ପୀଡ଼ା ଓ ଦୁଃଖ ତାଙ୍କ ଅନ୍ତରରେ ଏକ ଗଭୀର କଲ୍ୟାଣସିନ୍ଧୁ ମନ୍ଥନ କରିଚାଲିଛି।" (ଅଶ୍ରୁମୁଖୀ ଶ୍ୱେତପଦ୍ମ, ମହାଭାରତର କଥା)

କ୍ଲିଷ୍ଟ-ଦୁର୍ବୋଧ୍ୟ ଶବ୍ଦ ପରିପୂର୍ଣ୍ଣ କିନ୍ତୁ ମାର୍ଜିତ-ମର୍ମଗ୍ରାହୀ। ବାକ୍ୟର ପ୍ରବାହ ସତେ ସରସ୍ୱତୀର ଧାରା। ବାକ୍ୟର ଗଠନ ଯେମିତି ସ୍ୱଚ୍ଛ ଓ ସାବଲୀଳ, ଭାଷାର ଭାବ ସେମିତି ରସସିକ୍ତ ଓ ଅକ୍ଷୁଣ୍ଣ। ଏହା ହିଁ ତ ପାଠକକୁ ପ୍ଲାବିତ କରେ, ଆହ୍ଲାଦିତ କରେ। ଏହା ହିଁ ହେଉଛି ଅନୁବାଦ ବିନ୍ଧାଣୀ ସୁଖେନ୍ଦୁ ମୋହନ ଦାସଙ୍କ ଲେଖନୀର ଚମତ୍କାରିତା। ଯିଏ "ମହାଭାରତର କଥା" ପଢ଼ିଥିବେ ପ୍ରତିଟି ଅଧ୍ୟାୟରେ ତାଙ୍କ ଶବ୍ଦଚାତୁରୀକୁ ନିଶ୍ଚେ ଅନୁଭବ କରିଥିବେ।

"ମହାଭାରତର କଥା" ଭଳି ତାଙ୍କର ଅନ୍ୟତମ ଅନବଦ୍ୟ ସାଂସ୍କୃତିକ-ପୌରାଣିକ କୃତି ହେଉଛି "ରାମାୟଣ କଥା"। ବିସ୍ତୃତ ପର୍ଯ୍ୟାଲୋଚନା ପୂର୍ବରୁ "ରାମାୟଣ କଥା" ର କିଞ୍ଚିତ୍ ଉଦ୍ଧୃତି:

"କାମୁକ ଦୃଷ୍ଟିରେ ରାବଣ ଦେଖୁଛି ସୀତାଙ୍କୁ। କ୍ଷୁଧିତ ବ୍ୟାଘ୍ର ଆଗରେ ଯେମିତି ଅସହାୟ ବନର ହରିଣୀ ଦେଖୁଛି, ଯେମିତି ସମୁଦ୍ରରେ ନିମଜ୍ଜମାନ ଖଣ୍ଡିଏ ନୌକା। ଧୂଳି ପଙ୍କରେ ମଳିନ ଗୋଟିଏ ଛିନ୍ନ ପଦ୍ମଫୁଲ। କୃଷ୍ଣପକ୍ଷ ନିଶାପରି ଅନ୍ଧକାର। ଯେପରି ସଞ୍ଜ ଅନ୍ଧାରରେ ବାଟ ହଜାଇ ଏକାକିନୀ ଗୋଟିଏ ବାଳିକା କାନ୍ଦୁଛି। ଯେପରି ସେ ଏକ ଅବସନ୍ନ କୀର୍ତି। ଅବମାନିତ ଶ୍ରଦ୍ଧା। ପରିକ୍ଷୀଣା ପ୍ରଜ୍ଞା। ପ୍ରତିହତ ଆଶା। ... ଆଦିକବି ତାଙ୍କର ଅସାଧାରଣ ବାକ୍ ପ୍ରତିମା ଦେଇ ସୀତାଙ୍କର କରୁଣ ମୂର୍ତି ଖଣ୍ଡିକ ଫୁଟାଇ ତୋଳୁଛନ୍ତି। ସୀତା ଯେପରି ଏକ ନିର୍ବାପିତ ଅଗ୍ନିକୁଣ୍ଡ। ଅଥବା ଉଲ୍‌କାପାତରେ ପ୍ରଜ୍ଜ୍ୱଳିତ ଦିଗଙ୍ଗନା ଏକ ବିନଷ୍ଟ ପୂଜା। ଅପମୃଷ୍ଟ ଯଜ୍ଞବେଦୀ।" (ତୃଣଖଣ୍ଡିକ ଯେପରି ବଜ୍ରର ପ୍ରାଚୀର, ରାମାୟଣ କଥା)

ଏହି ଅନୁଚ୍ଛେଦରେ ଦେଖିବାକୁ ମିଳେ କ୍ଲିଷ୍ଟ ଓ ମଧୁର ଶବ୍ଦର ମିଶ୍ରଣ। କିନ୍ତୁ ଏହା ପାଠକୀୟ ଅଫୁରନ୍ତ ଭାବରାଜିରେ ଭରା। ଯେଉଁଠି ପଢ଼ିବାରେ ଜିଭ ଲାଖିଯାଏ ସେଇଠୁ ପୁଣି ହୁଏ ମାଧୁର୍ଯ୍ୟର ଆଗମନ। ପ୍ରକୃତ ରସସିକ୍ତ ପାଠକ କେବେ ଅଟକି ଯାଏନା। ଉଭୟ "ରାମାୟଣ କଥା" ଓ "ମହାଭାରତର କଥା"ର ମୂଳ ଲେଖକ ସମାନ-ପ୍ରସିଦ୍ଧ ବଙ୍ଗୀୟ ଲେଖକ ଅମଲେଶ ଭଟ୍ଟାଚାର୍ଯ୍ୟ। ମୂଳ ରଚନା ବଙ୍ଗଳା ଆଉ ଏହାକୁ ଓଡ଼ିଆ ଭାଷାନ୍ତର କରିଛନ୍ତି ସୁଖେନ୍ଦୁ ମୋହନ, ସ୍ୱକୀୟ ଶୈଳୀରେ। ମୌଳିକ ସୃଷ୍ଟିର ଭାବସମ୍ପଦକୁ ଅବିକୃତ ରଖିଛନ୍ତି ଓ ଅନୁବାଦର ଧର୍ମକୁ ବଜାୟ ରଖି ପାଠକଙ୍କ ପାଇଁ ଲେଖନୀରେ ତୋଳିଛନ୍ତି। ଏ ସାଂସ୍କୃତିକ-ପୌରାଣିକ ସାହିତ୍ୟରେ ଅନୁବାଦର ଧର୍ମ ପୁଣି କଣ? ଅନୁବାଦକର ପ୍ରଧାନ ଧର୍ମ ବା କର୍ତ୍ତବ୍ୟ ହେଉଛି 'ମୂଳ ଲେଖାର ଆତ୍ମା ଓ ଭାବକୁ ଅକ୍ଷୁଣ୍ଣ ରଖି ଅନ୍ୟ ଭାଷାରେ ସହଜ ଓ ସ୍ୱାଭାବିକ ଭାବେ ପ୍ରକାଶ କରିବା'। ସୁଖେନ୍ଦୁ ମୋହନ ଥିଲେ ସେପରି ଜଣେ ସଫଳ ଓ ନିଷ୍ଠାପର ଅନୁବାଦକ ଯିଏ ଅନୁବାଦର ମୁଖ୍ୟ ମୂଳ ଧର୍ମଗୁଡ଼ିକ ଭୁଲୁ ନ ଥିଲେ। ସେ ଆକ୍ଷରିକ ଅନୁବାଦ ନୁହେଁ, ଭାବାନୁବାଦ ବା ମର୍ମାନୁବାଦରେ ଥିଲେ ସିଦ୍ଧହସ୍ତ।

"ଭାବାନୁବାଦ ବା ମର୍ମାନୁବାଦ ପାଠକର ଅତି ପ୍ରିୟ। ଏଥିରେ ମୂଳପାଠର ଭାବ ବା ମର୍ମକୁ ଅନୁବାଦକ ଉପଲବ୍ଧ କରିବାପରେ ତାହାକୁ ନିଜ ଭାଷାଶୈଳୀରେ ପ୍ରକାଶ କରେ। ଏଥିରେ ମୂଳଭାଷାର ମୌଳିକତା ଅକ୍ଷୁଣ୍ଣ ରକ୍ଷା କରାଯିବା ସହିତ ବିଷୟବିନ୍ୟାସର ସାବଲୀଳତା, ଭାଷା ଓ ଭାବର ପ୍ରାକୃତିକତା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଏ। ଅନୁବାଦକ ଏ କ୍ଷେତ୍ରରେ ସ୍ଥାନ, କାଳର ବର୍ଣ୍ଣନାରେ ଏବଂ ଚରିତ୍ରଚିତ୍ରଣରେ ସ୍ୱାଧୀନତା ପାଏ। ଏହି କାରଣରୁ ଏହା ବେଳେବେଳେ ମୂଳ ପାଠଭଳି ବା ତା'ଠାରୁ ଅଧିକ ସୁଖପାଠ୍ୟ ହୋଇଥାଏ।" (ସାହିତ୍ୟର ତାଳପତ୍ର)

ଅନୁବାଦକ ହେଉଛନ୍ତି ଦୁଇଟି ଭାଷା ଓ ସଂସ୍କୃତି ମଧ୍ୟରେ ଏକ ସେତୁ। ତେଣୁ ସେହି ସେତୁକୁ ଦୃଢ଼ ଓ ସ୍ୱଚ୍ଛ ରଖିବା ହିଁ ଅନୁବାଦକଙ୍କର ପରମ ଧର୍ମ। ଆଉ ଏଥିରେ ସୁଖେନ୍ଦୁ ମୋହନ ଥିଲେ ଅନନ୍ୟ। ଏହାର କାରଣ ନିଜେ ନିଜର କୃତି ("ରବୀନ୍ଦ୍ର କବିତା ଚୟନ")ରେ ଦର୍ଶାଇଛନ୍ତି ସୁଖେନ୍ଦୁ- "ପରିସ୍ଥିତିବଶତଃ ଓଡ଼ିଆ କିମ୍ବା ଇଂରାଜୀ ନୁହେଁ, ବଙ୍ଗଳା ମାଧ୍ୟମରେ ଖାଲି ଏମଆଇଏଲ୍ ନୁହେଁ, ପୁରା ଶୈକ୍ଷିକ ମାଧ୍ୟମ ବଙ୍ଗଭାଷାରେ ମୋର ମାଟ୍ରିକ୍ ଓ ଆଇ.ଏସ.ସି..."। ଜନ୍ମ ଓଡ଼ିଶାରେ ହୋଇଥିଲେ ବି ଶିକ୍ଷାର ମୂଳ ଭିତ୍ତି ବଙ୍ଗଳା ଭାଷାରେ ଆରମ୍ଭ ହୋଇ ଗତି କରିଥିଲା ଆଗକୁ ଆଗକୁ। ଶିକ୍ଷାଲାଭ ବେଙ୍ଗଲରେ ଆଉ କର୍ମମୟ ଜୀବନ ଓଡ଼ିଶାରେ। ଉଭୟ ଭାଷାଭାଷୀ ଲୋକଙ୍କ ମେଳରେ ଯେହେତୁ ସମୟ ଅତିବାହିତ ତେଣୁ ଉଭୟ ଭାଷାରେ ତାଙ୍କର ଥିଲା ପ୍ରଚଣ୍ଡ ଦଖଲ। ବାକ୍ ଚାତୁରୀ ସେମିତି ତାଙ୍କର ଅନୂଦିତ କୃତିଗୁଡ଼ିକରେ ପ୍ରତିଫଳିତ ହୋଇଥିଲା। ଉଭୟ ଗଦ୍ୟ ଓ ପଦ୍ୟ ସର୍ଜନାରେ ଏହାକୁ ସାର୍ଥକ ରୂପ ଦେଇଛନ୍ତି ସୁଖେନ୍ଦୁ।

ଗଦ୍ୟଠାରୁ ପଦ୍ୟର ଅନୁବାଦ କଷ୍ଟସାଧ୍ୟ। ପଦ୍ୟର ଧ୍ୱନି ଓ ଛନ୍ଦକୁ ଭାବ-ବିଜଡ଼ିତ ଉପସ୍ଥାପନା କରିବା ସହଜ ନୁହେଁ। ଅନୁବାଦକର ମୂଳ ଭାଷା ଓ ଅନୁବାଦ କରୁଥିବା ଭାଷା- ଉଭୟରେ ଦଖଲ ନ ରହିଲେ ଶବ୍ଦ ଚୟନ, ବାକ୍ୟ ଗଠନ କି ଭାବ ପ୍ରକାଶରେ ସଫଳତା ମିଳେ ନାହିଁ କି ଅନୂଦିତ କୃତିଟି ପାଠକୀୟ ଆଦୃତି ଲାଭ କରେ ନାହିଁ। "ରବୀନ୍ଦ୍ର କବିତା ଚୟନ"ରେ ଦେଖିବାକୁ ମିଳେ ତାଙ୍କ ଶବ୍ଦ ଚୟନ ଓ ଭାଷାଜ୍ଞାନର ପରାକାଷ୍ଠା।

ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ମୂଳ ବଙ୍ଗୀୟ ରଚନାକୁ ବେଶ୍ ସାବଲୀଳ କରି ଉତାରିଛନ୍ତି ସୁଖେନ୍ଦୁ। ଏଇ ରଚନାରେ ଭାବ ଓ ରସ ବେଶ୍ ପ୍ରସ୍ଫୁଟିତ। ରବୀନ୍ଦ୍ର ରସଗ୍ରାହୀ ପାଠକଙ୍କ ମନରେ, ପ୍ରାଣରେ ହୃଦୟରେ ଲେପି ହୋଇଯାଏ, କିନ୍ତୁ ଏହାର ଅନୁବାଦ ରଚନାରେ ସେତିକି ପଟୁତା ନ ଥିଲେ ପାଠକ ଆବୁରିବେ କେମିତି? ଜଣେ ଉତ୍ତମ ଅନୁବାଦକ କେବଳ ଭାଷାନ୍ତର କରନ୍ତି ନାହିଁ, ବରଂ ଗୋଟିଏ ସଂସ୍କୃତିର ଭାବକୁ ଅନ୍ୟ ସଂସ୍କୃତିର ପାଠକଙ୍କ ପାଇଁ ଗ୍ରହଣୀୟ ଓ ବୋଧଗମ୍ୟ କରାନ୍ତି। ଏହା ହିଁ କରାଉଥିଲେ ସୁଖେନ୍ଦୁ ମୋହନ। ଜଣେ ଅନୁବାଦକ ଭାବରେ ସୁଖେନ୍ଦୁ ମୋହନଙ୍କର ଉଭୟ ବଙ୍ଗଳା ଓ ଓଡ଼ିଆ ଭାଷା ଉପରେ ସମାନ ଅଧିକାର ରହିଥିଲା। ଦୁଇଟିଯାକ ଭାଷାର ବ୍ୟାକରଣ, ଶବ୍ଦକୋଷ ଓ ଶୈଳୀ ଉପରେ ଗଭୀର ଜ୍ଞାନ ଥିଲା। ସେଥିପାଇଁ ତାଙ୍କ ଲେଖାରେ ଥିଲା ସ୍ୱଚ୍ଛତା ଓ ସାରଲ୍ୟ। ସେ ବଙ୍ଗଳାରୁ ଓଡ଼ିଆକୁ ବହୁ ସାହିତ୍ୟ କୃତିର ସଫଳ ଅନୁବାଦ କରିଛନ୍ତି। ସେହିପରି ଓଡ଼ିଆରୁ ବଙ୍ଗଳାକୁ ମଧ୍ୟ ଅନୁବାଦ କରି ବଙ୍ଗଳା ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ରଙ୍କ ପ୍ରସିଦ୍ଧ ଉପନ୍ୟାସ "ଘରଡିହ"ର ବଙ୍ଗଳା ଅନୁବାଦ "ଭିଟେ" କେନ୍ଦ୍ର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପ୍ରକାଶିତ। ଏହା ବଙ୍ଗଳା ପାଠକଙ୍କ ଦ୍ୱାରା ଖୁବ ପସନ୍ଦଯୋଗ୍ୟ ହୋଇଥିଲା। ବହୁ ଓଡ଼ିଆ ଲେଖକ ଅଛନ୍ତି ଯେଉଁମାନେ ବଙ୍ଗଳାରୁ ଓଡ଼ିଆକୁ ଅନୁବାଦ କରନ୍ତି; କିନ୍ତୁ ବଙ୍ଗଳାରୁ ଓଡ଼ିଆକୁ ଏବଂ ଓଡ଼ିଆରୁ ବଙ୍ଗଳାକୁ ଅନୁବାଦ କରୁଥିବା ସାହିତ୍ୟିକଙ୍କ ସଂଖ୍ୟା ସୀମିତ ଏବଂ ପାରଙ୍ଗମତା ଦୃଷ୍ଟିରୁ ଏଥିରେ ବିରଳରୁ ବିରଳତମ ଥିଲେ ସୁଖେନ୍ଦୁ। ସୁଖେନ୍ଦୁ ମୋହନ କେବଳ ଧର୍ମ ପୁସ୍ତକର ଅନୁବାଦରେ ବ୍ରତୀ ନ ଥିଲେ। ବଙ୍ଗଳା ପତ୍ରପତ୍ରିକାରେ ପ୍ରକାଶିତ ଅନେକ ଉଚ୍ଚକୋଟୀର ଲେଖାକୁ ଓଡ଼ିଆ ପାଠକଙ୍କ ପାଇଁ ଉପସ୍ଥାପନା କରୁଥିଲେ।

ଯେପରି ପ୍ରାରମ୍ଭରେ କହିଛି- ସୁଖେନ୍ଦୁଙ୍କ ଲେଖାରେ କ୍ଲିଷ୍ଟ ଶବ୍ଦର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ। କିନ୍ତୁ କାହିଁକି? "ଆପଣଙ୍କ ଲେଖା ପଢ଼ିବା ପାଇଁ କଣ ପାଠକ ଅଭିଧାନ ଖୋଲିକି ବସିବେ?" ଦିନେ ଏଇ ଲେଖକ ତାଙ୍କୁ ସିଧା ପ୍ରଶ୍ନ କରି ଜାଣିବାକୁ ଚାହିଁଥିଲା। ଉତ୍ତର ଥିଲା ତାଙ୍କର ଅତ୍ୟନ୍ତ ସରଳ- "ବ୍ୟବହାରରେ ଭାଷା ମାର୍ଜିତ ହୁଏ। ଓଡ଼ିଆରେ ଅପାର ଶବ୍ଦସମ୍ଭାର, କିନ୍ତୁ ଶବ୍ଦ ସବୁର ବ୍ୟବହାର ସୀମିତ ରଖିବା କାହିଁକି? ବ୍ୟବହାର କଥିତ ଅବା ଲିଖିତ ହେଉ, ହେଉଥିଲେ ଶବ୍ଦ ସବୁ ଆପଣାର ହେଇଯିବେ। କ୍ଲିଷ୍ଟତା ଦୂର ହେଇଯିବ।" ଏହାକୁ ଶୁଣିବା ପରେ ଆଉ ଦ୍ୱିତୀୟ ପ୍ରଶ୍ନ ପଚାରିବାର ଅବକାଶ ନ ଥିଲା।

ଅନୁବାଦ ସମୟରେ ସୁଖେନ୍ଦୁ ମୋହନ ଶବ୍ଦମାନଙ୍କ ସହିତ କଥା ହୁଅନ୍ତି! ସେମାନଙ୍କୁ ଅଭିଧାନ ମଧ୍ୟରୁ ଅଞ୍ଜାଳି ଅଞ୍ଜାଳି ଖୋଜନ୍ତି ଆଉ ଠିକ୍ ଶବ୍ଦକୁ ଠିକ୍ ଥାନରେ ଥୋଇ ଦିଅନ୍ତି। ବାର ବାର ପଢ଼ନ୍ତି ଆଉ ଶ୍ରୋତାକୁ ପଚାରନ୍ତି- "ଏ ଶବ୍ଦ ଖାପ୍ ଖାଉଛି ତ? ଏହାଠୁ ଆଉ କେଉଁ ଭଲ ଶବ୍ଦକୁ ଏଠି ଖଞ୍ଜି ହେବ?" ଗୋଟିଏ ଗୋଟିଏ ଶବ୍ଦ ଥୋଇବା ପାଇଁ ଗୋଟିଏ ଗୋଟିଏ ଦିନ ବିତିଯାଏ। ଭାବରାଜି ସମ୍ପୂର୍ଣ୍ଣ ପରିସ୍ଫୁଟ ନ ହେବା ଯାଏଁ ଶବ୍ଦର ଅଦଳବଦଳ ଓ ବାକ୍ୟର ରୂପାନ୍ତରଣରେ ପରିବର୍ତ୍ତନ ଚାଲିଥାଏ ଯେ ଚାଲିଥାଏ। ତା ଭିତରେ ଅଧାଲେଖା ଡାଏରୀର କୋଣଭଙ୍ଗା ପୃଷ୍ଠା ଭୁବନେଶ୍ୱରରୁ କଟକ ଦେଇ ବାଲେଶ୍ୱର ବୁଲି ପୁଣି ଭୁବନେଶ୍ୱର ବସାଘରରୁ ଫେରିଆସେ। କିଛି ଡାଏରୀ ତ କଲିକତା ଆଉ ପଣ୍ଡିଚେରୀ ଘୂରି ଆସନ୍ତି। ତଥାପି ଲେଖା ସରେନି। କାରଣ ଭାବ ଫେରିନି ପରା! ଭାବ ଫେରିଲେ ଲେଖାକୁ ମିଳେ ଜୀବନ୍ୟାସ। ଏଥିପାଇଁ କେତେ ଯେ ଅଧ୍ୟବସାୟ, କେତେ ଯେ ବିନିଦ୍ର ରଜନୀ, କେତେ ଯେ ସିଗାରେଟ୍ ଧୂଆଁ ହୋଇ ଉଡ଼ିଯାନ୍ତି ତାହା ଦେଖିବା ଲୋକ ଜାଣେ। ଏମିତି କୋଉ ଓଡ଼ିଆ ଅଭିଧାନ ନାହିଁ ଯାହା ସୁଖେନ୍ଦୁଙ୍କ ଲେଖା ଟେବୁଲରେ ନ ଥିବ। ସବୁ ଅଭିଧାନ ସଜେଇ ହୋଇ ନିଜ ନିଜ ଜାଗାରେ ଥାନ୍ତି ତାଙ୍କୁ ଶବ୍ଦର ଆତିଥ୍ୟ ଦେବାକୁ, ଆଉ ସେଇ ଆତିଥ୍ୟରେ ଓଡ଼ିଆ ରସଗ୍ରାହୀ ପାଠକଙ୍କୁ ଚମତ୍କୃତ କରୁଥିଲେ ସୁଖେନ୍ଦୁ। ବଙ୍ଗଳା, ଓଡ଼ିଆ ବ୍ୟତିରେକେ ଇଂରାଜୀ, ହିନ୍ଦୀ ଓ ସଂସ୍କୃତରେ ପାରଙ୍ଗମ ଥିଲେ ସୁଖେନ୍ଦୁ ମୋହନ। ସେ ଥିଲେ ଭାଷା-ପଞ୍ଚାଙ୍ଗ। ଆମର ସୌଭାଗ୍ୟ ଯେ ଏଭଳି ଜଣେ ଯୋଗଜନ୍ମା ଓଡ଼ିଶା ମାଟିରେ ଜନ୍ମିଥିଲେ, ଯିଏ ସାଧ୍ୟମତେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ଓଡ଼ିଶାରେ ତାଙ୍କର ଜନ୍ମ ହେବା ଆମ ପାଇଁ ଖୁସିର କଥା, କିନ୍ତୁ ଦୁଃଖର କଥା ଯେ ଓଡ଼ିଶା ତାଙ୍କୁ ଚିହ୍ନିଲା ନାହିଁ କି ସେତିକି ମର୍ଯ୍ୟାଦା ଦେଲା ନାହିଁ। "ହାତେ ଥାଇ ମାଣିକ, ଚିହ୍ନି ନ ପାରେ ବଣିକ"- ଆମେ ଏମିତି ରହିଗଲେ...।

# ଶକ୍ତି ଉପାସନାରେ ତନ୍ତ୍ର ବିଦ୍ୟା

ସନ୍ତୋଷ କୁମାର ଦାଶ



ଓଡ଼ିଶା ରେ ଶକ୍ତି ଉପାସନା ବହୁ ପ୍ରାଚୀନ କାଳରୁ ହୋଇ ଆସୁଥିବା ଐତିହାସିକ ମାନେ ପ୍ରକାଶ କରିଛନ୍ତି। ଶାକ୍ତ ତନ୍ତ୍ରର ଉତ୍ତରଣ ରେ ଜଗତଜନନୀ ଆଦ୍ୟାଶକ୍ତି ବହୁ ରୂପରେ ପୂଜା ପାଇ ଆସୁଛନ୍ତି ବିଭିନ୍ନ ସ୍ଥାନରେ। ତନ୍ମଧ୍ୟରେ ଅଷ୍ଟଚଣ୍ଡୀ, ସପ୍ତ ମାତୃକା, ନବଦୁର୍ଗା, ଦଶ ମହାବିଦ୍ୟା, ଅଷ୍ଟାଦଶ ମାତୃକା, ଚଉଷଠି ଯୋଗିନୀ ଅନ୍ୟତମ। ପ୍ରତି ଗ୍ରାମ ରେ ପୂଜିତା ଗ୍ରାମ ଦେବତୀ ଶକ୍ତି ଉପାସନା ର ନାମାନ୍ତର ମାତ୍ର। ସିନ୍ଧୁ ଉପତ୍ୟକା ଓ ଗୁପ୍ତଯୁଗ ସମୟ ରୁ ଶକ୍ତି ଉପାସନା ହୋଇ ଆସୁଥିବା ବହୁ ପ୍ରମାଣ ମିଳିଛି। ଶକ୍ତି ର ପ୍ରତୀକ ଭାବେ ଚକ୍ର ଓ ଯନ୍ତ୍ର କୁ ପୂଜା କରାଯାଇ ଆସୁ ଥିବାରୁ ଶକ୍ତି ପୂଜା ସହିତ ତନ୍ତ୍ର ଯେ ଓତପ୍ରୋତ ଭାବେ ଜଡ଼ିତ ଏହାକୁ ଗବେଷକ ଓ ଐତିହାସିକ ମାନେ ସ୍ୱୀକାର କରିଛନ୍ତି। ଐତିହାସିକ ମାନଙ୍କ ମତରେ ହିନ୍ଦୁ ମାନଙ୍କ ଦେବୀ, ଦେବତା ଉପାସନା ପାଇଁ ଦୁଇଟି ଧାରା ରହିଛି। ବୈଦିକ ଧାରା ଓ ତାନ୍ତ୍ରିକ ଧାରା। ବୈଦିକ କ୍ରିୟା କାଣ୍ଡ ରେ ଦେବତା ମାନଙ୍କ ପ୍ରାଧାନ୍ୟ ରହିଥିବା ବେଳେ ତାନ୍ତ୍ରିକ ଧାରା ରେ ଦେବୀ ମାନଙ୍କ ପ୍ରାଧାନ୍ୟ ରହିଥାଏ। ଏଣୁ ଶକ୍ତି ପୂଜା ରେ ତନ୍ତ୍ର ର ପ୍ରାଧାନ୍ୟ ରହି ଆସିଛି ବୈଦିକ ଯୁଗରୁ। ମୂର୍ତ୍ତୀ ଉପାସନା ତନ୍ତ୍ର ପର୍ଯ୍ୟାୟ ର ଓ ତନ୍ତ୍ର ହେଉଛି ଶାକ୍ତ ପରମ୍ପରା ଅନ୍ତର୍ଗତ। ପ୍ରାକ୍ - ଐତିହାସିକ ଯୁଗ ଠାରୁ ଆରମ୍ଭ କରି ବେଦ, ବୈଦିକ ସାହିତ୍ୟ, ଧର୍ମସୂତ୍ର, ରାମାୟଣ, ମହାଭାରତ ପ୍ରଭୃତି ରୁ ଧାରାବାହିକ ଶକ୍ତି ଉପାସନା ର ନିଦର୍ଶନ ମିଳେ। ଅଥର୍ବ ବେଦ ର ଅଙ୍ଗିରସ କଳରେ ତନ୍ତ୍ର ଉପାସନା ର ବ୍ୟାପକ ସୂଚନା ମିଳି ଥାଏ। ଓଡ଼ିଶା ର ବିଭିନ୍ନ ସ୍ଥାନରୁ ଏହି ପୋଥି ବହୁସଂଖ୍ୟକ ମିଳୁଥିବାରୁ ତନ୍ତ୍ରାଚାର୍ଯ୍ୟ ମାନେ ଓଡ଼ିଶା କୁ ତନ୍ତ୍ର ର ଆଦ୍ୟଭୂମି ର ମାନ୍ୟତା ପ୍ରଦାନ କରିଛନ୍ତି। ଏତଦ୍ ବ୍ୟତୀତ ତନ୍ତ୍ର ଚୂଡ଼ାମଣି, ତନ୍ତ୍ର ସାର, କୁଳାର୍ଣ୍ଣବ ତନ୍ତ୍ର, ଜ୍ଞାନାର୍ଣ୍ଣବ ତନ୍ତ୍ର, କୁବଜିକା ତନ୍ତ୍ର, ବୃହନ୍ନୀଳ ତନ୍ତ୍ର, ବଜ୍ର ତନ୍ତ୍ର, କାଳିକା ପୁରାଣ, ଉଡ୍ଡୀଶ ତନ୍ତ୍ର, ମୁଣ୍ଡମାଳା ତନ୍ତ୍ର ପ୍ରଭୃତି ତନ୍ତ୍ର ଶାସ୍ତ୍ର ଓଡ଼ିଶା ରୁ ମିଳିଥିବାରୁ ଓଡ଼ିଶା ରେ ତନ୍ତ୍ର ପରମ୍ପରା ଏକ ସମ୍ମିଳିତ ପରମ୍ପରା ବୋଲି ବିବେଚନା କରାଯାଇଥାଏ। ଅତୀତ ଓଡ଼ିଶା ରେ ବୌଦ୍ଧତନ୍ତ୍ର ର ଯେତିକି ପ୍ରସାର ଥିଲା ଶାକ୍ତ ତନ୍ତ୍ର ର ମଧ୍ୟ ସେତିକି ପ୍ରସାର ଥିଲା। ଆମ ରାଜ୍ୟ ରେ ଅସଂଖ୍ୟ ଶକ୍ତି ପୀଠ ରହିଥିବା ବେଳେ ଆଠୋଟି ସ୍ଥାନ ପ୍ରସିଦ୍ଧ ଶକ୍ତି ପୀଠ ର ମାନ୍ୟତା ପାଇଛି। ଏହି ଆଠୋଟି ଶକ୍ତି ପୀଠ ର ଦେବୀ ଙ୍କୁ ଅଷ୍ଟଚଣ୍ଡୀ ବୋଲି ବିବେଚନା କରାଯାଇ ଥାଏ। ସେଗୁଡିକ ହେଉଛି ଶ୍ରୀକ୍ଷେତ୍ର ପୁରୀ ର ମା ବିମଳା, ବାଙ୍କୀ ର ଚର୍ଚ୍ଚିକା, କାକଟପୁରର ମା ମଙ୍ଗଳା, ଯାଜପୁର ର ମା ବିରଜା, ବାଣପୁର ର ଭଗବତୀ, ଝଙ୍କଡ଼ ର ମା ଶାରଳା, ତାଳଚେର ର ମା ହିଙ୍ଗୁଳା, ସମ୍ବଲପୁର ର ସମଲେଇ ମା। ଏହି ସ୍ଥାନ ଗୁଡ଼ିକରେ ଅତୀତରେ ତନ୍ତ୍ର ପୂଜା ପ୍ରଭାବ ବିସ୍ତାର କରିଥିବା ବେଳେ ତନ୍ତ୍ର ସାଧକ ମାନେ ତନ୍ତ୍ର ସାଧନା କରିବା ସହିତ ତନ୍ତ୍ର ଶିକ୍ଷା ମଧ୍ୟ ପ୍ରଦାନ କରୁଥିଲେ ବୋଲି ଗବେଷକ ମାନେ ମତ ପ୍ରକାଶ କରିଛନ୍ତି। ୮ମ ଶତାବ୍ଦୀ ରେ ଲିଖିତ ବୌଦ୍ଧ ଶାସ୍ତ୍ର ' ହେ ବଜ୍ରତନ୍ତ୍ର' ରେ ଉଲ୍ଲେଖ ରହିଛି ଯେ, ' ଉଡ୍ରାଖ ପ୍ରଥମ ପୀଠ ' ଅର୍ଥାତ ଓଡ଼ିଶା ଥିଲା ତନ୍ତ୍ର ସାଧନା ଓ ଶିକ୍ଷାର ପ୍ରଧାନ ପୀଠସ୍ଥଳୀ। ଓଡ଼ିଶା ରେ ଯୋଗିନୀ ଉପାସନାର ଉନ୍ମେଷ ଘଟି କାପାଳିକ ( ତାନ୍ତ୍ରିକ) ମାନଙ୍କ ଦ୍ୱାରା ଅନ୍ୟ ସ୍ଥାନ କୁ ପ୍ରସାରିତ ହୋଇଥିଲା ଓ ଚଉଷଠୀ ଯୋଗିନୀ ଉପାସନା ପ୍ରଥମେ ଉପକୂଳ ଓଡ଼ିଶା ରୁ ଆରମ୍ଭ ହୋଇ ଦେଶ ଓ ରାଜ୍ୟ ର ବିଭିନ୍ନ ସ୍ଥାନ କୁ ବ୍ୟାପିଥିଲା ବୋଲି ବିଶିଷ୍ଟ ଐତିହାସିକ ଡଃ. ହରେକୃଷ୍ଣ ମହତାବ ତାଙ୍କ ରଚିତ ପୁସ୍ତକ ଓଡ଼ିଶା ଇତିହାସ ରେ ଉଲ୍ଲେଖ କରିଛନ୍ତି। ଗୁପ୍ତ ଭାବରେ ଗୁରୁ ଶିଷ୍ୟ ପରମ୍ପରା କ୍ରମେ ଯୋଗିନୀ ଉପାସନା ପ୍ରକ୍ରିୟା ସଂଗଠିତ ହୋଇଥିବାରୁ ଯୋଗିନୀ ପୀଠ, ମୂର୍ତ୍ତୀ ସଂଖ୍ୟା, ମୂର୍ତ୍ତୀନାମା, ବଳି, ନ୍ୟାସ, କବଚ, କୀଳକ, ସ୍ତୋତ୍ର, ଉପାସନା ପଦ୍ଧତି ସମ୍ପର୍କ ରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ସମ୍ବଳିତ ପୋଥି ବା ପୁସ୍ତକ ମିଳି ପାରି ନାହିଁ। ଏହା ଏକ ଗୁପ୍ତ ବିଦ୍ୟା ଭାବେ ରହି ଆସିଛି ଆଜି ପର୍ଯ୍ୟନ୍ତ। ତନ୍ତ୍ର ଶାସ୍ତ୍ର ସମୂହ



ରେ ମଣ୍ଡଳ, ଯନ୍ତ୍ର, ଚକ୍ର ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରା ଯାଇଛି। ତନ୍ତ୍ର ଶାସ୍ତ୍ର ରେ ଶାକ୍ତ ତାନ୍ତ୍ରିକ ର ଦୈନନ୍ଦିନ ଧ୍ୟାନ, କର୍ମ, ଆଚରଣ ବିଧି ର ବର୍ଣ୍ଣନା ରହିଛି। ବାମାଚାରୀ ତାନ୍ତ୍ରିକ ମାନେ ପଞ୍ଚମକାର ପୂଜା ପଦ୍ଧତି ରେ ଦେବୀ ଉପାସନା କରୁଥିବା ବେଳେ ହିନ୍ଦୁତନ୍ତ୍ର ଶାସ୍ତ୍ରାନୁସାରେ ଦେବୀ ପୀଠ ଗୁଡ଼ିକ ରେ ଆଶ୍ୱିନ ମାସକୃଷ୍ଣ ପକ୍ଷ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପୀ ଷୋଡ଼ଶ ଉପଚାର ପୂଜା ପଦ୍ଧତି ରେ ପୂଜା କରାଯାଇଥାଏ। ଶକ୍ତି ଉପାସନା ତାନ୍ତ୍ରିକ ଭିତ୍ତିରେ ହେବାର ପ୍ରସାର ଭୌମ ଯୁଗ ସମୟ ରେ ହିଁ ଘଟିଥିଲା ବୋଲି ଗବେଷକ ମାନେ ମତ ପ୍ରକାଶ କରିଥାନ୍ତି। ମା ଙ୍କ ସମ୍ମୁଖ ରେ ନରବଳି ଦେବା, ଶ୍ମଶାନ ରେ ପୂଜାର୍ଚ୍ଚନା କରିବା, ଶରୀର କୁ ଭସ୍ମ ରେ ଭୂଷିତ କରିବା, ଶବ ଉପରେ ଉପବେଶନ ହୋଇ ଦେବୀ ଆରାଧନା କରିବା, ଦେବୀ ଙ୍କ ସନ୍ତୁଷ୍ଟି ପାଇଁ ପଶୁ, ପକ୍ଷୀ ବଳି ଦେବା, ଉଲଗ୍ନ ନାରୀ କୁ ପୂଜା କରିବା ପ୍ରଭୃତି କାପାଳିକ ପୂଜା ର ବହୁଳ ପ୍ରସାର ଘଟିଥିଲା। ଦଶମ ଶତାବ୍ଦୀ ବେଳକୁ ଓଡ଼ିଶା ତନ୍ତ୍ର ପାଇଁ ପ୍ରସିଦ୍ଧି ଲାଭ କରି ସାରିଥିଲା ବୋଲି ଓଡ଼ିଶା ଇତିହାସ ପୁସ୍ତକ ରେ ବର୍ଣ୍ଣିତ ହୋଇଛି। ସେହି ସମୟ ରେ ଓଡ଼ିଶା ର ଲୋକ ଦେବତା ଶ୍ରୀ ଜଗନ୍ନାଥ ଙ୍କୁ ମଧ୍ୟ ତନ୍ତ୍ର ପୂଜା ସ୍ପର୍ଶ କରିଥିଲା। ଶ୍ରୀ ଜଗନ୍ନାଥ ଙ୍କୁ ଭୈରବ ଓ ମା ବିମଳାଙ୍କୁ ଭୈରବୀ ବୋଲି ତାନ୍ତ୍ରିକ ମାନେ ଘୋଷଣା କରିଥିଲେ। ସେବେ ଠାରୁ ପୁରୀ ଶ୍ରୀ ମନ୍ଦିର ଭିତର ମା ବିମଳା ଙ୍କ ମନ୍ଦିର ରେ ଶାରଦୀୟ ପାର୍ବଣ ପୂଜା ତାନ୍ତ୍ରିକ ପଦ୍ଧତି ରେ ଅନୁଷ୍ଠିତ ହୋଇଆସୁଛି। ବୌଦ୍ଧ ଧର୍ମାବଲମ୍ବୀ ମାନେ ତନ୍ତ୍ର ଓ ମନ୍ତ୍ର ରେ ଈଶ୍ୱର ଓ ଶକ୍ତି ଙ୍କୁ ଆରାଧନା କରିବାରୁ ରାଜ୍ୟ ର କୋଣ ଅନୁକୋଣ ରେ ତନ୍ତ୍ର ପୂଜା ର ପ୍ରଚାର, ପ୍ରସାର ହୋଇ ପାରି ଥିଲା। ମୈଥୁନ ତନ୍ତ୍ର ସାଧନା ଓ ପୂଜା ର ଏକ ପ୍ରମୁଖ ଅଙ୍ଗ ପାଲଟି ଯାଇଥିଲା।ଏହି କାରଣରୁ ମନ୍ଦିର ମାନଙ୍କରେ ଉଲଗ୍ନ ଓ ମୈଥୁନ ମୂର୍ତ୍ତୀ ମାନ ଦେଖିବାକୁ ମିଳେ। ପ୍ରାୟ ଷଷ୍ଠ ରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ତନ୍ତ୍ର ପୂଜା ଦେବୀ ପୂଜା ଭାବରେ ପ୍ରଭାବ ବିସ୍ତାର କରିଥିଲା। ମୈଥୁନ କାରଣ କୁ ନେଇ କାପାଳିକ ଓ ତାନ୍ତ୍ରିକ ମାନଙ୍କ ବ୍ୟଭିଚାର ବଢ଼ିବାରେ ଲାଗିଲା। ଏଣୁ ଜନ ସାଧାରଣ ଧୀରେ ଧୀରେ ତନ୍ତ୍ର ପୂଜା କୁ ପ୍ରତ୍ୟାଖାନ କରିବାକୁ ଲାଗିଲେ। ଗଙ୍ଗ ବଂଶ ଓ କେଶରୀ ବଂଶ ର ଶାସକ ମାନେ ଶାକ୍ତ ଧର୍ମ ପରିବର୍ତ୍ତେ ଶୈବ ଧର୍ମ ଓ ବୈଷ୍ଣବ ଧର୍ମ କୁ ପୃଷ୍ଠପୋଷକତା କରିବାରୁ ତନ୍ତ୍ର ପୂଜା, ସାଧନା ଓ ଶିକ୍ଷା ହ୍ରାସ ପାଇବାରେ ଲାଗିଲା।୧୧ଶ ଶତାବ୍ଦୀ ବେଳକୁ ବୌଦ୍ଧ ତାନ୍ତ୍ରିକ ମାନେ ବାଧ୍ୟ ହୋଇ ଶୈବ ଧର୍ମ କୁ ଆପଣାଇ ବାରେ ଲାଗିଲେ। ଶକ୍ତି ପୀଠ ଓ ମୂର୍ତ୍ତୀ ଗୁଡ଼ିକୁ ହିନ୍ଦୁ ଧର୍ମାବଲମ୍ବୀ ମାନେ ନିଜ ଦେବୀ ଭାବେ ପୂଜା କରିବାରେ ଲାଗିଲେ। ଧୀରେ ଧୀରେ ଦେବୀ ମନ୍ଦିର ଓ ପୀଠ ମାନଙ୍କରେ ତନ୍ତ୍ର ପୂଜା ବନ୍ଦ ହୋଇଗଲା। ୧୧ଶ/୧୨ଶ ଶତାବ୍ଦୀରେ ଶୈବ ଧର୍ମ ଓ ବୈଷ୍ଣବ ଧର୍ମ ପ୍ରସାର ଲାଭ କରିବାରୁ ତନ୍ତ୍ର ପୂଜା, ସାଧନା ଓ ଶିକ୍ଷା ତାର ଅସ୍ତିତ୍ୱ ହରାଇ ବସିଲା। ହିନ୍ଦୁ ଧର୍ମାବଲମ୍ବୀ ମାନେ ଶକ୍ତି ପୂଜା କୁ ଆପଣାଇ ନେବାରୁ ଅନେକ ତନ୍ତ୍ର ପୀଠ କେବଳ ଦେବୀ ପୀଠ ଭାବେ ପରିଚିତ ହେଲା। କିଛି ତନ୍ତ୍ର ପୀଠ ବୈଷ୍ଣବୀ ପୀଠ ରେ ପରିଣତ ହେଲା ଓ ସେଠାରେ ଚାଲି ଆସୁଥିବା ପଶୁ, ପକ୍ଷୀ ବଳି ପ୍ରଥା ମଧ୍ୟ ବନ୍ଦ ହୋଇଗଲା। ତନ୍ତ୍ର ଦେବୀ ଗୁଡ଼ିକ ବିଭିନ୍ନ ସ୍ଥାନରେ ଗ୍ରାମ ଦେବତୀ (ମା ଦୂର୍ଗା ଙ୍କ ପ୍ରତିନିଧି) ଭାବେ ପୂଜା ପାଇବାକୁ ଲାଗିଲେ। ତନ୍ତ୍ର ଉପାସନା ଲୋକ ମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ ମଧ୍ୟ ଶକ୍ତି ଉପାସନା ରୁ ତନ୍ତ୍ର ପୂଜା ଅଲଗା ହୋଇ ପାରି ନ ଥିଲା। ଏଣୁ ଏବେ ବି ଶକ୍ତି ପୀଠ ଗୁଡ଼ିକ ରେ ଓ ଗ୍ରାମ ଦେବତୀ ପୀଠ ମାନଙ୍କ ରେ ଅନୁଷ୍ଠିତ ଶାରଦୀୟ ପାର୍ବଣ ପୂଜା ରେ ତନ୍ତ୍ର ର ଛାପ ଦେଖିବାକୁ ମିଳିଥାଏ। ଗତ ଶନିବାର ଠାରୁ ସାରା ରାଜ୍ୟର ଦେବୀ ପୀଠ ଠାରେ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇ ଯାଇଛି। ଶାରଦୀୟ ଦୁର୍ଗାପୂଜା ପାଇଁ ଗାଁ ମାନଙ୍କ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଜୟ ମା ଦୂର୍ଗା, ଜଗତ ଜନନୀ।

ତୁଳସୀପୁର, ପୁରୀ
ମୋବାଇଲ୍:୯୪୩୯୩୬୧୮୮

# ଜନ୍ତରମନ୍ତରରେ ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର




## ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର

- ଦିଲ୍ଲୀ ପୁଲିସର ଆଚରଣକୁ ନେଇ ଦେଶବ୍ୟାପୀ ଅସନ୍ତୋଷ
- ଥାନା ଆଗରେ ଶତାଧିକ ସାମ୍ବାଦିକଙ୍କ ପ୍ରତିବାଦ
- ଆପଣ କେଉଁଠି ଶାହଜୀ: ରାହୁଲ୍

**ନୂଆଦିଲ୍ଲୀ,୪।୧୦:** ନୂଆଦିଲ୍ଲୀର ଜନ୍ତରମନ୍ତର ମୈଦାନଠାରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବିକୁ ନେଇ ହୋଇଥିବା ପ୍ରତିବାଦ ସଭା କଭର୍ କରୁଥିବା ସମୟରେ ମହିଳା ସାମ୍ବାଦିକମାନେ ଅତ୍ୟନ୍ତ ଅଭାବନୀୟ ପରିସ୍ଥିତିର ସାମ୍ନା କରିଥିବା ଅଭିଯୋଗ ହୋଇଛି। ଏହି ପ୍ରତିବାଦ ସମୟରେ କର୍ତ୍ତବ୍ୟରତ ଥିବା ତିନିଜଣ ମହିଳା ସାମ୍ବାଦିକା ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ଦ୍ୱାରା ଦୁର୍ବ୍ୟବହାର, ଅସଦାଚରଣ ଓ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ନେଇ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବିଶେଷ କରି ଜଣେ ମହିଳା ସାମ୍ବାଦିକା ଅଭିଯୋଗ କରିଛନ୍ତି ଯେ ତିନି ତାରିଖରେ ସେ ପୁଲିସ କାର୍ଯ୍ୟାନୁଷ୍ଠାନର ଭିଡିଓ ରେକର୍ଡିଂ କରୁଥିବା ବେଳେ ଜଣେ ଅତିରିକ୍ତ ପୁଲିସ କମିଶନର (ଏସିପି) ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏହି ଘଟଣା ପରେ ସାମ୍ବାଦିକ ମହଲରେ ତଥା ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଘଟଣାର ପ୍ରତିବାଦ କରି ସ୍ଥାନୀୟ ସଂସଦ ମାର୍ଗ ପୁଲିସ ଷ୍ଟେସନ ସମ୍ମୁଖରେ ଶହ ଶହ ସାମ୍ବାଦିକ ଓ ସ୍ୱାଧୀନ ଗଣମାଧ୍ୟମ ପ୍ରତିନିଧି ଘଣ୍ଟାଘଣ୍ଟା ଧରି ଧାରଣାରେ ବସି ରହିଥିଲେ ଏବଂ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏଫ୍ଆଇଆର୍ ରୁଜୁ କରିବାକୁ ଦାବି କରିଥିଲେ।

ଏହି ପ୍ରସଙ୍ଗରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, 'ଜଣେ ମହିଳା ସାମ୍ବାଦିକା ପୁଲିସ ଅଧିକାରୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଘଣ୍ଟାଘଣ୍ଟା ଧରି ଶହ ଶହ ସାମ୍ବାଦିକ କେବଳ ଏକ ଏଫ୍ଆଇଆର୍ ରୁଜୁ ହେବା ଦାବିରେ ବସି ରହିଛନ୍ତି। ମାମଲା ରୁଜୁ କରିବା ହେଉଛି ପୁଲିସର ମୌଳିକ କର୍ତ୍ତବ୍ୟ। ଅଥଚ ସେମାନଙ୍କର କ୍ୟାମେରା ଛଡ଼ାଇ ନିଆଯାଉଛି, ସାମ୍ବାଦିକମାନଙ୍କୁ ଟଣାଓଟରା କରାଯାଉଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଜୀ, ଆପଣ କେଉଁଠି ଅଛନ୍ତି? ଏହାର ଜବାବ ଆପଣଙ୍କୁ ଦେବାକୁ ପଡ଼ିବ।'

ସେହିପରି କକରୋଚ ଜନତା ପାର୍ଟି (ସିଜେପି) ଏହି ଘଟଣାକୁ ଖୁବ୍ ଗୁରୁତର ସହ ନେଇଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଅଭିଯୁକ୍ତ ଏସିପି ବିବେକ ଭଗତଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ ଦାବି କରିଛନ୍ତି। ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ତିନି ତାରିଖରେ ହୋଇଥିବା ପ୍ରତିବାଦ ଅବସରରେ ଜନ୍ତରମନ୍ତରଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ମହିଳା ସାମ୍ବାଦିକମାନଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ ଆସିଛି। ଆଉ ତାହାକୁ ନିରପେକ୍ଷ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ସ୍ଥାନାନ୍ତର କରାଯାଇଛି। ଏଥିସହ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି, ଶଶି ଥରୁର, ପବନ ଖେଡ଼ା ପ୍ରମୁଖ ଦିଲ୍ଲୀ ପୁଲିସର ଏତାଦୃଶ୍ୟ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏହି ଘଟଣାରେ ଭାରତୀୟ ପ୍ରେସକ୍ଲବ୍ ଗଭୀର ଉଦବେଗ ପ୍ରକାଶ କରିଛି। ଦିଲ୍ଲୀ ପୁଲିସ ତୁରନ୍ତ ଏହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ, ଯାହାଫଳରେ ଗଣମାଧ୍ୟମର ପ୍ରତିନିଧିମାନେ କୌଣସି ପ୍ରକାରର ଆକ୍ରମଣ, ଭୟ କିମ୍ବା ଧମକର ସମ୍ମୁଖୀନ ନ ହୋଇ ସ୍ୱାଧୀନ ଭାବେ ନିଜର ବୃତ୍ତିଗତ ଦାୟିତ୍ୱ ସମ୍ପାଦନ କରିପାରିବେ ବୋଲି ଏକ ଟୁଇଟ୍ ବାର୍ତ୍ତାରେ ପ୍ରେସ୍କ୍ଲବ୍ କହିଛି।

## ଭୋଟର ତାଲିକାରୁ ନାମ ବାଦ୍ ପ୍ରସଙ୍ଗ

# ସିଇସିଙ୍କ ବିରୋଧରେ ବର୍ଷିଲେ ଉଦ୍ଧବ ଓ ରାଜ୍



**ମୁମ୍ବାଇ,୪।୧୦:** ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଏକ ଅଭୂତପୂର୍ବ ରାଜନୈତିକ ଦୃଶ୍ୟ ଦେଖିବାକୁ ମିଳିଛି। ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ରବିବାର ଦିନ ମିଳିତ ଭାବରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ପ୍ରତିବାଦ ସମୟରେ ଉଭୟ ଠାକରେ ଭାଇ ପୁଣିଥରେ ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ଏବଂ ନିର୍ବାଚନ କମିସନଙ୍କ କାର୍ଯ୍ୟକାରିତାକୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରତିବାଦ ସଭାକୁ ସମ୍ବୋଧିତ କରି ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଅଭିଯୋଗ କରିଛନ୍ତି ଯେ ଏହି ଲଢ଼େଇ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ନୁହେଁ, ବରଂ ଦେଶର ସ୍ୱାଧୀନତା ଏବଂ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏକ ଲଢ଼େଇ। ଦେଶର ଅନେକ ପ୍ରତିଷ୍ଠାନ ବର୍ତ୍ତମାନ ଶାସକ ଦଳର ଅଧୀନରେ କାମ କରୁଥିବା ଦର୍ଶାଇ ସେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଚୟନ କମିଟିରେ ବିରୋଧୀ ଦଳ ଏବଂ ମୁଖ୍ୟ ବିଚାରପତି ସାମିଲ ଥିଲେ, କିନ୍ତୁ ପରେ ସେହି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଥିବା ସେ କହିଛନ୍ତି। ସିଇସି ଜ୍ଞାନେଶ କୁମାର କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି ବୋଲି ଅଭିଯୋଗ ଆଣି ସେ ତାଙ୍କ ବିରୋଧରେ କାହିଁକି ମାମଲା ହେବନି ବୋଲି ପ୍ରଶ୍ନ କରିଛନ୍ତି।

# ଡିଜିଟାଲ୍ ଆରେଷ୍ଟ ମାଧ୍ୟମରେ ୬ ଲକ୍ଷ ଟଙ୍କା ଠକେଇ

**ନୂଆଦିଲ୍ଲୀ,୩।୧୦:** ରବିବାର ଦକ୍ଷିଣ ଦିଲ୍ଲୀର ସାଇବର ପୁଲିସ ଷ୍ଟେସନ ପକ୍ଷରୁ 'ଡିଜିଟାଲ୍ ଆରେଷ୍ଟ' ସାଇବର ଠକେଇ ମାମଲାରେ ଜାମ୍ମୁ-କାଶ୍ମୀରରୁ ରିତିଶ କୁମାର ମେହେରା ଓ ରାଜସ୍ଥାନରୁ ମୁକେଶ କୁମ୍ବାର ନାମକ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ନିଜକୁ ସରକାରୀ ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ ଭାବେ ପରିଚୟ ଦେଇ ହ୍ୱାଟ୍ସଆପ୍ ଭିଡିଓ କଲ୍ ମାଧ୍ୟମରେ ଗିରଫ କରିବାର ଭୟ ଦେଖାଇ ଅଭିଯୁକ୍ତମାନେ ଜଣେ ବ୍ୟବସାୟୀଙ୍କଠାରୁ ୬




ଲକ୍ଷ ଟଙ୍କା ଠକି ନେଇଥିଲେ। ଏହି ଘଟଣାରେ ବିଏନ୍ଏସର ବିଭିନ୍ନ ଧାରା ଅଧୀନରେ ସାଇବର ସାଉଥ୍ ଥାନାରେ ଏକ ଇ-ଏଫ୍ଆଇଆର୍ ରୁଜୁ ହେବା ପରେ ପୁଲିସ ତୁରନ୍ତ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ପୁଲିସର ଆର୍ଥିକ କାରବାର ଓ ବୈଷୟିକ ତଦନ୍ତରୁ ଜଣାପଡ଼ିଛି ଯେ ଠକେଇ ଟଙ୍କାରୁ ପ୍ରଥମେ ରାଜସ୍ଥାନ ଭିଲୱାଡ଼ାର ମୁକେଶ କୁମ୍ବାରଙ୍କ ଆକାଉଣ୍ଟକୁ ଜମା ହୋଇଥିଲା, ଯେଉଁଥିରୁ ୫.୫ ଲକ୍ଷ ଟଙ୍କା ପରବର୍ତ୍ତୀ ସମୟରେ ଜାମ୍ମୁ-କାଶ୍ମୀର କଠୁଆର ରିତିଶ କୁମାର ମେହେରାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଥିଲା। ବିଶେଷ ତଦନ୍ତକାରୀ ଟିମ୍ ପ୍ରଥମେ କଠୁଆରୁ ମେହେରାଙ୍କୁ ଏବଂ ପରେ ଭିଲୱାଡ଼ାରୁ କୁମ୍ବାରଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ କୁମ୍ବାରଙ୍କ ଅନ୍ୟ ଏକ ଆକାଉଣ୍ଟରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ଜଣାପଡ଼ିବା ସହ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ (ଏନସିଆରପି)ରେ ଦେଶର ବିଭିନ୍ନ ରାଜ୍ୟରୁ ରୁଜୁ ହୋଇଥିବା ୧୦ଟି ସାଇବର ଠକେଇ ଅଭିଯୋଗ ସହ ଏହାର ସିଧାସଳଖ ଲିଙ୍କ୍ ଥିବା ସ୍ପଷ୍ଟ ହୋଇଛି। ବୈଷୟିକ ଅନୁସନ୍ଧାନରୁ ଏହି ଅନଲାଇନ୍ ଯୋଗାଯୋଗର ତଥ୍ୟ କାମ୍ବୋଡିଆରୁ ପରିଚାଳିତ ହେଉଥିବା ଜଣାପଡ଼ିଛି, ଯାହା ଏକ ଆନ୍ତର୍ଜାତୀୟ ସାଇବର ଗ୍ୟାଙ୍ଗର ସଂପୃକ୍ତିକୁ ପଦାକୁ ଆଣିଛି।

# ୬ ମାସ ଭିତରେ ପଶ୍ଚିମବଙ୍ଗରେ ୟୁସିସି



## ପ୍ରଚାରର ଶେଷ ଦିନରେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**କୋଲକାତା,୪।୧୦:** ଆସନ୍ତା ୬ ମାସ ଭିତରେ ପଶ୍ଚିମବଙ୍ଗର ୟୁସିସି ଲାଗୁ କରାଯିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର କହିଛନ୍ତି ଯେ ଉତ୍ତରାଖଣ୍ଡ ଏବଂ ଗୁଜରାଟ ପରେ ପଶ୍ଚମବଙ୍ଗରେ ଛଅ ମାସ ଭିତରେ ସମାନ ନାଗରିକ ସଂହିତା ଲାଗୁ କରାଯିବ। ସେ ଏହା ସ୍ପଷ୍ଟ କରିଛନ୍ତି ଯେ ପଶ୍ଚିମବଙ୍ଗରେ ଜବରଦସ୍ତ ଧର୍ମ ପରିବର୍ତ୍ତନ ବିରୋଧରେ ଆଇନକୁ କଠୋର କରାଯିବ।

ନଭେମ୍ବର ୧୭ରେ କୋଲକାତାରେ ହନୁମାନ ଚାଳିଶା ପାଠ କରାଯିବ। ଏହା ପରେ ଡିସେମ୍ବର ୨୯ରେ କୋଲକାତାର ଐତିହାସିକ ବ୍ରିଗେଡ୍ ପରେଡ ଗ୍ରାଉଣ୍ଡରେ ଗୀତା ପାଠ କରାଯିବ। ନନ୍ଦିଗ୍ରାମ ଉପନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୂର୍ବତନ ଟିଏମସି ସରକାର ବିଜେପି ନେତାମାନଙ୍କୁ ଫସାଇବା ପାଇଁ ସିଆଇଡିର ଅପବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ୨୦୨୧ ବିଧାନସଭା ନିର୍ବାଚନ ସମୟରେ ମମତା ବାନାର୍ଜୀ ଗୋଡରେ ଆଘାତ ଲାଗିଥିବା ମିଛ ଦାବି କରିଥିଲେ। ଏହି ଆଧାରରେ ବିଜେପି ନେତାମାନଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିଲା। ରବିବାର ଶୁଭେନ୍ଦୁ ଅଧିକାରୀ ବିଜେପି ପ୍ରାର୍ଥୀ ହସିରାଣୀ ରଥଙ୍କ ପାଇଁ ପ୍ରଚାର କରି ନନ୍ଦିଗ୍ରାମରେ ଏକ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ହସିରାଣୀ ରଥ ହେଉଛନ୍ତି ଶୁଭେନ୍ଦୁ ଅଧିକାରୀଙ୍କ ନିହତ ଘନିଷ୍ଠ ସହଯୋଗୀ ଚନ୍ଦ୍ରନାଥ ରଥଙ୍କ ମାଆ। ଏହି ଅବସରରେ ପୁଣି ଥରେ ମମତା ବାନାର୍ଜୀଙ୍କ ଗୋଡ଼ରେ ଆଘାତ ବିଷୟରେ ପ୍ରଶ୍ନ ଉଠାଇଥିଲେ। ଦିନକ ପୂର୍ବରୁ, ଏକ ସାମ୍ବାଦିକ ସମ୍ମିଳନୀରେ, ମୁଖ୍ୟମନ୍ତ୍ରୀ ଦାବି କରିଥିଲେ ଯେ ମମତା ବାନାର୍ଜୀ ନନ୍ଦୀଗ୍ରାମରେ ୨୦୨୧ ନିର୍ବାଚନ ପ୍ରଚାର ସମୟରେ ଗୋଡ଼ ମାଡ଼ ହେବାର ନାଟକ କରିଥିଲେ। ସେ ଦସ୍ତାବିଜ ରଖି ଦାବି କରିଥିଲେ ଯେ ଏହା ମମତା ବାନାର୍ଜୀଙ୍କ ଡାକ୍ତରୀ ରିପୋର୍ଟ ଏବଂ ଏଥିରେ କୌଣସି ଫ୍ରାକ୍ଚରର ପ୍ରମାଣ ନାହିଁ। ଶେଷ ଦିନର ପ୍ରଚାର ସମୟରେ, ସେ କହିଥିଲେ ଯେ ପୂର୍ବ ଟିଏମସି ସରକାର ସମୟରେ ସିଆଇଡି ମିଛ ମାମଲା ଆଧାରରେ ବିଜେପି ନେତାମାନଙ୍କୁ ହଇରାଣ କରିଥିଲା।

# ଇସ୍ରାଏଲର ମଶାଲ ଧରିବେ ମୋଦି ଓ ମଚ୍ଛାର



**ନୂଆଦିଲ୍ଲୀ,୪।୧୦:** ଫ୍ଲାଇଦୁବାଇ ବିମାନର କକପିଟ୍‌ରେ ଆକ୍ରମଣର ସମ୍ମୁଖୀନ ହୋଇ ମଧ୍ୟ ନିଜ ସାହସ ବଳରେ ଶତାଧିକ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିବା ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପ୍ରଶଂସା କରିଛନ୍ତି। ନେତାନ୍ୟାହୁ ତାଙ୍କୁ ବିଶ୍ୱର ହିରୋ ବୋଲି କହିଛନ୍ତି। ଏହାସହ ଇସ୍ରାଏଲ୍ ସ୍ୱାଧୀନତା ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ୟାପ୍ଟେନ୍ ମଚ୍ଛାରଙ୍କୁ ଉତ୍ସବୀୟ ମଶାଲ ପ୍ରଜ୍ୱଳନ ପାଇଁ ନେତାନ୍ୟାହୁ ନିମନ୍ତ୍ରଣ କରିଛନ୍ତି। ଏହି ସମ୍ମାନ ଇସ୍ରାଏଲୀ ନାଗରିକଙ୍କ ପାଇଁ ରହିଥାଏ, କିନ୍ତୁ କ୍ୟାପ୍ଟେନ୍ ମଚ୍ଛାରଙ୍କ ଅସାଧାରଣ ସାହସିକତାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ବିଶେଷ ସମ୍ମାନ ପ୍ରଦାନ କରାଯାଉଛି। ଏହି ନିମନ୍ତ୍ରଣ ଭାରତ-ଇସ୍ରାଏଲ୍ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି କୂଟନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଭାରତ ସମେତ ତିନି ଦେଶରେ ଭୂକମ୍ପ ଝଟକା

## ତ୍ରିପୁରା ଓ ମଧ୍ୟପ୍ରଦେଶରେ ମଧ୍ୟ ପ୍ରକମ୍ପନ



**ନୂଆଦିଲ୍ଲୀ,୪।୧୦:** ଭାରତ ସମେତ ଇଣ୍ଡୋନେସିଆ ଏବଂ ମିଆଁମାରର ବିଭିନ୍ନ ସହରରେ ଗତ ବିଳମ୍ବିତ ରାତିରୁ ଆଜି ସକାଳ ପର୍ଯ୍ୟନ୍ତ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଭୂକମ୍ପ ହୋଇଥିବା ନିଶ୍ଚିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଇଣ୍ଡୋନେସିଆରେ ଆଜି ସକାଳ ୫ଟା ୦୭ ମିନିଟ୍ ସମୟରେ ଭୂକମ୍ପ ଆସିଥିଲା, ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୫.୨ ରେକର୍ଡ କରାଯାଇଛି। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ରହିଥିଲା। ଏହା ପୂର୍ବରୁ ବିଳମ୍ବିତ ରାତି ୧୧ଟା ୪୨ ମିନିଟ୍ ସମୟରେ ମିଆଁମାରରେ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହାର ତୀବ୍ରତା ୪.୬ ଥିଲା। କେବଳ ବିଦେଶରେ ନୁହେଁ, ବରଂ ଭାରତର ଦୁଇଟି ପ୍ରମୁଖ ରାଜ୍ୟ ତ୍ରିପୁରା ଏବଂ ମଧ୍ୟପ୍ରଦେଶରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ତ୍ରିପୁରାର ଧଲାଇ ଅଞ୍ଚଳରେ ରାତି ୧୨ଟା ୫୭ ମିନିଟ୍ ସମୟରେ ୩.୮ ତୀବ୍ରତାର ଭୂକମ୍ପ ଆସିଥିଲା, ଯାହାର କେନ୍ଦ୍ରସ୍ଥଳ ୩୦ କିଲୋମିଟର ଗଭୀରତାରେ ଥିଲା। ସେହିପରି ଅନ୍ୟପଟେ ମଧ୍ୟପ୍ରଦେଶର ନରସିଂହପୁରରେ ଗତ ରାତି ୧ଟା ୧୬ ମିନିଟ୍ ସମୟରେ ୨.୫ ତୀବ୍ରତାର ଏକ ମଧ୍ୟମଧରଣର ଭୂକମ୍ପ ଅନୁଭୂତ ହୋଇଥିଲା।

# ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ ପାଇଁ ବିଜେପିର ରାଜ୍ୟସଭା ପ୍ରାର୍ଥୀ ଘୋଷଣା

**ନୂଆଦିଲ୍ଲୀ,୪।୧୦:** ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନିର୍ବାଚନ କମିଟି ରାଜ୍ୟସଭା ନିର୍ବାଚନ ପାଇଁ ଦୁଇଜଣ ପ୍ରମୁଖ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବିଜେପି ଉତ୍ତରାଖଣ୍ଡରୁ ଦିନେଶ ଆର୍ଯ୍ୟଙ୍କୁ ପ୍ରାର୍ଥୀ କରିଛି। ସେହିପରି ରୁକ୍ମଣୀ ମଲ୍ଲିକ (କୋଏଲ ମଲ୍ଲିକ)ଙ୍କୁ ପଶ୍ଚିମବଙ୍ଗରୁ ଟିକେଟ୍ ଦିଆଯାଇଛି। କୋୟଲ



ପୂର୍ବରୁ ତୃଣମୂଳ କଂଗ୍ରେସର ସଦସ୍ୟ ଥିଲେ ଏବଂ ଏବେ ସେ ବିଜେପିରେ ଯୋଗ ଦେଇଛନ୍ତି। ତୃଣମୂଳ କଂଗ୍ରେସ ରାଜ୍ୟସଭା ସାଂସଦ କୋୟଲ ମଲ୍ଲିକ ତାଙ୍କ ଆସନରୁ ଇସ୍ତଫା ଦେଇଥିଲେ। ଏଥର ବିଜେପି ତାଙ୍କୁ ପ୍ରାର୍ଥୀ କରିଛି। କୋୟଲ ମଲ୍ଲିକ ଏପ୍ରିଲରେ ଶପଥ ନେଇଥିଲେ ଏବଂ ଜୁଲାଇରେ ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଇସ୍ତଫା ଦେଇଥିଲେ। ତୃଣମୂଳ କଂଗ୍ରେସ ସାଂସଦ ଭାବରେ କୋୟଲ ମଲ୍ଲିକ ଅଧିବେଶନର ଗୋଟିଏ ଦିନ ମଧ୍ୟ ଯୋଗ ଦେଇ ନଥିଲେ। କୋୟଲ ଜଣେ ଅଭିନେତ୍ରୀ ଏବଂ ଅନେକ ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ବିଜେପି ଉତ୍ତରାଖଣ୍ଡରୁ ରାଜ୍ୟସଭା ଆସନ ପାଇଁ ଦିନେଶ ଆର୍ଯ୍ୟଙ୍କୁ ପ୍ରାର୍ଥୀ କରିଛି। ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ ଟିକେଟକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଦିନେଶ ଆର୍ଯ୍ୟ ବିଜେପିର ନୈନିତାଲ ଜିଲ୍ଲା ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି ଏବଂ ଉତ୍ତରାଖଣ୍ଡରେ ରାଷ୍ଟ୍ରମନ୍ତ୍ରୀ ପଦରେ ଅଛନ୍ତି। ପୂର୍ବରୁ ଗୁଜବ ଥିଲା ଯେ ଗତ ବିଧାନସଭା ନିର୍ବାଚନରେ ଟିକେଟ୍ ନ ପାଇବାରୁ ସେ ଅସନ୍ତୁଷ୍ଟ ଥିଲେ।

# ହର୍ମୁଜ୍‌ରେ ଟ୍ୟାଙ୍କର୍ ଉପରେ ଆକ୍ରମଣ ଜାରି

- ୫ ଦିନରେ ୭ ଟ୍ୟାଙ୍କର୍‌କୁ ଟାର୍ଗେଟ

**ତେହରାନ,୪।୧୦:** ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ ନୌସେନା ଗତ ପାଞ୍ଚ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀରେ ନିୟମ ଉଲ୍ଲଂଘନ କରି ସାତୋଟି ତୈଳ ଟ୍ୟାଙ୍କର୍‌କୁ ଟାର୍ଗେଟ କରିଛି। ଆଇଆରଜିସି ନୌସେନା ପ୍ରତିଦିନ ହାରାହାରି ଗୋଟିଏରୁ ଅଧିକ ତୈଳ ଟ୍ୟାଙ୍କର୍‌କୁ ଟାର୍ଗେଟ କରୁଛି। ଏହି ଘଟଣାଗୁଡ଼ିକ ଏପରି ସମୟରେ ଘଟିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଖୋଲା ରହିଛି ଏବଂ ସମ୍ପୂର୍ଣ୍ଣ ଭାବେ ଆମେରିକା ନିୟନ୍ତ୍ରଣରେ ଅଛି। ଶୁକ୍ରବାର ଦିନ ହର୍ମୁଜ୍ ପ୍ରଣାଳୀରେ ଦୁଇଟି ତେଲ ଟ୍ୟାଙ୍କର୍



ବିସ୍ଫୋରଣ ହୋଇଥିଲା। ଗୋଟିଏ ପ୍ରଣାଳୀରେ ପ୍ରବେଶ କରିବା ସମୟରେ ଏବଂ ଅନ୍ୟଟି ଉପରେ ପ୍ରସ୍ଥାନ କରିବା ସମୟରେ ଆକ୍ରମଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ମେନଚୋସିଣ୍ଟ ଏହା ମଧ୍ୟ କହିଛି, ଗତ ଚାରି ଦିନରେ ଦୁଇଟି କୁଏତ ତୈଳ ଟ୍ୟାଙ୍କର୍ ଅଲ୍ ଫାଣ୍ଟାସ୍ ଏବଂ କାଜିମାହ ଉପରେ ଆକ୍ରମଣ କରାଯାଇଥିଲା।

## ଜ୍ଞାନେଶ କୁମାରଙ୍କ ସମସ୍ୟା ବଢ଼ିଲା

# ୨୦ ବର୍ଷ ପୁରୁଣା ଦୁର୍ନୀତି ମାମଲାର ପୁଣି ହେବ ତଦନ୍ତ

**ତିରୁଭାନନ୍ତପୁରମ,୪।୧୦:** କେରଳମ୍‌ର ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ସହ ଜଡ଼ିତ ପ୍ରାୟ ଦୁଇ ଦଶନ୍ଧି ପୁରୁଣା ମାମଲାର ଭିଜିଲାନ୍ସ ତଦନ୍ତ ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା କେରଳ ରାଜ୍ୟ ପରିବହନ ପ୍ରକଳ୍ପ ସହିତ ଜଡ଼ିତ। ଏହା ଅନ୍ତର୍ଗତ ଜଣେ ବିଦେଶୀ ଇଞ୍ଜିନିୟରର ନିଜ ଜୀବନ ନେବା ଏବଂ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯିବ। ରିପୋର୍ଟ ଅନୁଯାୟୀ, କେରଳମ୍ ଗୃହ ବିଭାଗ ୨୦୦୬ ମସିହାରେ ଜ୍ଞାନେଶ କୁମାର ରାଜ୍ୟର ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟର ସଚିବ ଥିବା ସମୟରେ ହୋଇଥିବା ଏକ ଭିଜିଲାନ୍ସ ତଦନ୍ତର ରେକର୍ଡ ମଧ୍ୟ ତଲବ କରିଛି। ପାଟି-ବେଲ୍ ନାମକ



ଏକ ଇଣ୍ଡୋ-ମାଲେସିଆନ୍ କନସୋର୍ଟିୟମ୍‌ର ଇଞ୍ଜିନିୟର ଲି ସି ବୀନ୍ ନିଜ ଜୀବନ ନେବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା।

ରିପୋର୍ଟ ଅନୁଯାୟୀ, ଇଞ୍ଜିନିୟର ଜଣକ ଏକ ସୁଇସାଇଡ୍ ନୋଟ୍‌ରେ ଜ୍ଞାନେଶ କୁମାରଙ୍କ ନାମ ନେଇଥିବା ଅଭିଯୋଗ ହୋଇଛି। ନୋଟ୍‌ରେ ପ୍ରକଳ୍ପ ସହିତ ଜଡ଼ିତ ଦେୟ ଏବଂ ବିଲ୍ ସମ୍ପର୍କରେ ଗମ୍ଭୀର ଅଭିଯୋଗ ଥିଲା। ପ୍ରକଳ୍ପ ଅଧୀନରେ ଦେୟ ଏବଂ ବିଲ୍ ସମାଧାନରେ ଅସୁବିଧା ହେଉଥିବା ଅଭିଯୋଗକୁ ନେଇ ବିବାଦ ଉପୁଜିଥିବା ରିପୋର୍ଟ ହୋଇଥିଲା। ଏହା ପରେ, ତତ୍କାଳୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ(ଏଲଡିଏଫ) ସରକାର ଏହି ମାମଲାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

ପ୍ରାୟ ଦୁଇ ଦଶନ୍ଧି ପୁରୁଣା ଏହି ମାମଲାକୁ ଏପରି ସମୟରେ ପୁଣି ଥରେ ଚର୍ଚ୍ଚାକୁ ଅଣାଯାଉଛି ଯେତେବେଳେ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଉପରେ ଲଗାତାର ପ୍ରଶ୍ନ ଉଠାଇବାରେ ଲାଗିଛନ୍ତି। ସମ୍ପ୍ରତି ରମେଶ ଚେନ୍ନିଥାଲା ମଧ୍ୟ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି।

## ଦୁର୍ଗାପୂଜା ପୂର୍ବରୁ ବଡ଼ ଷଡ଼ଯନ୍ତ୍ର

# ଭାଙ୍ଗିଦେଲେ ମାଆ ଦୁର୍ଗାଙ୍କ ମୂର୍ତ୍ତି

**ଢାକା,୪।୧୦:** ଶାରଦୀୟ ଦୁର୍ଗାପୂଜା ପୂର୍ବରୁ ବାଂଲାଦେଶରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଦୁର୍ବୃତ୍ତମାନେ ଟାଙ୍ଗାଇଲ ଜିଲ୍ଲାର ମିର୍ଜାପୁରରେ ଜାମୁରକି ପଶ୍ଚିମପଡ଼ାରେ ଏକ ଐତିହାସିକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରିଛନ୍ତି। ଆଗାମୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରାୟ ୮୫ବର୍ଷ ପୁରୁଣା ପରମ୍ପରା ଥିବା ଏହି ମନ୍ଦିରରେ ଦେବୀ ଦୁର୍ଗାଙ୍କ ସମେତ ସାତଟି ସୁନ୍ଦର ଏବଂ ପ୍ରାୟ ସମାପ୍ତ ମୂର୍ତ୍ତି ଭାଙ୍ଗି ଦିଆଯାଇଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଘଟିଥିବା ଏହି ଦୁଃଖଦ ଘଟଣା ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟକୁ ଗଭୀର ଶୋକ ଏବଂ ଅସୁରକ୍ଷା ଭାବନାରେ ବୁଡ଼ାଇ ଦେଇଛି। ଜାମୁରକି ଆର୍ଯ୍ୟ ସମିତିର ସଭାପତି ପ୍ରକାଶ ବାକାଲିଙ୍କ ଅନୁଯାୟୀ, ମୂର୍ତ୍ତିଗୁଡ଼ିକ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଥିଲା, କେବଳ ଚିତ୍ର ବାକି ଥିଲା। ବୁଧବାର ରାତି ପର୍ଯ୍ୟନ୍ତ ସମସ୍ତେ ମନ୍ଦିରରେ ଥିଲେ।

# ଆଟ୍‌ଲାଣ୍ଟିକରେ ମେଡିକାଲ ଜେଟ୍ ନିଖୋଜ

## 'ବର୍ମୁଡ଼ା ଟ୍ରାଏଙ୍ଗଲ୍' ରହସ୍ୟକୁ ନେଇ ବଢ଼ିଲା ଚର୍ଚ୍ଚା

**ବାଷ୍ଟନ,୪।୧୦:** ବର୍ମୁଡ଼ାରୁ ବାଷ୍ଟନ ଯାତ୍ରା କରୁଥିବା ଏକ ମେଡିକାଲ ଇଭାକ୍ୟୁଏସନ୍ ଜେଟ୍ (ଚିକିତ୍ସା ସହାୟତା ବିମାନ) ଆଟଲାଣ୍ଟିକ ମହାସାଗର ଉପରେ ରହସ୍ୟମୟ ଭାବେ ନିଖୋଜ ହୋଇଯିବା ପରେ ଏହା କୁଖ୍ୟାତ 'ବର୍ମୁଡ଼ା ଟ୍ରାଏଙ୍ଗଲ୍'ର ରହସ୍ୟକୁ ପୁଣିଥରେ ଜନମାନସରେ ଜାଗ୍ରତ କରିଛି। ପୃଥିବୀର ଏହି ଅଞ୍ଚଳରେ ପୂର୍ବରୁ ମଧ୍ୟ ଅନେକ ଜାହାଜ ଓ ଉଡ଼ାଜାହାଜ କୌଣସି କାରଣ ନ ଥାଇ ହଠାତ୍ ଗାଏବ ହୋଇଯିବାର ନଜିର ରହିଛି। ତେବେ କ'ଣ ଏଥର ମଧ୍ୟ ସେହି ରହସ୍ୟମୟ ବର୍ମୁଡ଼ା ଟ୍ରାଏଙ୍ଗଲ୍ ଏହି ମେଡିକାଲ ଜେଟ୍‌ଟିକୁ ଗିଳିଦେଲା କି ବୋଲି ଏକ ପ୍ରଶ୍ନ



ସ୍ୱତଃ ସୃଷ୍ଟି ହୋଇଛି।

ବିମାନରେ ଜଣେ ରୋଗୀ, ଜଣେ ରୋଗୀଙ୍କ ସମ୍ପର୍କୀୟ, ଦୁଇଜଣ ପାଇଲଟ୍ ଓ ଦୁଇଜଣ ଚିକିତ୍ସା କର୍ମଚାରୀଙ୍କ ସମେତ ମୋଟ ଛଅ ଜଣ ଥିଲେ। କାନାଡ଼ାରେ ରେଜିଷ୍ଟ୍ରେଡ୍ ହୋଇଥିବା ଏହି ଗଲ୍ଫଷ୍ଟ୍ରିମ୍ ଜି-୧୦୦ ବିମାନଟି 'ଲାଟିଚ୍ୟୁଡ୍ ଏୟାର ଆମ୍ବୁଲାନ୍ସ' ଦ୍ୱାରା ପରିଚାଳିତ ହେଉଥିଲା। ଏହା ଶନିବାର ସ୍ଥାନୀୟ ସମୟ ପ୍ରାୟ ରାତି ୧୨ଟା ୪୧ ମିନିଟ୍‌ରେ ବର୍ମୁଡ଼ାର ଏଲ୍ଏଫ୍ ୱେଡ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବାହାରିଥିଲା। ଏହା ବାଷ୍ଟନର ଲୋଗାନ ଆନ୍ତର୍ଜାତୀୟ ବିମାନବନ୍ଦର ଆଡ଼କୁ ଅଗ୍ରସର ହେଉଥିବାବେଳେ ଏହି ଅଘଟଣ ଘଟିଛି, ଯାହା ସେହି ସାମୁଦ୍ରିକ ଅଞ୍ଚଳର ପୁରୁଣା ଭୟକୁ ଆଉଥରେ ତାଜା କରିଦେଇଛି।

ବିମାନଟି ନିଖୋଜ ହେବା ପୂର୍ବରୁ ଏହାର ଶେଷ ମୁହୂର୍ତ୍ତର ଏକ ଅଡିଓ କ୍ଲିପ୍ ସାମ୍ନାକୁ ଆସିଛି। 'ଲାଇଭ୍ ଏଟିସି ଡଟ୍ ନେଟ୍' ଦ୍ୱାରା ପୋଷ୍ଟ କରାଯାଇଥିବା ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ରେକର୍ଡିଂରୁ ଜଣାପଡ଼ିଛି ଯେ ନିୟନ୍ତ୍ରକ ପାଇଲଟଙ୍କୁ ପଚାରିଥିଲେ, 'ରୋଜର, ଆପଣ କହିଲେ ଯେ ଆପଣ ଅନ୍ଧାରରେ କିମ୍ବା ବିନା ସହାୟତାରେ ଆସୁଛନ୍ତି? ଆପଣ ସେୟା କହିଲେ କି?' ତେବେ ପାଇଲଟଙ୍କ ଉତ୍ତର ସ୍ପଷ୍ଟ ଭାବେ ଶୁଣାଯାଇ ନଥିଲା। ଏହାପରେ କଣ୍ଟ୍ରୋଲର୍ ପଚାରିଥିଲେ ଯେ କ୍ରୁ' କୌଣସି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରୁଛନ୍ତି କି ନାହିଁ। ବାଷ୍ଟନ ଗ୍ଲୋବର ରିପୋର୍ଟ ଅନୁଯାୟୀ, ସମ୍ପର୍କ ଛିନ୍ନ ହେବା ପୂର୍ବରୁ ବିମାନଟି ଏକ ଗୁରୁତର ବୈଦୁତିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ବାଷ୍ଟନ ଲୋଗାନରେ ଥିବା ଜରୁରୀକାଳୀନ କର୍ମଚାରୀମାନଙ୍କୁ କୁହାଯାଇଥିଲା ଯେ ନାଣ୍ଟକେଟର ଦକ୍ଷିଣରେ ଅବସ୍ଥିତ ଅଞ୍ଚଳ ନିକଟତର ହେଉଥିବା ସମୟରେ ବିମାନଟିର ରେଡିଓ ଏବଂ ରାଡାର ସହିତ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତେବେ ଫେଡେରାଲ୍ ଏଭିଏସନ୍ ପକ୍ଷରୁ ଆରମ୍ଭ କରାଯାଇଥିବା ତଲାସୀ ଅଭିଯାନରେ ନିଖୋଜ ମେଡିକାଲ ଫ୍ଲାଇଟ୍ ସହିତ ଜଡ଼ିତ ଗୋଟିଏ 'ଭଗ୍ନାବଶେଷ କ୍ଷେତ୍ର' ଠାବ କରାଯାଇଛି। ମାତ୍ର ବିମାନରେ ଥିବା ଛଅ ଜଣଙ୍କର କୌଣସି ସନ୍ଧାନ ମିଳିନାହିଁ।

### ବିଶ୍ୱନାଥ ପଣ୍ଡିତ ଲାଇବ୍ରେରୀ ଫି'କୁ ନେଇ ତେଜିଲା ବିବାଦ

# ଫି'କୁ ନେଇ ଆନ୍ଦୋଳନକୁ ଓହ୍ଲାଇଲେ ବିଦ୍ୟାର୍ଥୀ



**ମୁହାଁମୁହିଁ ହେଲେ ବିଧାୟିକା ଓ ମେୟର**

କଟକ,୪।୧୦(ସଂଚାର ବ୍ୟୁରୋ): ବିଶ୍ୱନାଥ ପଣ୍ଡିତ ସେଣ୍ଟ୍ରାଲ ଲାଇବ୍ରେରୀ ଉଦ୍‌ଘାଟନକୁ ଦୁଇ ମାସ ପରେ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଲାଇବ୍ରେରୀ ଫି'କୁ ବିବାଦ ଡେଙ୍ଗିଛି। ଗତ ଜୁଲାଇ ୧୪ରେ ଲୋକାର୍ପଣ ହୋଇଥିବା ଏହି ପାଠାଗାର ପାଇଁ ବାର୍ଷିକ ୨୯୦୦ ଟଙ୍କା ଦେଲେ ବିଦ୍ୟାର୍ଥୀଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏହାକୁ ବିଦ୍ୟାର୍ଥୀମାନେ ବିରୋଧ କରୁଥିବା ବେଳେ ରାଜନୀତି ବି ଜୋର ଧରିଛି। ସରକାର କେଜିରୁ ପିଜି ମାଗଣା ଶିକ୍ଷାଦାନ ଘୋଷଣା କରିଥିବା ବେଳେ ରାଜ୍ୟର ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କ ପାଇଁ କେମିତି ଲାଇବ୍ରେରୀ ବ୍ୟବହାର ପାଇଁ ଏତେ ଟଙ୍କା ଦାବି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଆନ୍ଦୋଳନରତ ବିଦ୍ୟାର୍ଥୀ। ବିଦ୍ୟାର୍ଥୀଙ୍କ ଏହି କ୍ଷୋଭକୁ ଦେଖି ମେୟର ଓ ବିଧାୟିକା ଏହି ଫି' ହଟାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହାରି ଭିତରେ ବିଧାୟିକା ସୋଫିଆ ଫିରଦୋଷ ଓ ମେୟର ସୁବାସ ସିଂହଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ମେୟର ବିଦ୍ୟାର୍ଥୀଙ୍କ ଦାବି ନେଇ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରସ୍ତାବ ରଖିଥିବା ବେଳେ ବିଧାୟିକା ଧାରଣାରେ ବସିଥିବା ବିଦ୍ୟାର୍ଥୀଙ୍କ ପାଖକୁ ଯାଇ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଫୋନ୍‌ରେ ସେମାନଙ୍କ ଦାବି ଉପସ୍ଥାପନ ପାଇଁ ସୁଯୋଗ କରିଛନ୍ତି। ବିଦ୍ୟାର୍ଥୀଙ୍କ ଦାବି ଶୁଣିବାରେ ମେୟର ଓ କମିଶନର ଆଗ୍ରହ ଦେଖାଉନାହାନ୍ତି ବୋଲି ବିଧାୟିକା ଅଭିଯୋଗ କରିଛନ୍ତି। ସେପଟେ ମେୟର କହିଛନ୍ତି ଫି' ହ୍ରାସ କରିବା କ୍ଷମତା ମହାନଗର ନିଗମର ନାହିଁ। ଲାଇବ୍ରେରୀ ମେଣ୍ଟେନାନ୍ସ ପାଇଁ ଆବଶ୍ୟକ ଫି' ବିଧାୟକ ତାଙ୍କ ପାଣ୍ଠିରୁ ଦିଅନ୍ତୁ ବୋଲି ଅନୁରୋଧ କରିଛନ୍ତି ମେୟର। ଏକ ସାମ୍ବାଦିକ ସମ୍ମିଳନୀରେ ମେୟର କହିଛନ୍ତି ଯେ ଏବେ ନେତାଜୀ ବସ୍ ଟର୍ମିନାଲରେ ଥିବା ପାଠାଗାରକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି।

# ଆକାଶରୁ ଖସିଲା ଅଜଣା ଯନ୍ତ୍ର, ଗ୍ରାମବାସୀ ଭୟଭୀତ

### ଯନ୍ତ୍ରକୁ ଫେରାଇବାକୁ ଇସ୍ରୋରୁ ଆସିଲା ଫୋନ୍

ସନ୍ତରାଗଡ଼,୪।୧୦(ସଂଚାର ବ୍ୟୁରୋ): ନାଳଗିରି ବ୍ଲକ୍ ନଗଣପୁର ପଞ୍ଚାୟତ ଗୋବରାସାହି ଅଙ୍ଗନବାଡ଼ି କେନ୍ଦ୍ର ପଛପଟରେ ଗତକାଲି ଅପରାହ୍ନ ସମୟ ସମୟରେ ଶାଳଗଛରେ ଏକ ଧୋଳର ଡବା ଆକାରର ବସ୍ତୁ ଆସି ଝୁଲିଥିବା ଅଞ୍ଚଳବାସୀ ଦେଖି ଭୟଭୀତ ହୋଇପଡ଼ିଥିଲେ। ବସ୍ତୁଟିରେ ଏକ ହଳଦିଆ ରଙ୍ଗର ତାରରେ ବନ୍ଧା ହୋଇ ଗଛରେ ଝୁଲିଥିବା ବେଳେ ତାହାରେ ପି ୦୦୮୭ ଲେଖା ଥିବା ଦେଖିବାକୁ ମିଳିଥିଲା। ଏହା କେଉଁଠୁ ଓ କିପରି ଆସିଲା, ତାକୁ ନେଇ ଗ୍ରାମବାସୀ ଦ୍ୱନ୍ଦ୍ୱରେ ଥିବା ବେଳେ ଭୟଭୀତ ହୋଇ ବରହମପୁର ପୁଲିସ ଓ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ବରହମପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏହି ବାକ୍ସଟିକୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଖୋସିବା ପରେ ସେଥିରୁ ଏକ ଆଣ୍ଟିନା ଓ ଟ୍ରାନ୍ସମିଟର ବାହାରିଥିଲା, ଯେଉଁଥିରେ ଏହା ଏକ ବାୟୁ ବା ପାଣିପାଗ ବିଭାଗ ମାପଯନ୍ତ୍ର ବୋଲି ଲେଖା ରହିଥିଲା। ଅଧିକ ତଦନ୍ତ ପରେ ବରହମପୁର ପୁଲିସକୁ ଟ୍ରାନ୍ସମିଟର ବାକ୍ସରେ ଏକ ନମ୍ବର ମିଳିଥିଲା, ଯେଉଁଥିରେ ଯୋଗାଯୋଗ କରିବା ପରେ ତାହା ସିଧାସଳଖ ଇସ୍ରୋକୁ ସଂଯୋଗ କରିଥିଲା। ପରବର୍ତ୍ତୀ ସମୟରେ ନେମୀ ଚାନ୍ଦ ଓ ରାହୁଲ ଶିବଗୋଟିରା ନାମକ ଦୁଇ ଜଣ ବୈଜ୍ଞାନିକ ବରହମପୁର ପୁଲିସକୁ ଫୋନ କରି ଏହା ଏକ ପାଣିପାଗ ମାପକ ଓ ବାୟୁ ମାପକ ଯନ୍ତ୍ର ଯାହା ପରୀକ୍ଷଣ ସମୟରେ ବେଲୁନ୍ ଫାଟିଯିବାରୁ ଖସିପଡ଼ିଛି। ଏହା



ଅତ୍ୟଧିକ ଟଙ୍କା(ମୂଲ୍ୟ)ର ଯନ୍ତ୍ର, ଯେହେତୁ ଏହା ନଷ୍ଟ ହୋଇନାହିଁ, ତେଣୁ ତା' ଫେରାଇବା ପାଇଁ କହିଥିଲେ। ବରହମପୁର ପୁଲିସ ପକ୍ଷରୁ ଉପଯୁକ୍ତ କାଗଜପତ୍ର ଓ ତଥ୍ୟ ମଗାଯାଇଛି। ଉପଯୁକ୍ତ କାଗଜପତ୍ର ମିଳିବା ପରେ ଉକ୍ତ ଯନ୍ତ୍ରୀକୁ ଇସ୍ରୋକୁ ହସ୍ତାନ୍ତର କରାଯିବ ବୋଲି ବରହମପୁର ଆଇଆଇସି ଜନ୍ ପଟ୍ଟନାୟକ କହିଛନ୍ତି।

## କଥା ରଖି ଖଡ଼ାଦା ଦୋକାନରେ ଚା' ପିଇଲେ ମୁଖ୍ୟମନ୍ତ୍ରୀ



କୋଲକାତା,୪।୧୦(ସଂଚାର ବ୍ୟୁରୋ): ନନ୍ଦିଗ୍ରାମରେ ଏକ ପଦଯାତ୍ରାରେ ଅଂଶଗ୍ରହଣ କରିବା ସମୟରେ, ମୁଖ୍ୟମନ୍ତ୍ରୀ 'ଖଡାଦା'ଙ୍କ ଦୋକାନରେ ଚା' ପିଇବା ପାଇଁ ଅଟକିଥିଲେ। ଉପ-ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ହାସିରାଣୀ ରଥଙ୍କ ସମର୍ଥନରେ ରବିବାର ଦିନ ଆୟୋଜିତ ଏକ ରାଲିରେ ସେ ଯୋଗ ଦେଇଥିଲେ। ନନ୍ଦିଗ୍ରାମ ଆନ୍ଦୋଳନ ସମୟରୁ ସେ ଖଡାଦାଙ୍କ ଦୋକାନର ଜଣେ ନିୟମିତ ଗ୍ରାହକ ରହିଆସିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ପୁନର୍ବାର ସେଠାକୁ ଆସିବେ ବୋଲି ଶୁଭେନ୍ଦୁ ପ୍ରତିଶ୍ରୁତି ଦେଇଥିଲେ। ସୁଜଲ ମାଇତି ଯିଏ 'ଖଡାଦା ଭାବରେ ପରିଚିତ ୨୦୦୩ ମସିହାରୁ 'ଥାନା ମୋଡ଼' ଠାରେ ଏହି ଦୋକାନ ଚଳାଇ ଆସୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ପୁନଃ ଆଗମନରେ ସେ ଅତ୍ୟନ୍ତ ଖୁସି ହୋଇଛନ୍ତି।

## ଜାତୀୟ ରାଜପଥରେ ଜଳିଗଲା ଟ୍ୟାଙ୍କର

କୋଲକାତା,୪।୧୦(ସଂଚାର ବ୍ୟୁରୋ): ଦୁର୍ଗାପୁରର ଆଣ୍ଡାଲ ସ୍ଥିତ ଟପ୍‌ଲାଇନ୍ ବ୍ରିଜ୍ ଉପରେ ପାଉଁଶ ପରିବହନ କରୁଥିବା ଏକ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ଗାଡ଼ିଟି ଜାମୁଡିଆରୁ ଦୁର୍ଗାପୁର ଅଭିମୁଖେ ଯାଉଥିବା ସମୟରେ ଟପ୍‌ଲାଇନ୍ ବ୍ରିଜ୍ ନିକଟରେ ଅଚଳ ହୋଇପଡ଼ିଥିଲା। ଜଣେ ମେକାନିକ୍ ଗାଡ଼ିଟିର ମରାମତି କରୁଥିବା ବେଳେ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଯାଇଥିଲା। ଏହି ଘଟଣା ଯୋଗୁଁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କ୍ରେନ୍ ସାହାଯ୍ୟରେ ଗାଡ଼ିଟିକୁ ହଟାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଆରପିଏଫ୍ ବିରୋଧରେ ହକରମାନଙ୍କର ବିକ୍ଷୋଭ

କୋଲକାତା,୪।୧୦(ସଂଚାର ବ୍ୟୁରୋ): ରେଳବାଇ ହକରମାନେ ଆର୍‌ପିଏଫ୍ ବିରୁଦ୍ଧରେ ବିକ୍ଷୋଭ ଆରମ୍ଭ କରିଛନ୍ତି। ସେମାନଙ୍କ କହିବା କଥା ଯେ ସେମାନେ ଦୀର୍ଘ ଦିନ ଧରି ଟ୍ରେନରେ ବିଭିନ୍ନ ସାମଗ୍ରୀ ବିକ୍ରି କରିଆସୁଥିଲେ ମଧ୍ୟ ଗତ କିଛି ମାସ ଧରି ଏହି ବାହିନୀ ପକ୍ଷରୁ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିକ୍ଷୋଭକାରୀଙ୍କ ଅଭିଯୋଗ ଯେ ସେମାନଙ୍କ ଉପରେ ୨ ହଜାର ଟଙ୍କାର ଜରିମାନା ଲଗାଯାଉଛି, ଯାହା ଅନେକଙ୍କ ପକ୍ଷେ ପରିଶୋଧ କରିବା ସମ୍ଭବ ନୁହେଁ ଏବଂ ସେମାନେ ଏଭଳି କଠୋର ଆଭିମୁଖ୍ୟକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଫଳସ୍ୱରୂପ, ସେମାନେ କୋଚବିହାର ଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଜଣେ ଆର୍‌ପିଏଫ୍ ଅଧିକାରୀ କହିଛନ୍ତି ଯେ ସରକାରୀ ନିୟମାବଳୀ ଅନୁଯାୟୀ ଏହି ଜରିମାନା ଆଦାୟ କରାଯାଉଛି।

## ପ୍ରଚାର ବେଳେ ବୋମା ମାଡ଼ ଅଭିଯୋଗ

କୋଲକାତା,୪।୧୦(ସଂଚାର ବ୍ୟୁରୋ): ଉପ-ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟରେ ନନ୍ଦିଗ୍ରାମରେ ବୋମାମାଡ଼ ହୋଇଥିବା ଖବର ମିଳିଛି। ଗୋକୁଳନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରାନଗର ଗ୍ରାମର ବିଜେପି ବୁଥ୍ ସଭାପତି ଦୀନବନ୍ଧୁ ଦାସଙ୍କ ଘର ସାମ୍ନାରେ ଶନିବାର ଦିନ ବୋମାମାଡ଼ ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ତେବେ, ବିଜେପି ବୁଥ୍ ସଭାପତି ଏହି ଘଟଣା ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

## ବିଦ୍ୟୁତ୍ ଚାଳିତ ଢିଙ୍କି ପ୍ରଦାନ

କୋଲକାତା,୪।୧୦(ସଂଚାର ବ୍ୟୁରୋ): ଆସାନସୋଲର ଜାମଡୋବା ଗ୍ରାମରେ ଆଦିବାସୀ ମହିଳାମାନଙ୍କୁ ବିଦ୍ୟୁତ୍ ଚାଳିତ ଢିଙ୍କି (ପାରମ୍ପରିକ ଧାନ କୁଟା ଯନ୍ତ୍ର) ପ୍ରଦାନ କରାଯାଇଛି। ରବିବାର ଏକ କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ଅଗ୍ନିମିତ୍ରା ପାଲ ଏହି ଯନ୍ତ୍ରଗୁଡ଼ିକୁ ବଣ୍ଟନ କରିଥିଲେ। କେନ୍ଦ୍ର ସରକାରଙ୍କ କୃଷକ-ଅନୁକୂଳ 'ଆତ୍ମା' ଯୋଜନା ଅଧୀନରେ ଏହି ଢେଙ୍କିଗୁଡ଼ିକ ଯୋଗାଇ ଦିଆଯାଇଛି। ଏଗୁଡ଼ିକ ସୌର ଶକ୍ତିରେ ଚାଲିଥାଏ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ଢିଙ୍କିରେ କୁଟା ହୋଇଥିବା ଚାଉଳକୁ ପ୍ୟାକେଜ୍ କରି ବଜାରରେ ବିକ୍ରି କରିବେ। ଗ୍ରାମୀଣ ବଙ୍ଗଳାରେ ପାରମ୍ପାରିକ ଢିଙ୍କି ପ୍ରଥାକୁ ପୁନର୍ଜୀବିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଏକଦଫା ଦାବି ନେଇ ଗତ ୨୨ ତାରିଖରେ ପୁରୀରୁ ଏକାମ୍ର କ୍ଷେତ୍ର ଅଭିମୁଖେ ବାହାରିଥିବା ପଦଯାତ୍ରା ୨୬ରେ ଏକାମ୍ର କ୍ଷେତ୍ରରେ ପ୍ରବେଶ କରି ଲୋୟର ପିଏମଜିରେ ପହଞ୍ଚିଥିଲା। ପରେ ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିମାନେ ସଂଘର ସମାବେଶ ସ୍ଥଳକୁ ଆସି ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ସିଂ,



ଶ୍ରୀ ପ୍ରଧାନ, ଶ୍ରୀ ନାୟକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା କରିଥିଲେ ଓ ସନ୍ତୁଷ୍ଟିମୂଳକ ଆଲୋଚନା ପରେ ୨୦୦୮-୨୦୧୮ ଅନୁଦାନ ନିମନ୍ତେ ପଥ ପରିଷ୍କାର ହୋଇଥିଲା। ତେଣୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଏହି ଭବ୍ୟ ପଦଯାତ୍ରାରେ ସାମିଲ୍ ହୋଇଥିଲେ ସେମାନଙ୍କୁ ଗତ ଗାନ୍ଧି ଜୟନ୍ତୀରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଶ୍ରୀ ଦାସ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ପର୍ବ ଅବସରରେ ସଙ୍ଘର ଆବାହକ ନିଲୁ ନାୟକ, ନୟାଗଡ଼ ଜିଲ୍ଲାର ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ର, କଟକର ବ୍ୟବସ୍ଥା ପ୍ରମୁଖ ଲିତାରାଣୀ ପ୍ରଧାନ, ହେମନ୍ତ କୁମାର ବାରିକ, ଜାହ୍ନବୀ ପଟ୍ଟନାୟକ, ରୁପାଲି ପଟ୍ଟନାୟକ ଓ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାଞ୍ଚଳର ନବନିଯୁକ୍ତ ସବ୍‌ଇନ୍ସପେକ୍ଟରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



କଟକ,୪।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାଞ୍ଚଳ ଅଧୀନସ୍ଥ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ପ୍ରାୟ ୮୦ ଜଣ ନବନିଯୁକ୍ତ ସବ୍‌ଇନ୍ସପେକ୍ଟରଙ୍କ ପାଇଁ ଆଜି ସ୍ଥାନୀୟ ଆଇପିଏସ୍ ଅଫିସର୍ସ ମେସ୍‌ର ପାଢ଼ୀ ମେମୋରିଆଲ୍ ହଲ୍‌ରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନବନିଯୁକ୍ତ ଅଧିକାରୀଙ୍କୁ ପୁଲିସ୍ ଦାୟିତ୍ୱ, ସମସାମୟିକ ଅପରାଧ ଓ ପୋଲିସିଂର ବିଭିନ୍ନ ଦିଗ ସମ୍ପର୍କରେ ଆବଶ୍ୟକୀୟ ମାର୍ଗଦର୍ଶନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଓଡ଼ିଶାର ଡିଜିପି ବିନୟତୋଷ ମିଶ୍ର, ଆଇପିଏସ୍‌ଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡଃ ସତ୍ୟଜିତ ନାଏକ, ଆଇଜିପି, କେନ୍ଦ୍ରାଞ୍ଚଳ, କଟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସବ୍‌ଇନ୍ସପେକ୍ଟରଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସଙ୍ଗେ ଆଲୋଚନା କରିଥିଲେ। ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଡଃ ସତ୍ୟଜିତ ନାଏକ ଶୃଙ୍ଖଳା, ବୃତ୍ତିଗତ ସଚ୍ଚୋଟତା, ନାଗରିକମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ଆଇନର ଶାସନ ପ୍ରତି ସମ୍ମାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବର୍ତ୍ତିତ ଅପରାଧର ସ୍ୱରୂପ ଓ ପୋଲିସିଂରେ ଆସୁଥିବା ନୂତନ ଆହ୍ୱାନକୁ ଦୃଷ୍ଟିରେ ରଖି ନିଜ ଜ୍ଞାନ ଓ ଦକ୍ଷତାକୁ ନିରନ୍ତର ଭାବେ ବିକଶିତ କରିବା ସହ ନିଷ୍ଠା, ନିରପେକ୍ଷତା ଓ ବୃତ୍ତିଗତ ମନୋଭାବର ସହ ଦାୟିତ୍ୱ ତୁଲାଇବାକୁ ସେ ନବନିଯୁକ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ମାଦକର ସନ୍ଦୀପ ସମ୍ପତ, ଆଇପିଏସ୍, ଡିଆଇଜି, କ୍ରାଇମ୍ ବ୍ରାଞ୍ଚ, ଓଡ଼ିଶା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧର ସମସାମୟିକ ପରିସ୍ଥିତି ଓ ବିଭିନ୍ନ ଦିଗ ଉପରେ ଏକ ବିଶେଷ ଅଧିବେଶନ ନେଇଥିଲେ। ସେ ସାଇବର ଅପରାଧର ନୂତନ ରୂପ, ପ୍ରଯୁକ୍ତିଭିତ୍ତିକ ଅପରାଧର ତଦନ୍ତ ସମୟରେ ଦେଖାଦେଉଥିବା ଆହ୍ୱାନ ଓ ଏଭଳି ଅପରାଧର ମୁକାବିଲା ପାଇଁ ପ୍ରଯୁକ୍ତିଗତ ଜ୍ଞାନ ଓ ତଦନ୍ତ ଦକ୍ଷତା ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନଙ୍କୁ ସଚେତନ କରିଥିଲେ। ଡଃ ରାମ କିଶୋର ଶର୍ମା, ନ୍ୟାସନାଲ୍ କ୍ୟାରିଅର୍ ସର୍ଭିସେସ୍ ଏବଂ ପୂର୍ବତନ ମୁଖ୍ୟ, ଏନ୍‌ସିଡିଏସ୍, ଭାରତ ସରକାର ସମ୍ବଳ ଭାବେ ଯୋଗଦେଇ ନବନିଯୁକ୍ତ ଅଧିକାରୀମାନଙ୍କ ସହ ବୃତ୍ତିଗତ ବିକାଶ, କ୍ୟାରିଅର୍ ଓ ଦାୟିତ୍ୱ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

● ଜମି ବିବାଦରୁ ଗଡ଼ିଲା ମୁଣ୍ଡ

# ଭାଇକୁ ମାରିଲା ଭାଇ

ଫୁଲବାଣୀ,୪।୧୦(ସଂଚାର ବ୍ୟୁରୋ): ଫୁଲବାଣୀରେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ ହୋଇଛି। ଜମି ବିବାଦରୁ ଭାଇକୁ ହତ୍ୟା କରିଛି ଭାଇ। ମୃତକ ଜଣଙ୍କ ଅରୁଣ କୁମାର ସାହୁ ହୋଇଥିବା ବେଳେ ହତ୍ୟାକାରୀକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନାନୁସାରେ, ଗତ ଶୁକ୍ରବାର ପ୍ରଗତି ମାର୍ଗ ଅଞ୍ଚଳର ଏକ ଭଡ଼ା ଘରୁ ଅଶୋକଙ୍କ ମୃତଦେହ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ପୁଲିସ ତଦନ୍ତ କରିବା ପରେ ଜମି ବିବାଦରୁ ହତ୍ୟାକାଣ୍ଡ ଘଟିଥିବା ଜାଣିବାକୁ ପାଇଛି। ଅଶୋକଙ୍କୁ ତାଙ୍କ ଭାଇ



ଅରୁଣ କାଠ ଫାଳିଆରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସେମାନଙ୍କ ପରଲୋକଗତ ବାପାଙ୍କ ନାଁରେ ଥିବା ଏକ ଜମିକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ତେବେ ଗତ ୨୬ ତାରିଖ ରାତିରେ ଅଶୋକ ମଦ ପିଇ ଘରକୁ ଆସିଥିଲେ। ନିଜ ଭାଗ ଜମି ବିକ୍ରି କରିବାକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଅଭିଯୁକ୍ତ ଅରୁଣ ରାଗି ଯାଇ କାଠ ଫାଳିଆରେ ଅଶୋକଙ୍କ ମୁଣ୍ଡକୁ ପିଟିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ କାଠ ଫାଳିଆ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି ଅଧିକ ତଦନ୍ତ କରୁଛି।

## ସଡ଼କ ଦୁର୍ଘଟଣା, ୧ ମୃତ

କୋଲକାତା, ୪।୧୦ (ସଂଚାର ବ୍ୟୁରୋ): ପଶ୍ଚିମ ବର୍ଦ୍ଧମାନର ଆଣ୍ଡାଲ ଅଞ୍ଚଳର ବାସିନ୍ଦା ଅଂଶୁମାନ ନନ୍ଦୀ ନାମକ ଜଣେ ଯୁବକ ୬୦ ନମ୍ବର ଜାତୀୟ ରାଜପଥରେ ଏକ ମୋଟରସାଇକେଲ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହି ଘଟଣା ରବିବାର ଦିନ ବାଙ୍କୁଡ଼ାର ଗଙ୍ଗାଜଳଘାଟି ଥାନା ଅନ୍ତର୍ଗତ ଚୟନପୁର ଅଞ୍ଚଳ ନିକଟରେ ଘଟିଥିଲା। ସ୍ଥାନୀୟ ଲୋକମାନେ ପ୍ରଥମେ ଉକ୍ତ ମୋଟରସାଇକେଲ ଚାଳକଙ୍କୁ ରାସ୍ତା କଡ଼ରେ ପଡ଼ିଥିବାର ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଗଙ୍ଗାଜଳଘାଟି ଥାନାର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଅମରକାନନ ଗ୍ରାମୀଣ ଡାକ୍ତରଖାନାକୁ ନେଇଥିଲେ।

# ଦଣ୍ଡବିଧାନ ନଗଣ୍ୟ, ମୁଣ୍ଡବିନ୍ଧା ବଢୁଛି

ଭୁବନେଶ୍ୱର,୪।୧୦: ଅପରାଧିକ ମାମଲାରେ ଓଡ଼ିଶାରେ ଦଣ୍ଡ ବିଧାନ ହାର କମ୍ ରହିବା ମୁଣ୍ଡବିନ୍ଧାର କାରଣ ହୋଇଛି। ଅଧିକାଂଶ ମାମଲାରେ ଅପରାଧୀମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଉଥିବାରୁ ସେମାନଙ୍କର ବ୍ୟବସ୍ଥା ପ୍ରତି ଭୟ ରହୁନାହିଁ ଓ ଅପରାଧକୁ ପେସା ଭାବେ ଗ୍ରହଣ କରି ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ପ୍ରତି ସେମାନେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ଅଭିଜ୍ଞ ଆଇନ୍‌ଜୀବୀମାନେ ସ୍ୱୀକାର କରୁଛନ୍ତି।

ଭିଜିଲାନ୍ସ ମାମଲାକୁ ବାଦ୍ ଦେଲେ ପ୍ରାୟତଃ ଅନ୍ୟ ସମସ୍ତ ପ୍ରକାରର ଅପରାଧିକ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ଢେର କମ୍ ରହୁଛି। କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଓଡ଼ିଶାର ୩୦ଟିଯାକ ଜିଲ୍ଲାରେ ଚାଲୁଥିବା ବେଳେ ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅଥଚ ସରକାରୀ ତଥ୍ୟ ମୁତାବକ ଅବକାରୀ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ବର୍ଷେ ବର୍ଷେ ୧ ପ୍ରତିଶତରୁ କମ୍ ରହୁଛି। ଏମିତିକି ଅନେକ ଅବକାରୀ ଜିଲ୍ଲାରେ ବର୍ଷ ବର୍ଷ ଧରି ଗୋଟିଏ ହେଲେ ମାମଲାରେ ଦଣ୍ଡବିଧାନ ହୋଇପାରୁନାହିଁ। ରାଜ୍ୟରେ ନିଶା କାରବାର ବୃଦ୍ଧି ପାଇବାର ଏହା ଅନ୍ୟତମ କାରଣ ବୋଲି ମଦମୁକ୍ତ ଅଭିଯାନ ସହ ସମ୍ପୃକ୍ତ ଅନେକ ସ୍ୱେଚ୍ଛାସେବୀ ବାରମ୍ବାର ଖୋଲା ଅଭିଯୋଗ କରିଆସୁଛନ୍ତି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ନାଗରିକ ସମାଜ ପକ୍ଷରୁ ବାରମ୍ବାର ମହିଳା ଓ ଶିଶୁଙ୍କ ପ୍ରତି ବଢ଼ି ଚାଲୁଥିବା ଅପରାଧ ସଂକ୍ରାନ୍ତରେ ଉଦବେଗ ପ୍ରକାଶ କରାଯାଉଛି। ବିଭିନ୍ନ ସମୟରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ପ୍ରମୁଖ ପ୍ରସଙ୍ଗ କରୁଛନ୍ତି। ତେବେ ଚଳିତ ବର୍ଷର ପ୍ରଥମାର୍ଦ୍ଧରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରକାଶ କରିଥିବା କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟର ତଥ୍ୟ ମୁତାବକ ଓଡ଼ିଶାରେ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରେ ଦଣ୍ଡବିଧାନ ହାର ୬.୩ ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାରେ ଦଣ୍ଡବିଧାନ ହାର ୧୧ ପ୍ରତିଶତ ରହୁଛି। ଅଥଚ ଏହି ଦୁଇ କିସମର ମାମଲାରେ ଯଥାକ୍ରମେ ଜାତୀୟ ସ୍ତରରେ ଦଣ୍ଡବିଧାନ ହାର ୨୫.୭ ଓ ୩୩.୯ ପ୍ରତିଶତ ଥିବା କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟ କହୁଛି। ଏହି ପ୍ରକାରର ମାମଲାରେ ଓଡ଼ିଶାରେ ମାମଲା ଫଏସଲା ହାର ମଧ୍ୟ ୯ ପ୍ରତିଶତରୁ କମ୍ ରହୁଛି।

ତେବେ ଭିଜିଲାନ୍ସ ମାମଲାରେ ଜାତୀୟ ସ୍ତରରେ ଦଣ୍ଡବିଧାନ ହାର ୩୫.୩ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୪୭.୩ ପ୍ରତିଶତ ରହିଛି। କିନ୍ତୁ ରାଜ୍ୟରେ ଭିଜିଲାନ୍ସ ମାମଲା ଫଏସଲା ହାର ୭ ପ୍ରତିଶତରୁ କମ୍ ରହୁଛି। ଆଇପିସି ଓ ବିଏନଏସ୍‌ର ବିଭିନ୍ନ ଧାରାରେ ରୁଜୁ ହେଉଥିବା ଅପରାଧିକ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ୩୦.୧ ପ୍ରତିଶତ ଥିବା ବେଳେ ଜାତୀୟ ସ୍ତରରେ ଏହା କିନ୍ତୁ ୫୩.୩ ପ୍ରତିଶତ ରହୁଛି। ବରିଷ୍ଠ ନାଗରିକଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରେ ଓଡ଼ିଶାରେ ସବୁ କ୍ଷେତ୍ରରେ ଅଭିଯୁକ୍ତମାନେ ଖଲାସ ହେବା ଓ ଏ କିସମର ମାମଲା ଫଏସଲା ହାର ମାତ୍ର ୨.୩ ପ୍ରତିଶତରେ ସୀମିତ ରହିବା ଘେନି ବରିଷ୍ଠ ନାଗରିକ ସଂଘଗୁଡ଼ିକ ବାରମ୍ବାର ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଏହି ତଥ୍ୟ ମୁତାବକ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାରେ ବି ଓଡ଼ିଶାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି। ଏସସିଙ୍କ କ୍ଷେତ୍ରରେ ଏହା ମାତ୍ର ୧୦.୮ ପ୍ରତିଶତ ଥିବା ବେଳେ ଏସଟିଙ୍କ କ୍ଷେତ୍ରରେ ତାହା ୫.୯ ପ୍ରତିଶତରେ ସୀମିତ ରହୁଛି। ଉଭୟ ବର୍ଗଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାର ଫଏସଲା ହାର ବର୍ଷରେ ୧ ପ୍ରତିଶତରୁ କମ୍ ରହୁଥିବା ଏହି ରିପୋର୍ଟର ତଥ୍ୟ ଦର୍ଶାଉଛି।

ସାଇବର ଅପରାଧ, ରାଷ୍ଟ୍ର ବିରୋଧରେ ଅପରାଧ ଓ ପରିବେଶ ମାମଲାରେ ଓଡ଼ିଶାର ସ୍ଥିତି ଆଦୌ ସନ୍ତୋଷଜନକ ନୁହେଁ। ଏହି ତିନି କିସମର ମାମଲାରେ ଜଣେ ହେଲେ ଅଭିଯୁକ୍ତ ଦଣ୍ଡିତ ହୋଇ ନ ଥିବା କେନ୍ଦ୍ର ସରକାରଙ୍କ ଉକ୍ତ ରିପୋର୍ଟର ତଥ୍ୟ କହୁଛି। ଏ କ୍ଷେତ୍ରରେ ମଧ୍ୟ ମାମଲା ଫଏସଲା ହାର ଅତି ନଗଣ୍ୟ ରହୁଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୂଚନା ମୁତାବକ ଏବେ ରାଜ୍ୟରେ ଦଣ୍ଡବିଧାନ ହାର ବୃଦ୍ଧି ପାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତିନି ବର୍ଷ ପର୍ଯ୍ୟନ୍ତ...

କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୀବନରେ ଯେତେ ବାଧାବିଘ୍ନ ଓ ବିଫଳତା ଆସିଲେ ମଧ୍ୟ ସେଗୁଡ଼ିକୁ ସାମ୍ନା କରି ଆଗକୁ ବଢ଼ିବା ହେଉଛି ପ୍ରକୃତ ଜୀବନ। ଗତବର୍ଷ ଆରମ୍ଭ ହୋଇଥିବା 'ଜୀବନ ଜିନ୍ଦାବାଦ' ଅଭିଯାନ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବାରେ ବଡ଼ ସଫଳତା ଦେଇଥିବା ବେଳେ ବର୍ତ୍ତମାନର 'ଜୀବନ ଜିନ୍ଦାବାଦ ୨.୦' ଯୁବବର୍ଗଙ୍କୁ ନିଶାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାର ଏକ ବ୍ୟାପକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ 'ଜୀବନ ଜିନ୍ଦାବାଦ', 'ନିଶାମୁକ୍ତ ଯୁବସମାଜ ବିକଶିତ ଭାରତ' ଓ ସଚେତନମୂଳକ ନାଟକ 'ଭୂତ ମଣିଷର ନିଶାକୁ ନା' ମଞ୍ଚସ୍ଥ ହୋଇଥିଲା। ଏହି ସମସ୍ତ ନାଟକ ଓ ନୃତ୍ୟ ପ୍ରଦର୍ଶନଗୁଡ଼ିକର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନାଟକଗୁଡ଼ିକରୁ ପ୍ରତ୍ୟେକ ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ନେବା ଉଚିତ। ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଥିଲେ। କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନସୁଗର ଓ ସିନ୍ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୁଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଗ୍ରହଣ କରାଯାଇଥିବା ବିଭିନ୍ନ ଦୃଢ଼ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଜଣାଇଲେ ଯେ ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ଏଥିସହ ଚୋରା ଓ ବିଷକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍‌କା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ 'ନିଶା ନିଷିଦ୍ଧ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ 'ଡେଡ୍‌ଲାଇନ୍'କୁ ସାକାର କରିବା ଦିଗରେ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶେଷରେ, ଅଭିଭାବକମାନେ ନିଜ ପିଲାମାନଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହାକୁ 'ରେଡ୍-ଫ୍ଲାଗ୍' ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସେହି ଟଙ୍କାକୁ ପ୍ରୋଟିନ ଓ ଏନର୍ଜି ଡ୍ରିଙ୍କ୍ସ ପରି ସ୍ୱାସ୍ଥ୍ୟକର ଜିନିଷରେ ଖର୍ଚ୍ଚ କରିବାକୁ ଆଗ୍ରହୀ ହେବା ଏକ ଆଶାର କିରଣ ବୋଲି ସେ କହିଥିଲେ। 'ନିଶାକୁ ନାଁ, ଜୀବନକୁ ହଁ' ଓ 'ଜୀବନ ସୁନ୍ଦର ଏହାକୁ ନଷ୍ଟ କରନାହିଁ'ର ବାର୍ତ୍ତାକୁ ପ୍ରତ୍ୟେକ ଗାଁ ଓ ସହରରେ ପହଞ୍ଚାଇ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।

## ପୂର୍ବତନ ବିଧାୟକ...

ଆକ୍ରମଣ କରିଥିଲେ। ଏହି ଘଟଣାରେ ଶ୍ରୀ ବଳବନ୍ତରାୟଙ୍କ ଗାଡ଼ି ସମେତ ମୋଟ ତିନୋଟି ଗାଡ଼ି ଭଙ୍ଗାରୁଜା ହୋଇଛି। ପ୍ରଥମ ପର୍ଯ୍ୟାୟ ଆକ୍ରମଣ ପରେ ଦୁର୍ବୃତ୍ତମାନେ ଜଗଦୀଶ ଜେନାମଣିଙ୍କ ବାସଭବନକୁ ଯାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ପୁଣିଥରେ ଶ୍ରୀ ବଳବନ୍ତରାୟଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଶ୍ରୀ ବଳବନ୍ତରାୟ ଯାଜପୁର ଏସପିଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଆକ୍ରମଣକାରୀମାନେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ଓ ବିଜେପି କର୍ମୀ। ତେଣୁ ଏହା ପଛରେ କୌଣସି ରାଜନୈତିକ ଷଡ଼ଯନ୍ତ୍ର ଅଛି କି ନାହିଁ, ତାହାର ପୁଙ୍ଖାନୁପୁଙ୍ଖ ତାଲନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏଥିସହିତ ଘଟଣାସ୍ଥଳର ସିସିଟିଭି ଫୁଟେଜ୍, ମୋବାଇଲ ଭିଡିଓ ଓ ଫଟୋଗ୍ରାଫ୍ ଆଦି ସୁରକ୍ଷିତ ରଖାଯାଇ ତା'ର ଯାଞ୍ଚ କରାଯାଉ। ଆକ୍ରମଣରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଜବତ କରାଯାଉ। ନିଜର ଓ ସାକ୍ଷୀମାନଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଉ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀଙ୍କ ଭୂମିକା ଉପରେ ମଧ୍ୟ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଶ୍ରୀ ବଳବନ୍ତରାୟ ଦାବି କରିଛନ୍ତି।

## ରାଜ୍ୟରେ କ'ଣ...

କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ଶାନ୍ତିପ୍ରିୟ ଓଡ଼ିଶା ଅଶାନ୍ତ ହୋଇପଡୁ ବୋଲି ସରକାର ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିବା ସହ ରାଜ୍ୟବାସୀ ଏପରି ଅରାଜକତାର, ଏପରି କୁଶାସନର ଉଚିତ ଜବାବ ଦେବେ ବୋଲି ନବୀନ ଚେତାଇ ଦେଇଛନ୍ତି।

## ଲଢ଼େଇ ପୂର୍ବରୁ...

କଂଗ୍ରେସ ହିଁ ଜିତିବ। ଜେନ୍-ଜି' ବର୍ତ୍ତମାନ ସମୟରେ ବିଜେପି ପାଇଁ କ୍ଷତିଗସ୍ତ ହୋଇଛନ୍ତି। ଡବଲ ଇଞ୍ଜିନ ବିରୋଧରେ ଜେନ୍-ଜି' ଲଢ଼େଇ କରୁଛନ୍ତି। ରାହୁଲ ଗାନ୍ଧିଙ୍କ ସହ ଜେନ୍-ଜି' ଅଛନ୍ତି। ଚାଷୀ, ଛାତ୍ରଛାତ୍ରୀ, ଶିକ୍ଷିତ ବେକାର, ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଆମେ ଲୋକଙ୍କ ପାଖକୁ ଯାଉଛୁ। ଏମଏମଡିଆର ଆଇନ ପ୍ରତ୍ୟାହାରକୁ ନେଇ ଲୋକ ମୁଖ୍ୟ ପ୍ରସଙ୍ଗ କରାଯିବ। ଅନ୍ୟପଟେ ବିଜେପି ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା ସହ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସଭାପତି ଓ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସହିତ ବିସ୍ତାର ଭାବେ ଆଲୋଚନା କରିଛନ୍ତି। ଗ୍ରାଉଣ୍ଡରେ ଲଢ଼େଇ ପାଇଁ ରଣନୀତି କାର୍ଯ୍ୟକାରୀ କରିବାକୁ ରାଜ୍ୟ ପ୍ରଭାରୀ ମନ୍ତ୍ର ଦେଇଛନ୍ତି। ଗତକାଲି ସେ ଦଳୀୟ ପଦାଧିକାରୀଙ୍କ ସହ ୱାନ ଟୁ ୱାନ ଆଲୋଚନା କରିବା ପରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରିମଣ୍ଡଳର ସଦସ୍ୟ ଓ ତମାମ ପଦାଧିକାରୀଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ ପ୍ରଭାରୀ। ବର୍ତ୍ତମାନ ଦଳର ସ୍ଥିତି କ'ଣ ରହିଛି, କେଉଁଠି ଦଳ ସୁଦୃଢ଼ ରହିଛି, କେଉଁଠି ଦଳକୁ ଅଧିକ ଶକ୍ତିଶାଳୀ ହେବାକୁ ପଡ଼ିବ ସେ ବାବଦରେ ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ବିରୋଧୀଙ୍କ ରଣନୀତିକୁ କେମିତି କାଉଣ୍ଟର କରାଯିବ, ସେ ବାବଦରେ ମଧ୍ୟ ସେ କର୍ଣ୍ଣମନ୍ତ୍ର ଦେଇଛନ୍ତି।

## ଆଜି ଶୁଣାଣି...

ସାନ୍ଧୁ ଓ ବିବେକ ଯୋଶୀ ଆୟୋଗଙ୍କ ନିଷ୍ପତ୍ତିରେ ସେମାନଙ୍କର ଆପତ୍ତି ଥିବା ନେଇ ୧୦ ମାସ ମଧ୍ୟ ୧୪ ଥର ଜଣାଇଥିଲେ। ଫର୍ମ ୬ରେ ପରିବର୍ତ୍ତନ, ଦିଲ୍ଲୀରେ ଇଆରଓନେଟ୍ ନିୟନ୍ତ୍ରଣର କେନ୍ଦ୍ରୀକରଣ, ପଶ୍ଚିମବଙ୍ଗରେ ଭୋଟର ବାଦ୍ ଦେବା ଆବେଦନ ଓ ଗୋଆର ଭୋଟର ତାଲିକାରେ କିଛି ଯୋଗ୍ୟ ଭୋଟରଙ୍କୁ ଯୋଡ଼ିବାରେ ବିଫଳତା ଆଦିକୁ ନେଇ ସେମାନେ ଭିନ୍ନମତ ପୋଷଣ କରିଥିଲେ। ସେମାନେ ସେମାନଙ୍କ ଆପତ୍ତିକୁ ପଞ୍ଜିକୃତ କରିଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତାହାକୁ ଅସ୍ୱୀକାର କରି ଦେଇଥିଲେ। ଅପରପକ୍ଷରେ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ'ରେ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ବାଚନ ଆୟୋଗ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଥିଲା ଯେ କମିଶନରମାନଙ୍କର ହୁଏତ କୌଣସି ବ୍ୟକ୍ତିଗତ ମତ ଥାଇପାରେ; ମାତ୍ର ଆୟୋଗ ଭିତରେ କୌଣସି ମତଭେଦ ନାହିଁ। ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ସର୍ବସମ୍ମତି କ୍ରମେ ନିଆଯାଇଛି। ପାଟନା ନିବାସୀ ରାକେଶ କୁମାର ସିଂହ ଦାଖଲ କରିଥିବା ଜନସ୍ୱାର୍ଥ ମାମଲାରେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ ସିଇସି ଜ୍ଞାନେଶ କୁମାର ବ୍ୟକ୍ତିଗତ ଭାବେ ସମ୍ପୂର୍ଣ୍ଣ ନିର୍ବାଚନ ସଂସ୍ଥାର ଆଇନଗତ ଅଧିକାର ବ୍ୟବହାର କରୁଛନ୍ତି କି ନାହିଁ, ତାହା ନିର୍ଣ୍ଣୟ କରାଯିବା ଆବଶ୍ୟକ। ଆଉ ଯଦି ତାହା ପ୍ରମାଣିତ ହୁଏ, ତା'ହେଲେ ସେହି ନିଷ୍ପତ୍ତିଗୁଡ଼ିକୁ ଅନଧିକୃତ ଘୋଷଣା କରିବା ଓ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ବର୍ତ୍ତମାନ ଦାଖଲ କରାଯାଇଥିବା ଆବେଦନଗୁଡ଼ିକର ଚୂଡ଼ାନ୍ତ ଶୁଣାଣି ହେବା ପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କୁ ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେବା ଲାଗି ତାଙ୍କ ଆବେଦନରେ ଅନୁରୋଧ କରାଯାଇଛି। ଏଥିସହ ମୁଖ୍ୟ ନିର୍ବାଚନ ପଦବୀ ଖାଲି ପଡ଼ିଥିବା ଯାଏ ଭାରତୀୟ ନିର୍ବାଚନ ଆୟୋଗରେ ଯେଉଁ ନିଷ୍ପତ୍ତି ନିଆଯିବ ତାହା ଅନ୍ୟ ଦୁଇ କମିଶନର ସହମତି ଭିତ୍ତିରେ ନେବାକୁ ଆବେଦନକାରୀ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷରେ ଆଡଭୋକେଟ୍ ଚାନ୍ଦ କୁରେଶୀଙ୍କ ଜରିଆରେ ଆଡଭୋକେଟ୍ ଶୈଳେନ୍ଦ୍ର ମଣି ତ୍ରିପାଠୀ କରିଥିବା ଆବେଦନରେ ଦର୍ଶାଇଛନ୍ତି ଯେ ସିଇସିଙ୍କ କାର୍ଯ୍ୟ ସାମୂହିକ ନିଷ୍ପତ୍ତି ଗ୍ରହଣର ନିୟମକୁ ଉଲ୍ଲଂଘନ କରୁଛି। ଏଥିରେ ସିଇସି ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ କର୍ତ୍ତବ୍ୟ ଉଲ୍ଲଂଘନ ପାଇଁ ଫୌଜଦାରୀ ମାମଲା ଆରମ୍ଭ କରିବାକୁ ଦାବି କରାଯାଇଛି।

## ଓଡ଼ିଶାରେ କମୁଛି...

କିନ୍ତୁ ରେବଣା ସଂରକ୍ଷିତ ଜଙ୍ଗଲରେ ଏହି ଘନତା ୧୦୦ କିମିରେ ମାତ୍ର ୨.୨ ରହିଛି। ତେଣୁ ବନ୍ୟଜନ୍ତୁ-ମଣିଷ ସଂଘର୍ଷ ହ୍ରାସ କରିବା ସହ ଅସୁରକ୍ଷିତ ଅଞ୍ଚଳରେ ଚିତାଙ୍କର ତଦାରଖ ପଦ୍ଧତିକୁ ଉନ୍ନତ କରିବାକୁ ପଡ଼ିବ। ସେହିପରି ଚିତାବାଘଙ୍କ ସଂଖ୍ୟା ବୃଦ୍ଧି ସକାଶେ ପରିବେଶ ସନ୍ତୁଳିତ କରିଡର୍ ପ୍ରତିଷ୍ଠା କରିବାକୁ ହେବ ବୋଲି ଉକ୍ତ ସର୍ଭେରେ ପରାମର୍ଶ ଦିଆଯାଇଛି।

## ଓମାନୀ-ପାଇଲଟ୍‌ର...

ଆଭିଭ୍ ଯାଉଥିବା ଫ୍ଲାଇଦୁବାଇର ଏଫଜେଡ୍-୧୦୭୩ ବିମାନଟି ମଧ୍ୟପ୍ରାଚ୍ୟ ଆକାଶରେ ଯାତ୍ରା କରୁଥିବାବେଳେ ଓମାନୀ ସହ-ପାଇଲଟ୍ ହମାମ୍ ଅଲ୍-ହମ୍ମାମୀ ଭାରତୀୟ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କୁ ଏକ କୁରାଢ଼ିରେ ଆକ୍ରମଣ କରିଥିଲେ। ସେ ବିମାନର କଣ୍ଟ୍ରୋଲ୍ ନିଜ ହାତକୁ ନେବାକୁ ଚେଷ୍ଟା କରିଥିବାରୁ ବିମାନଟି ହଠାତ୍ ପ୍ରାୟ ୧୭ ହଜାର ଫୁଟ୍ ତଳକୁ ଖସି ପଡ଼ିଥିଲା। ତେବେ ଗୁରୁତର ଆହତ ହେବା ସତ୍ତ୍ୱେ ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ମଚ୍ଛାର ବିମାନଟିକୁ ସମ୍ଭାଳି ନେଇଥିଲେ।

## ୪୮ କିଲୋ ଗଞ୍ଜେଇ ସହ ଗାଡ଼ି ଜବତ, ଜଣେ ଗିରଫ



ଫୁଲବାଣୀ, ୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଅବକାରୀ ବିଭାଗକୁ ଗୋଚ୍ଛାପଡ଼ା ଅଞ୍ଚଳରୁ ଆଠମଲ୍ଲିକକୁ ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ସଦର ଅବକାରୀ ଟିମ୍ ଚଢ଼ାଉ କରି ୪୮ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଗଞ୍ଜେଇ ଚୋରାଚାଲାଣରେ ବ୍ୟବହୃତ ଗାଡ଼ିଟିକୁ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ବନ୍ଧୁଲି ଗ୍ରାମର କଛିପ କହଁର (୨୪)ଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।

### ଲଗାଣ ବର୍ଷାରେ ଧୋଇଗଲା

# ବାଘୁଆମେଦି କଲ୍‌ଭର୍ଟ ରାସ୍ତା, ଯାତାୟାତ ଠପ୍



ମହାକାଳପଡ଼ା, ୪।୧୦ (ସଂଚାର ବ୍ୟୁରୋ): ବାତ୍ୟା ଅର୍ଣ୍ଣବର ଲଗାଣ ବର୍ଷା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ଅନ୍ତର୍ଗତ ବାଘୁଆମେଦି କଲ୍‌ଭର୍ଟ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ଗୋବରୀ ନଦୀର ଶାଖା ମା' ରାମଚଣ୍ଡୀ ବାଲିଯୋର ଉପରେ ନିର୍ମିତ ଏହି ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଥିବାବେଳେ ଯାତାୟାତ ପ୍ରାୟ ଠପ୍ ହୋଇଯାଇଛି।

ଉଠିଆ ଜୁଆର ସମୟରେ ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ବାଲିଯୋରରେ କୁମ୍ଭୀର ଉପଦ୍ରବ ମଧ୍ୟ ଦେଖାଦେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଅଞ୍ଚଳରେ ପୂର୍ବରୁ ମଧ୍ୟ ଧନଜୀବନ କ୍ଷୟକ୍ଷତିର ଦୃଷ୍ଟାନ୍ତ ରହିଥିବାରୁ ରାସ୍ତା ଧୋଇଯିବା ପରେ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି।

ବାଘୁଆମେଦି ସମେତ ଆଖପାଖ ଗ୍ରାମର ଛାତ୍ରଛାତ୍ରୀ ସ୍କୁଲ, ଅଙ୍ଗନବାଡ଼ି, କଲେଜ ଓ ବଜାରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତା ଧୋଇଯିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ସମେତ ଗର୍ଭବତୀ ମହିଳା, ବୟସ୍କ ଓ ରୋଗୀମାନେ ଯାତାୟାତରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, କଲ୍‌ଭର୍ଟ ରାସ୍ତା ଅଚଳ ହୋଇପଡ଼ିବାରୁ ବାଘୁଆମେଦି-ରାମଚଣ୍ଡୀ ବାଲିଯୋର ରାସ୍ତାରେ ଆମ୍ବୁଲାନ୍ସ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା କଷ୍ଟକର ହୋଇପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟସେବା ନେଇ ଚିନ୍ତା ବଢ଼ିଛି।

ଏନେଇ ବାଘୁଆମେଦି ୱାର୍ଡ ସଦସ୍ୟା ସାବିତ୍ରୀ ସିଂ, ସମାଜସେବୀ ପବିତ୍ର ପରିଡ଼ା, ଗୌତମ ସିଂ, ଭାରତ ସିଂ, ଗଣେଶ ସିଂ, ଗୁନା ସିଂ, ମିଥୁନ ମଣ୍ଡଳ, ମକର ସିଂଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ଘଟଣାସ୍ଥଳରେ ତୁରନ୍ତ ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଆକ୍ରମଣ

## ଏସପି ଅଫିସ୍ ଘେରାଉ କଲେ ବିଜେଡି କର୍ମୀ



ଯାଜପୁର, ରୋଡ଼, ୪।୧୦ (ସଂଚାର ବ୍ୟୁରୋ): ଗଡ଼ମଧୁପୁର ଠାରେ ଜନସମ୍ପର୍କ ପଦଯାତ୍ରା ବେଳେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ମାଡ଼ ହେବା ସହ ତାଙ୍କ ଗାଡ଼ିକୁ ଭଙ୍ଗା ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପୂର୍ବତନ ବିଧାୟକ ଶ୍ରୀ ବଳବନ୍ତରାୟ ଗଡ଼ମଧୁପୁର ଅଂଚଳରେ ଜନସମ୍ପର୍କ ପଦଯାତ୍ରା କରୁଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଜିଲ୍ଲା ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶତାଧିକ ବିଜେଡି କର୍ମୀ ଏକାଠି ହୋଇ ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଏବଂ ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏସପି ଅଫିସକୁ ଘେରାଉ ସମୟରେ ଯାଜପୁର ଜିଲ୍ଲା ସ୍ତରୀୟ ଆଗଧାଡ଼ିର ବିଜେଡି ନେତାମାନେ ଉପସ୍ଥିତ ରହିଥିଲେ।

# କେନ୍ଦ୍ରାପଡ଼ାର ମହିଳାଙ୍କୁ ହିମାଚଳ ପ୍ରଦେଶରୁ ଫେରାଇ ଆଣିଲା ପୁଲିସ



କେନ୍ଦ୍ରାପଡ଼ା,୪।୧୦(ସଂଚାର ବ୍ୟୁରୋ): ଦୀର୍ଘ ପ୍ରାୟ ୩୫ ବର୍ଷର ବିଚ୍ଛେଦ ପରେ ନିଜ ପରିବାର ସହ ପୁନଃମିଳନ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରମିଳା ମଲ୍ଲିକ। ହିମାଚଳ ପ୍ରଦେଶର ଏକ ବୃଦ୍ଧାଶ୍ରମରେ ରହୁଥିବା ପ୍ରମିଳାଙ୍କ ପରିଚୟ ଚିହ୍ନଟ ହେବା ପରେ ଓଡ଼ିଶା ପୁଲିସ ଓ ହିମାଚଳ ପ୍ରଦେଶ ପ୍ରଶାସନର ମିଳିତ ଉଦ୍ୟମରେ ତାଙ୍କୁ ନିଜ ଜନ୍ମମାଟିକୁ ଫେରାଇ ଆଣାଯାଇଛି। ରବିବାର ତାଙ୍କୁ ପରିବାର ସଦସ୍ୟଙ୍କ ସହ ପୁନଃମିଳନ କରାଯିବା ପରେ ଏହି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲୁରିଆ ଗ୍ରାମର ସ୍ୱର୍ଗତ କୃଷ୍ଣ ମଲ୍ଲିକଙ୍କ କନ୍ୟା ପ୍ରମିଳା ମଲ୍ଲିକଙ୍କ ବିବାହ ୧୯୮୬ ମସିହାରେ ନନ୍ଦଲାଲ ପାଟଣା (ଆଳପୁଆ) ଗ୍ରାମର ସ୍ୱର୍ଗତ ଦୀନବନ୍ଧୁ ମଲ୍ଲିକଙ୍କ ସହ ହୋଇଥିଲା। ତାଙ୍କର ଏକ ପୁତ୍ର ମଧ୍ୟ ରହିଛନ୍ତି। ବିବାହର କିଛି ବର୍ଷ ପରେ ସେ ଶ୍ୱଶୁର ଘର ଛାଡ଼ି ବାପଘରକୁ ଚାଲି ଆସିଥିଲେ। ସେହି ସମୟରେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିଲା। ପରିବାରର ସହାୟତା ନ ମିଳିବାରୁ ସେ ପରବର୍ତ୍ତୀ ସମୟରେ କେଉଁଠି ଚାଲିଯାଇଥିଲେ ଏବଂ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ପରବର୍ତ୍ତୀ ସମୟରେ ପ୍ରମିଳା ମଲ୍ଲିକ ହିମାଚଳ ପ୍ରଦେଶର ଶିମଲାସ୍ଥିତ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ରହୁଥିବା ରେକର୍ଡରୁ ଜଣାପଡ଼ିଥିଲା। ପରେ ତାଙ୍କୁ ନାରୀ ନିକେତନ ଓ ପରବର୍ତ୍ତୀ ସମୟରେ ଭାଙ୍ଗରୋଟୁ ସ୍ଥିତ ଏକ ବୃଦ୍ଧାଶ୍ରମକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରହୁଥିବା ବେଳେ ମଣ୍ଡି ଜିଲ୍ଲାର ବାଲ୍ହ ଉପଖଣ୍ଡ ପ୍ରଶାସନ ତାଙ୍କ ପରିଚୟ ଯାଞ୍ଚ କରିଥିଲା। ଓଡ଼ିଶା ପୁଲିସର ସହଯୋଗରେ ତାଙ୍କ ପରିବାର ଓ ସ୍ଥାୟୀ ଠିକଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା।

ପ୍ରମିଳା ମଲ୍ଲିକ ନିଜ ପରିବାର ସହ ମିଶିବାକୁ ଇଚ୍ଛା ପ୍ରକାଶ କରିବା ପରେ ହିମାଚଳ ପ୍ରଦେଶ ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସକୁ ସୂଚନା ଦିଆଯାଇଥିଲା। ଏହାପରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା। ଗତ ୨୬ ସେପ୍ଟେମ୍ବରରେ ଗଠିତ ଏହି ଦଳ ହିମାଚଳ ପ୍ରଦେଶ ଯାଇ ସମସ୍ତ ଆଇନଗତ ଓ ପ୍ରଶାସନିକ ପ୍ରକ୍ରିୟା ସମାପ୍ତ କରି ପ୍ରମିଳାଙ୍କୁ ସୁରକ୍ଷିତ ଭାବେ ଓଡ଼ିଶାକୁ ଫେରାଇ ଆଣିଥିଲା। ରବିବାର ତାଙ୍କୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ପରିବାର ସଦସ୍ୟଙ୍କ ହସ୍ତରେ ହସ୍ତାନ୍ତର କରାଯାଇଥିଲା। ପରିବାର ସଦସ୍ୟମାନେ ପୁଲିସ ଓ ପ୍ରଶାସନର ଏହି ମାନବିକ ପଦକ୍ଷେପକୁ ପ୍ରଶଂସା କରିଥିବା ଜଣାପଡ଼ିଛି।

## ବେଡାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଦଲାଲ ରାଜ

### ଦଲାଲ ମାଧ୍ୟମରେ ଲାଞ୍ଚ କାରବାର ଅଭିଯୋଗ, ସାଧାରଣ ଲୋକ ହଇରାଣ

ଗରଦପୁର,୪।୧୦(ସଂଚାର ବ୍ୟୁରୋ): ଗରଦପୁର ତହସିଲ ଅଧୀନ ବେଡାରୀ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜମିଜମା ସମ୍ପର୍କିତ ବିଭିନ୍ନ କାମ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କୁ ଦଲାଲମାନେ ପ୍ରଥମେ ସମ୍ପର୍କ କରି ନିଜ ମାଧ୍ୟମରେ କାମ କରାଇବାକୁ ପ୍ରଲୋଭିତ କରୁଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କାର୍ଯ୍ୟାଳୟ ପରିସରରେ ପ୍ରତିଦିନ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଅବାଧ ଯାତାୟାତ ଦେଖିବାକୁ ମିଳୁଛି। ସେମାନେ ଆବେଦନକାରୀଙ୍କ ସହ ଯୋଗାଯୋଗ କରି ଜମି ପଟ୍ଟା, ମ୍ୟୁଟେସନ, ରେକର୍ଡ ସଂଶୋଧନ, ଆୟ, ବାସିନ୍ଦା ଓ ଅନ୍ୟାନ୍ୟ ପ୍ରମାଣପତ୍ର କାର୍ଯ୍ୟ ଶୀଘ୍ର କରାଇଦେବାର ପ୍ରତିଶ୍ରୁତି ଦେଉଛନ୍ତି। ଏହା ପାଇଁ ଆବେଦନକାରୀଙ୍କଠାରୁ ଅତିରିକ୍ତ ଅର୍ଥ ଆଦାୟ କରାଯାଉଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। କିଛି ଅଭିଯୋଗକାରୀଙ୍କ ମତରେ, ସରକାରୀ ନିୟମ ଅନୁଯାୟୀ ହେବାକୁ ଥିବା କାମ ପାଇଁ ଦଲାଲଙ୍କ ସହଯୋଗ ନନେଲେ ଫାଇଲ ଗତିଶୀଳ ହେଉନଥିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ସାଧାରଣ ଲୋକ ବାଧ୍ୟ ହୋଇ ଦଲାଲଙ୍କ ଶରଣାପନ୍ନ ହେଉଥିବା ଅଭିଯୋଗ ହେଉଛି। ଏପରିକି କାର୍ଯ୍ୟାଳୟରେ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବା ସହିତ ଦଲାଲ ମାଧ୍ୟମରେ ଲାଞ୍ଚ କାରବାର ଚାଲୁଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି।

ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ପୁଷ୍ଟି ହୋଇପାରିନାହିଁ। ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏନେଇ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ତେବେ ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ହିଞ୍ଜିଳି ବିଜେପିର ନଗର ମଣ୍ଡଳ ବୈଠକ

### ସଂଗଠନକୁ ମଜବୁତ କରିବା ପାଇଁ ଗୁରୁତ୍ୱ



ହିଞ୍ଜିଳିକାଟୁ, ୪।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବିଜେପିର ନଗର ମଣ୍ଡଳ ସଭାପତି ସୁଧାଂଶୁ ସାବତଙ୍କ ଅଧ୍ୟକ୍ଷତାରେ ନୂଆଗଡର ବାଲୁଙ୍କେଶ୍ୱର ଶିବ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଓ ଡ. ଶ୍ୟାମାପ୍ରସାଦ ମୁଖାର୍ଜିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହିତ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ପ୍ରକାଶ ମଙ୍ଗରାଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ, ରାଜ୍ୟ ପରିଷଦ ସଦସ୍ୟ ମାଧବ ଗୌଡ଼ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ଯୋଗ୍ୟ ହିତାଧିକାରୀମାନେ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ କର୍ମୀମାନେ ଗୁରୁତ୍ୱ ଦେବାକୁ ଆଲୋଚନାରେ କୁହାଯାଇଥିଲା। ଅଞ୍ଚଳର ବିଭିନ୍ନ ସମସ୍ୟା ଚିହ୍ନଟ କରି ତାହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଆଗାମୀ ଦିନରେ କିପରି ବିଜେପି ଦଳ ସୁଦୃଢ଼ ହେବା ସହିତ ଆସନ୍ତା ପୌର ନିର୍ବାଚନରେ ପ୍ରତି ୱାର୍ଡରେ କିପରି ଦଳ ବହୁ ମତ ହାସଲ କରିପାରିବ ଓ ଦଳ ସଠିକ ଲୋକଙ୍କୁ ଦାୟିତ୍ୱ ଦେଇ କିପରି ଠିକ ଭାବରେ ଦଳ ନିଜର ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମଗୁଡିକୁ ଠିକ ଭାବରେ ପରିଚାଳନା କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା।

# ଗଜଲକ୍ଷ୍ମୀ ପୂଜାର ଶତବାର୍ଷିକୀ ପାଇଁ ପୌର ପରିଷଦର ପ୍ରସ୍ତୁତି

### ସୌନ୍ଦର୍ଯ୍ୟୀକରଣ, ଆଲୋକୀକରଣ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ




କେନ୍ଦ୍ରାପଡା,୪।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରସିଦ୍ଧ କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଶତବାର୍ଷିକୀରେ ପଦାର୍ପଣ କରୁଥିବା ବେଳେ ଏହାକୁ ଭବ୍ୟ ଓ ସ୍ମରଣୀୟ କରିବା ପାଇଁ କେନ୍ଦ୍ରାପଡା ପୌର ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ସହରକୁ ସରସ, ସୁନ୍ଦର ଓ ସ୍ୱଚ୍ଛ କରିବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ନତ ସୁବିଧା ଯୋଗାଇଦେବାକୁ ପୌର ପରିଷଦର ସାଧାରଣ ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପୌର ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କେନ୍ଦ୍ରାପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲ୍ଲିମ୍ ଖାଁ, ଉପାଧ୍ୟକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ସମସ୍ତ କାଉନ୍‌ସିଲର, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ଗଜଲକ୍ଷ୍ମୀ ପୂଜା ଅବସରରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱଚ୍ଛ ପରିବେଶ, ପାନୀୟ ଜଳ, ଆଲୋକୀକରଣ ଓ ଯାତାୟାତ ସୁବିଧା ସୁନିଶ୍ଚିତ କରିବାକୁ ଆଲୋଚନା ହୋଇଥିଲା। ପୂଜାର ଶତବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ସହରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସୌନ୍ଦର୍ଯ୍ୟୀକରଣ ଓ ବିଶେଷ ସଫେଇ ଅଭିଯାନ ଚାଲୁ କରିବାକୁ ନିଷ୍ପତ୍ତି ନିଆଯାଇଛି।

ରାଜ୍ୟ ସରକାରଙ୍କ ନୂତନ ସ୍ୱଚ୍ଛତା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପୌରାଞ୍ଚଳର ପ୍ରତ୍ୟେକ ଘରୁ ଶୁଖିଲା ଓ ଓଦା ଆବର୍ଜନାକୁ ପୃଥକ ଭାବେ ସଂଗ୍ରହ କରିବା ସହିତ ଅଳିଆ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି।

ଗଜଲକ୍ଷ୍ମୀ ପୂଜା ପୂର୍ବରୁ ପୌରାଞ୍ଚଳର ୨୧ଟି ୱାର୍ଡ ଏବଂ ସହରର ପ୍ରମୁଖ ରାସ୍ତାଗୁଡ଼ିକର ମରାମତି, ଖାଲଖମା ପୂରଣ ଓ ଆବଶ୍ୟକ ସ୍ଥାନରେ ନୂତନ ରାସ୍ତା ନିର୍ମାଣ କରାଯିବ। ଏହାସହ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗକୁ ପୂଜା ପୂର୍ବରୁ ସମସ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଇଛି। ପୂଜା ଭସାଣି ଶୋଭାଯାତ୍ରାକୁ ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ପାଇଁ ମେଢ଼ ବିସର୍ଜନ ସ୍ଥଳଗୁଡ଼ିକରେ ପହଞ୍ଚ ଓ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ସେହିପରି ସହରର ଗଳିକନ୍ଦି ଓ ପ୍ରମୁଖ ସଡ଼କଗୁଡ଼ିକରେ ବ୍ୟାପକ ଆଲୋକୀକରଣ କରାଯିବାକୁ ସ୍ଥିର ହୋଇଛି।

### ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ

## ରଞ୍ଜନ କୁମାର ସ୍ୱାଇଁଙ୍କୁ 'ସମ୍ବାଦ ପରିବେଶ ସମ୍ମାନ'



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ବୃକ୍ଷରୋପଣ, ପରିବେଶ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ପୃଥିବୀକୁ ସୁରକ୍ଷିତ ରଖିବା ନେଇ ସଚେତନତା ସୃଷ୍ଟି କରିବାରେ ଦୀର୍ଘଦିନ ଧରି ଅବଦାନ ରଖିଥିବା ମାଲକାନଗିରିର ପ୍ରଫେସର ଡଃ ରଞ୍ଜନ କୁମାର ସ୍ୱାଇଁଙ୍କୁ 'ସମ୍ବାଦ ପରିବେଶ ସମ୍ମାନ'ରେ ସମ୍ମାନିତ କରାଯାଇଛି।

ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର କନଭେନସନ୍ ହଲ୍‌ରେ ଅକ୍ଟୋବର ୪ ତାରିଖରେ ଆୟୋଜିତ 'ପୃଥିବୀ' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅବସରରେ ଡଃ ସ୍ୱାଇଁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମାଲକାନଗିରିରେ ଶିକ୍ଷାଦାନ ସହିତ ପରିବେଶ ସୁରକ୍ଷାକୁ ନିଜ ସାମାଜିକ ଦାୟିତ୍ୱର ଅଂଶ ଭାବେ ଗ୍ରହଣ କରି ଡଃ ସ୍ୱାଇଁ ବୃକ୍ଷରୋପଣ ଓ ଗଛର ସୁରକ୍ଷା ଦିଗରେ ଲୋକଙ୍କୁ ଉତ୍ସାହିତ କରିଆସୁଛନ୍ତି। ବିଶେଷକରି ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧ ବଢ଼ାଇବା ସହିତ ଅଧିକରୁ ଅଧିକ ଗଛ ଲଗାଇବା ଓ ତାହାର ଯତ୍ନ ନେବା ପାଇଁ ସେ ନିରନ୍ତର ସଚେତନତା ସୃଷ୍ଟି କରିଆସୁଛନ୍ତି। ତାଙ୍କର ଏହି ଦୀର୍ଘଦିନର ପରିବେଶମୁଖୀ କାର୍ଯ୍ୟକଳାପକୁ ସ୍ୱୀକୃତି ଦେଇ 'ସମ୍ବାଦ ପରିବେଶ ସମ୍ମାନ' ପ୍ରଦାନ କରାଯିବା ମାଲକାନଗିରି ଜିଲ୍ଲା ପାଇଁ ମଧ୍ୟ ଗୌରବର ବିଷୟ ହୋଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ନିଷ୍ଠା ଜୋନ୍ ସ୍ତରୀୟ ସମ୍ପାଦକ ଓ ଅଧ୍ୟକ୍ଷ ସମ୍ମିଳନୀ



ଖୋର୍ଦ୍ଧା, ୪।୧୦ (ସଂଚାର ବ୍ୟୁରୋ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ନିଷ୍ଠା ଜୋନ୍ ସ୍ତରୀୟ ସମ୍ପାଦକ ଓ ଅଧକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ, ଖୋର୍ଦ୍ଧା, ନୟାଗଡ ଜିଲ୍ଲାରୁ ୧୨୦ଜଣ ଅଧ୍ୟକ୍ଷ ଓ ସମ୍ପାଦକ ଯୋଗଦେଇଥିଲେ। ଏଥିରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମଳନୀରେ ପ୍ରଥମେ ମା' ଓ ଶ୍ରୀଅରବିନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଗଲା।

ପ୍ରଥମେ ଶାଶ୍ୱତୀ ରାଉତରାୟ ମାତୃ ସଙ୍ଗୀତ ଗାନ କରିଥିଲେ। ପରେ ରବିନ୍ଦ୍ରନାଥ ପାଢ଼ୀ ସାବିତ୍ରୀ ପାଠ କରିଥିଲେ। ନିଷ୍ଠା ଜୋନ୍‌ର ସଂଯୋଜକ ସୁକାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଆନନ୍ଦଚନ୍ଦ୍ର ପ୍ରଧାନ ସଂଗଠନର ଲକ୍ଷ୍ୟ ଓ ଉଦେଶ୍ୟ ଉପରେ ଆଲୋକ ପାତ କରିଥିଲେ। ଶିକ୍ଷା ସଂଯୋଜକ କପିଳେନ୍ଦ୍ର ମିଶ୍ର ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ନବଜୀବନ ଶିକ୍ଷା ସାଂସଦର ସଦସ୍ୟ ଅପର୍ତି ଦାସ ପ୍ରଥମ ଅଧିବେଶନର କୃତଜ୍ଞତା ଜ୍ଞାପନ କରିଥିଲେ।

ଦ୍ୱିତୀୟ ଅଧିଶେନରେ ଦଳଗତ ଆଲୋଚନାର ବିଷୟ ବସ୍ତୁ କ୍ରମେ ଉତ୍ତମ ଶିକ୍ଷକ ହେବାକୁ ତାକୁ ଜଣେ ମହାନ୍ ଯୋଗୀ ହେବାକୁ ପଡିବ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ର ଲକ୍ଷ୍ୟ ଓ ଉଦେଶ୍ୟ କଣ ହେବା ଦରକାର ତାହା ନବଜୀବନ ଶିକ୍ଷା ସାଂସଦ ର ରାଜ୍ୟ ସଭାପତି ପ୍ରସାଦ ତ୍ରିପାଠୀ ଆଲୋକ ପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମନୋଜ କୁମାର ମହାପାତ୍ର , ମମତା ସାହୁ , ଦୀପ୍ତିମୟୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁରେନ୍ଦ୍ର ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



କଳାହାଣ୍ଡି, ୪।୧୦ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି କଳାହାଣ୍ଡି, ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ସେବା ସଂକଳ୍ପ ଦିବସ ପାଳନ ଅବସରରେ କୋକସରା ସିଏଚସିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉଦଘାଟନରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଜରୁରୀକାଳୀନ ସମୟରେ ରୋଗୀସେବା ପାଇଁ ଯୁବଗୋଷ୍ଠୀଙ୍କ ସ୍ୱେଚ୍ଛାକୃତ ରକ୍ତଦାନ ମହାନ ଦାନ ଓ ଦେଶ ମାତୃକା ପାଇଁ ସମାଜସେବା ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା, କୋକସରା ସିଏଚସି ଭାରପ୍ରାପ୍ତ ଡାକ୍ତର ତତ୍ୱଦର୍ଶୀ ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ଶବର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଭିନାଶ ନନ୍ଦ, ମଣ୍ଡଳ ସଭାପତି ବସନ୍ତ ନାଗ,ଧର୍ମବ୍ରତ ପଣ୍ଡା ଜିଲ୍ଲା ପ୍ରତିନିଧି ଦୁର୍ଗା ପ୍ରଧାନୀ,ବ୍ଲକ କୃଷକ ମୋର୍ଚ୍ଚା ସଂଯୋଜକ ପ୍ରମୋଦ କୁମାର ପ୍ରଧାନୀ, ଜିଲ୍ଲା ମହିଳା ମୋର୍ଚ୍ଚା ସହ ସମ୍ପାଦିକା ହରିପ୍ରିୟା ନାଗ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିର ରେ ମୋଟ ୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ମନ୍ଦିର ଚୋରି ଘଟଣାର ପର୍ଦ୍ଦାଫାଶ

# ୪ କୁଖ୍ୟାତ ଅପରାଧୀଙ୍କୁ ଗିରଫ କଲା କାକଟପୁର ପୁଲିସ

କାକଟପୁର/ଅସ୍ତରଙ୍ଗ, ୪।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ପାର୍ବଣ ପୂର୍ବରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅପରେସନ "ଦମନ"ରେ କାକଟପୁର ଥାନା ହାଟ୍ରିକ୍ ସଫଳତା ହାସଲ କରିଛି। ମାତ୍ର ଏକ ମାସ ମଧ୍ୟରେ ତିନୋଟି ବଡ ମନ୍ଦିର ଚୋରି ଘଟଣାର ପର୍ଦ୍ଦାଫାଶ କରି ୪ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରି ଜେଲ ପଠାଇଛି କାକଟପୁର ପୋଲିସ। ଏହି ସଫଳତା ପାଇଁ ଥାନା ଅଧିକାରୀ ବସନ୍ତ ସାହୁ ଏବଂ ତାଙ୍କ ଟିମକୁ ସବୁ ମହଲରୁ ପ୍ରଶଂସା ମିଳୁଛି।

ସୂଚନା ଅନୁଯାୟୀ ସେପ୍ଟେମ୍ବର ୨୯ ମଧ୍ୟରାତ୍ରିରେ କାକଟପୁର ଥାନା ଅଧୀନ ଚକିଆ ମଠ ବାସୁଦେବ ମନ୍ଦିର ଏବଂ କୁଣ୍ଡେଶ୍ୱର ମଠର ତାଲା ଭାଙ୍ଗି ଦୁର୍ବୃତ୍ତ ପିତଳ ଘଣ୍ଟି, ଥାଳି, ଢାଳ, ଗିନା, ଗରା, ଗ୍ଲାସ ଭଳି ପୂଜା ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ଘନଶ୍ୟାମ ରଥ ଅକ୍ଟୋବର ୨ ତାରିଖ ଅପରାହ୍ନ ୩ଟାରେ ଅଭିଯୋଗ କରିବା ପରେ କାକଟପୁର ଥାନାରେ କେସ ନମ୍ବର ୩୫୭/୨୦୨୬ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ଦାୟିତ୍ୱ ସହକାରୀ ଉପ ନିରୀକ୍ଷକ ଜୟନ୍ତୀ ସାହୁଙ୍କୁ ଦିଆଯାଇଥିଲା। ଏହି ଘଟଣା ଭିତରେ ଏକ ବଡ ତଥ୍ୟ ସାମ୍ନାକୁ ଆସିଛି। ଗତ ଫେବୃଆରୀ ମାସରୁ ଅସ୍ତରଙ୍ଗ ଥାନା ଅଧୀନରେ ଅନେକ ମନ୍ଦିରରୁ ଚୋରି ଘଟଣା ଘଟିଛି। ହେଲେ ଅସ୍ତରଙ୍ଗ ପୁଲିସ ମାମଲା ରୁଜୁ କରି ଥିବା ବେଳେ ଦୁର୍ବୃତ୍ତଙ୍କୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯାହାକୁ ନେଇ ପୁରୀ ଏସ୍ପିଙ୍କ ନିକଟରେ ଅସ୍ତରଙ୍ଗ ବଜାର କମିଟି ଲିଖିତ ଅଭିଯୋଗ କରିଥିଲେ।

ଅନ୍ୟ ପଟେ କାକଟପୁର ପୁଲିସ ଗୁପ୍ତ ସୂଚନା ଓ ବୈଷୟିକ ତଦନ୍ତ ଆଧାରରେ ଅକ୍ଟୋବର ୩ରେ ବଡ ଚଢାଉ କରି ବୋଇତକୁଦ ଗ୍ରାମର ମଙ୍ଗୁ ପ୍ରସାଦ ଦାସ (୨୮), ପୁରୀ ହରଚଣ୍ଡୀ ସାହିର କାହ୍ନା ଭୋଇ (୨୯), ଶ୍ରୀରାମପୁରର ପାପୁନି ଦାସ (୨୩) ଏବଂ ଚୋରି ମାଲ କିଣୁଥିବା ବାଜପୁରର ଅର୍ଜୁନ ସାହୁ(୪୦)ଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଭଙ୍ଗା ତାଲା, ପିତଳ ଘଣ୍ଟି, ଥାଳି, ଢାଳ, ଗିନା, ଗରା, ଗ୍ଲାସ ସବୁ ପିତଳ ସାମଗ୍ରୀ ଜବତ ହୋଇଛି। ଏମାନେ କାକଟପୁର କେସ ୩୫୬ ଓ ଅସ୍ତରଙ୍ଗ କେସ ୨୬୦ରେ ଅପରାଧୀ ଥିଲେ।

ଅସ୍ତରଙ୍ଗ ପୁଲିସ ଯେଉଁଠି ବିଫଳ ହୋଇଛି, ସେଠି କାକଟପୁର ପୋଲିସର ଏଭଳି ସଫଳତା ପାଇଁ ସାଧାରଣ ଲୋକ ଖୁସି ବ୍ୟକ୍ତ କରିଛନ୍ତି। ଥାନା ଅଧିକାରୀ ବସନ୍ତ ସାହୁଙ୍କ ଦିନ ରାତି ପରିଶ୍ରମ, ରାତି ପାଟ୍ରୋଲିଂ ବୃଦ୍ଧି ଓ ଗୁପ୍ତ ସୂଚନା ତନ୍ତ୍ର ଯୋଗୁଁ ଏହା ସମ୍ଭବ ହୋଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରି ଜେଲ ପଠାଯାଇଛି। ଅପରେସନ "ଦମନ" ଆହୁରି ଜୋରଦାର ହେବ ବୋଲି ପୋଲିସ କହିଛି।

# କୋଇଲା ଗୁଣ୍ଡ ଗଦାରେ ଖଣି ସହର



ଯୋଡ଼ା, ୪।୧୦ (ସଂଚାର ବ୍ୟୁରୋ): ଖଣି ଓ ଶିଳ୍ପ ସମୃଦ୍ଧ ଯୋଡ଼ା-ବଡ଼ବିଲ ଅଞ୍ଚଳରେ ଶିଳ୍ପ ବର୍ଜ୍ୟ ପରିଚାଳନାକୁ ନେଇ ପୁଣି ଉଠିଛି ପ୍ରଶ୍ନ। ବଡ଼ବିଲ ପୌରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ କାରଖାନାରୁ ବାହାରୁଥିବା କୋଇଲା ଗୁଣ୍ଡ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଖୋଲାରେ ପକାଯାଉଥିବା ଅଭିଯୋଗ ହୋଇଛି। ଫଳରେ ବାୟୁ ଓ ଜଳ ପ୍ରଦୂଷଣ ବଢ଼ିବା ସହ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

ବଡ଼ବିଲ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ ପାଇଁ ଜମିର ଖାଲଖମା ପୂରଣ କରିବାରେ କାରଖାନାରୁ ନିର୍ଗତ କୋଇଲା ଗୁଣ୍ଡ ବ୍ୟବହାର କରାଯାଉଥିବା ଦେଖାଯାଉଛି। ଭଦ୍ରାସାହି-ବଡ଼ବିଲ ମୁଖ୍ୟରାସ୍ତା ଏବଂ ଏନ୍‌ଏଚ୍-୫୨୦ରେ ଭଦ୍ରାସାହି ଛକଠାରୁ ଟୋଣ୍ଟ ପର୍ଯ୍ୟନ୍ତ ରାଜପଥ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ଏଭଳି କୋଇଲା ଗୁଣ୍ଡ ପକାଯାଇଥିବା ଅଭିଯୋଗ ହୋଇଛି। ଖୋଲା ସ୍ଥାନରେ କୋଇଲା ଗୁଣ୍ଡ ପକାଯିବା ଦ୍ୱାରା ପବନରେ ଧୂଳିକଣା ମିଶି ବାୟୁ ପ୍ରଦୂଷଣ ବଢ଼ୁଥିବା ବେଳେ ବର୍ଷା ସମୟରେ ଏହା ଭାସି ନିକଟସ୍ଥ ଜଳାଶୟ ଓ ଜଳସ୍ରୋତରେ ମିଶିବାର ଆଶଙ୍କା ରହିଛି। ଏଥିସହ ଜଳ ନିଷ୍କାସନ ପଥ ଅବରୋଧ ହେବାରୁ ଜଳବନ୍ଦୀ ସମସ୍ୟା ମଧ୍ୟ ସୃଷ୍ଟି ହେବା ନେଇ ଅଭିଯୋଗ ହେଉଛି।

ଗତ ସପ୍ତାହରେ ବଲାଣି ଅଞ୍ଚଳ ଦେଇ ପ୍ରବାହିତ କାରୋ ନଦୀରେ କଳା ରଙ୍ଗର ପାଣି ପ୍ରବାହିତ ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ମଧ୍ୟ ଏନେଇ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ଭଦ୍ରାସାହି ପଞ୍ଚାୟତ ଅନ୍ତର୍ଗତ ଟୋଣ୍ଟ ଗ୍ରାମରେ କାରଖାନାର ବର୍ଜ୍ୟବସ୍ତୁ ଏଣେତେଣେ ପକାଯାଉଥିବା ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୩ଟି ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଥିଲା। ଏଥିସହ ଭୂ-ସଂସ୍କାର ଆଇନ, ୧୯୫୦ ଅନୁସାରେ ସର୍ବସାଧାରଣ ନୋଟିସ ଜାରି କରି ନିଜସ୍ୱ କିମ୍ବା ସରକାରୀ ଜମିରେ କାରଖାନା ବର୍ଜ୍ୟବସ୍ତୁ ନ ପକାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଖୋଲାରେ ଶିଳ୍ପ ବର୍ଜ୍ୟ ପକାଇବା ନେଇ ଅଭିଯୋଗ

### ପ୍ରଦୂଷଣକୁ ନେଇ ବଢୁଛି ଚିନ୍ତା

ତେବେ ଭଦ୍ରାସାହି-ବଡ଼ବିଲ ମୁଖ୍ୟରାସ୍ତାର ବଡ଼ବିଲ ମହାବିଦ୍ୟାଳୟ ନିକଟରେ ଜଙ୍ଗଲ ଜମିରୁ ପାର୍କିଂ ହଟାଇ ପାର୍କ ନିର୍ମାଣ ସମୟରେ ମଧ୍ୟ ଶିଳ୍ପ ବର୍ଜ୍ୟବସ୍ତୁ ବ୍ୟବହାର କରାଯାଇଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଜନକଲ୍ୟାଣ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

### ୩୦ ୟୁନିଟ ରକ୍ତ ସଂଗୃହିତ




ନୀଳଗିରି, ୪।୧୦ (ସଂଚାର ବ୍ୟୁରୋ): ନୀଳଗିରି ତହସିଲ ଅଧିନସ୍ଥଔପଦା ବ୍ଲକ ଶ୍ୟାମସୁନ୍ଦରପୁର ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ସେଠୀ ଯୋଗଦେଇ ଫିତା କାଟି ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ସଂଗଠନର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳ, ସୁକାନ୍ତ ଦାସ, ଜ୍ଞାନରଞ୍ଜନ ବାରିକ, ଜୟନ୍ତ ବେହେରା, ଲକ୍ଷ୍ମୀଧର ଦାସ, ରାଜୀବଲୋଚନ ପଣ୍ଡା, ଶୁଭ୍ରମୟ ରାଉତ, ପ୍ରିୟରଞ୍ଜନ ବେହେରା, ଲକ୍ଷ୍ମୀଧର ସ, ପୂର୍ଣ୍ଣଚନ୍ଦ୍ର ବେଜ, ମିନତୀ ଦାସ, ମନୋରମା ଜେନା ଙ୍କ ସମେତ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହଇଥିଲା, ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ଜନସାଧାରଣଙ୍କୁ ସେବା ଯୋଗାଇବା ସହ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ପ୍ରେରଣା ଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ସିଟି salad

## ସିଗନାଲ ବାବୁଙ୍କ ଅଖରୋଟ ପ୍ରୀତି



ଖାକି ବାବୁ ଅଫିସରେ ବସିଲାମାତ୍ରେ ଡ୍ରାଏଫ୍ରୁଟ ଖୋଜୁଛନ୍ତି। ସିଏ ପୁଣି ଏମିତି ସେମିତି ଡ୍ରାଏଫ୍ରୁଟ ନୁହେଁ। ଖାଲି ଅଖରୋଟ। ଅଖେରୋଟ ଖାଇଲେ କୁଆଡେ ସ୍କିନ୍ ଚିକ୍ ଚିକ୍ କରିବା ସହିତ ବୟସଟା ଜଣାପଡ଼ିବ ନାହିଁ। ତେଣୁ ଅଧସ୍ତନ କର୍ମଚାରୀଙ୍କୁ କହୁଛନ୍ତି ବଜାରକୁ ଯାଇ ଖାଲି ଅଖରୋଟ ଆଣ। ଏ ଖାକି ବାବୁଜଣଙ୍କ ହେଉଛନ୍ତି କଟକରେ ଥିବା ସିଗନାଲ ଅଫିସର ବାଣୁଆ ଅଫିସର। ବାବୁଙ୍କର ସିଗନାଲ ଜ୍ଞାନ ସେମିତି ନାହିଁ। ହେଲେ ବିଭାଗୀୟ ବାବୁ ହିସାବରେ ସେଠାରେ ନିଯୁକ୍ତି ମିଳିଛି। ତଳିଆ ବାବୁମାନେ ସବୁକିଛି କରୁଛନ୍ତି। ବାବୁ ଖାଲି ଯାହା ହାଜିରା ପକାଇବାକଥା। ତେବେ ସବୁଦିନ ଅଫିସ ଯାଉଛନ୍ତି। ଅଫିସରେ ପହଞ୍ଚିଲା ମାତ୍ରେ ତଳିଆ କର୍ମଚାରୀମାନେ ଅଖରୋଟ ପାଇଁ ବଜାରକୁ ଧାଉଁଛନ୍ତି। ଜାଣିଛନ୍ତି ବାବୁ ଚଉକିରେ ବସିଲା ମାତ୍ରେ ଅଖରୋଟ ଖୋଜିବେ। ତେଣୁ ବାବୁ ବରାଦ ଦେବା ପୂର୍ବରୁ ନେଇ ଆସୁଛନ୍ତି। ହେଲେ ଅଖରୋଟ ଖିଆ ବାବୁ କିନ୍ତୁ ପଇସା ଦେବାର ନାଁ ଧରୁ ନାହାନ୍ତି। ପ୍ରଥମେ କିଛି ତଳିଆ ବାବୁ ଚାନ୍ଦା ଭେଦା କରି ଅଖରୋଟ କିଣୁଥିଲେ। ଏବେ କେଉଁଠୁ ପଇସା ଆଣିବେ ତାହା ଜାଣିପାରୁ ନାହାନ୍ତି। ସିଗନାଲରେ ସେମିତି କିଛି ନାହିଁ। ଫଳରେ କିଛି ତଳିଆ ବାବୁ ଏବେ ଅଖରୋଟ ଖିଆ ଖାକିବାବୁଙ୍କର ଏଠାରୁ ବଦଳି ପାଇଁ କୁଆଡେ ନଡିଆ କିଣି ସେଥିରେ ସାଲୁକନା ବାନ୍ଧି ମାନସିକ ବସାଇଛନ୍ତି। ଯେବେ ବାବୁଙ୍କର ବଦଳି ହେବ ଅଖରୋଟ କିଣା ପଇସାରେ ଥରୁଟିଏ ଭଲ କରି ନଡିଆ ଭୋଗ ହେବ ବୋଲି ଆଲୋଚନା ଚାଲିଛି।

## ବିଡିଏ ଘର କିଣିବ କିଏ ?




ବିଡିଏର ବହୁ ଚର୍ଚ୍ଚିତ ଏକାମ୍ର ରେସିଡେନ୍ସି ଉପରେ ଏବେ ସମସ୍ତଙ୍କ ନଜର। ନିଜର ଉନ୍ନତ ଘର ପାଇଁ ନୁହେଁ। ବିଡିଏ ଯେଉଁ ଦରରେ ଘର ବିକ୍ରି ପାଇଁ ବିଜ୍ଞାପନ ଦେଇଛି ସେହି ଦରରେ କିଏ କିଣିବ ତାହାକୁ ନେଇ ଚର୍ଚ୍ଚା। ତେବେ ଏହି ଚର୍ଚ୍ଚା ଭିତରେ ୧୫ ଦିନରେ କୁଆଡେ ମାତ୍ର ୧୬ଜଣ ଆବେଦନ କରିଛନ୍ତି ଘର କିଣିବାକୁ। ଅଧିକ ଲୋକ ନିଜକ ପଞ୍ଜିକୃତ କରିଥିବାବେଳେ ଘର କିଣିବାକୁ କିନ୍ତୁ ପଛାଉଛନ୍ତି। ୨ ବିଏଚ୍‌କେ ଘରରର ଦାମ ୯୦ ଲକ୍ଷ ହୋଇଥିବାବେଳେ ଏହାପରେ ପଞ୍ଜିକରଣ ଓ ଜିଏସ୍‌ଟି ଆଦି ରହିଛି। ବ୍ୟାଙ୍କ୍ ଋଣ ଆଦିକୁ ମିଶାଇଲେ ଏହା ଦେଢ କୋଟି ପାଖପାଖି ହୋଇଯିବ। ତେଣୁ ଏତେ ଦରରେ କିଏ ଘର କିଣିବ ଓ ଯିଏ କିଣିବ ସିଏ କେଉଁ ଉତ୍ସରୁ ଟଙ୍କା ଆଣି ଦେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କେତେକ ତ ଘର କିଣିବାକୁ ସଜବାଜ ହେଉଥିବା ଲୋକଙ୍କ ନାଁରେ ଆରଟିଆଇ କାଗଜ ବି ପ୍ରସ୍ତୁତ କଲେଣି। କାରଣ ବିଡିଏ ସିଧାସଳଖ ଧଳା ଟଙ୍କା ନେବ। ହେଲେ ଏତେ ଟଙ୍କା ୨ବିଏଚ୍‌କେ ଘର କିଣୁଥିବା ଲୋକଟି କେଉଠୁଁ ଆଣିବ। ତେବେ ଲୋକେ ଏହି ଘର ର ଦରକୁ ନେଇ ପଛଘୁଞ୍ଚା ଦେବାପରେ ବିଡିଏ ମୁଣ୍ଡରେ ବି ଚଡକ ପଡ଼ିଲାଣି। କାରଣ ଆବେଦନକାରୀଙ୍କ ପିଛା ୧୦ହଜାର ଟଙ୍କାର କରି ଅଣଫେରସ୍ତ ରାଶି ପାଇବା ସହିତ ୨ଲକ୍ଷ ଟଙ୍କାର ଅଗ୍ରୀମ ଜମାରୁ ସୁଧ ହାସଲ ପାଇଁ ଯେଉଁ ଯୋଜନା କରିଥିଲା ତାହା କୁଆଡେ ଫସର ଫାଟିବାକୁ ଯାଉଛି। ଏବେ ଗୋଟିଏ ଚର୍ଚ୍ଚା ଏ ଘର କିଣିବ କିଏ ?

## ଶିବଙ୍କ ଦାୟିତ୍ୱରେ ବିଏମସି ଗାଡି




ବିଏମସିର ଗାଡି ମୋଟର ଦାୟିତ୍ୱ କୁଆଡେ ଶିବଙ୍କ ହାତରେ ରହିଛି। ଶିବ ଯେମିତି ନିଜ ବୃଷଭକୁ ନିୟନ୍ତ୍ରଣ କରୁଥିଲେ ବିଏମସିର ଗାଡିମୋଟରଗୁଡ଼ିକୁ ସେମିତି ଏ ବାବୁ ନିୟନ୍ତ୍ରଣ କରୁଛନ୍ତି। ତାଙ୍କ ନିର୍ଦ୍ଦେଶ ନପାଇଲେ ଗାଡି ଚକା ଗଡୁନାହିଁ। ତେଲ ପକାଇବା ଠାରୁ ମରାମତି ପର୍ଯ୍ୟନ୍ତ ସବୁକିଛି ଶିବଙ୍କ ନିର୍ଦ୍ଦେଶରେ ହିଁ ହେଉଛି। ଯିଏ ତାଙ୍କ କଥା ନମାନୁଛି ତାଙ୍କୁ ହଇରାଣ ହରକତ କରିବାପାଇଁ କୁଆଡେ ସିଧା କୈଳାଶପର୍ବତରୁ ନିର୍ଦ୍ଦେଶ ଆସୁଛି। ବିଏମସିରେ ଚାଲିଥିବା ଏଭଳି ଚର୍ଚ୍ଚା ସଂକ୍ରାନ୍ତରେ ଆମେ ଜଣେ ବାବୁଙ୍କୁ ପଚାରିବାରୁ ସିଏ କହିଲେ, ଏ ଶିବ ସେ ଶିବ ନୁହନ୍ତି। ତାଙ୍କର ନାଁଟି ଟିକେ ବଡ ଥିବାରୁ ଅଫିସରେ ସର୍ଟକଟ୍ ନାଁ ଦେଇଛନ୍ତି ଶିବ। ଯେମିତି ବୁଝିଲେ ଚଳିବା ଶିବ କହିଲେ ତାଙ୍କୁ ସମସ୍ତେ ବୁଝିଯିବେ। ଏ ଶିବ ଗାଡିମୋଟର ନିଶାରେ ଏମିତି ମସଗୁଲ ହୋଇଛନ୍ତି ଯେ ଘର ପରିବାର ଭୁଲିଗଲେଣି। ଗାଡିମୋଟରରୁ କେତେ ଅଧିକ ଆୟ କରାଯାଇ ପାରିବ ସେଥିପାଇଁ ଦିନରାତି ଏକକରି ଦେଇଛନ୍ତି। ଶିବଙ୍କ ନିକଟରେ ଥିବା ତାଙ୍କର ଦୁଇ ନନ୍ଦି ଆଉ ଭୃଙ୍ଗି ବି ଏଥିରେ ବେଶ୍ ସହଯୋଗ କରୁଛନ୍ତି। ଏବେ କିଛି ଗାଡି ଚାଳକ ଖାଲି ହିସାବ କରୁଛନ୍ତି ଶିବ କେବେ କୈଳାଶପର୍ବତ ଅର୍ଥାତ ନିଜର ପୂର୍ବ ସ୍ଥାନକୁ ଫେରିବେ। ଏଥିପାଇଁ ଗାଡି ରହୁଥିବା ସ୍ଥାନରେ ପ୍ରତି ସୋମବାର ଦିନ କିଛି ଗାଡି ଚାଳକ ପଞ୍ଚାନନ ମେଳା କରୁଥିବା ନେଇ ମଧ୍ୟ ବିଏମସିରେ ଆଲୋଚନା ଜୋର ଧରିଛି।

## କୁଆଡେ ଗଲେ ବିଧାୟକଙ୍କ ପିଏସଓ



ବିଧାୟକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଦୁଇ ଦୁଇ ଜଣ ପିଏସଓ ନିଯୁକ୍ତ କରିଛନ୍ତି। ଘର ହେଉ କି ବିଧାନସଭା, ପିଏସ୍ଓମାନେ ବିଧାୟକଙ୍କୁ ଛାଇ ଭଳି ଜଗି ରହୁଛନ୍ତି। ଅଣ୍ଟାରେ ବନ୍ଧୁକ ଖୋସି ବିଧାୟକଙ୍କ ପାଖେ ପାଖେ ଚାଲୁଛନ୍ତି। ହେଲେ ବିଧାୟକମାନଙ୍କୁ ପୁଲିସ୍ କଲର ଧରି ଘୋଷାରି ନେଉଥିବାବେଳେ ପିଏସଓଙ୍କର କିନ୍ତୁ ଦେଖା ଦର୍ଶନ ନାହିଁ। ଏବିକିବେଳେ ପିଏସ୍ଓମାନେ କେଉଁଠି ଥିଲେ ବୋଲି ଏବେ ପ୍ରଶ୍ନ ଉଠିଲାଣି। ନିକଟରେ ଖୋଦ ରାଜଧାନୀରେ କଂଗ୍ରେସର ପ୍ରତିବାଦ ସମୟରେ କମିଶନରେଟ ପୁଲିସ୍ ଖାକି ବାବୁମାନେ କଂଗ୍ରେସ ବିଧାୟକ ସାଗର ଦାସଙ୍କୁ ଭିଡି ଭିଡି ନେଉଥିବାର ଭିଡିଓ ଭାଇରାଲ ହେଉଛି। ଏ ବିଧାୟକ ପୁଣି ହେଉଛନ୍ତି ପ୍ରଦେଶ କଂଗ୍ରେସ ମୁଖିଆ ଭକ୍ତ ଦାସଙ୍କ ସୁପୁତ୍ର। ଭିଡିନେଲାବେଳେ ଜଣେ ଖାକି ବାବୁ ସାଗରଙ୍କୁ ନାଲିଆଖି ଦେଖାଉଛନ୍ତି। ଆଉ ଦୁଇ ତିନି ଜଣ ତାଙ୍କୁ ଅପରାଧୀ ଭଳି ଭିଡି ଭିଡି ନେଉଛନ୍ତି। କିଛି ଲୋକ ମତ ଦେଉଛନ୍ତି ପୁଲିସ୍ ବୋଧହୁଏ ବିଧାୟକଙ୍କୁ ଚିହ୍ନି ପାରିନାହାଁନ୍ତି। ତେବେ ଏହି ଭିଡିଓରେ ବିଧାୟକଙ୍କ ପିଏସଓଙ୍କୁ ଦେଖିବାକୁ ମିଳୁନାହିଁ। ଯଦି ପିଏସ୍ଓ ସେଠାରେ ଥାଆନ୍ତେ ପୁଲିସ୍ ହୁଏତ ଏମିତି ଭିଡି ନେବାକୁ ସାହସ କରିନଥାନ୍ତା। ପିଏସ୍ଓ ବିଧାୟକଙ୍କୁ ଚିହ୍ନାଇ ଦେବା ସହିତ ଉଦ୍ଧାର କରିଥାନ୍ତେ। ହେଲେ ପିଏସ୍ଓ ଗଲେ କୁଆଡେ ? ପିଏସ୍ଓମାନେ ପୁଲିସ୍ ବିଭାଗରୁ ଆସିଥିବାରୁ ମଉକା ଦେଖି ଖସିଗଲେ କି ବୋଲି ଚର୍ଚ୍ଚା ଜୋର ଧରିଛି। ଯଦି ଏଭଳି ସମୟରେ ପିଏସଓ ଜଣେ ବିଧାୟକଙ୍କ ପାଖରେ ରହୁନାହାନ୍ତି ତେବେ ଦୁଇ ଦୁଇ ଜଣ ପିଏସଓ ନିଯୁକ୍ତ କରି କ'ଣ ଲାଭ ମିଳୁଛି ବୋଲି ଅନେକ ଲୋକ ପ୍ରଶ୍ନ କରୁଛନ୍ତି।

## ସରକାରଙ୍କ ପାଇଁ ପାଢୀ ବାବୁ ଅଡୁଆ



ଆସ୍କାର ବିଧାୟକ ହେଉଛନ୍ତି ସରୋଜ ପାଢୀ। ପାଢୀ ବାବୁ ପୂର୍ବରୁ ବିଜେଡିର ଟାଣୁଆ ନେତା ଥିଲେ। ଶଙ୍ଖଚିହ୍ନରେ ବିଧାନସଭାକୁ ଆସିଥିଲେ। ଏବେ ଶାସକଦଳର ଆଗଧାଡିର ନେତା। ପଦ୍ମଫୁଲ ଚିହ୍ନରେ ବିଧାନସଭାକୁ ଆସିଛନ୍ତି। ତାଙ୍କର ବିଭିନ୍ନ କାର୍ଯ୍ୟପାଇଁ ସବୁବେଳେ ଚର୍ଚ୍ଚାରେ ଥିବା ପାଢୀବାବୁ ଏଥର ବିଧାନସଭାରେ ପ୍ରଶ୍ନ ପଚାରି ଚର୍ଚ୍ଚାରେ। ପାଢୀବାବୁଙ୍କ ପ୍ରଶ୍ନରେ ସରକାର ପୂରା ଘାଇଲା ବୋଲି ଶାସକଦଳର କର୍ମୀମାନେ ଆଲୋଚନା କରୁଛନ୍ତି। ପାଢୀବାବୁ ପ୍ରଥମେ ପଚାରିଥିଲେ ଆସିକା ଚିନିକଳ ଚାଲିବା ସଂକ୍ରାନ୍ତରେ। ସରକାର ତ ସେ ପ୍ରସଙ୍ଗଟିକୁ କୌଣସି ପ୍ରକାରେ ଏଡାଇ ଦେବାକୁ ଚାହାନ୍ତି। କାରଣ ନିର୍ବାଚନୀ ସଭାରେ ବିଜେପି ସରକାରକୁ ଆସିଲେ ଶହେ ଦିନ ଭିତରେ ଚିନିକଳ ଚାଲିବ ବୋଲି କୁହାଯାଇଥିଲା। ଏହା ଭିତରେ ଅଢେଇ ବର୍ଷ ବିତିବାକୁ ବସିଲାଣି। ସେହିଭଳି ପାଢୀବାବୁ ଆଉ ଗୋଟିଏ ପ୍ରଶ୍ନ ପଚାରିଛନ୍ତି ଗୁଟ୍‌ଖା, ପାନମସଲା ଭଳି ନିଶା ସାମଗ୍ରୀର ବିକ୍ରିକୁ ନେଇ। ସରକାର ଅବଶ୍ୟ ଏହା ବନ୍ଦ ପାଇଁ ଆଇନ୍ ଆଣିଛନ୍ତି। ହେଲେ ଆଇନ୍ କିଭଳି କାର୍ଯ୍ୟକାରୀ ହେଉଛି ଖୋଦ ସରକାର ତାହା ଜାଣିଛନ୍ତି। ଜଖମ ଜାଗାରେ ପାହାର ଦେଲା ଭଳି ପାଢୀବାବୁଙ୍କର ଏ ଦୁଇଟି ପ୍ରଶ୍ନ ଏବେ ସରକାରଙ୍କୁ ଅଡୁଆରେ ପକାଇ ଦେଇଛି। ତେବେ ଚିନିକଳ କଥା ନଉଠାଇଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ପାଢୀବାବୁଙ୍କ ଅବସ୍ଥା କ'ଣ ହେବ ସିଏ ତାହା ଜାଣିଛନ୍ତି। ଏଥିପାଇଁ କୁଆଡେ ନିଜ ନାଁରେ ଆଗତୁରା ଗୋଟିଏ ରାସ୍ତାର ନାମକରଣ କରିଥିବା ନେଇ ତାଙ୍କରି ଦଳର ଭକ୍ତମାନେ ମତ ଦେଉଛନ୍ତି। ତେବେ ଆସିକାର ଏହି ବାବୁ ଆଗାମୀ ଦିନରେ ସରକାରଙ୍କ ପାଇଁ କି କି ସମସ୍ୟା ନେଇ ଆସୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଘରେ ପଶିଲା ବାଘ: ପରିବାରର ୬ ଆହତ



ନୂଆପଡ଼ା,୪।୧୦ (ସଂଚାର ବ୍ୟୁରୋ) : ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ମହାସମୁନ୍ଦ୍ ଜିଲ୍ଲା ଝିଟକି ଗାଁରେ ବାଘ ଆତଙ୍କ। ଗତକାଲି ସନ୍ଧ୍ୟାରେ ଝିଟକି ଗାଁ ନିକଟସ୍ଥ ଜଙ୍ଗଲରେ ବାଘ ବୁଲୁଥିବାର ଲୋକେ ଦେଖିଥିଲେ। ଶନିବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲ୍ଲା ସୀମାନ୍ତବର୍ତ୍ତି ଛତିଶଗଡ ନରରା ନିକଟ ଝିଟିକି ଗାଁକୁ ସୁନାବେଡ଼ା ଅଭୟାରଣ୍ୟର ଏକ କଲରାପତରିଆ ବାଘ ପଶି ଯାଇଥିଲା। ଏହି ସମୟରେ ଘରେ ଗୋଟିଏ ପରିବାରର ୬ ଜଣ ଶୋଇଥିଲେ । ଖାଦ୍ୟ ଅନ୍ୱେଷଣରେ ବାଘ ଘରକୁ ପଶି ଯାଇଥିଲା । ପରିବାର ଲୋକେ ଉଠି ଭୟଭୀତ ହୋଇ ଚିତ୍କାର କରିବାରୁ ବାଘ ଜଣକ ପରେ ଜଣଙ୍କୁ ଆକ୍ରମଣ କରିଥିଲା । ଗୋଟିଏ ପରିବାରର ୬ ଜଣଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରି କ୍ଷତାକ୍ତ କରିଥିଲା। ପରେ ଗାଁ ଲୋକେ ଠେଙ୍ଗା ବାଡ଼ି ଧରି ବହୁ କଷ୍ଟରେ ବାଘକୁ ଘଉଡ଼ାଇବାରେ ସଫଳ ହୋଇଥିଲେ । ଗାଁ ଲୋକେ ପରିବାରର ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମହାସମୁନ୍ଦ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏବେ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି । ଗୁରୁତରଙ୍କ ଭିତରେ ରହିଛନ୍ତି ୬୦ ବର୍ଷୀୟ ସରଜୁ ଯାଦବ, ତାଙ୍କ ପତ୍ନୀ ଉତ୍ତରୀବାଇ ଯାଦବ, ପୁଅ ଜନକ ରାମ୍ ଯାଦବ, ପତ୍ନୀ ସୁନୀତା ଯାଦବ, ମନିଶ ଯାଦବ, ତୁଷାର ଯାଦବ। ଏହାସହ ଦୁଇ ଜଣ ପଡ଼ୋଶୀଙ୍କୁ ବି ବାଘ ଆକ୍ରମଣ କରିଛି। ଗତକାଲି ସ୍ଥାନୀୟ ପଣ୍ଡରିପାଣି ଗାଁରେ ବି ଜଣକୁ ବାଘ ଆକ୍ରମଣ କରିଥିଲା। ତେବେ ରାତିରେ ରକ୍ତମୁଖା ବାଘକୁ ଗାଁ ଲୋକେ ଏକ ଘର ଭିତରେ କବାଟ ବନ୍ଦ କରି ରଖି ବନ ବିଭାଗକୁ ଖବର ଦେଇଥିଲେ । ରବିବାର ରାୟପୁରରୁ ବାଘ ଧରିବା ଟିମ୍ ଗାଁରେ ପହଞ୍ଚି ବାଘକୁ କାବୁ କରିଥିଲା । ବାଘକୁ ଉଦ୍ଧାର କରି ପିଞ୍ଜରା ଭିତରେ ଭର୍ତ୍ତି କରି ରାୟପୁରକୁ ନେଇଥିଲେ ।

## ଦିବ୍ୟାଙ୍ଗ ନାବାଳକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା



ଗଞ୍ଜାମ,୪।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜସ୍ୱ ପାଣ୍ଠିରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମର ଦିବ୍ୟାଙ୍ଗ ନାବାଳକ ଏନ୍. ନୀଳାଞ୍ଚଳ ରେଡ୍ଡୀଙ୍କ ପରିବାରକୁ ୧୦ ଲକ୍ଷ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନୀଳାଞ୍ଚଳଙ୍କ ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କୁ ଏ ବାବଦ ଚେକ୍ ପ୍ରଦାନ କରିଥିବା ବେଳେ ସେଠାରେ ସ୍ଥାନୀୟ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

ସୂଚନାନୁସାରେ, ଲକ୍ଷ୍ମୀପୁର ଗ୍ରାମର ଏନ୍ ମୋହନ ରେଡ୍ଡୀଙ୍କ ପୁଅ ନୀଳାଞ୍ଚଳ ଜନ୍ମରୁ ଦିବ୍ୟାଙ୍ଗ ରହିଥିବା ବେଳେ ତାଙ୍କୁ ୮ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ ଚାଲିବା ପାଇଁ ସକ୍ଷମ ହୋଇପାରିନାହାନ୍ତି। ଏହାକୁ ନେଇ ଗ୍ରାମର ସମାଜସେବୀ ଏନ୍. ଗଙ୍ଗାଧର ରେଡ୍ଡୀ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅର୍ଥରାଶି ମିଳିବା ପରେ ମୁଖ୍ୟମନ୍ତ୍ରୀ, ବିଧାୟକ ଓ ସେହି ଗ୍ରାମର ଏନ ଗଙ୍ଗାଙ୍କୁ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

### ଘରେ ପଶି ଲୋକଙ୍କୁ ବାନ୍ଧିଲେ

## ୬ ଲକ୍ଷ ଟଙ୍କାର ସୁନାଗହଣା ଲୁଟିନେଲେ

ସୋର,୪।୧୦(ସଂଚାର ବ୍ୟୁରୋ): ରାତିରେ ଘରେ ପଶି ଲୋକଙ୍କୁ ବାନ୍ଧିଲେ ଏବଂ ଘରୁ ନେଇଗଲେ ସୁନା ଗହଣା। ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ସବିରା ଗାଁର ଜଣେ ବ୍ୟକ୍ତିଙ୍କ ଘରୁ ଲୁଟ୍ ଅଭିଯୋଗ ହୋଇଛି। ଗାଁର କୈଳାଶ ମହାନ୍ତି ତାଙ୍କ ପରିବାରର ଅନ୍ୟ ୩ ଜଣଙ୍କ ସହ ଘରେ ଥିଲେ। ତେବେ ହଠାତ ଘର ଭିତରକୁ ଗତକାଲି ରାତି ୯ଟା ବେଳେ ୪ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ପଶିଥିଲେ। ପରେ ସେମାନେ ପରବାରର ସଦସ୍ୟମାନଙ୍କୁ ଛୁରୀ ଦେଖାଇ ଭୟଭୀତ କରିବା ସହ ସେମାନଙ୍କୁ ବାନ୍ଧି ପକାଇଥିଲେ। ପରେ ଘରେ ଥିବା ୬ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ୫ ହଜାର ଟଙ୍କା ଲୁଟିନେଇଥିଲେ। ଏହାପରେ ସେମାନେ ଘର ଭିତରେ ସୁନାଗହଣା ନିଜ ନିଜ ଭିତରେ ଭାଗବଣ୍ଟା ବି କରିଥିଲେ। ପରେ ବିଳମ୍ବିତ ରାତିରେ ସେମାନେ ସେଠାରୁ ପଳାଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।



## ଚେକ୍ ବାଉନ୍ସ ମାମଲା: ସୁଧମୂଳ ସହ ୪୨.୫୦ ଲକ୍ଷ ଫେରାଇବେ ଆରଆଇ

ଭଞ୍ଜନଗର,୪।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇ ରାୟ ପ୍ରକାଶ ପାଇଛି। ମାମଲାର ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ (ଆରଆଇ) ବସନ୍ତ ମଲ୍ଲିକ ଅଭିଯୋଗକାରୀଙ୍କୁ ମୂଳଧନ ଓ ସୁଧ ସହ ମୋଟ୍ ୪୨ ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ କରିବାକୁ ଜେଏମ୍‌ଏଫସି ଭିଏନା ନାୟକ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତ ବସନ୍ତଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅତିରିକ୍ତ ୪ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ଘଟଣାରୁ ପ୍ରକାଶ ଯେ ୨୦୨୨ରେ ଜଗନ୍ନାଥପ୍ରସାଦ ବ୍ଲକ୍‌ର କୋକଳବାଠାରେ ରାଜସ୍ୱ ନିରୀକ୍ଷକ ଭାବେ ନିଯୁକ୍ତ ଥିବା ବସନ୍ତ ମଲ୍ଲିକ ଭଞ୍ଜନଗର ପାର୍କ ଛକ ନିକଟରେ ଥିବା ନିଜ ଘରକୁ ବିକ୍ରି କରିବା ପାଇଁ ୪୦ ଲକ୍ଷ ଟଙ୍କା ଦର ଧାର୍ଯ୍ୟ କରିଥିଲେ। ଏହି ଘର କିଣିବା ପାଇଁ ଭଞ୍ଜନଗର ଭେଜିପୁଟ ଅଞ୍ଚଳର ସୁକାନ୍ତ କୁମାର ପଟ୍ଟନାୟକ ଚୁକ୍ତିନାମା କରି ପ୍ରଥମେ ୯ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ପରବର୍ତ୍ତୀ ସମୟରେ ପୁଣି ୯ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ଦେଇ ସୁକାନ୍ତ ସର୍ବମୋଟ ୨୮ ଲକ୍ଷ ଟଙ୍କା ଅଗ୍ରୀମ ପ୍ରଦାନ କରିଥିଲେ। ତେବେ ବିଭିନ୍ନ କାରଣରୁ ଘରର ରେଜିଷ୍ଟ୍ରେସନ ହୋଇପାରି ନ ଥିଲା। ଏହାପରେ ସୁକାନ୍ତ ନିଜ ଟଙ୍କା ଫେରସ୍ତ ମାଗିବାରୁ ବସନ୍ତ ମଲ୍ଲିକ ତାଙ୍କୁ ତିନୋଟି ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ସୁକାନ୍ତ ବ୍ୟାଙ୍କରେ ଚେକ୍ ଜମା କରିବା ପରେ ଉକ୍ତ ଚେକ୍‌ଗୁଡ଼ିକ ବାଉନ୍ସ ହୋଇଥିଲା। ଏହାପରେ ସୁକାନ୍ତ ଆଇନର ଆଶ୍ରୟ ନେଇ ଭଞ୍ଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ମାମଲା ରୁଜୁ କରିଥିଲେ। ଦୀର୍ଘଦିନର ବିଚାର ପରେ ଶନିବାର ଏହାର ରାୟ ପ୍ରକାଶ ପାଇଛି।

## ତେଲ ଟ୍ୟାଙ୍କର ଭିତରେ ବେଆଇନ ଗୋ-ଚାଲାଣ

### ଡ୍ରାଇଭର ଓ ହେଲପର ଅଟକ



ମୟୂରଭଞ୍ଜ, ୪।୧୦ (ସଂଚାର ବ୍ୟୁରୋ): ଅଭିନବ ଉପାୟରେ ତେଲ ପରିବହନ ନାଁରେ ଚାଲିଥିଲା ଗୋ-ଚାଲାଣ। ତେଲ ଟ୍ୟାଙ୍କର ଭିତରେ ବେଆଇନ ଭାବେ ଗୋ-ଚାଲାଣ। ମୟୂରଭଞ୍ଜ ବାଙ୍ଗିରିପୋଷିରୁ ଏପରି ଏକ ଗାଡ଼ି ଜବତ ହୋଇଥିବା ବେଳେ ତା'ର ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖାଯାଇଛି। ବିଶୋଇ ପଟୁ କଳାବାଡ଼ିଆ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏହି ଟ୍ୟାଙ୍କରକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକେ ଗାଡ଼ିଟିକୁ ପିଛା କରିବା ସହ ବାଙ୍ଗିରିପୋଷି ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ପୁଲିସ ତୁରନ୍ତ ପୁନାସିଆ ରେଲୱେ ଗୋଲା ପୋଲ ନିକଟରେ ଟ୍ୟାଙ୍କରକୁ ଅଟକାଇ ଜବତ କରିଥିଲା। ଟ୍ୟାଙ୍କର ଭିତରେ ୨୦ରୁ ଅଧିକ ଗୋରୁଗାଈ ଥିଲେ। ଘଟଣାରେ ଟ୍ୟାଙ୍କରର ଡ୍ରାଇଭର ଓ ହେଲପରଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

## ୧୧ ନୂତନ ପ୍ରଜାତିର ୩୬ ପ୍ରାଣୀଙ୍କୁ ଦେଖିବେ ପର୍ଯ୍ୟଟକ




ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକ ଦେଖିଲେ ନୂଆ ପ୍ରଜାତିର ବିଦେଶୀ ଜୀବଜନ୍ତୁ। ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଆଜିଠାରୁ ୧୧ଟି ନୂତନ ପ୍ରଜାତିର ମୋଟ ୩୬ଟି ପ୍ରାଣୀଙ୍କୁ ପର୍ଯ୍ୟଟକ ଦେଖିବା ପାଇଁ ପାଇଁ ଖୁଆଡ଼କୁ ଛଡ଼ାଯାଇଛି। ଏମାନଙ୍କ ମଧ୍ୟରେ ଜେବ୍ରା, କଙ୍ଗାରୁ, ୱାଲାବି, ଟଫ୍ ଟେଡ୍ କ୍ୟାପୁଚିନ୍, ତିନି ପ୍ରକାରର ମାକାଓ, ମିରକାଟ୍, ସ୍କାରଲେଟ୍ ଆଇବିସ୍ ଓ ସଲଫର୍ କ୍ରେଷ୍ଟେଡ୍ କକାଟୁ ରହିଛନ୍ତି। ଖୁଆଡ଼ରେ ଏହି ନୂତନ ପ୍ରଜାତିର ଜୀବଜନ୍ତୁଙ୍କୁ ଦେଖିବାକୁ ନନ୍ଦନକାନନରେ ଭିଡ଼ ଜମୁଛି। ଗତ ମାସ ୧୧ ତାରିଖରେ ଗୁଜରାଟର ବନ୍ତାରା ମଧ୍ୟରେ ଥିବା ରାଧାକୃଷ୍ଣ ଟେମ୍ପଲ ଏଲିଫାଣ୍ଟ ୱେଲଫେୟାର ଟ୍ରଷ୍ଟରୁ ନନ୍ଦନକାନନ ଆସିଥିଲେ ୧୪ ପ୍ରଜାତିର ୫୮ ବିଦେଶୀ ଜୀବଜନ୍ତୁ। ପାଖାପାଖି ୨୨ ଦିନ କ୍ୱାରେଣ୍ଟାଇନରେ ରହିବା ପରେ ଆଜି ସେମାନଙ୍କୁ ଖୁଆଡ଼ ମଧ୍ୟକୁ ଛଡ଼ାଯାଇଛି। ଫଳରେ ପର୍ଯ୍ୟଟକଙ୍କର ଏହାକୁ ଦେଖିବାକୁ ଉତ୍କଣ୍ଠା ରହିଥିବା ବେଳେ ଏହି ଜନ୍ତୁମାନେ ନନ୍ଦନକାନନର ଶୋଭା ବଢ଼ାଉଛନ୍ତି।

## ପର୍ଯ୍ୟଟକ ହୋଇ ଆସିଥିଲେ, ଶବ ହୋଇ ଫେରିଲେ

### ୪୮ ଘଣ୍ଟା ପରେ ଉଦ୍ଧାର ହେଲା ମୃତଦେହ



ଯୋଡ଼ା,୪।୧୦(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ହାଣ୍ଡିଭଙ୍ଗା ଜଳପ୍ରପାତରେ ଗାଧୋଇବା ବେଳେ ପାଣିରେ ବୁଡ଼ି ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ୪୮ ଘଣ୍ଟା ପରେ ଉଦ୍ଧାର ହୋଇଛି। ମୃତକ ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର କାଳିଆପାଣି ନିବାସୀ ଦିବ୍ୟ ରଞ୍ଜନ ମହାନ୍ତ ବୋଲି ଜଣାପଡ଼ିଛି। ଛୁଟି କାଟିବା ପାଇଁ ଜଳପ୍ରପାତକୁ ଆସିଥିବା ଯୁବକଙ୍କ ଏଭଳି ଦୁଃଖଦ ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

ସୂଚନାନୁଯାୟୀ, ଗାନ୍ଧି ଜୟନ୍ତୀରେ ଛୁଟି ଥିବାରୁ ବଡ଼କାଲିମାଟି ଅଞ୍ଚଳର ସିରାଜୁଦ୍ଦିନ ଖଣିର ଠିକା ସଂସ୍ଥା କେସିସିଏଲ୍‌ର ୩ ଜଣ କର୍ମଚାରୀ ହାଣ୍ଡିଭଙ୍ଗା ଜଳପ୍ରପାତ ବୁଲିବାକୁ ଯାଇଥିଲେ। ତେବେ ସେଠାରେ ଦିବ୍ୟ ରଞ୍ଜନ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ତୁରନ୍ତ ବାମେବାରୀ ପୁଲିସକୁ ଖବର ଦିଆଯାଇଥିଲା। ସୂଚନା ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରଥମ ଦିନରେ ଅଗ୍ନିଶମ ବାହିନୀ ପକ୍ଷରୁ ୪ ଘଣ୍ଟାରୁ ଅଧିକ ସମୟ ଧରି ଜଳାଶୟରେ ଅଭିଯାନ ଚାଲିଥିଲେ ମଧ୍ୟ ଦିବ୍ୟରଞ୍ଜନଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅନ୍ଧାର ହୋଇଯିବାରୁ ସୁରକ୍ଷା ଦୃଷ୍ଟିରୁ ଉଦ୍ଧାର ଅଭିଯାନକୁ ସ୍ଥଗିତ ରଖାଯାଇଥିଲା। ଘଟଣାର ପ୍ରାୟ ୪୮ ଘଣ୍ଟା ପରେ ଆଜି ସକାଳ ପ୍ରାୟ ସାଢ଼େ ୯ଟାରେ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିବା ବେଳେ ଦିବ୍ୟରଞ୍ଜନଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ବାମେବାରୀ ପୁଲିସ ଓ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜଳାଶୟରୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ମୃତ ଯୁବକଙ୍କ ପିତା ଉପେନ୍ଦ୍ର ମହାନ୍ତ ଘଟଣାର ଉଚିତ ତଦନ୍ତ ଦାବି କରି ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମୃତଦେହ ଜବତ କରି କେସିସିଏଲ୍ କମ୍ପାନୀର ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ବରଗଡ଼ ଧନୁଯାତ୍ରା ଉପରେ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର

# 'ମାମୁ ଘରକୁ ଯାତ୍ରା'ର ସ୍କ୍ରିନିଂ ଓ ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଧନୁଯାତ୍ରାର ୭୯ ବର୍ଷର ସମୃଦ୍ଧ ପରମ୍ପରା ଓ ଏହା ସହ ଜଡ଼ିତ ଲୋକଙ୍କ ଭାବନା ଓ ଅନନ୍ୟ କଳାକୁ ନେଇ ପ୍ରସ୍ତୁତ ହୋଇଛି ଏକ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର- 'ମାମୁ ଘରକୁ ଯାତ୍ରା'। ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଚଳଚ୍ଚିତ୍ରର ସ୍କ୍ରିନିଂ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅଗ୍ରଣୀ ଡିଜିଟାଲ ମିଡିଆ ଚ୍ୟାନେଲ ଓଡ଼ିଶାଲାଇଭ୍ ପକ୍ଷରୁ ଏହି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଏହାର ସହଯୋଗୀ ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଓ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଧ୍ୟ ଯୋଗ ଦେଇଥିଲେ।

'ଧନୁଯାତ୍ରା ଉପରେ ଏଭଳି ଏକ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ହେବା ସ୍ୱାଗତଯୋଗ୍ୟ। ଏହା ମାଧ୍ୟମରେ ଧନୁଯାତ୍ରାର ଇତିହାସ, ପରମ୍ପରା ଓ ଲୋକକଳା ସାରା ବିଶ୍ୱରେ ଆହୁରି ପ୍ରସାରିତ ହୋଇପାରିବ ବୋଲି ମୁଁ ଆଶା କରୁଛି' ବୋଲି କହିଛନ୍ତି ସାଂସଦ ପ୍ରଦୀପ ପୁରୋହିତ। ଓଡ଼ିଶାଲାଇଭର ସିଇଓ ଓ 'ମାମୁ ଘରକୁ ଯାତ୍ରା' ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜକ ନୀଳାମ୍ବର ରଥ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡ଼ିଶାଲାଇଭର ନିର୍ଦ୍ଦେଶକ ଭବାନୀ ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାଲାଇଭର ନିର୍ଦ୍ଦେଶକ ଓ 'ମାମୁ ଘରକୁ ଯାତ୍ରା'ର ସହପ୍ରଯୋଜିକା ପ୍ରଣତି ପରିଡ଼ା ଏବଂ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୬,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୬,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୬,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୩୩୦ ଟଙ୍କା ଓ ୨୨ କ୍ୟାରଟେ ୧,୩୬,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୧୮୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୬,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ହ୍ରାସ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ବିନା ଇଣ୍ଟରନେଟରେ ମୋବାଇଲରେ ଦେଖିବେ ଲାଇଭ




**ନୂଆଦିଲ୍ଲୀ,୪।୧୦:** ଯଦି ଆପଣଙ୍କ ମୋବାଇଲରେ ଇଣ୍ଟରନେଟ୍ ନଥିବ କିମ୍ବା ଡାଟା ପ୍ୟାକ୍ ସରିଯାଇଥିବ... ଏମିତି ସମୟରେ ବି ଆପଣ ଫୋନରେ ଲାଇଭ୍ ଟିଭି, ନ୍ୟୁଜ୍ କିମ୍ବା ସ୍ପୋର୍ଟ୍ସ ଦେଖିପାରିବେ ? ଆପଣଙ୍କୁ ଏହି କଥା ଟିକେ ଆଶ୍ଚର୍ଯ୍ୟ ଲାଗିପରେ ? ଆପଣ ଭାବି ପାରନ୍ତି ବିନା ଇଣ୍ଟରନେଟରେ କେମିତି ଏହା ସମ୍ଭବ ? ଭାରତରେ ଏଭଳି ଏକ ଟେକ୍ନୋଲୋଜିକୁ କମର୍ଶିଆଲ୍ ଭାବେ ଆଣିବା ପାଇଁ ପ୍ରସ୍ତୁତି ଜୋର ଦାର ଚାଲିଛି। ଆଉ ଏହି ଟେକ୍ନୋଲୋଜିର ନାଁ ରହିଛି ଡାଇରେକ୍ଟ ଟୁ ମୋବାଇଲ୍, ଅର୍ଥାତ୍ ଡି୨ଏମ୍। ଯଦି ବିନା ଇଣ୍ଟରନେଟ ଓ ଡାଟାରେ ମୋବାଇଲ୍ରେ ସବୁକିଛି ଦେଖି ହେବ ତାହାଲେ ମହଙ୍ଗା ଡ଼ାଟା ପ୍ୟାକ୍ ପକାଇ ଲାଭ କଣ ? ହୁଏତ ଆଗକୁ ଏ ଦିଗରେ ବଡ଼ ପରିବର୍ତ୍ତନ ହୋଇପାରେ। ଯାହା ଟେଲିକମ ବ୍ୟବସାୟୀଙ୍କ ପାଇଁ ବଡ଼ ଚିନ୍ତାର କାରଣ। ଏଥିପାଇଁ ସେମାନେ ମଧ ପ୍ରଶ୍ନ ଉଠାଇଲେଣି । ଡି୨ଏମ୍ ହେଉଛି ଏଭଳି ଏକ ବ୍ରଡକାଷ୍ଟିଂ ଟେକ୍ନୋଲୋଜି, ଯେଉଁଥିରେ ମୋବାଇଲ୍ ଫୋନରେ କଣ୍ଟେଣ୍ଟ ପହଞ୍ଚାଇବା ପାଇଁ କୌଣସି ସେଲ୍ୟୁଲାର୍ ନେଟୱାର୍କ (ଯଥା, କଲ୍ କିମ୍ବା ଇଣ୍ଟରନେଟ୍ ସଂଯୋଗର ଆବଶ୍ୟକତା ନାହିଁ। ଏହା କିଛି ମାତ୍ରାରେ ଏଫ୍ଏମ୍ ରେଡିଓ ଟେକ୍ନୋଲୋଜୀ ଭଳି କାମ କରେ। ଡିଭାଇସ୍ରେ ଥିବା ରିସିଭର ରେଡିଓ ଫ୍ରିକ୍ୱେନ୍ସି ଦ୍ୱାରା ସିଗନାଲ ଧରିଥାଏ। ଯାହା ମାଧମରେ ଡିଭାଇସ୍କୁ କଣ୍ଟେଣ୍ଟ ପଠା ଯାଇପାରିବ। ଅର୍ଥାତ୍, ଟିଭି ଚ୍ୟାନେଲ୍ କିମ୍ବା ମଲ୍ଟିମିଡିଆ କଣ୍ଟେଣ୍ଟ ଦେଖିବା ପାଇଁ ସବୁବେଳେ ମୋବାଇଲ୍ ଡାଟା କିମ୍ବା ସେଲୁଲାର୍ ଇଣ୍ଟରନେଟ୍ ଉପରେ ନିର୍ଭର ଡି୨ଏମ୍ କମର୍ସିଆଲ୍ ଭାବେ ଆରମ୍ଭ ହେଲେ ସ୍ମାର୍ଟଫୋନ୍ରେ ଲାଇଭ୍ ଟିଭି, ନ୍ୟୁଜ୍, ସ୍ପୋର୍ଟ୍ସ ଏବଂ ଅନ୍ୟାନ୍ୟ ମଲ୍ଟିମିଡିଆ କଣ୍ଟେଣ୍ଟ ପହଞ୍ଚାଇବାର ସୁଯୋଗ ରହିବ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି କଣ୍ଟେଣ୍ଟ ଦେଖିବା ସମୟରେ ମୋବାଇଲ୍ ଡାଟା ଖର୍ଚ୍ଚ ହେବ ନାହିଁ। ଫଳରେ ଗ୍ରାହକଙ୍କ ଡାଟା ପ୍ଲାନ୍ର ଖର୍ଚ୍ଚ ବଞ୍ଚିପାରେ। ସେହିପରି, ଲକ୍ଷ ଲକ୍ଷ ଲୋକ ଏକାସାଙ୍ଗରେ ଭିଡିଓ ଦେଖିଲେ ଟେଲିକମ୍ ଡାଟା ନେଟୱର୍କ ଉପରେ ଯେଉଁ ଚାପ ପଡ଼େ, ଡି୨ଏମ୍ ତାହାକୁ ମଧ କମାଇବାରେ ସହାୟକ ହୋଇପାରେ।ତେବେ ସବୁଠାରୁ ବଡ଼ କଥା ହେଲା ଭାରତର ଉପାନ୍ତ ଅଞ୍ଚଳ ଯେଉଁଠାରେ ନେଟୱାର୍କ ଓ ଇଣ୍ଟରନେଟ୍ ସେବା ଦୁର୍ବଳ ରହିଥାଏ ସେହିସବୁ ସ୍ଥାନଗୁଡ଼ିକ ଉପରେ ଏହା ବରଦାନ ସଦୃଶ୍ୟ ହେବ। ଗ୍ରାମାଞ୍ଚଳ ପାଇଁ ବଡ଼ ସୁଯୋଗ ଆଣିଦେବ। ବିଶେଷ କରି ନ୍ୟୁଜ୍, ଶିକ୍ଷା, ସରକାରୀ ସୂଚନା ଓ ସାର୍ବଜନୀନ ସଚେତନତା କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ପହଞ୍ଚାଇବାରେ ଏହି ଟେକ୍ନୋଲୋଜିର ଭୂମିକା ରହିପାରେ। ଏଥିସହିତ ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ଜରୁରୀ ପରିସ୍ଥିତିରେ ଇମର୍ଜେନ୍ସି ଆଲର୍ଟ ଓ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସୂଚନା ମଧ ଡି୨ଏମ୍ ଟେକ୍ନୋଲୋଜି ମାଧମରେ ପହଞ୍ଚା ଯାଇପାରେ।ସରଳ ଭାଷାରେ କହିବାକୁ ଗଲେ ଯେମିତି ରେଡିଓ ଆମ ପାଇଁ ଏକ ଶ୍ରାବ୍ୟ ମାଧମ ଥିଲା। ବେତାର ସିଗ୍ନାଲ ମାଧମରେ ଆମେ ସମସ୍ତ ପ୍ରକାର ପ୍ରୋଗ୍ରାମ ଓ ସତର୍କ ସୂଚନା କେବଳ ଶୁଣିପାରୁଥିଲୁ। ହେଲେ ଡି୨ଏମ୍ ମାଧମରେ ଆମେ ଟିଭି ଭଳି ସବୁ ମୋବାଇଲ୍ରେ ଦେଖିପାରିବୁ। ଏଥିପାଇଁ ନା ଇଣ୍ଟରନେଟ୍ର ଆବଶ୍ୟକତା ଅଛି ନା ଡାଟା ପ୍ୟାକ୍ର।ଗତ କିଛି ବର୍ଷ ଧରି ଡି୨ଏମ୍ ଟେକ୍ନୋଲୋଜୀ ପାଇଁ ପରୀକ୍ଷଣ ପ୍ରକ୍ରିୟା ଚାଲିଛି। ପ୍ରସାର ଭାରତୀ, ଆଇଆଇଟି କାନପୁର ଏବଂ ତେଜସ୍ ନେଟୱାର୍କର ଅଂଶ ସାଂଖ୍ୟ ଲ୍ୟାବ୍ ମିଶି ୧୯ ରୁ ଅଧିକ ସହରରେ ପରୀକ୍ଷଣ କରିସାରିଛନ୍ତି।

## ଭାରତରେ ପ୍ଲାଷ୍ଟିକ ନୋଟ୍ ଆଣିବା ପାଇଁ ଜୋରଦାର ପ୍ରସ୍ତୁତି

### ଆରବିଆଇର ପ୍ରୋଜେକ୍ଟ ପାଇଁ ଆଗେଇ ଆସିଲେ ୨ କମ୍ପାନି




**ନୂଆଦିଲ୍ଲୀ,୪।୧୦:** ଭାରତରେ ବହୁତ ଶୀଘ୍ର ପ୍ଲାଷ୍ଟିକ ଅର୍ଥାତ ପଲିମରରୁ ନିର୍ମିତନୋଟ୍ ଦେଖିବାକୁ ମିଳିପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ୧୦ ଏବଂ ୨୦ ଟଙ୍କିଆର ପଲିମର ନୋଟର ଫିଲ୍ଡ ଟ୍ରାଏଲର ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଏହି କ୍ରମରେ ପଲିମର କରେନ୍ସି ପାଇଁ ଆବଶ୍ୟକୀୟ ସାମଗ୍ରୀର ଯୋଗାଣକୁ ନେଇ କମ୍ପାନିଗୁଡ଼ିକଠୁ ପ୍ରସ୍ତାବ ମଗାଯାଇଛି। ଏହି ପ୍ରୋଜେକ୍ଟ ପାଇଁ ଘରୋଇ କମ୍ପାନି UFlex ଆମେରିକାର Spectra ସିଷ୍ଟମ ସହିତ ମିଶି ଟେଣ୍ଡର ଜମା କରିଛି। ଉଲ୍ଲେଖନୀୟ ସରକାର ପୂର୍ବରୁ ହିଁ ୧୦ ଏବଂ ୨୦ ଟଙ୍କାର ପଲିମର ନୋଟର ଫିଲ୍ଡ ଟ୍ରାଏଲକୁ ମଞ୍ଜୁରୀ ଦେଇ ସାରିଛନ୍ତି। ପଲିମର ନୋଟକୁ ନେଇ ଏହି ପରୀକ୍ଷଣ ଏମିତି ସମୟରେ ହେଉଛି, ଯେତେବେଳେ ସମଗ୍ର ଦୁନିଆରେ ଅନେକ ଦେଶରେ ପ୍ଲାଷ୍ଟିକ ଆଧାରିତ ମୁଦ୍ରାର ବ୍ୟବହାର କରାଯାଉଛି। କାରଣ ଏହି ନୋଟ୍ ବର୍ତ୍ତମାନ ପ୍ରଚଳିତ ନୋଟ୍ ତୁଳନାରେ ଅଧିକ ସୁରକ୍ଷିତ, ଦୀର୍ଘସ୍ଥାୟୀ, ଦୃଢ଼ ଏବଂ ଜଳପ୍ରତିରୋଧକ ହୋଇଥାଏ। ଆରବିଆଇ ପ୍ରକଳ୍ପରେ କଣ ଚାଲିଛି ? ଏହି ପ୍ରକଳ୍ପଟି ଆରବିଆଇର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ, ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରାନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ, ପଲିମର ନୋଟ୍ ଉତ୍ପାଦନ ପାଇଁ ଆବଶ୍ୟକୀୟ ସ୍ୱତନ୍ତ୍ର ସାମଗ୍ରୀ ଯୋଗାଣ ପାଇଁ କମ୍ପାନୀଗୁଡ଼ିକୁ ଚୟନ କରାଯାଉଛି। ଏକ ସ୍ୱତନ୍ତ୍ର ପଲିପ୍ରପିଲିନ୍ ସାମଗ୍ରୀ, ବିଓପିପି ଆବଶ୍ୟକ। ଏହା ନୋଟ୍ ମୁଦ୍ରଣକୁ ଉନ୍ନତ କରିବ ଏବଂ କାଳିର ଭଲ ଆବଦ୍ଧତା ସୁନିଶ୍ଚିତ କରିବ। ପ୍ରସ୍ତାବିତ କ୍ରୟ ପାଇଁ ପ୍ରାୟ ୬୮ ହଜାର ରିମ୍ ସାମଗ୍ରୀ ଆବଶ୍ୟକ, ଯେଉଁଥିରେ ୧୦ ଏବଂ ୨୦ ଟଙ୍କିଆ ନୋଟ୍ ପାଇଁ ୩୪ ହଜାର ରିମ୍ ଅନ୍ତର୍ଭୁକ୍ତ। UFlex ଏବଂ Spectra ମିଳିତ ଭାବରେ ଏକ ବିଡ୍ ଦାଖଲ କରିଛନ୍ତି ରିପୋର୍ଟ ଅନୁଯାୟୀ, ଭାରତୀୟ ପଲିମର କମ୍ପାନୀ UFlex ଆମେରିକାର ସ୍ପେକ୍ଟ୍ରା ସିଷ୍ଟମ ସହିତ ସହଭାଗୀତା କରିଛି। ଏହି ପଲିମର ନୋଟ୍ ପ୍ରକଳ୍ପ ପାଇଁ ଦୁଇ କମ୍ପାନୀ ମିଳିତ ଭାବରେ ଏକ ବିଡ୍ ଦାଖଲ କରିଛନ୍ତି।

## ବେଙ୍ଗାଲୁରୁରେ ୨ବିଏଚ୍କେ ଭଡ଼ା ୭୦ ହଜାର, ଡିପୋଜିଟ୍ ୪ ଲକ୍ଷ



**ବେଙ୍ଗାଲୁରୁ,୪।୧୦:** ବେଙ୍ଗାଲୁରୁରେ ଘର ଭଡ଼ା ନେବା ଏବେ କେବଳ ଭଲ ଲୋକେସନ୍ ଖୋଜିବାରେ ସୀମିତ ନାହିଁ। ବଢ଼ୁଥିବା ମାସିକ ଭଡ଼ା ଏବଂ ଅଧିକ ସିକ୍ୟୁରିଟି ଡିପୋଜିଟ୍କୁ ନେଇ ମଧ ଲୋକଙ୍କ ମଧରେ ଚର୍ଚ୍ଚା ଜାରି ରହିଛି। ଏହି ସମୟରେ ଜଣେ ରେଡିଟ୍ ୟୁଜରଙ୍କ ଘର ଖୋଜିବାର ଅନୁଭବ ସୋସିଆଲ ମିଡିଆରେ ଆଲୋଚନାର ବିଷୟ ହୋଇଛି। ରେଡିଟ୍ ୟୁଜରଙ୍କ ଦାବି ଅନୁସାରେ, ବେଙ୍ଗାଲୁରୁରେ ଏକ ୨ବିଏଚ୍କେ ଫ୍ଲାଟ୍ ପାଇଁ ମାସିକ ପ୍ରାୟ ୭୦ ହଜାର ଟଙ୍କା ଭଡ଼ା ଏବଂ ୩ରୁ ୪ ଲକ୍ଷ ଟଙ୍କା ସିକ୍ୟୁରିଟି ଡିପୋଜିଟ୍ ମଗାଯାଇଥିଲା। ଫ୍ଲାଟ୍ଟି ତାଙ୍କ ଅଫିସ୍ର ନିକଟରେ ଥିବା ସହ ବାଲକୋନିରୁ ଭଲ ଭ୍ୟୁ ମିଳୁଥିଲା। ତଥାପି ଘରର ସୁବିଧା ଓ ରୁମ୍ର ଆକାର ନେଇ ସେ ଅସନ୍ତୁଷ୍ଟ ଥିଲେ।ୟୁଜର ଜଣକ କହିଛନ୍ତି ଯେ ଫ୍ଲାଟ୍ଟି ତାଙ୍କ ଅଫିସ୍ଠାରୁ ଚାଲିକି ଯିବା ଦୂରତାରେ ଥିଲା। ଲିଭିଂ ରୁମ୍ର ସାଜସଜ୍ଜା ଏବଂ ବାଲକୋନିର ଭ୍ୟୁ ତାଙ୍କୁ ପସନ୍ଦ ଆସିଥିଲା। ଏଥିପାଇଁ ସେ ସାଧାରଣ ଠାରୁ ଅଧିକ ଭଡ଼ା ଦେବାକୁ ମଧ ଭାବିଥିଲେ। କିନ୍ତୁ ଫ୍ଲାଟ୍ ଦେଖିବା ପରେ ଅନେକ ସମସ୍ୟା ସାମ୍ନାକୁ ଆସିଥିଲା। ତାଙ୍କ ଅନୁସାରେ, ଦୁଇଟି ବେଡ୍ରୁମ୍ ଏତେ ବଡ଼ ନଥିଲା ଯେ ସେଠାରେ ଆରାମରେ କ୍ୱିନ୍-ସାଇଜ୍ ବେଡ୍ ଏବଂ ୱର୍କ ଡେସ୍କ ରଖାଯାଇପାରିବ। ଫ୍ଲାଟ୍କୁ ଫୁଲି ଫର୍ନିଶ୍ଡ ବୋଲି କୁହାଯାଇଥିଲେ ମଧ ୟୁଜରଙ୍କ ଦାବି ଅନୁସାରେ ଭିତରେ କେବଳ ଗୋଟିଏ ବେଡ୍, ଦୁଇଟି ସୋଫା ଏବଂ ଏକ ଛୋଟ ଟିଭି ଥିଲା। ଫ୍ରିଜ୍, ୱାଶିଂ ମେସିନ୍, ଡାଇନିଂ ଟେବୁଲ୍ ଏବଂ ଦ୍ୱିତୀୟ ବେଡ୍ ଭଳି ଆବଶ୍ୟକ ସାମଗ୍ରୀ ନଥିବା ସେ କହିଛନ୍ତି।

## ଶସ୍ତା ହୋଇପାରେ ପ୍ରିମିୟମ୍ ମଦ

# ସ୍କଚ୍ ମୂଲ୍ୟ ୧୫% ପର୍ଯ୍ୟନ୍ତ କମିବ

**ନୂଆଦିଲ୍ଲୀ,୪।୧୦:** ଦେଶର ରାଜଧାନୀ ଦିଲ୍ଲୀରେ ପ୍ରିମିୟମ୍ ମଦର ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିପାରେ। ଦିଲ୍ଲୀ ଅବକାରୀ ବିଭାଗ (Excise Department) ଏହାର ସମୀକ୍ଷା କରୁଛି। ଦିଲ୍ଲୀରେ କେତେକ ପ୍ରିମିୟମ୍ ସ୍କଚ୍ ହ୍ୱିସ୍କି ବ୍ରାଣ୍ଡର ମୂଲ୍ୟ ୧୦ ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ କମିପାରେ। ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତି ଅଧୀନରେ ହ୍ରାସ ପାଇଥିବା କଷ୍ଟମ୍ ଡ୍ୟୁଟିର ପ୍ରଭାବକୁ ଅବକାରୀ ବିଭାଗ ଅନୁଧାନ କରୁଛି। ତେବେ ଏହି ଆଶ୍ୱସ୍ତି ସବୁ ବ୍ରାଣ୍ଡ ଉପରେ ଲାଗୁ ହେବ ବୋଲି କୌଣସି ବାଧ୍ୟତାମୂଳକ ନାହିଁ। ଅବକାରୀ ବିଭାଗର ଅଧିକାରୀଙ୍କ ଅନୁଯାୟୀ, ଭାରତ-ବ୍ରିଟେନ୍ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟିକ ଚୁକ୍ତି (CETA) ର ପ୍ରାବଧାନ ଏବଂ ଏହା ଅଧୀନରେ ହ୍ରାସ ପାଇଥିବା କଷ୍ଟମ୍ ଡ୍ୟୁଟିର ପ୍ରଭାବ ଦିଲ୍ଲୀରେ ପ୍ରତ୍ୟେକ ମଦ ବ୍ରାଣ୍ଡ ଉପରେ ଅଲଗା ଅଲଗା ଦେଖାଯାଉଛି। ଅଧିକାରୀଙ୍କ କହିବା ଅନୁଯାୟୀ, ୧୦ ଅକ୍ଟୋବର ପରେ କେତେକ ବ୍ରାଣ୍ଡର ମୂଲ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ବାସ୍ତବରେ, ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତି ଅଧୀନରେ ଯୋଗ୍ୟ ବ୍ରିଟିଶ୍ ହ୍ୱିସ୍କି ଏବଂ ଜିନ୍ ଉପରେ କଷ୍ଟମ୍ ଡ୍ୟୁଟି ୧୫୦ ପ୍ରତିଶତରୁ କମାଇ ୭୫ ପ୍ରତିଶତ କରାଯାଇଛି। ଆଗାମୀ ବର୍ଷଗୁଡ଼ିକରେ ଏହାକୁ ପର୍ଯ୍ୟାୟକ୍ରମେ ଆହୁରି ହ୍ରାସ କରି ୪୦ ପ୍ରତିଶତକୁ ଆଣିବାର ଯୋଜନା ରହିଛି। ତେବେ କଷ୍ଟମ୍ ଡ୍ୟୁଟିରେ ୫୦ ପ୍ରତିଶତ ହ୍ରାସର ସିଧାସଳଖ ଅର୍ଥ ନୁହେଁ ଯେ ମଦର ଖୁଚୁରା ମୂଲ୍ୟ ମଧ ସେତିକି କମିଯିବ। କୌଣସି ବୋତଲର ମୂଲ୍ୟରେ କଷ୍ଟମ୍ ଡ୍ୟୁଟି ବ୍ୟତୀତ ରାଜ୍ୟର ଅବକାରୀ ଶୁଳ୍କ , ଟ୍ୟାକ୍ସ, ରିଟେଲ୍ ମାର୍ଜିନ୍ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମଧ ସାମିଲ ଥାଏ। ସବୁ ବ୍ରାଣ୍ଡକୁ ମିଳିବନି ଫାଇଦା ଅଧିକାରୀଙ୍କ କହିବା ଅନୁଯାୟୀ, CETA ଅଧୀନରେ ଟ୍ୟାକ୍ସ ଛାଡ଼ ପାଇଁ ଉତ୍ପାଦର ମୂଳ ଦେଶ ସହ ଜଡ଼ିତ ନିୟମ ମଧ ଲାଗୁ ହେବ। କେବଳ ବ୍ରିଟିଶ୍ କିମ୍ବା ଆନ୍ତର୍ଜାତୀୟ ବ୍ରାଣ୍ଡର ନାମ ଥିବା ଯୋଗୁଁ କୌଣସି ବୋତଲ ସ୍ୱତଃପ୍ରବୃତ୍ତ ଭାବେ ହ୍ରାସପ୍ରାପ୍ତ କଷ୍ଟମ୍ ଡ୍ୟୁଟି ପାଇଁ ଯୋଗ୍ୟ ହୋଇଯିବ ନାହିଁ। କେତେକ ମଦ ବ୍ରାଣ୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତ ଉତ୍ପାଦ ଭାବେ ଭାରତକୁ ଆମଦାନୀ କରାଯାଉଥିବା ବେଳେ, ଅନ୍ୟ କେତେକର ପ୍ରସ୍ତୁତି ଭାରତରେ ହୋଇଥାଏ। ଏଭଳି ସ୍ଥିତିରେ ମୂଲ୍ୟ ଉପରେ ପଡୁଥିବା ପ୍ରଭାବ ଭିନ୍ନ ଭିନ୍ନ ହୋଇପାରେ। ଗୋଟିଏ ପଟେ କମ୍ କଷ୍ଟମ୍ ଡ୍ୟୁଟି ଯୋଗୁଁ କେତେକ ପ୍ରିମିୟମ୍ ମଦର ଦାମ୍ କମିପାରେ, ଅନ୍ୟପଟେ ଦିଲ୍ଲୀ ସରକାର ଅବକାରୀ ଶୁଳ୍କ ବୃଦ୍ଧି କରିବା ପ୍ରସ୍ତାବ ଉପରେ ମଧ ବିଚାର କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଅବକାରୀ ଶୁଳ୍କରେ କୌଣସି ନୂଆ ବୃଦ୍ଧି ଲାଗୁ କରାଯାଇ ନାହିଁ। ଯଦି ରାଜ୍ୟ ସରକାର ଅବକାରୀ ଶୁଳ୍କ ବଢ଼ାଇବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଏହା ମଦ ମୂଲ୍ୟ ବୃଦ୍ଧି ଉପରେ ଚାପ ପକାଇପାରେ ଏବଂ ଆମଦାନୀ ହେଉଥିବା ମଦ ଉପରେ କମ୍ କଷ୍ଟମ୍ ଡ୍ୟୁଟିରୁ ମିଳୁଥିବା ଫାଇଦା ଆଂଶିକ ଭାବେ ଶେଷ ହୋଇଯାଇପାରେ। ସମ୍ପ୍ରତି ଦିଲ୍ଲୀରେ ସମସ୍ତ ପ୍ରିମିୟମ୍ ସ୍କଚ୍ ବ୍ରାଣ୍ଡ ପାଇଁ ସମାନ ଭାବେ ଦର ହ୍ରାସ ନେଇ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ।



## ଯାଞ୍ଚରେ ଅସୁରକ୍ଷିତ ଜଣାପଡ଼ିଲା ଏଭରେଷ୍ଟ ଜିରା ପାଉଡର




**ନୂଆଦିଲ୍ଲୀ,୪।୧୦:** ଦେଶରେ ବିକ୍ରି ହେଉଥିବା ପକେଟ୍ ଖାଦ୍ୟ ଠାରୁ ଆରମ୍ଭ କରି ମସଲା ସାମଗ୍ରୀ ପର୍ଯ୍ୟନ୍ତ, ପ୍ରାୟ ଅନେକ ପ୍ରଡକ୍ଟ ଏବେ ସୁରକ୍ଷା ଯାଞ୍ଚରେ ଫେଲ୍ ମାରୁଛି। ତେଣୁ କମ୍ପାନୀଗୁଡ଼ିକ କିଭଳି ଲାଭଖୋର ମାନସିକତା ରଖି ବର୍ଷ ବର୍ଷ ଧରି ଲୋକଙ୍କ ଜୀବନ ସହ ଖେଳ ଖେଳୁଥିଲେ ତାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ(ଏଫ୍ଏସ୍ଏସ୍ଆଇ) ଯେଉଁ କମ୍ପାନୀ ଉପରେ ଚଢ଼ାଉ କରୁଛି ସେହି କମ୍ପାନୀର ପ୍ରଡକ୍ଟ ନିମ୍ନ ମାନର ବାହାରୁଛି। ଆଉ ଏବେ ଏଫ୍ଏସ୍ଏସ୍ଏଆଇ କବଳରେ ପଡ଼ିଛି ଏଭରେଷ୍ଟ ଫୁଡ୍ ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍। କମ୍ପାନୀର ଜିରା ପାଉଡରର ବ୍ୟବହାର ପାଇଁ ଅସୁରକ୍ଷିତ ବୋଲି ଜଣାପଡ଼ିଛି। ତେଣୁ ପ୍ରି-ପ୍ୟାକ୍ ହୋଇଥିବା ଏକ ବ୍ୟାଚ୍କୁ ବଜାରରୁ ଫେରାଇ ଆଣିବା ପାଇଁ ଏକ ନିର୍ଦ୍ଦେଶ ଜାରି କରିଛି ଏଫ୍ଏସ୍ଏସ୍ଏଆଇ। ଏହା ବ୍ୟତୀତ, ଗ୍ରାହକ ଅସୁରକ୍ଷିତ ଘୋଷଣା କରିବା ପରେ, କମ୍ପାନୀକୁ ରିପୋର୍ଟକୁ ଚ୍ୟାଲେଞ୍ଜ କରିବା ପାଇଁ ସୁଯୋଗ ଦିଆଯାଇଥିଲା।

ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉଲ୍ଲଂଘନର ଆଉ ଏକ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଏଫ୍ଏସ୍ଏସ୍ଆଇ ତୁରନ୍ତ ପ୍ରଭାବରୁ ମେସର୍ସ କ୍ରିଏଟିଭ୍ ବେକର୍ସ ଆଣ୍ଡ୍ କନଫେକ୍ସନର୍ସ ପ୍ରାଇଭେଟ୍ ଲିମିଟେଡର ଲାଇସେନ୍ସକୁ ନିଲମ୍ବିତ କରିଛି।

ଏଭରେଷ୍ଟର ଜିରାଗୁଣ୍ଡ ପ୍ୟାକେଟ୍କୁ ନେଇ ଲ୍ୟାବରେ ପରୀକ୍ଷା କରାଯାଇଥିଲା। ଏଥିରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ କୀଟନାଶକ ଅବଶିଷ୍ଟ୍ୟ ମିଳିଥିଲା। ଏହାପରେ ଖାଦ୍ୟ ସୁରକ୍ଷା ବିଭାଗ ଏଭରେଷ୍ଟ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସେହିପରି ଏକାଧିକ ବେକେରୀରେ ସଂସ୍ଥାରେ ପରିଷ୍କାର ପରିଚ୍ଛନ୍ନତା, ଏବଂ ଖାଦ୍ୟ ସୁରକ୍ଷାରେ ଅନେକ ଗୁରୁତର ତ୍ରୁଟି ଦେଖାଯିବା ପରେ ସେମାନଙ୍କ ବିରୁଦ୍ଧରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଗୋଆରୁ ନିଆଗଲା ସାମ୍ପଲ ଗୋଆର ମେସର୍ସ ରିଭରସାଇଡ୍ ରିସର୍ଟସ୍ ଆଣ୍ଡ ହଲିଡେ ହୋମ୍ସ ପ୍ରାଇଭେଟ୍ ଲିମିଟେଡ୍ ପରିସରରୁ ଏଭରେଷ୍ଟ ଜିରା ପାଉଡରର ସାମ୍ପଲ ନିଆଯାଇଥିଲା। ଏହାର ଯାଞ୍ଚ ପରେ ଏଥିରେ ଆଜୋକ୍ସିଷ୍ଟ୍ରୋବିନ ଏବଂ ଥିଆମେଥୋକ୍ସାମର କୀଟନାଶକ ଅବଶିଷ୍ଟ୍ୟ ଅନୁମୋଦିତ ସୀମା (ଏମ୍ଆରଏଲ୍) ଠାରୁ ଅଧିକ ମିଳିଥିଲା। ଖାଦ୍ୟ ବିଶ୍ଳେଷକ ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ,୨୦୦୬ ଅନୁଯାୟୀ ନମୁନାକୁ

# ଭାରତରେ ଲଞ୍ଚ ହେଲା 'ଆପଲ୍ ପେ'




**ନୂଆଦିଲ୍ଲୀ,୪।୧୦:** ଆଇଫୋନ୍ ପ୍ରେମୀମାନଙ୍କ ପାଇଁ ବଡ଼ ଖୁସି ଖବର । ପ୍ରାୟ ୧୨ ବର୍ଷର ଦୀର୍ଘ ଅପେକ୍ଷା ପରେ ଭାରତୀୟ ବଜାରରେ 'ଆପଲ୍ ପେ' ପ୍ରବେଶ କରିଛି । ଏହି ସେବା ଆସିବା ପରେ ଏବେ ଦେଶର ଆଇଫୋନ୍, ଆଇପ୍ୟାଡ୍ ଏବଂ ଆପଲ୍ ୱାଚ୍ ୟୁଜର୍ସମାନେ ଅତି ସହଜରେ ଡିଜିଟାଲ୍ ପେମେଣ୍ଟ କରିପାରିବେ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆପଲ୍ ପକ୍ଷରୁ ଏହାକୁ ସୀମିତ ଭାବେ ଲଞ୍ଚ କରାଯାଇଛି । ବର୍ତ୍ତମାନ ପାଇଁ ଏହା କେବଳ ଏକ୍ସିସ୍ ବ୍ୟାଙ୍କର ଭିସା ଏବଂ ମାଷ୍ଟରକାର୍ଡ କ୍ରେଡିଟ୍ କାର୍ଡ ସହିତ କାର୍ଯ୍ୟ କରିବ । କେଉଁମାନେ ପାଇବେ ଏହାର ଲାଭ? ଯଦି ଆପଣଙ୍କ ପାଖରେ ଆକ୍ସିସ୍ ବ୍ୟାଙ୍କର ଭିସା କିମ୍ବା ମାଷ୍ଟରକାର୍ଡ କ୍ରେଡିଟ୍ କାର୍ଡ ଅଛି, ତେବେ ଆପଣ ଏହାକୁ ଆପଲ୍ ୱାଲେଟ୍ ରେ ଯୋଡ଼ି ଏହି ସେବାର ମଜା ନେଇପାରିବେ । ଆକ୍ସିସ୍ ବ୍ୟାଙ୍କର RuPay କାର୍ଡ ବର୍ତ୍ତମାନ ଏଥିରେ ସପୋର୍ଟ କରୁନାହିଁ । ସେହିପରି ଦେଶର ଅନ୍ୟ ଅଗ୍ରଣୀ ବ୍ୟାଙ୍କ ଯଥା HDFC Bank, ICICI Bank ଏବଂ SBI ର କାର୍ଡଗୁଡ଼ିକୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯାଇନାହିଁ । ଆପଲ୍ ଆଗାମୀ ଦିନରେ ଅନ୍ୟ ବ୍ୟାଙ୍କଗୁଡ଼ିକ ସହିତ ସହଯୋଗିତା ବୃଦ୍ଧି କରିବାକୁ ଯୋଜନା କରୁଛି । ଆପଲ୍ ପେ' ଜରିଆରେ କିପରି ହେବ ପେମେଣ୍ଟ ? ପ୍ରଥମେ ଆପଣଙ୍କୁ ଆପଲ୍ ୱାଲେଟ୍ ଆପ୍ କୁ ଯାଇ ନିଜର ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡକୁ ସଂଯୋଗ କରିବାକୁ ପଡ଼ିବ । ଯେଉଁ ସବୁ ସ୍ଥାନରେ କଣ୍ଟାକ୍ଟଲେସ୍ ପେମେଣ୍ଟ ମେସିନ୍ ଉପଲବ୍ଧ ଅଛି, ସେଠାରେ ଆପଣ ନିଜର ଆଇଫୋନ୍ ବା ଆପଲ୍ ୱାଚ୍କୁ ପେମେଣ୍ଟ ଟର୍ମିନାଲ୍ ପାଖରେ ନେଇ ପେମେଣ୍ଟ କରିପାରିବେ । ଏହି ପେମେଣ୍ଟ ପ୍ରକ୍ରିୟାକୁ ଫେସ୍ ଆଇଡି, ଟଚ୍ ଆଇଡି କିମ୍ବା ଡିଭାଇସ୍ ପାସକୋଡ୍ ଜରିଆରେ ଅତି ସୁରକ୍ଷିତ ଭାବେ ଅନୁମୋଦନ କରାଯାଇପାରିବ। ଏହାଫଳରେ ପ୍ରତିଥର ପର୍ସରୁ କାର୍ଡ ବାହାର କରିବା କିମ୍ବା ଦୋକାନୀଙ୍କୁ କାର୍ଡର ଗୋପନୀୟ ତଥ୍ୟ ଦେବା ଆବଶ୍ୟକ ପଡ଼ିବ ନାହିଁ । ଭାରତରେ ଏତେ ବିଳମ୍ବରେ କାହିଁକି ଆସିଲା ଆପଲ୍ ପେ' ? ବିଶ୍ୱର ଅନେକ ଦେଶରେ ଆପଲ୍ ପେ' ବହୁ ଆଗରୁ ଚାଲୁଥିଲେ ମଧ୍ୟ ଭାରତରେ ଏହା ଆସିବା ପାଇଁ ବହୁତ ସମୟ ଲାଗିଗଲା । କିନ୍ତୁ ବର୍ତ୍ତମାନ ଭାରତରେ ଆଇଫୋନ୍ ୟୁଜର୍ସଙ୍କ ବଢ଼ୁଥିବା ସଂଖ୍ୟା ଏବଂ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ଡିଜିଟାଲ ପେମେଣ୍ଟ ବଜାରକୁ ଦୃଷ୍ଟିରେ ରଖି କମ୍ପାନି ଏହି ବଡ଼ ପଦକ୍ଷେପ ନେଇଛି ।

### ଆଲି ବ୍ଲକରେ ସେବା ସଂକଳ୍ପ ପର୍ବ

## ଭତ୍ତା ଆଦେଶରେ ବନାନ ତ୍ରୁଟିକୁ ନେଇ ଉଠିଲା ପ୍ରଶ୍ନ




ଆଲି,୪।୧୦(ସଂଚାର ବ୍ୟୁରୋ): ଆଲି ବ୍ଲକ ପରିସରରେ ସେବା ସଂକଳ୍ପ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନଙ୍କୁ ମଞ୍ଜୁରୀ ଆଦେଶ ଓ ସହାୟତା ବଣ୍ଟନ କରାଯାଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ କିଛି ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଇଥିବା ବେଳେ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ମଧୁବାବୁ ପେନସନ ଯୋଜନାର ନୂତନ ହିତାଧିକାରୀମାନଙ୍କୁ ମଞ୍ଜୁରୀପ୍ରାପ୍ତ ଭତ୍ତା ଆଦେଶ ବଣ୍ଟନ କରାଯାଇଥିଲା। ତେବେ ଏହି ଭତ୍ତା ଆଦେଶଗୁଡ଼ିକରେ ବହୁ ବର୍ଣ୍ଣାନ ଓ ତଥ୍ୟଗତ ତ୍ରୁଟି ଥିବା ନେଇ କିଛି ହିତାଧିକାରୀ ଅଭିଯୋଗ କରିଛନ୍ତି। ଆଦେଶପତ୍ରରେ ନାମ, ଠିକଣା ଓ ଅନ୍ୟାନ୍ୟ ବିବରଣୀରେ ତ୍ରୁଟି ଥିବାରୁ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏହାକୁ ନେଇ ସ୍ଥାନୀୟ ମହଲରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟପଟେ ସରକାରୀ ଦସ୍ତାବିଜରେ ଏଭଳି ବର୍ଣ୍ଣାନ ତ୍ରୁଟି ରହିବା ପ୍ରଶାସନିକ ଅବହେଳାକୁ ପଦାରେ ପକାଉଥିବା ମତ ପ୍ରକାଶ ପାଉଛି।

ହିତାଧିକାରୀମାନଙ୍କ ପ୍ରଶ୍ନ ହେଉଛି, ଯଦି ଆଦେଶପତ୍ରରେ ଏତେ ସଂଖ୍ୟକ ତ୍ରୁଟି ରହିଥିଲା, ତେବେ ତାହା ବଣ୍ଟନ ପୂର୍ବରୁ ସଠିକ୍ ଭାବେ ଯାଞ୍ଚ କରାଯାଇନଥିଲା କାହିଁକି? କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ଏହାକୁ ନଜରକୁ ନେଇନଥିଲେ କି ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ବ୍ଲକ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ। ହିତାଧିକାରୀମାନେ ତ୍ରୁଟିପୂର୍ଣ୍ଣ ଆଦେଶପତ୍ର ସଂଶୋଧନ କରିବା ସହ ଭବିଷ୍ୟତରେ ଏଭଳି ଅବହେଳା ନ ହେବା ପାଇଁ ଦାବି କରିଛନ୍ତି।

### ୭ ବର୍ଷ ହେବ ପାଲ ତଳେ ଜୀବନ

## ଦୁଃଖ ଶୁଣିଲେ ଚିତ୍ତରଞ୍ଜନ



ମାର୍ଶାଘାଇ,୪।୧୦(ସଂଚାର ବ୍ୟୁରୋ): ଦୀର୍ଘ ୭ ବର୍ଷ ହେବ ପାଲ ତଳେ ଦିନ କାଟୁଛନ୍ତି ଅଶୋକ ମହାପାତ୍ରଙ୍କ ପରିବାର। ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତର ତାଳସଙ୍ଗା ଗ୍ରାମର ଅଶୋକଙ୍କ ପରିବାର ଦାରିଦ୍ର୍ୟ ଧରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ପରିବାରର ଏଭଳି ଦୁର୍ଦ୍ଦଶା ସମ୍ପର୍କରେ ଖବର ପାଇ ଜନନେତା ଚିତ୍ତରଞ୍ଜନ ଦାସ ଅଶୋକଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ଏହି ଅବସରରେ ସେ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ।ଏହା ସହ ଅଶୋକଙ୍କ ପରିବାରର ଦୁର୍ଦ୍ଦଶା ଦୂର କରିବା ସହ ସରକାରୀ ଯୋଜନା ଓ ଆବଶ୍ୟକ ଅନୁଦାନର ସୁବିଧା ଯୋଗାଇଦେବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଚିତ୍ତରଞ୍ଜନ ଦାସ କହିଥିଲେ।

ଦୀର୍ଘ ୭ ବର୍ଷ ଧରି ପାଲ ତଳେ ଜୀବନ ବିତାଉଥିବା ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବାସ ସମେତ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସୁରଭି ମାଧ୍ୟମରେ ଭାଷା ଓ ସଂସ୍କୃତିର ବିକାଶ




ବାଲିଆପାଳ,୪।୧୦(ସଂଚାର ବ୍ୟୁରୋ):ବସ୍ତା ବ୍ଲକ ଦଣ୍ଡିକା କ୍ଲଷ୍ଟର ଅଧିନସ୍ଥ ଗୁଞ୍ଜାୟତ ମଧୁସୂଦନ ସରକାରୀ ବିଦ୍ୟାପୀଠ ପରିସରରେ ସିଆରସିସି ଭୋଲାନାଥ ସାମଲ ଙ୍କ ତ୍ୱାତାବଧାନ ରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଙ୍କ ସଭାପତିତ୍ୱ ରେ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ ହୋଇଯାଇଛି ଏହି କାଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରୋହିୟା ଟୁଡୁ ଉଦଘାଟନ କରି ମନ୍ତବ୍ୟ ଦେଇଥିଲେ ଯେ ସୁରଭି କାଯ୍ୟକ୍ରମ ପ୍ରତିଯୋଗିତା ର ମଞ୍ଚ ନୁହଁ ଏହା ପିଲାମାନଙ୍କର ଲୁକାୟତ ପ୍ରତିଭା ପରିପୁଷ୍ଟନ ମଞ୍ଚ ମୁଖ୍ୟ ବକ୍ତା ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ସତ୍ୟନାରାୟଣ ହରିଦାସ ଉପସ୍ଥିତ ରହି ଏହି ବାତ୍ର ଦେଇଥିଲେ ଆଧ୍ୟାତ୍ମିକ ଚେତନା ଅନୁପ୍ରାଣିତ ହେଲେ ହିଁ ସଭ୍ୟତା ସଂସ୍କାର ଓ ସଂକୃତି ରେ ପୁନଃ ଉଦ୍ଧାର ହୋଇପାରିବ ବରଣ୍ୟ ଅତିଥି ଭାବରେ ବାହାଦା ପଂଚାୟତ ର ସରପଞ୍ଚ ସଂଜୀବ କୁମାର ଦଳାଇ ମତ ପୋଷଣ କରିଥିଲେ ଯେ କେବଳ ଶିକ୍ଷା ନୁହଁ କଳା ମାଧ୍ୟମରେ ମଧ୍ୟ ପିଲାମାନଙ୍କ ଭବିଷ୍ୟତ ଉଜ୍ୱଳ ହୋଇପାରିବ ଏଥିରେ ୧୨ଟି ବିଦ୍ୟାଳୟ ରୁ ୧୫୦ଉର୍ଦ୍ଧ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ବରିଷ୍ଠ ଶିକ୍ଷକ କାଇପଦ ମଙ୍ଗରାଜ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍ୱରୂପା ମହାପାତ୍ର, ଶୁଭସ୍ମିତା ଭଞ୍ଜ, ବିଜୟୀ ଲକ୍ଷ୍ମୀ ନାୟକ, ନିୟତି ରାଉତ, ସାରସ୍ୱତ ସାହୁ, ତାପସ ବିଶ୍ୱାଳ କାଯ୍ୟକ୍ରମ ରେ ସହଯୋଗ କରିଥିଲେ ଶେଷରେ ହିନ୍ଦୀ ଶିକ୍ଷୟିତ୍ରୀ ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ୫୮ ବର୍ଷରେ ପଦାର୍ପଣ କଲା ମା' ଦୁର୍ଗାଙ୍କ ପୂଜା

# ଇଟାଲୀର ଭାଟିକାନ ଦେଖିବ ଅସ୍ତରଙ୍ଗ





କାକଟପୁର/ଅସ୍ତରଙ୍ଗ,୪।୧୦ (ସଂଚାର ବ୍ୟୁରୋ): ବାଜିଲା ଶଙ୍ଖ, ବାଜିଲା ଢୋଲ, ଜୟ ମା' ଦୁର୍ଗା ନାରାରେ ପ୍ରକମ୍ପିତ ହେଲା ଅସ୍ତରଙ୍ଗ ଭଉଁରିଆ ନଦୀ ପଠା। ଶରତର ନୀଳ ଆକାଶରେ ଶୁଭ୍ର ମେଘର ଭେଳା, ତଳେ କାଶତଣ୍ଡୀ ବଣରେ ଶ୍ୱେତ ସମୁଦ୍ରର ଲହରୀ କହୁଛି ମା' ଆସୁଛନ୍ତି। ବର୍ଷର ସବୁଠୁ ବଡ ପର୍ବ ଶାରଦୀୟ ଦୁର୍ଗା ପୂଜାକୁ ଆଉ ମାତ୍ର କିଛି ଦିନ ବାକି ଥିବା ବେଳେ ଆରମ୍ଭ ହୋଇଯାଇଛି ତା'ର ପ୍ରଥମ ସୋପାନ।

ଶନିବାର ପବିତ୍ର ମୂଳାଷ୍ଟମୀ ତିଥିରେ ପୁରୀ ଜିଲ୍ଲା ଅସ୍ତରଙ୍ଗର ଐତିହାସିକ ମା' ଦୁର୍ଗା କ୍ଲବ ପକ୍ଷରୁ ଦେବୀ ନଦୀର ଶାଖା ଭଉଁରିଆ ନଦୀ ପଠାରେ ଅନୁଷ୍ଠିତ ହୋଇଛି ପବିତ୍ର ମାଟି ଅନୁକୂଳ ପର୍ବ। ଏହା ହିଁ ହେଉଛି ଦୁର୍ଗା ପୂଜାର ଆଦ୍ୟ ପର୍ବ। ପୂର୍ବାହ୍ନ ୧୦ଘଟିକା ସମୟରେ ଭଉଁରିଆ ପଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ। ମା' ଦୁର୍ଗା କ୍ଲବର ୧୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଢୋଲ, ମୃଦଙ୍ଗ, ଖୋଳ, ଶଙ୍ଖ, ଘଣ୍ଟ ବଜାଇ ବିରାଟ ଶୋଭାଯାତ୍ରାରେ ନଦୀ ପଠାରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟ ପୂଜକ ମଙ୍ଗରାଜ କର ଏବଂ ସହ ପୂଜକ ବିଶ୍ୱଜିତ କର ବେଦ ମନ୍ତ୍ର ପାଠ କରି ସୂର୍ଯ୍ୟ ପୂଜା, ଗଙ୍ଗା ଆବାହନ, ଦେବୀ ଆବାହନ ଓ ମୃତ୍ତିକା ପୂଜନ କଲେ। ପରେ ପବିତ୍ର ମନ୍ତ୍ରୋଚ୍ଚାରଣ ମଧ୍ୟରେ ନଦୀ ଗର୍ଭରୁ ଗୋଟେ ମୁଠା ପବିତ୍ର ମାଟି ଉଠାଯାଇଥିଲା। ସେହି ସମୟରେ ଜୟ ମା' ଦୁର୍ଗା ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପୁରା ଅଞ୍ଚଳ।

ଶାସ୍ତ୍ର ଅନୁଯାୟୀ ଦୁର୍ଗା ମୂର୍ତ୍ତି ନିର୍ମାଣ ପାଇଁ ପଞ୍ଚ ପବିତ୍ର ମାଟି ଆବଶ୍ୟକ। ନଦୀ ପଠା ମାଟି, ଗଙ୍ଗା ମାଟି, ଗୋଶାଳା ମାଟି,ସହ ଅନ୍ୟାନ୍ୟ ମାଟିର ମିଶ୍ରଣରେ ଗଢା ହୁଏ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। ବିଶ୍ୱାସ ଅଛି ଏହି ମାଟିରେ ହିଁ ମା'ଙ୍କ ପ୍ରାଣ ପ୍ରତିଷ୍ଠା ହୁଏ। ତେଣୁ ଏହି ମାଟି ଅନୁକୂଳ ହେଉଛି ପୂଜାର ଆଦ୍ୟ ପର୍ବ। ଏହି ମାଟିରୁ ହିଁ କୁମ୍ଭକାର ତଥା କାରିଗର ଆରମ୍ଭ କରିଥାଏ ମୂର୍ତ୍ତି ଗଢା କାର୍ଯ୍ୟ ଯାହା ଚକ୍ଷୁଦାନ ଯାଏଁ ଚାଲିବ।

ଚଳିତ ବର୍ଷ ମା' ଦୁର୍ଗା କ୍ଲବ ଗୌରବର ୫୮ ତମ ବର୍ଷରେ ପଦାର୍ପଣ କରିଛି। ଏହା ଅସ୍ତରଙ୍ଗ ଅଞ୍ଚଳର ସବୁଠୁ ପୁରାତନ ଏବଂ ଲୋକପ୍ରିୟ କ୍ଲବ। ୧୫୦ ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ଗଠିତ ଏହି କ୍ଲବର ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ( ଲିପୁ), ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା (ବାବୁଲି), ବରିଷ୍ଠ ସଦସ୍ୟ ଯୁଗଳ କିଶୋର ମହାନ୍ତି, ରାକେଶ ମହାନ୍ତି, ସହ ସମ୍ପାଦକ ପୃଥ୍ୱୀରାଜ ନାୟକ, ମାନସ ବେହେରା ପ୍ରମୁଖ ସହ ଅନ୍ୟ ସଦସ୍ୟ ଦିନରାତି ପରିଶ୍ରମ କରୁଛନ୍ତି। ଚଳିତ ବର୍ଷ ପବିତ୍ର ମହାନ୍ତି (ବାପି) କର୍ତ୍ତା ଭାବେ ଦାୟିତ୍ୱ ନେଇଛନ୍ତି। ସେମାନଙ୍କ ନେତୃତ୍ୱରେ ଏବର୍ଷ ପୂଜା ଅଧିକ ଆକର୍ଷଣୀୟ ହେବ। ଏଥର ସବୁଠୁ ବଡ ଆକର୍ଷଣ ସାଜିବ ସୁଉଚ୍ଚ ତୋରଣ। କ୍ଲବ ପକ୍ଷରୁ ଭାଟିକାନ ସିଟି ପ୍ୟାଲେସ ଆକୃତିର ବିଶାଳ ତୋରଣ ନିର୍ମାଣ କରାଯାଉଛି। ଯାହା ପୁରୀ ଜିଲ୍ଲାରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିବ। ଏଥିପାଇଁ କଲିକତା, ଭଦ୍ରକ ଓ ପାରାଦ୍ୱୀପରୁ କାରିଗର ଆସି କାମ କରୁଛନ୍ତି।

## ଦୁର୍ଗାପୂଜା ପୂର୍ବରୁ କାଶୀବାହାଲରେ ବୃକ୍ଷରୋପଣ

### ପରିବେଶ ସୁରକ୍ଷା ପାଇଁ 'ବୃକ୍ଷ ହିଁ ଜୀବନ'ର ବାର୍ତ୍ତା



ଧର୍ମଗଡ଼,୪।୧୦ (ସଂଚାର ବ୍ୟୁରୋ): ଦୁର୍ଗାପୂଜା ପୂର୍ବରୁ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତା ନେଇ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ କାଶୀବାହାଲଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ 'ବୃକ୍ଷ ହିଁ ଜୀବନ' ବାର୍ତ୍ତାକୁ ଆଧାର କରି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡା. ମନୋରଞ୍ଜନ ଦାସ, ପୂର୍ବତନ ସେନା କର୍ମଚାରୀ, କଣ୍ଟ୍ରାକ୍ଟର ହେମରାଜ ପାତ୍ର ଓ ସୁପରଭାଇଜର ପ୍ରଦୀପ ନାଏକଙ୍କ ସମେତ ବିରେନ୍, କେଦାର ଓ ଜାଲ ଗ୍ରାମର ଗ୍ରାମବାସୀ ଯୋଗଦେଇଥିଲେ।

ବୃକ୍ଷରୋପଣ ସହିତ ରୋପିତ ଚାରାଗୁଡ଼ିକର ସୁରକ୍ଷା ଓ ନିୟମିତ ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେବଳ ଚାରା ରୋପଣ କରିବା ନୁହେଁ, ଏହାକୁ ବଞ୍ଚାଇ ବଡ଼ କରିବା ମଧ୍ୟ ସମସ୍ତଙ୍କ ଦାୟିତ୍ୱ ବୋଲି ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ।

ପରିବେଶର ସନ୍ତୁଳନ ରକ୍ଷା, ପ୍ରାକୃତିକ ସବୁଜିମା ବୃଦ୍ଧି ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ରୋପିତ ଗଛଗୁଡ଼ିକର ଯତ୍ନ ନେବା ପାଇଁ ଆହ୍ୱାନ ଜଣାଇଥିଲେ। "ବୃକ୍ଷ ହିଁ ଜୀବନ, ବୃକ୍ଷର ସୁରକ୍ଷା ହିଁ ଆମର ଦାୟିତ୍ୱ" ବାର୍ତ୍ତା ସହ କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା।

### ୪୦ ବର୍ଷରେ ପଦାର୍ପଣ କଲା

# ମେଡିକାଲ ବଜାର ଦୁର୍ଗାପୂଜା



ଧାମନଗର,୪।୧୦ (ସଂଚାର ବ୍ୟୁରୋ): ଧାମନଗର ଏନ ଏ ସି ଅଧିନସ୍ଥ ଶାମପୁର ସ୍ଥିତ ମେଡିକାଲ ବଜାର ଦୁର୍ଗାପୂଜା ୪୦ବର୍ଷରେ ପଦାର୍ପଣ କରିଛି। ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଗମନ ପାଇଁ ପୂଜା କମିଟି ସମସ୍ତ ପ୍ରକାର ଆୟୋଜନ କରିଛି। ମେଡିକାଲ ବଜାର ଦୁର୍ଗା ମଣ୍ଡପରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରିରେ ଶେଷ ସ୍ପର୍ଶ ଦେଉଛି କାରିଗର। ଏହି ଉପଲକ୍ଷେ ଧାମନଗର ସହରାଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ପୂଜା କମିଟିର କର୍ମକର୍ତ୍ତା ମାନେ ଚଳିତ ବର୍ଷ ପୂଜା ମଣ୍ଡପ ଓ ତୋରଣକୁ ଆକର୍ଷଣୀୟ କରିବା ସହ ରୀତିନୀତି ଅନୁସାରେ ପୂଜା ଆରାଧନା କରିବା ଲାଗି ପ୍ରସ୍ତୁତି ତ୍ୱରାନ୍ୱିତ କରିଛନ୍ତି।

୧୯୮୭ ମସିହାରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ନାମରେ ସୃଷ୍ଟି ହୋଇଥିଲା ମେଡିକାଲ ବଜାର ଦୁର୍ଗାପୂଜା। ପ୍ରଥମ ବର୍ଷରୁ ଆକର୍ଷଣୀୟ ତୋରଣ, ଆଲୋକ ସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ ଏଯାବତ ପୂଜାକମିଟି ତା'ର ପରମ୍ପରାକୁ ବଜାୟ ରଖିଛି। ଏହି ପୂଜା କମିଟିର ପ୍ରତିଷ୍ଠାତା ଭାବେ ସ୍ୱର୍ଗତ ଯଦୁନାଥ ମହାପାତ୍ର, ବାସୁଦେବ ତ୍ରିପାଠୀ, ହରେକୃଷ୍ଣ ଦେବତା, ନବକୃଷ୍ଣ ମହାନ୍ତି, ରସାନନ୍ଦ ମହାପାତ୍ର, ସ୍ୱର୍ଗତ ଗଣେଶ ଚନ୍ଦ୍ର ମହାପାତ୍ର, ମାନଗୋବିନ୍ଦ ମହାପାତ୍ର, ବ୍ୟବସାୟୀ ସ୍ୱର୍ଗତ ଭାଗବତ ଦାଶ ପ୍ରମୁଖଙ୍କୁ ନେଇ ପ୍ରଥମେ ପୂଜାକମିଟି ଗଠନ କରାଯାଇ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ବର୍ଷ ମାନଙ୍କରେ ସ୍ୱର୍ଗତ ମଦନମୋହନ ବସନ୍ତିଆ, ସ୍ୱର୍ଗତ ଶରତ କୁମାର ରାଉତ, ନାରାୟଣ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ସତ୍ତ୍ୱରଞ୍ଜନ ତ୍ରିପାଠୀ, ରଘୁନାଥ ନାୟକ, ବିଜୟ କୁମାର ମହାପାତ୍ର, ସ୍ୱର୍ଗତ ବ୍ରଜକିଶୋର ବେହେରା, ସ୍ୱର୍ଗତ ଦୟାଲ ଦତ୍ତ ପ୍ରମୁଖ ବହୁ ବ୍ୟକ୍ତି ଓ ଯୁବକ ସାମିଲ ହୋଇଥିଲେ। ୨୦୧୨ ମସିହାରେ ଧାମନଗର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ତା'ର ୨୫ ବର୍ଷ ପୂର୍ତ୍ତି ଅବସରରେ "ରୌପ୍ୟ କରିଥିଲା। ଆକର୍ଷଣୀୟ ସାଜସଜ୍ଜା, ଚିତାକର୍ଷକ ରାବଣପୋଡ଼ି, ପ୍ରତିଭାବାନଙ୍କୁ ସମ୍ବର୍ଦ୍ଧନା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକେ ଆଜିବି ମନେ ପକାଉଛନ୍ତି।

ଆଜି ଏହି ମର୍ଯ୍ୟାଦାଜନକ ପୂଜାକମିଟି ୪୦ ବର୍ଷରେ ପଦାର୍ପଣ କରିଛି। କମିଟିର ସଭାପତି ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବହୁ ଯୁବକ ଓ ଅନୁଷ୍ଠାନ ପ୍ରେମୀ ଏହି ପୂଜା କମିଟିରେ ଯୋଡ଼ି ହୋଇ ପରମ୍ପରାକୁ ବଜାୟୀ ରଖିଛନ୍ତି। ଧାମନଗରର ଏକ ପ୍ରମୁଖ ଅନୁଷ୍ଠାନ ଭାବେ ମେଡିକାଲ ବଜାର ଦୁର୍ଗାପୂଜା କମିଟି ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ସେହିପରି ଧାମନଗର ବ୍ଲକ ଓ ସହରାଞ୍ଚଳରେ ମୋଟ ୧୨ଟି ସ୍ଥାନରେ ପୂଜା ପାଇବେ ଜଗତଜନନୀ ମା' ଦୁର୍ଗା। ସେଥିପାଇଁ ସମଗ୍ର ଧାମନଗର ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି।

### କେଦାରନାଥ ମନ୍ଦିର ରୂପରେ ଝଲସିବ

# ସଇଁତଳା ଦୁର୍ଗାମଣ୍ଡପ



ସଇଁତଳା,୪।୧୦ (ସଂଚାର ବ୍ୟୁରୋ): ଆଉ କେତେ ଦିନ ପରେ ଆରମ୍ଭହେବ ଶାରଦୀୟ ନବରାତ୍ରି ଦୁର୍ଗାପୂଜା । ଜଗତଜନନୀ ମା' ଦୁର୍ଗା ଧରାପୃଷ୍ଠକୁ ଆଗମନ କରିବେ। ନଅ ଦିନ ଧରି ଶ୍ରଦ୍ଧାଳୁଙ୍କ ପୂଜା ଆରାଧନା ଗ୍ରହଣ କରିବେ । ସଇଁତଲା ରେ ମା'ଙ୍କ ଆଗମନକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ସହରରର ହାଟପଦା ସ୍ଥିତ ପୂଜା ମଣ୍ଡପରେ ସାଜସଜ୍ଜା ଓ ପ୍ରସ୍ତୁତି ଆରମ୍ଭ ହୋଇଥିବା ଥିବା ବେଳେ ଚଳିତ ବର୍ଷ କେଦାରନାଥ ମନ୍ଦିର ର ରୂପ ରେ ତୋରଣ ନିର୍ମାଣ ହେଉଛି

ଦୁର୍ଗତିନାଶିନୀ ମା' ଦୁର୍ଗା ,ନବଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ଶିଳ୍ପୀ ନିମଗ୍ନ ରହିଛନ୍ତି। ଆସନ୍ତା ଅକ୍ଟୋବର ୧୧ରୁ ମା' ଦୁର୍ଗାଙ୍କ ଶାରଦୀୟ ନବଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିପାଇଁ ସହର ଚଳଚଞ୍ଚଳ ହୋଇପଡ଼ିଛି। ଚଳିତବର୍ଷ ଦୁର୍ଗା ପୂଜା ୭୭ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ନବ ରାତ୍ର ପୂଜାକୁ ୨୮ତମ ପଦାର୍ପଣ କରିଛି । ପୂଜା କମିଟି ପକ୍ଷରୁ ଚଳିତବର୍ଷ ନବପୂଜା ଆୟୋଜନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତିକୁ ବ୍ୟାପକ କରାଯାଇଛି। ଚଳିତ ବର୍ଷ ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ଭାବେ ସୁରେନ୍ଦ୍ର ସିଂ ଭୋଇ ଓ ସମ୍ପାଦକ ସୁବୋଧ ମିଶ୍ର ମନୋନୀତ ହୋଇଛନ୍ତି। କମିଟି କର୍ମକର୍ତ୍ତା ଓ ସଦସ୍ୟଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ ପ୍ରସ୍ତୁତି ଜାରି ରହିଛି।

ଶିଳ୍ପୀ କୋଲକତାର ଲପ ପାଲ ଓ ତାଙ୍କ ସହଯୋଗୀଙ୍କ ସହ ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଆସନ୍ତା ୧୦ତାରିଖରୁ ବିଲ ବରଣ ଓ ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ମଣ୍ଡପରେ ଅକ୍ଟୋବର ୧୧ରୁ ଜଗତଜନନୀ ମା' ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ କରାଯିବ। ଏହା ସହ ବିଜୟା ଦଶମୀ ଅବସରରେ ରାବଣ ପୋଡ଼ି ପାଇଁ ରାବଣଙ୍କ ରୂପ ଦେବାପାଇଁ କାରିଗରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

## ନରୁଆ ଦୁର୍ଗାଙ୍କ ପୀଠରେ ଷୋଡଶ ପୂଜା ଆରମ୍ଭ



ତିର୍ତ୍ତୋଲ,୪।୧୦ (ସଂଚାର ବ୍ୟୁରୋ): ଆଉ କେଇଟା ଦିନପରେ ଧରା ପୃଷ୍ଠ କୁ ଅବତରଣ କରିବେ ଜଗତ ଜନନୀ ମହିଷା ମର୍ଦ୍ଦିନୀ ମା ଦୁର୍ଗା । ଏଥିପାଇଁ ଗାଁ ଗହଳି ଠାରୁ ଆରମ୍ଭ ହୋଇ ସହର ପର୍ଯ୍ୟନ୍ତ ସବୁଠାରେ ସଜେଇ ହେଉଛି। ମା ଙ୍କ ଆଗମନ ପାଇଁ ଗତକାଲି ଠାରୁ ଆରମ୍ଭ ହୋଇଯାଇଛି ଆବାହନ।

ଗତକାଲି ଠାରୁ ଅଶ୍ୱିନୀ ମାସ ମୂଳାଷ୍ଟମୀ ତିଥିରୁ ତିର୍ତ୍ତୋଲ ବ୍ଲକ ସ୍ଥିତ ନରୁଆ ଛକ ଦେବୀ ଦୁର୍ଗା ଙ୍କ ପୀଠ ରେ ମୂଳାଷ୍ଟମୀ ଠାରୁ ପୀଠ ଦେବୀ ଦୁର୍ଗାଙ୍କ ଷୋଡ଼ଶ ପୂଜା ମହା ସମାରୋହରେ ଗତକାଲି ଠାରୁ ଆରମ୍ଭ ହୋଇଯାଇଛି। ପ୍ରତେକ ଦିନ ପୀଠରେ ସୂର୍ଯ୍ୟ ପୂଜା, ଷୋଡଶ ଉପଚାର ପୂଜା, ଦ୍ୱାରପାଳ ପୂଜା,ଚଣ୍ଡୀପାଠ, ସ୍ୱତ୍ରପାଠ, ହୋମ ଆଦି କାର୍ଯ୍ୟ ସମ୍ପାଦିତ ହେଉଅଛି ।

ମନ୍ଦିର ସିଂହ ଦ୍ୱାର ମନ୍ଦିର ବେଢ଼ା ଓ ମନ୍ଦିର ଚାରିପଟେ ସୁନ୍ଦର ଆଲୋକ ମାଳା ରେ ସୁସଜିତ ହୋଇଛି । ଆଜି ଠାରୁ ଦଶହରା ପର୍ଯ୍ୟନ୍ତ ଷୋଡ଼ଶ ପୂଜା ଦେଖିବାପାଇଁ ଆଖପାଖ ଅଞ୍ଚଳର ଭକ୍ତ ଙ୍କ ସମାଗମ ମନ୍ଦିର ପରିସରରେ ଦେଖିବାକୁ ମିଳିଛି। ସେହିପରି ଆଖପାଖର ବହୁ ମନ୍ଦିର ମା ଶାରଳାଙ୍କ ନୀତି କ୍ରାନ୍ତି ଅନୁଯାୟୀ ପୂଜାପାଠ କରାଯାଏ ।

## ରଥ ଦାଣ୍ଡରେ ହାତରେ ଖଣ୍ଡା ଧରି ଯୁବକଙ୍କ ଉନ୍ମତ୍ତକାଣ୍ଡ

### ଘଟଣାସ୍ଥଳରୁ ଗିରଫ କଲା ପୁଲିସ



ନୀଳଗିରି,୪।୧୦ (ସଂଚାର ବ୍ୟୁରୋ): ଆଜି ରାତି ପ୍ରାୟ୯ଟା ସମୟ ରେ ଜଣେ ଅଚିହ୍ନା ଯୁବକ ହାତରେ ଖଣ୍ଡା ଧରି ରଥ ଦାଣ୍ଡ ନୀଳଗିରି କେସି ହାଇସ୍କୁଲ ନିକଟରେ ଯାଉଥିବା ବାଟୋଇ ଓ ଦୋକାନୀକୁ ହାଣିବା ପାଇଁ ଗୋଡ଼ାଇବାରୁ ଦୋକାନୀ ଓ ଲୋକମାନେ ଭୟଭୀତ ହୋଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଁଚି ଖଣ୍ଡା ଜବତ କରିବା ସହିତ ଯୁବକ କାବୁ କରି ଥାନାକୁ ନେଇଛନ୍ତି। ଯୁବକ ଜଣକ କିଏ ? କାହିଁକି ଏପରି କରୁଥିଲା ସେ ନେଇ ନୀଳଗିରି ପୁଲିସ ତଦନ୍ତ କରୁଥିବା ଜଣାପଡିଛି।

## ସମ୍ ହସ୍ପିଟାଲ୍ ପକ୍ଷରୁ ପେଟ ଓ ଅନ୍ତନଳୀ ସମସ୍ୟାକୁ ନେଇ ସିଏମ୍ଇ ଆୟୋଜିତ




ଭୁବନେଶ୍ୱର,୪।୧୦ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ପେଟ ଓ ଅନ୍ତନଳୀର ସମସ୍ୟା ସମ୍ପର୍କିତ ଏକ ସିଏମ୍ଇ ଆୟୋଜିତ ହୋଇଯାଇଛି। ହସ୍ପିଟାଲ୍‌ର ଆନାଟୋମି ବିଭାଗ ଓ ଆନାଟୋମିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏଏସ୍ଆଇ) ଓଡ଼ିଶା ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ଶନିବାର ଏହି ସିଏମ୍ଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ୍ କଲେଜରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଆନାଟୋମି ବିଭାଗର ଫ୍ୟାକଲ୍ଟି, ପିଜି ଛାତ୍ରଛାତ୍ରୀ, ଗବେଷକ ଓ ଡାକ୍ତର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏଭଳି ସିଏମ୍ଇ ପ୍ରୋଗ୍ରାମ୍ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର ଓ ଡାକ୍ତର ବେଶ୍ ଉପକୃତ ହେବେ।

ବର୍ତ୍ତମାନ ସମୟରେ ଯୁବପିଢ଼ି ନୁହଁନ୍ତି ବରଂ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ପେଟ ଓ ଅନ୍ତନଳୀର ସମସ୍ୟା ବହୁମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ବିଭିନ୍ନ ଲକ୍ଷଣ ଜାଣିବା ସହିତ କିପରି ଭାବରେ ଏହାକୁ ଚିକିତ୍ସା କରାଯାଇପାରିବ ସେ ନେଇ ପ୍ରଫେସର (ଡାକ୍ତର) ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବୈଜ୍ଞାନିକ ଆଲୋଚନା ଚକ୍ର, ପିଜି ଛାତ୍ରଛାତୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

# ଛତୁ ଚାଷରେ ସ୍ୱାବଲମ୍ବୀ ଗୀତାଞ୍ଜଳି



କେନ୍ଦ୍ରାପଡ଼ା,୪।୧୦ (ସଂଚାର ବ୍ୟୁରୋ): ଦୃଢ଼ ଇଚ୍ଛାଶକ୍ତି, ପରିଶ୍ରମ ଏବଂ ସରକାରୀ ଯୋଜନାର ସଠିକ୍ ଉପଯୋଗ ଜଣେ ସାଧାରଣ ଗ୍ରାମୀଣ ମହିଳାଙ୍କୁ ସଫଳ ଉଦ୍ୟୋଗୀରେ ପରିଣତ କରିପାରେ। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକର ବଛରାଇ ଗ୍ରାମର ଉଚ୍ଚଶିକ୍ଷିତା ମହିଳା ଗୀତାଞ୍ଜଳି ସ୍ୱାଇଁ। ଛତୁ ଚାଷକୁ ଆଧାର କରି ସେ କେବଳ ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିନାହାନ୍ତି, ବରଂ ଗ୍ରାମାଞ୍ଚଳର ଅନେକ ମହିଳାଙ୍କ ପାଇଁ ପ୍ରେରଣାର ପ୍ରତୀକ ପାଲଟିଛନ୍ତି।

ଛତୁ ଚାଷ ପ୍ରତି ଆଗ୍ରହରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ଏକ ସଫଳ ଉଦ୍ୟମର ରୂପ ନେଇଛି। ଗୀତାଞ୍ଜଳି କହିଛନ୍ତି ଯେ, ୟୁଟ୍ୟୁବ୍ ମାଧ୍ୟମରେ ସେ ପ୍ରଥମେ ଛତୁ ଚାଷ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ସରକାରଙ୍କ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ବିଷୟରେ ଜାଣି ସେଗୁଡ଼ିକର ସୁବିଧା ନେବାକୁ ଆଗେଇ ଆସିଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାୟ ଦୁଇ ଲକ୍ଷ ଟଙ୍କା ବିନିଯୋଗ କରି ଛତୁ ଫାର୍ମ ସ୍ଥାପନ କରିଥିବା ବେଳେ ସରକାରଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କାର ସବ୍‌ସିଡି ମଧ୍ୟ ପାଇଥିଲେ। ଏହି ସହାୟତା ତାଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ବେଶ୍ ସହାୟକ ହୋଇଥିଲା। ବର୍ତ୍ତମାନ ତାଙ୍କ ଫାର୍ମରୁ ପ୍ରତିଦିନ ପାଞ୍ଚରୁ ଛଅ କିଲୋଗ୍ରାମ ପର୍ଯ୍ୟନ୍ତ ଛତୁ ଉତ୍ପାଦନ ହେଉଛି। ସମସ୍ତ ଖର୍ଚ୍ଚ ବାଦ ଦେବା ପରେ ପ୍ରତିମାସ ୩୦ ହଜାରରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ହେଉଥିବା ସେ କହିଛନ୍ତି।

### ଗ୍ରାମୀଣ ମହିଳାଙ୍କ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ

ତାଙ୍କ ସଫଳତାର ପ୍ରଭାବ ଏବେ ଗ୍ରାମର ଅନ୍ୟ ମହିଳାମାନଙ୍କ ମଧ୍ୟରେ ମଧ୍ୟ ପଡ଼ିଛି। ଛତୁ ଚାଷ ମାଧ୍ୟମରେ ଘରୋଇ ଆୟ ବୃଦ୍ଧି କରିବା ପାଇଁ ଅନେକ ମହିଳା ଆଗ୍ରହ ପ୍ରକାଶ କରୁଥିବା ଜଣାପଡ଼ିଛି। ଗୀତାଞ୍ଜଳିଙ୍କ ଅଭିଜ୍ଞତା ଏବଂ ପରାମର୍ଶ ସେମାନଙ୍କ ପାଇଁ ମାର୍ଗଦର୍ଶକ ସାବ୍ୟସ୍ତ ହେଉଛି।

ଗ୍ରାମୀଣ ଅଞ୍ଚଳରେ ରହି ମଧ୍ୟ ଆଧୁନିକ ଚାଷ ପ୍ରଣାଳୀ ଏବଂ ସରକାରୀ ଯୋଜନାର ସଦୁପଯୋଗ ଦ୍ୱାରା କିପରି ଆତ୍ମନିର୍ଭର ହୋଇହେବ, ତାହା ଗୀତାଞ୍ଜଳି ସ୍ୱାଇଁ ପ୍ରମାଣ କରି ଦେଖାଇଛନ୍ତି। ତାଙ୍କ ସଫଳତା କାହାଣୀ ଆଜି ଅନେକ ଗ୍ରାମୀଣ ମହିଳାଙ୍କ ପାଇଁ ଆଶା, ଆତ୍ମବିଶ୍ୱାସ ଓ ସ୍ୱାବଲମ୍ବନର ନୂଆ ବାର୍ତ୍ତା ବହନ କରୁଛି।

## ସୋନ ନଦୀରେ ଦଶମ ଶ୍ରେଣୀ ଛାତ୍ରର ସଲୀଳ ସମାଧି



ନୀଳଗିରି,୪।୧୦ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତର ଅମ୍ବିକାପୁର ଗ୍ରାମକୁ ଲାଗି ସୋନ ନଦୀରେ ଦଶମ ଶ୍ରେଣୀ ଛାତ୍ରର ସଲୀଳ ସମାଧି ହୋଇଛି। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କାଂଶ ପଞ୍ଚାୟତର କାଂଶ ଗ୍ରାମର ହେମେନ୍ଦ୍ର ପାତ୍ରଙ୍କ ପୁତ୍ର ରାଜେଶ ପାତ୍ର(୧୫), କାଂଶ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀର ଅଧ୍ୟୟନରତ ଛାତ୍ର।

ତେବେ ଆଜି ମଧ୍ୟାହ୍ନ ପ୍ରାୟ ଦେଢ଼ ଘଟିକାରୁ ଦୁଇ ଘଟିକା ମଧ୍ୟରେ ସୋନ ନଦୀର ଅମ୍ବିକାପୁର ଘାଟକୁ ମାମୁଁ ସହିତ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଅସାବଧାନତା ବଶତଃ କାରଣରୁ ପାଣିରେ ବୁଡ଼ି ଯାଇଥିଲେ।ରେମୁଣା ଦମକଳ ବାହିନୀ ଓ ଗ୍ରାମ ବାସୀଙ୍କ ସହଯୋଗ ରେ ଉଦ୍ଧାର କରାଯାଇ ପ୍ରଥମେ ନୀଳଗିରି ମେଡିକାଲ କୁ ନେବା ପରେ ତାଙ୍କୁ ରେମୁଣା ଫକୀରମୋହମ ମେଡିକାଲ କଲେକ କୁ ନେଇଥିଲେ, ହେଲେ ଅବସ୍ଥା ଉଦବେଗଜନକ ଥିବାରୁ ବାଲେଶ୍ୱର ଫକୀର ମୋହନ ହସ୍ପିଟାଲ କୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ରାଜେଶ ଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ କାଂଶ ବିଦ୍ୟାଳୟ ର ଶିକ୍ଷକ, ସହପାଠୀ ସମେତ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।




# କିଡନୀ ଖରାପର ଲକ୍ଷଣ ଆଖିତଳ କଳାପଡ଼ିବା

ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ଠାରୁ ଆରମ୍ଭ କରି ରକ୍ତଚାପ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ କରିବାରେ କିଡନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ଖରାପ ଡାଏଟ୍, ମଧୁମେହ ଏବଂ ଉଚ୍ଚ



ରକ୍ତଚାପ କିଡନୀ ସମସ୍ୟାର କାରଣ ହୋଇପାରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ କିଡନୀ ଖରାପ ହେବାର କିଛି ପ୍ରାରମ୍ଭିକ ଲକ୍ଷଣ ଆଖି ଚାରିପାଖରେ ଦେଖାଯାଇପାରେ। ଯଦି ଏହି ଲକ୍ଷଣ ଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରାଯାଏ, ତେବେ ଗମ୍ଭୀର କିଡନୀ ରୋଗକୁ ରୋକାଯାଇପାରିବ।

ଗବେଷଣା ଅନୁଯାୟୀ, ଆଖି ଫୁଲିବା କିଡନୀ ଫେଲ ହେବାର ଏକ ପ୍ରମୁଖ ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଯେତେବେଳେ ଏହା ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ସେତେବେଳେ ଏହା ଶରୀରରୁ ଅତିରିକ୍ତ ପାଣି ଏବଂ ସୋଡିୟମ୍ ବାହାର କରିପାରନ୍ତି ନାହିଁ। ଏହା ଶରୀରରେ ତରଳ ପଦାର୍ଥ ଜମା କରିଥାଏ, ଯାହା ଫୁଲା ଭାବରେ ପ୍ରକାଶିତ ହୁଏ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ। ଏହି ଫୁଲା ସକାଳେ ଅଧିକ ଦୃଶ୍ୟମାନ ହୁଏ ଏବଂ ଦିନ ବଢ଼ିବା ସହିତ କମିଥାଏ। ଆଖି ତଳେ କଳା ଦାଗ ପ୍ରାୟତଃ ନିଦ୍ରା ଅଭାବ କିମ୍ବା ଚାପ ସହିତ ଜଡିତ, କିନ୍ତୁ ଏହା କିଡନୀ ଫେଲ୍ୟୁୟରର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯେତେବେଳେ କିଡନୀ ରକ୍ତକୁ ଠିକ୍ ଭାବରେ ଫିଲ୍ଟର କରିନଥାଏ, ସେତେବେଳେ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବା ଆରମ୍ଭ ହୁଏ। ଏହି ବିଷାକ୍ତ ପଦାର୍ଥ ଚର୍ମର ରଙ୍ଗ ପରିବର୍ତ୍ତନ କରିପାରେ, ଯାହା ବିଶେଷକରି ଆଖି ଚାରିପାଖର ଚର୍ମରେ ସ୍ପଷ୍ଟ ଭାବରେ ଦେଖାଯାଏ।

କିଡନୀ ସମସ୍ୟା ଶରୀରରେ ପ୍ରୋଟିନ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱର ସନ୍ତୁଳନ ବିଗିଡି ଯାଏ। ଯାହା ଫଳରେ ଚର୍ମ ହଳଦିଆ ପଡ଼ିଯାଏ ଏବଂ ଆଖି ତଳେ କଳା ଦାଗ ସୃଷ୍ଟି ହୁଏ। କିଡନୀ ଫେଲ୍ୟୁଅର ଯୋଗୁଁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ, ଯାହା ଫଳରେ ଆଖିରେ ଜ୍ୱଳନ ଏବଂ ଲାଲ ପଡ଼ିଯାଏ। ଏହି ଲକ୍ଷଣ ବିଶେଷ ଭାବରେ ଦେଖାଯାଏ ଯେତେବେଳେ କିଡନୀ ରକ୍ତରେ ଇଲେକ୍ଟ୍ରୋଲାଇଟ୍ସର ସନ୍ତୁଳନ ବଜାୟ ରଖି ପାରେ ନାହିଁ। ଫେଲ୍ୟୁଅର ଯୋଗୁଁ ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ।

ଏକ ଅଧ୍ୟୟନ ଅନୁଯାୟୀ, କିଡନୀ ସମସ୍ୟା ଥିବା ରୋଗୀଙ୍କ ଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। ଫେଲ୍ୟୁଅର ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ। ନେଫ୍ରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବୃକକ୍ ସମସ୍ୟା ଥିବା ରୋଗୀଙ୍କଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। କିଡନୀ ଫେଲ୍ୟୁଅର ହେଲେ ଉଚ୍ଚ ରକ୍ତଚାପ ହୋଇପାରେ। ଯାହା ଆଖିର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ଏହା ରେଟିନା ଫୁଲା କିମ୍ବା ଡାଏବେଟିକ୍ ରେଟିନୋପାଥି ଭଳି ସମସ୍ୟା ସୃଷ୍ଟି କରିପାରେ। ଯାହା ଦୃଷ୍ଟିକୁ ଝାପସା କରିପାରେ।

# ଏକ କପ୍ ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର



ହଳଦୀରେ ରହିଛି ବହୁ ଔଷଧୀୟ ଗୁଣ, ଯାହା ଅନେକ ରୋଗରୁ ରକ୍ଷା କରିଥାଏ। ଯଦି ନିୟମିତ ସକାଳେ ଏକ କପ୍ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ। ମଧୁମେହଠାରୁ ଆରମ୍ଭ କରି ତ୍ୱଚା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ରହିଛି ଏହାର ସକାରାତ୍ମକ ପ୍ରଭାବ।ହଳଦୀରେ ଆଇରନ୍, କପର, ପ୍ରୋଟିନ୍, ଫାଇବର୍ ଓ ଭିଟାମିନ-ସି' ପରି ପୋଷକ ତତ୍ତ୍ୱ ରହିଛି। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତରକୁ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ପୋଷାକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଔଷଧୀୟ ଗୁଣରେ ଭରା ହଳଦୀ ଖାଦ୍ୟର ରଙ୍ଗ ଓ ସ୍ୱାଦକୁ ବଢାଇଥାଏ। ଏହି ମସଲାର ଉପଯୋଗ କେବଳ ଖାଦ୍ୟରେ ନୁହେଁ, ବରଂ ଅନେକ ଶାରୀରିକ ସମସ୍ୟାକୁ ସମାଧାନ କରିଥାଏ। ଆୟୁର୍ବେଦରେ ହଳଦୀ ଅନେକ ଔଷଧ ତିଆରି ପାଇଁ ବ୍ୟବହାର ହୋଇଥାଏ। ଏହି ମସଲାରେ ଆଇରନ୍, ପ୍ରୋଟିନ୍, ଫାଇବର, ଭିଟାମିନ୍-ସି' ଓ ଭିଟାମିନ୍-ଇ' ପରି ଅନେକ ପୋଷକ ତତ୍ତ୍ୱ ରହିଛି। ଯଦି ନିୟମିତ ଖାଲି ପେଟରେ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଯେପରିକି

**ବଢାଏ ରୋଗ ପ୍ରତିରୋଧକ ଶକ୍ତିଃ** ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିଥାଏ। ଫଳରେ ଅନେକ ପ୍ରକାରର ସଂକ୍ରମଣ ଓ ରୋଗରୁ ରକ୍ଷା କରିଥାଏ। ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ନିୟମିତ ହଳଦୀ ପାଣି ପିଇବା ଉଚିତ୍।

**ପାଚନ ତନ୍ତ୍ର ସୁସ୍ଥ ରହେଃ** ପୋଷକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି- ଅକ୍ସିଡାଣ୍ଟ ଗୁଣ ପାଚନ ତନ୍ତ୍ରକୁ ସୁଧାରିଥାଏ। ହଳଦୀ ପାଣି ପିଇବା ଦ୍ୱାରା ପେଟରେ ଥିବା ପ୍ରାୟ ସମସ୍ୟାର ସମାଧାନ ହୋଇଥାଏ।

**ହୃଦୟ ପାଇଁ ଲାଭଦାୟକଃ** ହଳଦୀରେ ଥିବା କରକ୍ୟୁମିନ୍ ହୃଦୟ ସ୍ୱାସ୍ଥ୍ୟକୁ ସୁଧାରି ଥାଏ। ସେହିପରି ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ହୃଦୟ ରୋଗକୁ କମ୍ କରିବାରେ ସାହାଯ୍ୟ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ହୃଦୟ ଫିଟ୍ ରହିଥାଏ।

**ରକ୍ତରେ ଶର୍କରା ନିୟନ୍ତ୍ରିତ କରେଃ** ଯେଉଁ ଲୋକଙ୍କୁ ମଧୁମେହ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ହଳଦୀ ପାଣି ରାମବାଣ ପରି କାମ କରିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ ସାମାନ୍ୟ ରଖିଥାଏ। ଏଥିରେ ଥିବା କର୍‌କ୍ୟୁମିନ୍ ମଧୁମେହ ଆଶଙ୍କାକୁ କମ୍ କରିଥାଏ।

ତ୍ୱଚା ପାଇଁ ଗୁଣକାରୀଃ ହଳଦୀ ତ୍ୱଚାରେ ଚମ୍‌କ ଆଣିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବୟସକୁ ବାନ୍ଧି ରଖିବାରେ ସହଯୋଗ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ତ୍ୱଚାରେ ଚମ୍‌କ ଆସିବା ସହ ସୁସ୍ଥ ରହିଥାଏ।

# ଫୁସ୍‌ଫୁସ୍ କ୍ୟାନସର୍‌ର ପ୍ରଥମ ଲକ୍ଷଣ ଆଙ୍ଗୁଠି ଓ ନଖରେ ଦେଖାଯାଏ



ଫୁସଫୁସ କର୍କଟକୁ ବିଶ୍ୱର ସବୁଠାରୁ ମାରାତ୍ମକ କର୍କଟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, କାରଣ ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ହାଲୁକା ଏବଂ ପ୍ରାୟତଃ ଅଣଦେଖା କରାଯାଏ। ଏହାକୁ ସମୟ ମଧ୍ୟରେ ଚିହ୍ନଟ କରିବା କଷ୍ଟକର । ତେଣୁ ଛୋଟ ଛୋଟ ଲକ୍ଷଣଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆଙ୍ଗୁଠି କ୍ଲବ୍ ହେବା, ଆଙ୍ଗୁଠି ଏବଂ ନଖର ଆକୃତି ଏବଂ ଗଠନରେ ପରିବର୍ତ୍ତନ। ଯଦିଓ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବଦା ଦୃଶ୍ୟମାନ ହୁଏ ନାହିଁ, ଏହାକୁ ବୁଝିବା ଆପଣଙ୍କ ଫୁସଫୁସ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବ।

ଆଙ୍ଗୁଠି କ୍ଲବିଂ, ଯାହାକୁ ଡିଜିଟାଲ୍ କ୍ଲବିଂ ମଧ୍ୟ କୁହାଯାଏ, ତାହା ହେଉଛି ଆଙ୍ଗୁଠିର ଅଗ୍ରଭାଗରେ ଫୁଲା ଏବଂ ନଖରେ ପରିବର୍ତ୍ତନ। ଏହା ଧୀରେ ଧୀରେ ବିକଶିତ ହୁଏ ଏବଂ ପ୍ରଥମେ ଚିହ୍ନଟ କରିବା ସହଜ ନ ହୋଇପାରେ । ପ୍ରାରମ୍ଭିକ ଅବସ୍ଥାରେ, ନଖ ଚାରିପାଖରେ ସାମାନ୍ୟ ଲାଲ କିମ୍ବା କୋମଳତା ଦେଖାଯାଇପାରେ, ଯେତେବେଳେ ଏହା ବଢ଼ିଥାଏ, ନଖଗୁଡ଼ିକ ଚକଚକିଆ ଏବଂ ଚାମଚ ଆକୃତିର ଦେଖାଯାଏ।

ଫୁସଫୁସ କର୍କଟ ରୋଗୀଙ୍କ ମଧ୍ୟରେ ଆଙ୍ଗୁଠି କ୍ଲବ୍ କରିବା ଏକ ସାଧାରଣ ଲକ୍ଷଣ, ଏବଂ ଗବେଷଣାରୁ ଜଣାପଡିଛି ଯେ ଏହା ପ୍ରାୟ ୮୦ ପ୍ରତିଶତ ରୋଗୀଙ୍କଠାରେ ଏହା ଦେଖାଯାଏ। ତଥାପି, ଏହା ପ୍ରାୟତଃ ରୋଗର ଉନ୍ନତ ପର୍ଯ୍ୟାୟରେ ଦେଖାଯାଏ। ଏହା ଶରୀରରେ ଅମ୍ଳଜାନର ଅଭାବ ଏବଂ ନୂତନ ରକ୍ତବାହୀ ନଳୀ ଗଠନକୁ ଉତ୍ସାହିତ କରୁଥିବା କିଛି ବୃଦ୍ଧି କାରକଗୁଡ଼ିକର ଉତ୍ପାଦନ ବୃଦ୍ଧି ହେତୁ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ପ୍ରକ୍ରିୟା କର୍କଟ ଭଳି ରୋଗ ଦ୍ୱାରା ଆରମ୍ଭ ହୋଇପାରେ। ଯଦିଓ ଫୁସଫୁସ କର୍କଟ ସବୁଠାରୁ ସାଧାରଣ କାରଣ, ଆଙ୍ଗୁଠି କ୍ଲବିଂ ଅନ୍ୟାନ୍ୟ ରୋଗ ଯୋଗୁଁ ମଧ୍ୟ ହୋଇପାରେ । ଯେପରିକି ବ୍ରୋଙ୍କିଏକ୍ଟାସିସ୍ ଏବଂ ସିଷ୍ଟିକ୍ ଫାଇବ୍ରୋସିସ୍ ସମେତ ଦୀର୍ଘକାଳୀନ ଫୁସଫୁସ ସଂକ୍ରମଣ, ସିରୋସିସ୍ ଭଳି ଯକୃତ ରୋଗ ଏବଂ ଅନ୍ୟାନ୍ୟ କର୍କଟ ଯେପରିକି ଯକୃତ କର୍କଟ କିମ୍ବା ହଜକିନ୍ସ ଲିମ୍ଫୋମା, ଏବଂ ଏଚଆଇଭି, ହେପାଟାଇଟିସ୍ ବି ଏବଂ ସି ସମେତ ଭୂତାଣୁ ସଂକ୍ରମଣ। ଆଙ୍ଗୁଠି କ୍ଲବିଂ ପାଇଁ କୌଣସି ଉପଚାର ନାହିଁ। ସମାଧାନ ହେଉଛି ଏହାକୁ ସୃଷ୍ଟି କରୁଥିବା ଅନ୍ତର୍ନିହିତ ରୋଗକୁ ନିୟନ୍ତ୍ରଣ କରିବା। ଯଦି କାରଣ ଅସ୍ଥାୟୀ କିମ୍ବା ଚିକିତ୍ସାଯୋଗ୍ୟ, ତେବେ କ୍ଲବିଂ କମିଯାଇପାରେ। ତଥାପି, ଫୁସଫୁସ କର୍କଟ କିମ୍ବା ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ରୋଗରେ, ଏହି ପରିବର୍ତ୍ତନ ସ୍ଥାୟୀ ହୋଇପାରେ। ଯଦି ଆପଣ ଆପଣଙ୍କ ନଖ କିମ୍ବା ଆଙ୍ଗୁଠିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବାକୁ ନିଶ୍ଚିତ କରନ୍ତୁ। ଡାକ୍ତର ଆପଣଙ୍କ ନଖ ପରୀକ୍ଷା କରିବେ ଏବଂ ଆବଶ୍ୟକ ହେଲେ ରକ୍ତ ପରୀକ୍ଷା, ଏକ୍ସ-ରେ କିମ୍ବା ସିଟି ସ୍କାନ ଭଳି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। ଯଦି ଏହି ଲକ୍ଷଣଗୁଡ଼ିକ ଫୁସଫୁସ କର୍କଟ ଭଳି ଗମ୍ଭୀର ରୋଗ ସହିତ ଜଡିତ, ତେବେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଫୁସ୍‌ଫୁସ୍‌ରେ ପାଣି ଜମିଲେ ନିଃଶ୍ୱାସ ନେବାରେ କଷ୍ଟ ଓ ଥକ୍କା ଲାଗେ

ଆମ ଶରୀର ପାଇଁ ଫୁସ୍‌ଫୁସ୍ ସେତିକି ଜରୁରୀ ଯେପରି ଜୀବନ ପାଇଁ ଅମ୍ଳଜାନ। ଯେତେବେଳେ ଫୁସ୍‌ଫୁସ୍ ସୁସ୍ଥ ଥାଏ, ଶରୀର ଉର୍ଜାରେ ଭରପୁର ରହିଥାଏ। କିନ୍ତୁ ଯେତେବେଳେ ସମସ୍ୟା ସୃଷ୍ଟି ହୁଏ, ସେତେବେଳେ ସମ୍ପୂର୍ଣ୍ଣ ଶରୀର ପ୍ରଭାବିତ ହୁଏ। ତେଣୁ, ଆଜି ଆମେ ଆପଣଙ୍କୁ ଫୁସ୍‌ଫୁସ୍ ରେ ପାଣି ଭରିଯିବାର ଲକ୍ଷଣ ବିଷୟରେ କହିବୁ। ବିଶେଷଜ୍ଞମାନେ କହିଛନ୍ତି ଯେ, କେତେକ ସମୟରେ ଫୁସ୍‌ଫୁସ୍ ତରଳ ପଦାର୍ଥରେ ପୂର୍ଣ୍ଣ ହେବା ଆରମ୍ଭ କରେ, ଯାହାକୁ ଡାକ୍ତରୀ ଭାଷାରେ ପଲ୍‌ମୋନାରୀ ଏଡିମା କୁହାଯାଏ। ତୁରନ୍ତ ଚିକିତ୍ସା ନକଲେ ଏହି ଅବସ୍ଥା ଗମ୍ଭୀର ଏବଂ ଘାତକ ମଧ୍ୟ ହୋଇପାରେ। ତେଣୁ, ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନିବା ଏବଂ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ। ନିଶ୍ୱାସ ନେବାରେ କଷ୍ଟ ଏବଂ ଥକ୍କା ଲାଗିବା, ବାରମ୍ବାର ତୀବ୍ର ଗତିରେ ନିଶ୍ୱାସ ନେବା ଏହାର ଲକ୍ଷଣଗୁଡ଼ିକ ଦେଖାଦେଇପାରେ। ଚାଲିବା କିମ୍ବା ସିଡ଼ି ଚଢ଼ିବା ସମୟରେ ଅତ୍ୟଧିକ ଥକାପଣ ଅନୁଭବ ହେବା, ଶୋଇବା ସମୟରେ ନିଶ୍ୱାସ ନେବାରେ କଷ୍ଟ ହେବା ଇତ୍ୟାଦି ଲକ୍ଷଣଗୁଡ଼ିକ ଫୁସ୍‌ଫୁସ୍ ରେ ତରଳ ପଦାର୍ଥ ଜମା ହେଉଥିବାର



ସୂଚାଇପାରେ। ଫୁସ୍‌ଫୁସ୍ ରେ ତରଳ ପଦାର୍ଥ ଜମା ହେବା ଦ୍ୱାରା ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ଯାହା ଫଳରେ ପାଦ ଏବଂ ଗୋଡ଼ ଫୁଲିଯାଏ। ଲଗାତାର କାଶ ଏବଂ କଫ ଜମି ରହିବା ମଧ୍ୟ ଏହାର ଲକ୍ଷଣ ହୋଇପାରେ। ଯଦି ଆପଣ ବାରମ୍ବାର କାଶୁଛନ୍ତି ଏବଂ ଫେଣଯୁକ୍ତ କିମ୍ବା ଗୋଲାପୀ କଫ ବାହାରୁଛି, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଫୁସ୍‌ଫୁସ୍‌ରେ ପଲ୍‌ମୋନାରୀ ଏଡିମାକୁ ଅଣଦେଖା କରିବା ବିପଦଜନକ ହୋଇପାରେ। ଯଦି ଆପଣ ନିଶ୍ୱାସ ନେବାରେ କଷ୍ଟ, ଗୋଡ଼ ଫୁଲିବା, ଲଗାତାର କାଶ ଏବଂ ନିଦରେ ଅସୁବିଧା ଭଳି ଲକ୍ଷଣ ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଆମେ ଆମର ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଉଚିତ୍ ଏବଂ ନିୟମିତ ଭାବରେ ଆବଶ୍ୟକୀୟ ଯାଞ୍ଚ କରାଇବା ଉଚିତ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଖାଦ୍ୟ



**ଋତୁ ପରିବର୍ତ୍ତନ ହେବା ସହିତ, ଅନେକ ଲୋକ ଥଣ୍ଡା, ଫ୍ଲୁ, ଜ୍ୱର କିମ୍ବା ଗଳା ସଂକ୍ରମଣର ଶିକାର ହୁଅନ୍ତି। ଏହି ସଂକ୍ରମଣର ମୁଖ୍ୟ କାରଣ ହେଉଛି ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, ଏହା ପରିବର୍ତ୍ତନଶୀଳ ତାପମାତ୍ରା ଏବଂ ସଂକ୍ରମଣ ସହିତ ପ୍ରଭାବଶାଳୀ ଭାବରେ ଲଢ଼ିପାରେ ନାହିଁ। ତେଣୁ, ଆପଣଙ୍କ ଖାଦ୍ୟରେ ଏପରି ଜିନିଷ ସାମିଲ କରନ୍ତୁ, ଯାହା ଆପଣଙ୍କ ଶରୀରକୁ ଭିତରୁ ଶକ୍ତିଶାଳୀ କରିବ ଏବଂ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବ।**

ବାଦାମଃ ବାଦାମରେ ହେଲ୍‌ଦି ଫ୍ୟାଟ୍ ଏବଂ ଭିଟାମିନ୍ ଇ ଭରପୂର ମାତ୍ରାରେ ରହିଥାଏ । ଯାହା କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ତେଣୁ, ପରିବର୍ତ୍ତିତ ଋତୁରେ ପ୍ରତିଦିନ କିଛି ଭିଜା ବାଦାମ ଖାଇବା ଦ୍ୱାରା ପର୍ଯ୍ୟାପ୍ତ ଶକ୍ତି ମିଳିଥାଏ ଏବଂ ଥକାପଣ ଦୂର ହୁଏ।

ଅଁଳାଃ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଁଳାକୁ ସର୍ବୋତ୍ତମ ଫଳ ଭାବରେ ବିବେଚନା କରାଯାଏ। ଏଥିରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧି କରେ ଏବଂ ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ସକ୍ରିୟ କରେ। ପ୍ରତିଦିନ ଗୋଟିଏ ଅଁଳା ଖାଇବା ଦ୍ୱାରା ଶରୀର ମଜବୁତ ହୁଏ ଏବଂ ପରିବର୍ତ୍ତିତ ଋତୁରେ ଥଣ୍ଡା ଏବଂ ଫ୍ଲୁ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଆପଣ ଏହାକୁ ଜୁସ୍ କିମ୍ବା ଜାମ୍ ତିଆରି କରି ମଧ୍ୟ ସେବନ କରିପାରିବେ।

ହଳଦୀଃ ହଳଦୀରେ ଥିବା କରକ୍ୟୁମିନ୍ ଯୌଗିକରେ ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ଶୀତଦିନେ ପ୍ରତିଦିନ ରାତିରେ ହଳଦୀ କ୍ଷୀର ପିଇବା ବହୁତ ଲାଭଦାୟକ। ଏହା କେବଳ ଶରୀରକୁ ଭିତରୁ ଉଷ୍ମ ରଖେ ନାହିଁ ବରଂ ସଂକ୍ରମଣରୁ ମଧ୍ୟ ରକ୍ଷା କରେ।

କମଳାଃ ଶୀତ ଋତୁରେ କମଳାକୁ ଏକ ଅତ୍ୟାବଶ୍ୟକ ଫଳ ଭାବରେ ବିବେଚନା କରାଯାଏ। କମଳାରେ ଥିବା ଭିଟାମିନ୍ ସି ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ଧଳା ରକ୍ତ କଣିକା ଉତ୍ପାଦନକୁ ବୃଦ୍ଧି କରେ। ପ୍ରତିଦିନ ଗୋଟିଏ କମଳା ଖାଇବା ଦ୍ୱାରା ଥଣ୍ଡା ଏବଂ ଫ୍ଲୁ ଭଳି ଋତୁକାଳୀନ ରୋଗରୁ ରକ୍ଷା ମିଳିଥାଏ ଏବଂ ଶରୀରକୁ ଶକ୍ତିଶାଳୀ ମିଳିଥାଏ।

ମଞ୍ଜି ଜାତୀୟ ଖାଦ୍ୟଃ ମଞ୍ଜି ଜାତୀୟ ଖାଦ୍ୟ ଯେପରିକି ବାଦାମ, ସୂର୍ଯ୍ୟମୁଖୀ ମଞ୍ଜି ଏବଂ କଖାରୁ ମଞ୍ଜିରେ ଜିଙ୍କ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍ ଏ ଥାଏ । ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ହୋଇପାରିବ।

ଲେମ୍ବୁ ପାଣିଃ ବଦଳୁଥିବା ଋତୁ ସହିତ, ଆପଣ ଆପଣଙ୍କ ଖାଦ୍ୟରେ ଲେମ୍ବୁ ପାଣି ମଧ୍ୟ ସାମିଲ କରିପାରିବେ। ସକାଳେ ଉଷୁମ ଲେମ୍ବୁ ପାଣି ପିଇବା ଶରୀର ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଶରୀରକୁ ବିଷମୁକ୍ତ କରିଥାଏ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ଲେମ୍ବୁରେ ଥିବା ଭିଟାମିନ୍ ସି ମଧ୍ୟ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ।

ନିଦ ଅଭାବ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ, ତେଣୁ ବଦଳୁଥିବା ପାଗ ସହିତ ଦୈନିକ ୭ ରୁ ୮ ଘଣ୍ଟା ଶୋଇବା ଉଚିତ। ଯୋଗ ଏବଂ ଧ୍ୟାନ ଅଭ୍ୟାସ କରନ୍ତୁ । ଏହା ଚାପ ରୋଗ ପ୍ରତିରୋଧକ ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ । ପ୍ରତିଦିନ ଟିକିଏ ଧ୍ୟାନ ଏବଂ ଯୋଗ କରିବା ଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟରେ ଉନ୍ନତି ଆସିପାରେ। ପରିବର୍ତ୍ତିତ ପାଗ ସହିତ ମଧ୍ୟ ଦିନସାରା ପାଣି ରହିବାକୁ ଚେଷ୍ଟା କରନ୍ତୁ। ଏହା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ଏବଂ ସଂକ୍ରମଣର ଆଶଙ୍କା ହ୍ରାସ କରେ।

### ସରିଲା ୩ ମାସର ମହଲତ

# ବଦଳିଲା କି ସୁନାପୁର ଏମସିସିର ଚିତ୍ର ?

**କୋରାପୁଟ,୪।୧୦ (ସଂଚାର ବ୍ୟୁରୋ):** ସୁନାପୁର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନେଇ ପୁଣିଥରେ ଉଠିଛି ପ୍ରଶ୍ନ। ଦୁର୍ଗନ୍ଧ, ଆବର୍ଜନା ଓ ଅସ୍ୱଚ୍ଛ ପରିବେଶକୁ ନେଇ ଅଭିଯୋଗ ପରେ ଓଡ଼ିଶା ମାନବ ଅଧିକାର କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୁପାରିଶକୁ କେତେଦୂର କାର୍ଯ୍ୟକାରୀ କରାଯାଇଛି, ତାହା ଏବେ ମୁଖ୍ୟ ପ୍ରଶ୍ନ ପାଲଟିଛି।



ସୁନାପୁର ଏମସିସିରୁ ନିର୍ଗତ ଦୁର୍ଗନ୍ଧ ଓ ଆବର୍ଜନା ଯୋଗୁଁ ଆଖପାଖ ଅଞ୍ଚଳର ପରିବେଶ ପ୍ରଭାବିତ ହେଉଥିବା ଅଭିଯୋଗ କରି ବରିଷ୍ଠ ନାଗରିକ କମିଟିର ସଭାପତି ଏ.କେ. ପାଣି ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ଗୁରୁତ୍ୱକୁ ଦେଖି ଏମସିସିର ପରିଚାଳନା ଓ ପରିବେଶ ସୁଧାର ପାଇଁ କମିଶନଙ୍କ ପକ୍ଷରୁ ମୋଟ ୧୫ଟି ସୁପାରିଶ କରାଯାଇଥିଲା। ଏଥିରେ ଲିଚେଟ୍ ନିୟନ୍ତ୍ରଣ ପାଇଁ ଚାଉଳ, ତୁଷ ଓ କାଠଗୁଣ୍ଡ ବ୍ୟବହାର, ଡ୍ରେନେଜ୍ ଲାଇନ୍ ନିୟମିତ ସଫା କରିବା, କମ୍ପୋଷ୍ଟରେ ମାଛ ଓ ମାଂସ ଅବଶେଷ ନପକାଇବା, ବାୟୁ ଚଳାଚଳର ବ୍ୟବସ୍ଥା, ସୁଗନ୍ଧଯୁକ୍ତ ଗଛ ଲଗାଇବା ଏବଂ ପୋଷ୍ଟ-ପ୍ରୋସେସିଂ ଆବର୍ଜନାକୁ ଦୀର୍ଘ ସମୟ ଧରି ଜମା ନରଖିବା ଭଳି ପଦକ୍ଷେପ ରହିଥିଲା। ଏହାସହ 'ଷ୍ଟିଙ୍କ ବଗ୍ ଟେଷ୍ଟ' ଠିକ୍ ଭାବେ ପାଳନ କରିବା ଏବଂ 'ୱେଲଥ୍ ସେଣ୍ଟର ୨.୦' ପାଇଁ ନିର୍ଦ୍ଧାରିତ ଏସ୍‌ଓପିକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ମଧ୍ୟ କୁହାଯାଇଥିଲା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ସମସ୍ତ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ କମିଶନଙ୍କ ପକ୍ଷରୁ ୩ ମାସର ସମୟ ଦିଆଯାଇଥିଲା। ଚଳିତ ମାସ ୩ ତାରିଖରେ ଏହି ସମୟସୀମା ଶେଷ ହୋଇଛି। ହେଲେ ସମୟସୀମା ସରିବା ପରେ ମଧ୍ୟ ସୁନାପୁର ଏମସିସିକୁ ନେଇ ପ୍ରଶ୍ନର ଅନ୍ତ ହେଉନାହିଁ। କମିଶନଙ୍କ ୧୫ ସୁପାରିଶ ମଧ୍ୟରୁ କେତୋଟି କାର୍ଯ୍ୟକାରୀ ହେଲା? ଏମସିସିର ପରିବେଶରେ କେତେ ପରିବର୍ତ୍ତନ ଆସିଲା? ଦୁର୍ଗନ୍ଧ ସମସ୍ୟାର ସମାଧାନ ହେଲା କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଏବେ ଖୋଜୁଛନ୍ତି ସ୍ଥାନୀୟ ଲୋକେ।

ଅଭିଯୋଗ ଅନୁଯାୟୀ, ଏବେ ମଧ୍ୟ ଏମସିସି ଚାରିପାଖରେ ଆବର୍ଜନା ପଡ଼ିରହିଛି। ରାସ୍ତାକଡ଼ରେ ମଧ୍ୟ ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି। ଏମସିସି ଭିତରେ ଥିବା ଆବର୍ଜନା ମଧ୍ୟରେ ଗାଈ ଓ କୁକୁର ବୁଲୁଥିବା ଅଭିଯୋଗ ମଧ୍ୟ ରହିଛି। ଏହି ଚିତ୍ର ମଧ୍ୟରେ ଆଉ ଏକ ଚିନ୍ତାଜନକ ଦିଗ ହେଉଛି ଏମସିସି ନିକଟରେ ରହିଛି ଅଙ୍ଗନୱାଡ଼ି କେନ୍ଦ୍ର ଓ ହାଇସ୍କୁଲ ହଷ୍ଟେଲ। ଦୁର୍ଗନ୍ଧ ଏବଂ ଅସ୍ୱଚ୍ଛ ପରିବେଶ ଯୋଗୁଁ ଛୋଟ ପିଲା ଓ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ପ୍ରକାଶ ପାଉଛି।

୩ ମାସର ସମୟ ମଧ୍ୟରେ କମିଶନଙ୍କ ୧୫ଟି ସୁପାରିଶରୁ କେତୋଟି ପଦକ୍ଷେପ ନିଆଗଲା, କେତେ ପରିବର୍ତ୍ତନ ଆସିଲା ଏବଂ ଦୁର୍ଗନ୍ଧ ଓ ଆବର୍ଜନା ସମସ୍ୟା ଦୂର କରିବାକୁ ଆଗକୁ କ'ଣ ପଦକ୍ଷେପ ନିଆଯିବ ପୌର ପରିଷଦର ରିପୋର୍ଟ ଆସିବା ପରେ ହିଁ ଏହାର ବାସ୍ତବ ଚିତ୍ର ସ୍ପଷ୍ଟ ହେବ ବୋଲି ଅଭିଯୋଗକାରୀ ଏ.କେ. ପାଣି କହିଛନ୍ତି। ସମୟସୀମା ସରିଛି। ଏବେ ଅପେକ୍ଷା କାଗଜରେ ନୁହେଁ, ମାଟିରେ କେତେ ବଦଳିଛି ସୁନାପୁର ଏମସିସିର ଚିତ୍ର।

## ସଫେଇ କର୍ମଚାରୀଙ୍କ ଜୀବନ ସହ ଖେଳୁଛି ଠିକା ସଂସ୍ଥା



**ଯାଜପୁର ରୋଡ୍, ୪।୧୦ (ସଂଚାର ବ୍ୟୁରୋ):** ସ୍ୱଚ୍ଛ ବ୍ୟାସନଗରର ଡିଣ୍ଡିମ ପିଟୁଛି ପୌର ପରିଷଦ, କିନ୍ତୁ ପରଦା ପଛର ସତ ଅତ୍ୟନ୍ତ କଳା। ୨୬ଟି ୱାର୍ଡରେ ସଫେଇ ଦାୟିତ୍ୱ ନେଇଥିବା ନିଜାକାର ଠିକା ସଂସ୍ଥା ସହରକୁ ଚମକାଇବା ନାଁରେ ଗରିବ ସଫେଇ କର୍ମଚାରୀଙ୍କ ଜୀବନ ସହ ଖେଳୁଛି ବୋଲି ସଙ୍ଗୀନ ଅଭିଯୋଗ ହୋଇଛି। ପ୍ରତିଦିନ ସକାଳେ ଯେଉଁ କର୍ମଚାରୀମାନେ ହାତରେ ଝାଡ଼ୁ ଧରି ମଇଳା ସଫା କରୁଛନ୍ତି, ସେମାନଙ୍କୁ ଠିକା ସଂସ୍ଥା ଗୋଟିଏ ବୁଟ୍, ଗ୍ଲୋଭସ୍, ମାସ୍କ ପର୍ଯ୍ୟନ୍ତ ଯୋଗାଇ ଦେଉନାହିଁ। ଖାଲି ପାଦରେ, ଖାଲି ହାତରେ ବର୍ଜ୍ୟ ଉଠାଇ, ବିଷାକ୍ତ ଧୂଳି ଶୁଙ୍ଘି ସେମାନେ ରୋଗକୁ ଘରକୁ ନେଉଛନ୍ତି।

ଏହାସହ ଆଉ ଏକ ସଙ୍ଗୀନ ଅଭିଯୋଗ ହେଉଛି- ସଫେଇ କର୍ମଚାରୀମାନଙ୍କୁ ତାଙ୍କର ଉଚିତ ଦରମା ମଧ୍ୟ ମିଳୁନାହିଁ। ସରକାରୀ ନିୟମ ଅନୁସାରେ ସର୍ବନିମ୍ନ ମଜୁରୀ, ପିଏଫ୍, ଇଏସଆଇ ଦେବା ବାଧ୍ୟତାମୂଳକ ଥିଲେ ମଧ୍ୟ ଠିକା ସଂସ୍ଥା କର୍ମଚାରୀଙ୍କ ଦରମାରୁ କଟଣି କରୁଛି ଓ ସମୟରେ ଦରମା ଦେଉନାହିଁ ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ହାଡ଼ଭଙ୍ଗା ପରିଶ୍ରମ ପରେ ବି ପେଟ ପୋଷିବା ପାଇଁ ଯଥେଷ୍ଟ ପାରିଶ୍ରମିକ ନମିଳିବା ଅତ୍ୟନ୍ତ ଅମାନବୀୟ। ଏହା କେବଳ ଅବହେଳା ନୁହେଁ, ଶ୍ରମ ଆଇନ ଓ ମାନବାଧିକାରର ଖୋଲା ଉଲ୍ଲଂଘନ।

ପ୍ରଶ୍ନ ଉଠୁଛି ସୁରକ୍ଷା ଉପକରଣ ଓ ଦରମା ପାଇଁ ଆସୁଥିବା ସରକାରୀ ଅର୍ଥ ଯାଉଛି କୁଆଡେ? ପୌର ପ୍ରଶାସନ ନୀରବ କାହିଁକି? ତଦାରଖ କରୁଛି କିଏ? ସ୍ୱଚ୍ଛତା କେବଳ ଫଟୋ ସେସନ ନୁହେଁ। ଯେଉଁ ହାତ ସହର ସଫା କରୁଛି, ସେ ହାତକୁ ଗ୍ଲୋଭସ୍ ଦିଅନ୍ତୁ, ଉଚିତ ଦରମା ଦିଅନ୍ତୁ। ଯେଉଁ ପାଦ ସହର ପାଇଁ ଚାଲୁଛି, ସେ ପାଦରେ ବୁଟ୍ ଦିଅନ୍ତୁ। ଏନେଇ ଜିଲ୍ଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ଠିକା ସଂସ୍ଥା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ବ୍ୟାଙ୍କିଙ୍ଗ ରିଭ୍ୟୁ ବୈଠକ



**ଫୁଲବାଣୀ, ୪।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପଞ୍ଚାୟତ ଭବନ ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ଡି ଏଲ୍ ଆର୍ ସି, ଡି ସି ସି, ଜିଲ୍ଲାପାଳ ବେଦ ଭୂଷଣ ମହୋଦୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବ୍ୟାଙ୍କ କର୍ମଚାରୀ ଏବଂ ଜିଲ୍ଲା ସ୍ତରୀୟ ବ୍ୟାଙ୍କିଙ୍ଗ ରିଭ୍ୟୁ ବୈଠକ ଅନୁଷ୍ଠିତ ହେଇଯାଇଛି । ଏହି ଜିଲ୍ଲା ସ୍ତରୀୟ ବୈଠକରେ ଡିପିସି ରାମ ଡାଣ୍ଡି, ଏଲ୍ଡି ଏମ୍ ସୁରେନ୍ଦ୍ର କୁମାର,ଡି ଡି ଏମ୍, ନାବାର୍ଡ ଏସ୍ କେ ମହାନ୍ତି, ଡେପୁଟି ସି ଇ ଓ ଓର୍ମାସ୍, ଗୁଣ୍ଡିଚା ବେହେରା, ଜି ଏମ୍ ଡି ଆଇ ସି, ବିଷ୍ଣୁପ୍ରିୟା ଏବଂ ଅନ୍ୟାନ୍ୟ ବିଭାଗ ର ଅଧିକାରୀ ମାନେ ଯୋଗଦେଇ ଥିଲେ । ସମସ୍ତ ବ୍ୟାଙ୍କ କର୍ମଚାରୀମାନଙ୍କୁ ଯେ କୌଣସି ବେନିଫିସିଆରି ବା କୌଣସି ମୃତ୍ୟୁଜନିତ ଘଟଣାରେ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ହିତାଧିକାରୀ ଯେମିତି କୌଣସି ସରକାରୀ ସହାୟତା ରୁ ବଞ୍ଚିତ ହେବେନାହିଁ ସେଥିପ୍ରତି ଧ୍ୟାନ ଦେବାପାଇଁ କହିବା ସହିତ ବ୍ୟାଙ୍କ ଜରିଆରେ ଯାହାବି ସରକାରୀ ଅନୁଦାନ ପ୍ରଦାନ କରାଯାଉଛି କିମ୍ବା ଯାହାବି ସୁବିଧା ରହିଛି ସେସବୁକୁ ଲୋକଲୋଚନ କୁ ଆଣିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ । ମିଶନ ଶକ୍ତି, ଓ ଏଲ୍ ଏମ୍ , ଏସ୍ ଏ ଜି ଗ୍ରୁମ୍ ମା ମାନେ ନେଉଥିବା ଲୋନ୍‌କୁ ତଦାରଖ କରିବା, ଏମ୍‌ବି କେ ଏବଂ ସି ଆରପି ମାନଙ୍କୁ ତାଲିମ୍ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ମହୋଦୟ ନିର୍ଦ୍ଦେଶ ଦେଇଥିଲେ । ଭିନ୍ନକ୍ଷମ ମାନଙ୍କୁ ମଧ୍ୟ ଲୋନ୍ ପ୍ରଦାନ କରିବାର ନିୟମ ରହିଛି । ସେଥିରେ ୨୦% ସବସିଡି ରହିଥିବା କୁହାଯାଇଥିଲା । ମୁଦ୍ରା ଲୋନ୍ ପ୍ରଦାନ, ଗ୍ରୁପ୍ ଲୋନ୍ ପ୍ରଦାନ କରିଯିବା ନେଇଁ ଜିଲ୍ଲାପାଳ ମହୋଦୟ କହିଥିଲେ ।

## ଜନ୍ମମାଟିରେ କାଳିନ୍ଦୀ ବେହେରାଙ୍କ ଜୟନ୍ତୀ ପାଳିତ




**ନିଶ୍ଚିନ୍ତକୋଇଲି, ୪।୧୦ (ସଂଚାର ବ୍ୟୁରୋ):** ବିଶିଷ୍ଟ ଜନନାୟକ, ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ, ଆଧ୍ୟାତ୍ମିକ ଚେତନାର ଅଧିକାରୀ, ଶିକ୍ଷାବିତ୍, ପୂର୍ବତନ ମନ୍ତ୍ରୀ, ଅଧ୍ୟାପକ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ୮୬ତମ ଜୟନ୍ତୀ ପୈତୃକ ଗ୍ରାମ ନଡକାଇ ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ଶକ୍ତିଶ୍ୱର ପୀଠ ବାଣୀନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଅବସ୍ଥିତ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ କାଳିନ୍ଦୀ ପ୍ରେମୀମାନେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ବେହେରାଙ୍କ ପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରା, ଶିକ୍ଷାବିତ୍ ଲକ୍ଷ୍ମଣ କୁମାର ଲେଙ୍କା, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଯଜ୍ଞେନ୍ଦ୍ରନାଥ ଜେନା, ଦେବେନ୍ଦ୍ର କୁମାର ସାହୁ, ଜଗବନ୍ଧୁ ରାଉତ, ନନ୍ଦକିଶୋର ରାଉତ, ଉତ୍ତମଚରଣ ମଳିକ, ଜ୍ଞାନରଞ୍ଜନ ବେହେରା, ଚିତ୍ତରଞ୍ଜନ ନାୟକ, ରାଜେନ୍ଦ୍ର କୁମାର ବାରିକ, ମନୋରଞ୍ଜନ ରାଉତ, ରଘୁନାଥ ବାରିକ, କୁଞ୍ଜବିହାରୀ ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

### ବୈଶିଙ୍ଗା-ରୁପ୍ସା ରାସ୍ତା କାର୍ଯ୍ୟ ପରିଦର୍ଶନ କଲେ ମିଡିଆ ସେଣ୍ଟର ସଦସ୍ୟ

## ବିପଦପୂର୍ଣ୍ଣ ରାସ୍ତା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଲେ



**ବୈଶିଙ୍ଗା, ୪।୧୦ (ସଂଚାର ବ୍ୟୁରୋ):** ଦୀର୍ଘ ପାଞ୍ଚ ବର୍ଷ ଧରି ଠାକୁରମୁଣ୍ଡା-ଡଙ୍ଗାଡିହା-ରୁପ୍ସା ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ବୈଶିଙ୍ଗାରୁ ରୁପ୍ସା ପାଇଁ ଗତ ଦୁଇମାସ ତଳେ ୨୩ କୋଟି ଟଙ୍କାର ପ୍ରକଳ୍ପକୁ ବିଧାୟକ ଶିଳାନ୍ୟାସ କରିଥିଲେ । ଠିକାଦାର ମଧ୍ୟ କାର୍ଯ୍ୟ ଆରମ୍ଭ କରିଥିବାର ଜଣାଯାଇଛି । ମାତ୍ର ପୂର୍ବ ରାସ୍ତାର ଉଭୟ ପାର୍ଶ୍ୱରେ ତିନି ମିଟର ଲେଖାଏଁ ଖୋଳିବା ପରିବର୍ତ୍ତେ ଦୁଇ ମିଟର ଖୋଳାଯାଇ ମେଟାଲିଂ କରାଯାଇଥିବାର ମିଡ଼ିଆ ସେଣ୍ଟର ସଦସ୍ୟ ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ । ଏଥି ସହିତ ଚଳିତ ବର୍ଷ ଲଗାତର ବର୍ଷା ହେବା ଯୋଗୁଁ ଦୁଇ ଦୁଇ ଥର ଏହି ରାସ୍ତାର କଦଳିଆ ଭିଲା ଠାରେ ପାଣିର ପ୍ରଚଣ୍ଡ ସୁଅରେ ପ୍ରାୟ ୧୦୦ ମିଟର ରାସ୍ତା ଉପରେ ଘାଇ ସୃଷ୍ଟି ହେବା ଯୋଗୁଁ ଯାନ ବାହନ ଚଳାଚଳ ବନ୍ଦ ରହିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏକ ଅସ୍ଥାୟୀ ମରାମତି କରି ଯାନବାହନ ଚଳାଚଳ ପାଇଁ ସୁବିଧା କରିଥିଲେ ମଧ୍ୟ ଏବେବି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଦେଖା ଯାଇଥିଲା । ଠିକାଦାରଙ୍କ ମନମୁଖି କାର୍ଯ୍ୟର ସଠିକ୍ ତଦାରଖ କରିବା ସହିତ କାର୍ଯ୍ୟର ମାନ ସମୀକ୍ଷା କରିବା ପାଇଁ ବିଭାଗୀୟ ଉପଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତିଙ୍କୁ ଅବଗତ କରାଇଥିଲେ। ଏଥି ସହିତ ଏହି କଦଳିଆ ଭିଲା ନିକଟରେ ପାଣି ନିଷ୍କାସନ ପାଇଁ ଅତି କମରେ ପଚାଶ ମିଟରର କଲଭଟ ପୋଲର ଆବଶ୍ୟକତା ସମ୍ପର୍କରେ ମିଡିଆ ସେଣ୍ଟର ତରଫରୁ ଦାବି କରାଯାଇଥିଲା ।

## ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ନେଇ ଆଲୋଚନାଚକ୍ର



**ମୁନିଗୁଡା, ୪।୧୦ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ସାମ୍ବାଦିକ ସଂଘର ଆଜି ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ପାଇଁ ସରକାରଙ୍କ ନିକଟରେ ଦାବୀ କରିବା ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ସଂପାଦକ ସୁକାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ସଂଘର କେତେକ କର୍ମକର୍ତ୍ତା ମୁନିଗୁଡା ବ୍ଲକ ସାମ୍ବାଦିକ ସଂଘରୁ ଓହରିଯାଇ ନୂତନ ସଂଘ ନିର୍ମାଣ କରିଛନ୍ତି। ତେଣୁ ସମସ୍ତ ସଦସ୍ୟଙ୍କ ମତାମତ ଓ ସହମତିରେ ମୁନିଗୁଡା ବ୍ଲକର ନୂତନ କର୍ମକର୍ତ୍ତା ଚୟନ କରାଗଲା। ସଭାପତି ଭାବେ ସତ୍ୟମ ସ୍ୱାଇଁ, ଉପସଭାପତି ଜେମସ୍ ନାୟକ, ସଂପାଦକ ସୁକାନ୍ତ କୁମାର ବେହେରା (ପୂର୍ବବତ୍) ସହସଂପାଦକ ସଂଜୟ ନାଗ, ସଙ୍ଗଠନ ସଂପାଦକ କେଶବ ସାରକା, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, ସୋସିଆଲ ମିଡିଆ ସଂପାଦକ କିଶୋର ମହାନନ୍ଦିଆ, ଉପଦେଷ୍ଟା ମଣ୍ଡଳୀର ପୂର୍ବପରି ଆଇନଜୀବୀ ପ୍ରଦୀପ ପାଢ଼ି ଓ ଆଇନଜୀବୀ ଭାସ୍କର ନିଶଙ୍କ, ରଞ୍ଜନ ସ୍ୱାଇ, ଗୁପ୍ତ ପ୍ରସାଦ କୁସୁଲିଆ ମନୋନୀତ ହୋଇଛନ୍ତି।

ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଜୁନେଶ ସୁନା, ଅଂଶୁମାନ ପାଲକା, କମଳାକାନ୍ତ ବାତ୍ରା ପ୍ରମୁଖଙ୍କୁ ଚୟନ କରାଯାଇଛି, ମନମୋହନ ସାରକା, ଉମେଶ ପାଣି,ଯଶୋନ ଡୁବୁକା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କ ସୁରକ୍ଷା ଓ ନୈତିକତା ମୂଲ୍ୟବୋଧ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ସହ ସଂଘ ଆଗାମି ଦିନରେ ସାମାଜିକ କାର୍ଯ୍ୟରେ ସାମିଲି ହେବା ସହ ସାମ୍ବାଦିକଙ୍କ ସୁଖ ଦୁଃଖରେ ସହଯୋଗ ହେବାକୁ ସମସ୍ତ ସଦସ୍ୟ ସହମତି ଜଣାଇଥିଲେ।

## କନ୍ଧ ଗଉଡ ସମାଜର ସାଧାରଣ ଅଧିବେଶନ

### ସମାଜର ଏକତା, ଜାତିଗତ ପରିଚୟ ଓ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ




**ଫୁଲବାଣୀ, ୪।୧୦ (ସଂଚାର ବ୍ୟୁରୋ):** କନ୍ଧ ଗଉଡ଼ ସମାଜ, କନ୍ଧମାଳ ଜିଲ୍ଲା ପକ୍ଷରୁ ଆଜି ଫୁଲାଣିଠାରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ କନ୍ଧ ଗଉଡ ସମାଜର ସାମାଜିକ ଏକତା, ଜାତିଗତ ପରିଚୟ, ଅଧିକାର ସୁରକ୍ଷା ଏବଂ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଓଡ଼ିଶା ସରକାରଙ୍କ ଅଧିକୃତ ଅନୁସୂଚିତ ଜନଜାତି ତାଲିକାର କ୍ରମିକ ସଂଖ୍ୟା ୨୭ରେ କନ୍ଧ ଗୌଡ଼ ଜାତି ସାମିଲ ଥିବା ବିଷୟରେ ସମାଜର ସମସ୍ତ ସଦସ୍ୟ, ବିଶେଷକରି ଯୁବପିଢ଼ି, ସଚେତନ ହେବା ଆବଶ୍ୟକ ବୋଲି ଅଧିବେଶନରେ ମତ ପ୍ରକାଶ ପାଇଥିଲା।ଏହାସହିତ କନ୍ଧ ଗଉଡ ଜାତି ସମ୍ବନ୍ଧୀୟ ବିଭିନ୍ନ ସରକାରୀ ରେକର୍ଡ ଓ ଦଲିଲପତ୍ରରେ ରହିଥିବା ଭୁଲଭାଲକୁ ଚିହ୍ନଟ କରି ନିୟମାନୁସାରେ ସଂଶୋଧନ କରିବା, ଏପରି ତ୍ରୁଟି ଯୋଗୁଁ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନେବା ଏବଂ ସମାଜର ପ୍ରକୃତ ଲୋକମାନଙ୍କ ଅଧିକାର ସୁରକ୍ଷା କରିବା ନେଇ ଆଲୋଚନା ହୋଇଥିଲା।

କନ୍ଧ ଗଉଡ ସମାଜର ଜନଗଣନା ଓ ପରିବାରଭିତ୍ତିକ ତଥ୍ୟ ସଂଗ୍ରହ କରିବା, ସମାଜର ସମସ୍ତ ପରିବାରକୁ ଏକତ୍ରିତ କରି ସାମାଜିକ ଏକତାକୁ ମଜବୁତ କରିବା ସହିତ ସମାଜର ଯୋଗ୍ୟ ବ୍ୟକ୍ତିମାନେ ନିୟମାନୁସାରେ ନିଜର ଏସ୍‌ଟି ଜାତି ପ୍ରମାଣପତ୍ର ପାଇବାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ସଚେତନତା ଓ ସମନ୍ୱିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ସେହିପରି, କନ୍ଧ ଗଉଡ ଜାତିର ନାମ ବା ପରିଚୟକୁ ଅନୁଚିତ ଭାବେ ବ୍ୟବହାର କରି ଅଯୋଗ୍ୟ ବ୍ୟକ୍ତି କୌଣସି ସରକାରୀ ସୁବିଧା ନେଉନଥିବା ପାଇଁ ନିୟମାନୁସାରେ ଦଲିଲପତ୍ର ଯାଞ୍ଚ ଓ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନେବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ଶ୍ରୀ ସୁଭାଷ ଚନ୍ଦ୍ର ବେହେରା, ସମ୍ପାଦକ ଶ୍ରୀ ପ୍ରଦୀପ ପ୍ରଧାନ ଏବଂ ମୁଖ୍ୟ ସଂଯୋଜକ ଶ୍ରୀ ଉମେଶ ଭୋଇ ଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସମାଜର ଭାଇଭଉଣୀ ଓ ପ୍ରତିନିଧି ଉପସ୍ଥିତ ରହିଥିଲେ।

## ଦଳଡ଼ିଆଁଙ୍କୁ ଆପଣେଇଛନ୍ତି ବର୍ତ୍ତମାନର କଟକସଦର ବିଧାୟକ




**ନିଶ୍ଚିନ୍ତକୋଇଲି, ୪।୧୦ (ସଂଚାର ବ୍ୟୁରୋ)** ଗତ ୨୦୨୪ ସାଧାରଣ ନିର୍ବାଚନରେ କଟକ ବିଧାନସଭା କ୍ଷେତ୍ରରୁ ଭାରତୀୟ ଜନତା ପାର୍ଟିର ଦଳୀୟ ସଂକେତ ପଦ୍ମଫୁଲ ଚିହ୍ନରେ ଇଂ.ପ୍ରକାଶଚନ୍ଦ୍ର ସେଠୀ ନିର୍ବାଚନ ଲଢିଥିଲେ। ପୂର୍ବରୁ ଶ୍ରୀଯୁକ୍ତ ସେଠୀ ସକ୍ରିୟ ରାଜନୀତିରେ ନଥାଇ ଉତ୍କଳ ବିକାଶ ପରିଷଦ ନାମରେ ଏକ ସାମାଜିକ ସଂଗଠନର ଅଧ୍ୟକ୍ଷ ରହି କାର୍ଯ୍ୟ କରୁଥିଲେ। ଭାରତୀୟ ଜନତା ପାର୍ଟିକୁ ସେ ସମ୍ପୂର୍ଣ୍ଣ ଭାବେ ନୂଆ। କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ସେତେଟା ରାଜନୈତିକ ସାଂଗଠନିକ ଦକ୍ଷତା ନଥିଲା। ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟବାସୀ ପୂର୍ବର ବିଜୁ ଜନତା ଦଳ ସରକାରକୁ କ୍ଷମତାଚ୍ୟୁକ୍ତ କରାଇ ଭାରତୀୟ ଜନତା ପାର୍ଟିକୁ ଶାସନଭାର ଅର୍ପଣ କଲେ। ନିଜର କିଛି ଦକ୍ଷତା ନଥାଇ ମଧ୍ୟ ଭାରତୀୟ ଜନତା ପାର୍ଟିର ସଂକେତରେ ନିର୍ବାଚନ ଲଢିଥିବାରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକାଭିମୁଖୀ ଯୋଜନା, ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ମତଦାତା ମାନେ ଭାରତୀୟ ଜନତା ପାର୍ଟିକୁ ମତଦାନ କରିଥିଲେ। ଯାହାକି କଟକ ସଦର ଭାଜପା ବିଧାୟକ ପ୍ରାର୍ଥୀ ଇଂ.ପ୍ରକାଶଚନ୍ଦ୍ର ସେଠୀଙ୍କୁ ନିର୍ବାଚନରେ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ନିର୍ବାଚନରେ ବିଜୟ ଲାଭ କରିବା ପରେ କଟକସଦର ବିଧାନସଭା କ୍ଷେତ୍ରର ବହୁ ପୁରୁଣା ସକ୍ରିୟ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରି ଅନ୍ୟ ରାଜନୈତିକ ଦଳରୁ ଦଳଡ଼ିଆଁ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ କାର୍ଯ୍ୟ କରୁଥିବାକୁ ନେଇ ବହୁ ଭାଜପା କାର୍ଯ୍ୟକର୍ତ୍ତା ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସମ୍ପୃକ୍ତ କାର୍ଯ୍ୟକର୍ତ୍ତା ଜଣକ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନେମାଳ ମଣ୍ଡଳରୁ ଭାରତୀୟ ଜନତା ପାର୍ଟିର ସଙ୍କେତରେ ଜିଲ୍ଲାପରିଷଦ ସଭ୍ୟ ପାଇଁ ଦଳୀୟ ସ୍ୱୀକୃତି ହାତେଇବା ଓ ନିଜର ବ୍ୟକ୍ତିଗତ ଫାଇଦା ହାସଲ କରିବେ ସେ ନେଇ ସେ ଏବେ କଟକ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀଙ୍କ ଶରଣାପନ୍ନ ହୋଇଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନାର ମୁଖ୍ୟ ବିଷୟ ପାଲଟିଛି।

## ସରକାରୀ ଜାଗା ନଥିବାରୁ କୋଷ୍ଟ କେନାଲ ଉପରେ ନିର୍ମାଣ ହେଲା ଶ୍ମଶାନ ଗୃହ



**ବାଲିଆପାଳ, ୪।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଜାମକୁଣ୍ଡା ଗ୍ରାମରେ ଶବ ସତ୍କାର କରିବା ପାଇଁ ଶ୍ମଶାନ ଗୃହ ନଥିବାରୁ ଶବକୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସତ୍କାର କରାଯାଇପାରୁନଥିଲା। ଗ୍ରାମରେ କାହାର ମୃତ୍ୟୁ ହେଲେ ଶବ ସତ୍କାର ପାଇଁ ଚିନ୍ତାରେ ପୋଡୁଥିଲେ ପରିବାର ଲୋକେ। ଏଠାରେ ସୁଚନା ଥାଉ କି ଗ୍ରାମର ଶ୍ମଶାନ କିସମ ଜାଗା ନଥିବାରୁ ସରକାରୀ ମୁକ୍ତି ଦ୍ୱାରା ହୋଇପାରି ନଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀମାନେ ଏକତ୍ରିତ ହୋଇ ନିଜ ଉଦ୍ୟମରେ ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ୍‌ରେ ଗାଁକୁ ଲାଗି ରହିଥିବା କୋଷ୍ଟ କେନାଲ ଉପରେ ଶ୍ମଶାନ ଗୃହ ନିର୍ମାଣ କରିଛନ୍ତି। ଉକ୍ତ ଗୃହଟିର ରବିବାର ଛାତ ପକାଯାଇଛି । ନିଜ ଉପାର୍ଜିତ ଅର୍ଥକୁ ବିନିଯୋଗ କରି ଗ୍ରାମବାସୀଙ୍କ ସହାୟତାରେ ନିର୍ମାଣ ହୋଇଥିବା ଶ୍ମଶାନ ଗୃହ ପାଇଁ ଖୁସି ବ୍ୟକ୍ତି କରିବା ସହିତ ସହାୟତାର ହାତ ବଢ଼େଇବା ପାଇଁ ଶଶ୍ମାନ ଗୃହ ପାଖରେ ପହଞ୍ଚିଥିଲେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ ଏବଂ ସମାଜସେବୀ ହିମାଂଶୁ ରଣା। ଏହି ମହତ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଗ୍ରାମର ବିନୋଦ ବିହାରୀ ଜେନା, ଶଶାଙ୍କ ଶେଖର ଦୀକ୍ଷିତ, ଜ୍ୟୋତିପ୍ରକାଶ ଜେନା,ମୋହନ ଦାସ,ପ୍ରମୋଦ ଜେନା, ଜଗନ୍ନାଥ ମାହାନା, ଗୟାଧର ଦାସ, ସୁଜୟ ଦେ, ନଗେନ୍ଦ୍ର ବିଶ୍ୱାଳ, ବିଜନ ଜେନା, ସଞ୍ଜୟ ମିଶ୍ର, ଦିଲୀପ ସିଂହ, ଗିରିଧାରୀ ରଣା ,ମୃଣ୍ମୟ କୁମାର ସିଂହ ,ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ବସୁଧା ପାନୀୟ ଜଳ ପ୍ରକଳ୍ପ ଅଚଳ

**କନ୍ଧମାଳ, ୪।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ୍ ବଣ୍ଡଗୁଡ଼ା ପଞ୍ଚାୟତର ଉପର କଙ୍ଗେରିକିଆ ଗ୍ରାମରେ ତିନି ମାସ ହେବ ବସୁଧା ପାନୀୟ ଜଳ ପ୍ରକଳ୍ପ ଅଚଳ ହେଇଥିବା ଦେଖିବାକୁ ମିଳିଛି ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କଙ୍ଗେରିକିଆ ଗ୍ରାମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ଗ୍ରାମବାସୀଙ୍କ ପାନୀୟ ଜଳ ଆବଶ୍ୟକ ମେଣ୍ଟାଇବା ପାଇଁ ବହୁତ ବର୍ଷ ପୁର୍ବରୁ ବସୁଧା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ତିନି ମାସ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ପାଣି ପମ୍ପକୁ ବିଦ୍ୟୁତ ଠିକ୍ ଭାବରେ ଯାଉନଥିବାରୁ ତାହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ି ରହିଛି । ଏହି ବିଷୟରେ ବିଦ୍ୟୁତ ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ପାନୀୟ ଜଳ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତା ମରାମତି ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।



# ୫.୫୯ କୋଟିର ଇନଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର ଅଧପନ୍ତରିଆ

### ସମୟସୀମା ଶେଷ ପରେ ବି କାମ ମାତ୍ର ୨୦%

### ଠିକା ସଂସ୍ଥା ଓ ବିଭାଗୀୟ ତଦାରଖ ଉପରେ ବର୍ଷିଲେ ସୌଭାଗ୍ୟ





**ମହାକାଳପଡ଼ା, ୪।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ଅନ୍ତର୍ଗତ ନଳନ୍ଦିଆ ପାଳନ୍ଦାଠାରେ ମହାନଦୀ ଓ ପାଇକା ନଦୀ ଉପରେ ନିର୍ମାଣାଧୀନ ଇନଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର (ଆଇଏସ୍‌ଏସ୍) ପ୍ରକଳ୍ପର ଧିମା ଗତିକୁ ନେଇ ସ୍ୱର ଉଠାଇଛନ୍ତି ମହାକାଳପଡ଼ାର ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା। ନିର୍ଦ୍ଧାରିତ ସମୟସୀମା ସରିଯାଇଥିଲେ ମଧ୍ୟ ପ୍ରକଳ୍ପର କାମ ମାତ୍ର ପ୍ରାୟ ୨୦ ପ୍ରତିଶତରେ ସୀମିତ ରହିବା ଘଟଣାକୁ ନେଇ ସେ ଠିକା ସଂସ୍ଥା ସହ ବିଭାଗୀୟ ତଦାରଖ ବ୍ୟବସ୍ଥାକୁ ମଧ୍ୟ ପ୍ରଶ୍ନ କରିବା ସହିତ ମହାକାଳପଡ଼ା ବିଧାୟକଙ୍କୁ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଡଃ ପରିଡ଼ାଙ୍କ କହିବାନୁଯାୟୀ, ଅଞ୍ଚଳବାସୀଙ୍କ ଜଳ ସମସ୍ୟା ସମାଧାନ, ବନ୍ୟା ନିୟନ୍ତ୍ରଣ ଓ ମରୁଡ଼ି ଆଶଙ୍କା ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଏଭଳି ଏକ ବୃହତ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। କିନ୍ତୁ ସମୟସୀମା ଶେଷ ପରେ ମଧ୍ୟ ଏହାର କାର୍ଯ୍ୟ ଆଶାନୁରୂପ ଆଗେଇ ନଯିବା ଚିନ୍ତାଜନକ। କାର୍ଯ୍ୟଭାର ନେଇଥିବା ସଂସ୍ଥାର ବେପରୁଆ ମନୋଭାବ ସହ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖରେ ଅବହେଳା ରହିଛି କି ନାହିଁ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ସୂଚନା ଅନୁଯାୟୀ, ପ୍ରକଳ୍ପର ଆନୁମାନିକ ମୂଲ୍ୟ ୫୫୯.୬୧ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରାୟ ୫.୫୯ କୋଟି ଟଙ୍କା ରହିଛି। ଏଥିରେ ୩୮ ପ୍ରତିଶତ କମ୍ ଦରରେ ୩୪୮.୦୯ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରାୟ ୩.୪୮ କୋଟି ଟଙ୍କାରେ ଚୁକ୍ତି ହୋଇଥିଲା। ୧୮ ଜାନୁଆରୀ ୨୦୨୩ରୁ ୧୭ ଜାନୁଆରୀ ୨୦୨୬ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟସୀମା ଶେଷ ହେବା ସହ ପ୍ରଥମ ଇଓଟି ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି। ତଥାପି କାମର ଅଗ୍ରଗତି ପ୍ରାୟ ୨୦ ପ୍ରତିଶତରେ ଅଟକି ରହିଛି।

ପ୍ରକଳ୍ପ ଅଧୀନରେ ମହାନଦୀ ଉପରେ ୯୮ ମିଟର ଓ ପାଇକା ନଦୀ ଉପରେ ୨୯୮ ମିଟର ଷ୍ଟ୍ରକ୍ଚର ନିର୍ମାଣ ସହ ପ୍ରାୟ ୧୧ କିଲୋମିଟର ରାସ୍ତା ନିର୍ମାଣର ବ୍ୟବସ୍ଥା ରହିଛି। ପ୍ରକଳ୍ପଟି ପାଟ୍ଟୁଲିପଙ୍କ, ଖୁରୁସିଆ, ଅମେଇପାଳ ଓ ତିଖିରି ପଞ୍ଚାୟତ ଅଞ୍ଚଳକୁ ଆବର୍ତ୍ତ କରୁଛି। ଜଳସମ୍ପଦ ବିଭାଗର କେନ୍ଦ୍ରାପଡ଼ା ଡିଭିଜନ ଅଧୀନରେ ଏହାର କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ପାଇଁ ମୂଳ କାର୍ଯ୍ୟାଦେଶ ବିଜେତା ପ୍ରୋଜେକ୍ଟ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍‌କୁ ମିଳିଥିବାବେଳେ କାର୍ଯ୍ୟଟି ରାଧେଶ୍ୟାମ ଅଗ୍ରୱାଲ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍‌କୁ ସବ୍‌ଲେଟ୍ ଦିଆଯାଇଛି।

ହେଲେ ପ୍ରକଳ୍ପର ଏଭଳି ଧିମା ଗତି ପାଇଁ ଦାୟୀ କିଏ ଏବଂ ସମୟସୀମା ଶେଷ ପରେ ମଧ୍ୟ କାମ କାହିଁକି ଆଗେଇ ପାରିନାହିଁ, ତାହାର ସ୍ପଷ୍ଟ ଉତ୍ତର ମିଳିବା ଆବଶ୍ୟକ ବୋଲି ଡଃ ପରିଡ଼ା କହିଛନ୍ତି। କେବଳ ସମୟ ବଢ଼ାଇ ଦେଲେ ସମସ୍ୟାର ସମାଧାନ ହେବ ନାହିଁ; କାମର ଗୁଣବତ୍ତା, ଅଗ୍ରଗତି ଓ ଠିକା ସଂସ୍ଥାର କାର୍ଯ୍ୟଦକ୍ଷତାର ସମୀକ୍ଷା ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଏଥିସହ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପ୍ରକଳ୍ପର ସ୍ଥିତି ନେଇ ତୁରନ୍ତ ସମୀକ୍ଷା କରିବା ସହ ଅଧପନ୍ତରିଆ କାର୍ଯ୍ୟକୁ ଗତି ଦେବା ଏବଂ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଶୀଘ୍ର କାମ ଶେଷ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି।